ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୭/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, January 17/2025 | Page 16 | ₹ 7.00

୫୧ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 55 | ମୂଲ୍ୟ ₹୭/-



DADLS-88







## ଦକ୍ଷତା ଓ ଶିଳ୍ପର ତ୍ୱରିତ ବିକାଶ ପାଇଁ
## ଓଡ଼ିଶାରେ ନୂଆ ଅଧ୍ୟାୟର ଶୁଭାରମ୍ଭ

ମହାମହିମ ରାଷ୍ଟ୍ରପତି, ସିଙ୍ଗାପୁର ଜନରାଜ୍ୟ

# ଶ୍ରୀ ଥର୍ମନ୍ ଶନ୍ମୁଗରତ୍ନମ୍‌ଙ୍କୁ

ଓଡ଼ିଶା ବାସୀଙ୍କ

# ଭବ୍ୟ ସ୍ୱାଗତ

OIPR-15001/13/0371/2425

**ବିକଶିତ ଭାରତ@2047 ପାଇଁ ସମୃଦ୍ଧ ଓଡ଼ିଶା@2036 ଲକ୍ଷ୍ୟରେ**
## ଏକାଧିକ ମହତ୍ତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର

**ଭବିଷ୍ୟତ ପାଇଁ ଦକ୍ଷତା ବିକାଶ : ଓଡ଼ିଶାରେ ଏହି କ୍ଷେତ୍ରର ବ୍ୟାପକତା**
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ**
ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା**
ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର

**ଗ୍ରୀନ ହାଇଡ୍ରୋଜେନ୍ କରିଡର୍**
ଇପିକଲ ଏବଂ ସେମ୍ବକର୍ପ , ସିଙ୍ଗାପୁର

**ଇଣ୍ଡଷ୍ଟ୍ରିଆଲ୍ ପାର୍କ୍**
(ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର )

**ପେଟ୍ରୋଲିୟମ୍ , କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ନିବେଶ କ୍ଷେତ୍ର (ପିସିପିଆଇଆର)**
ଇଡକୋ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର

**ନୂତନ ସହରର ବିକାଶ**
ବିଡିଏ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର)

**ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକାରଣ**
ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଜିଏଫ୍ ଟିଏନ୍, ସିଙ୍ଗାପୁର)



ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ସିବିଆଇ ତଦନ୍ତ ନେଇ ଲେଖି଼କି ଦିଅନ୍ତୁ: ଆଇନ ମନ୍ତ୍ରୀ

**ନବ ଦାସ ହତ୍ୟାକାଣ୍ଡ ଘଟଣା**
- ଭାଜପା ସିବିଆଇ ତଦନ୍ତ ଦାବି କରୁଥିଲା, ଏବେ କରୁ: ତାରା
- ସିବିଆଇ ତଦନ୍ତ ଜରୁରୀ: ରନ୍ଧାରୀ

ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାକୁ ନେଇ ରାଜ୍ୟ ରାଜନୀତି ଏବେ ଜୋର ଧରିଛି। ନବ ଦାସଙ୍କ ଝିଅ ତଥା ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ତାଙ୍କ ପିତାଙ୍କ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ଦାବି କରିବା ପରେ ଏହି ପ୍ରସଙ୍ଗକୁ ପୁଣି ଉଜାଗର ହୋଇଛି। ଦୀପାଳିଙ୍କ ପ୍ରତିକ୍ରିୟା ଉପରେ ମତ ରଖି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏମିତି ଖାଲି କହିଦେଲେ ହେବ ନାହିଁ। ଗତ ସରକାର ସମୟରେ କରାଯାଇଥିବା ତଦନ୍ତ ପ୍ରକ୍ରିୟାରେ ସେମାନେ ଯଦି ସନ୍ତୁଷ୍ଟ ନାହାନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ ଲିଖିତ ଭାବେ ପ୍ରଦାନ କରିବେ, ତା'ହେଲେ ସରକାର ନିଶ୍ଚିତ ଭାବେ ସେ ବିଷୟରେ ଗୁରୁତ୍ୱର ସହିତ ବିଚାର କରିବେ। ସେହି ଘଟଣାରେ ମୁଖ୍ୟମନ୍ତ୍ରୀ ଯେଉଁ ନିଷ୍ପତ୍ତି ନେବେ ତାକୁ ମାନିକି ଚାଲିବେ। ଯେତେବେଳେ ଭାଜପା ନବ ଦାସ ହତ୍ୟାକାଣ୍ଡ ଘଟଣାରେ ସିବିଆଇ ତଦନ୍ତ ଦାବି କରିଥିଲା ଓ କ୍ରାଇମବ୍ରାଞ୍ଚ ତଦନ୍ତ ଠିକ୍ ହେବ ନାହିଁ ବୋଲି କହୁଥିଲା ତାହା ସତ୍ୟ ହେଲା। ଗୁଳି କିଏ କଲା ତାହାର ସମସ୍ତେ ଦେଖିଲେ, ହେଲେ ସେ କାହିଁକି କଲା ଏବଂ ଏହା ପଛରେ କିଏ ରହିଛି ତାହା ତଦନ୍ତ ଲାଗି ଯେତେବେଳେ ଆମେ ପଚାରିଥିଲୁ ତତ୍କାଳୀନ ସରକାର ଓ ଶାସକ ଦଳ ଏହି କଥାକୁ ବୁଲେଇ ଚାଲିଥିଲେ। ଏବେ ସେମାନେ ଯେତେବେଳେ ସିବିଆଇ ତଦନ୍ତ ଦାବି କରୁଛନ୍ତି ଏନେଇ ସରକାର ଚିନ୍ତା କରିବେ। ବିଳମ୍ବରେ ହେଲେ ବି ତାଙ୍କ ପରିବାର ଲୋକଙ୍କ ମନରେ କ୍ରାଇମବ୍ରାଞ୍ଚ ତଦନ୍ତ ଠିକ୍ ହୋଇ ନ ଥିବା ଅନୁଶୋଚନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ନବ ଦାସଙ୍କୁ ହତ୍ୟା କରାଯିବା ସମୟରେ ବିଜେଡି ରାଜ୍ୟରେ ସରକାରରେ ଥିଲା। ସେତେବେଳେ ଭାଜପା ବିରୋଧୀ ଦଳରେ ଥିବାବେଳେ ବାରମ୍ବାର ସିବିଆଇ ତଦନ୍ତ କରାଯାଉ ବୋଲି ଦାବି କରୁଥିଲା। ଏବେ ଭାଜପାର ଡବଲ ଇଞ୍ଜିନ ସରକାର। ସିବିଆଇ ତଦନ୍ତ ଲାଗି ଯଦି ନବ ଦାସଙ୍କ ଝିଅ ଦାବି କରୁଛନ୍ତି ଏହା ହେବା ଦରକାର। ଏହା ହେଲେ କ୍ଷୀର ଆଉ ପାଣି ଅଲଗା ଅଲଗା ହେଇଯିବ। ତୁରନ୍ତ ରାଜ୍ୟ ସରକାର ଏହି ମାମଲାକୁ ସିବିଆଇ ହାତକୁ ହସ୍ତାନ୍ତର କରାନ୍ତୁ ବୋଲି ତାରା କହିଛନ୍ତି।

କଂଗ୍ରେସର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ୨ ବର୍ଷ ଆଗରୁ ହେବାର ଥିଲା। ବିଳମ୍ବରେ ହେଲେ ମଧ୍ୟ ତାଙ୍କ ପରିବାରର ଜ୍ଞାନ ଉଦୟ ହୋଇଛି। ନବଙ୍କ ହତ୍ୟା ପ୍ରଥମରୁ ହିଁ ସନ୍ଦେହଜନକ ଥିଲା। ସେହି ସମୟରେ ଉଭୟ ବିଧାନସଭାରେ ଏବଂ ବାହାରେ ଏହି ଘଟଣାର ସିବିଆଇ କିମ୍ବା ନ୍ୟାୟିକ ତଦନ୍ତ କରାଯାଉ ବୋଲି କଂଗ୍ରେସ ଦାବି କରିବା ସତ୍ତ୍ୱେ ତତ୍କାଳୀନ ସରକାର ଏଥିରେ ରାଜି ହୋଇ ନ ଥିଲେ। ନବଙ୍କ ପରିବାର ମଧ୍ୟ ଏହି କଥାରେ ନୀରବ ରହିଲେ। ବର୍ତ୍ତମାନ ଯେତେବେଳେ କିର୍ମିରା ବ୍ଲକ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ ଉଠିବା ପରେ ତାଙ୍କ ଜ୍ଞାନ ଉଦୟ ହୋଇଛି। ସିବିଆଇ ତଦନ୍ତ ହେଲେ ଯାଇ ସତ ସାମ୍ନାକୁ ଆସିଯିବ।

ବିଜେଡି ବିଧାୟକ ମନୋହର ରନ୍ଧାରୀ କହିଛନ୍ତି, ନବ ଦାସଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ଯଦି ତାଙ୍କ ଝିଅ ଦାବି କରୁଛନ୍ତି ଏହା କରାଯିବା ଦରକାର। ସରକାର ଏହା ଉପରେ ନିଷ୍ପତ୍ତି ନେଲେ ଭଲ ହେବ। ତାଙ୍କ ଝିଅ ନିଶ୍ଚିତ ଚିନ୍ତା କରିଛନ୍ତି ଆଉ ଅଧିକ ଦୋଷୀ ଯେଉଁମାନେ ଏହି ଘଟଣାରେ ଅଛନ୍ତି ସେମାନେ ଧରାପଡିବା ଦରକାର, ସେଥିଲାଗି ଦାବି କରିଥାଇପାରନ୍ତି ବୋଲି ରନ୍ଧାରୀ କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ଖବରଦାତା ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଦିଲ୍ଲୀ ଦାୟିତ୍ୱରେ ଥିବା କାଜି ନିଜାମୁଦ୍ଦିନ୍, ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଏ. ରେଭନ୍ତ ରେଡ୍ଡୀ ପ୍ରମୁଖ। ଏହି ଅବସରରେ କଂଗ୍ରେସ ଘୋଷଣା କରିଛି ଯେ ଦଳ ଦିଲ୍ଲୀରେ କ୍ଷମତାକୁ ଆସିଲେ ୫୦୦ ଟଙ୍କାରେ ଏଲ୍‌ପିଜି ସିଲିଣ୍ଡର, ବିନାମୂଲ୍ୟରେ ରାଶନ କିଟ୍ ଓ ୩୦୦ ୟୁନିଟ୍ ଯାଏ ମାଗଣାରେ ବିଜୁଳି ଯୋଗାଇଦେବ।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ କଂଗ୍ରେସ



ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ୮ ଟି ପ୍ରସଙ୍ଗ ସମ୍ପର୍କିତ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

**୨୦ରେ ଯୁବ ଅସନ୍ତୋଷ ସମାବେଶ**

ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)

ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ମୋହନ ସରକାର କ୍ଷମତାକୁ ଆସିଲେ ତାକୁ ପୂରଣ କରିବାରେ ବ୍ୟର୍ଥ ହୋଇପଡ଼ିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ୭ ମାସର ମୋହନ ସରକାର ଏକ ଜନବିରୋଧୀ ସରକାର ଭାବେ ପ୍ରମାଣିତ ହୋଇଛି। ସରକାରରେ ଉପୁଜିଥିବା ମୁଖ୍ୟ ୮ଟି ପ୍ରସଙ୍ଗକୁ ନେଇ ଆସନ୍ତା ୨୦ରେ ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାର ନାମ 'ଯୁବ ଅସନ୍ତୋଷ ସମାବେଶ' ରଖାଯାଇଛି। ବିକ୍ଷୋଭ ପରେ ଯୁବ କଂଗ୍ରେସ କର୍ମୀମାନେ ଅପର ପିଏମ୍‌ଜିଠାରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଘେରାଉ କରିବେ ବୋଲି ଯୁବ କଂଗ୍ରେସର ପୂର୍ବତନ ସଭାପତି ରଣଜିତ ପାତ୍ର କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ରଣଜିତ କହିଛନ୍ତି, ସମାବେଶର ମୁଖ୍ୟ ୮ଟି ପ୍ରସଙ୍ଗ ହେଉଛି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା, ଦଳିତ, ଆଦିବାସୀ, ମୁସଲମାନ ଓ ଖ୍ରୀଷ୍ଟିଆନମାନଙ୍କ ଉପରେ ଅତ୍ୟାଚାର, ଖଣି ଖାଦାନ ଲୁଟ୍, ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ୍ ମାଗଣା ବିଜୁଳି ନ ଯୋଗାଇବା, ମହଙ୍ଗା ମାଡ଼, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ନ ମିଳିବା, ଉତ୍କଟ ବେକାରି ସମସ୍ୟା ଏବଂ ଦୁର୍ନୀତି ଓ କଳା ତାଲିକାଭୁକ୍ତ କମ୍ପାନୀକୁ ପ୍ରୋତ୍ସାହନ ଦେବା। ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଏହି ଆନ୍ଦୋଳନରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ଅଖିଳ ଭାରତ ଯୁବ କଂଗ୍ରେସ ସମ୍ପାଦକ ଅଜିତ୍ ସିଂ କହିଛନ୍ତି, ମୋହନ ସରକାର ଏକ ଜନବିରୋଧୀ ସରକାର। ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଚଳାଇବାରେ ବିଫଳ। ରାଜ୍ୟବାସୀଙ୍କୁ ମିଛକଥା କହି ଭାଜପା ଓଡ଼ିଶାରେ କ୍ଷମତାସୀନ ହୋଇଛି ବୋଲି ସେ କହିଛନ୍ତି। ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି, ମାତ୍ର ୭ ମାସର ମୋହନଙ୍କ ଶାସନ ଉପରୁ ଲୋକଙ୍କର ଭରସା ତୁଟିଗଲାଣି। ଓଡ଼ିଶାରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ମହଙ୍ଗାମାଡ଼ରେ ସାଧାରଣ ଲୋକଙ୍କ ଅଣ୍ଟା ଭାଙ୍ଗିଯାଇଛି। କଳାତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯାଉଛି। ଭୁବନେଶ୍ୱର ମେଟ୍ରୋ ରେଳବାଇ ନିର୍ମାଣ ଦାୟିତ୍ୱ ନେଇଥିବା କଳାତାଲିକାଭୁକ୍ତ ଗୁଜରାଟୀ କମ୍ପାନୀ ରଣଜିତ ବିଲ୍ଡକନ ଏହାର ଜ୍ୱଳନ୍ତ ଉଦାହରଣ। ଓଡ଼ିଶାରେ ଲୁହାପଥର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଖନନ କ୍ଷେତ୍ରରେ ଅଣଓଡ଼ିଆ କମ୍ପାନୀକୁ ପ୍ରାଧାନ୍ୟ ଦିଆଯାଉଛି। ୨୦ରେ ହେବାକୁ ଥିବା ଯୁବ ସମାବେଶ ମାଧ୍ୟମରେ ମୋହନ ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଯୁବକଂଗ୍ରେସ ଆହ୍ୱାନ ଦେଉଛି ବୋଲି ୟାସିର କହିଛନ୍ତି।

# ଓବିସିଙ୍କୁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦେବାକୁ ଦାବି

**ପାର୍ଲାମେଣ୍ଟାରି କମିଟି ଅନ୍ ୱେଲଫେୟାର ଅଫ୍ ଓବିସିଙ୍କୁ ଭେଟିଲେ ବିଭିନ୍ନ ସଙ୍ଗଠନ**

ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)



ପାର୍ଲାମେଣ୍ଟାରି କମିଟିକୁ ଭେଟୁଛନ୍ତି ବିଜେଡି ପ୍ରତିନିଧି ମଣ୍ଡଳୀ।

ଓଡିଶା ଗସ୍ତରେ ଥିବା ପାର୍ଲାମେଣ୍ଟାରି କମିଟି ଅନ୍ ୱେଲଫେୟାର ଅଫ୍ ଓବିସିଙ୍କୁ ଗୁରୁବାର ବିଜେଡି, ସାମାଜିକ ନ୍ୟାୟ ଏବଂ ଓବିସି ଫୋରମ ଓଡିଶାର ପ୍ରତିନିଧିମଣ୍ଡଳୀମାନେ ଭେଟିଛନ୍ତି। ଓବିସିମାନଙ୍କ ସମ୍ପର୍କରେ ରଖିଥିବା ବିଭିନ୍ନ ଦାବି ସମ୍ପର୍କରେ କମିଟିକୁ ସ୍ଥାନୀୟ ହୋଟେଲ୍ ଠାରେ ଅନେକଗୁଡିଏ ଦାବି ଜଣାଇଛନ୍ତି। ରାଜ୍ୟରେ ନିଯୁକ୍ତି ଏବଂ ନାମଲେଖା କ୍ଷେତ୍ରରେ ଓବିସିମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବା ବିଷୟକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦେଶର ଅନ୍ୟସବୁ ରାଜ୍ୟରେ ଏହା ଲାଗୁ ହୋଇସାରିଥିବା ବେଳେ ଓଡିଶାରେ ଏହା ଲାଗୁ କରିବାକୁ ସେମାନେ କହିଛନ୍ତି। ଏହାସହ ୧୯୯୭ରୁ ଚାଲିଆସୁଥିବା ୨୭ ଭାଗ ଓବିସି ସଂରକ୍ଷଣକୁ ପୁନର୍ବାର ଲାଗୁ କରାଯିବା ନେଇ ମଧ୍ୟ ଦାବି ରଖିଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ଆଉ ଏକ ଦାବି କରାଯାଇଛି, ରାଜ୍ୟରେ ଥିବା ଏସ୍‌ଇବିସିମାନଙ୍କୁ କେନ୍ଦ୍ରର ଓବିସି ତାଲିକାରେ ସାମିଲ କରାଯାଉ। ଏହିସବୁ ଦାବିନେଇ ବିଜେଡିସମେତ ଅନ୍ୟ ସଙ୍ଗଠନ ପାର୍ଲାମେଣ୍ଟାରୀ କମିଟିକୁ ଭେଟିଥିବା ବେଳେ ଏହାକୁ ଗୁରୁତ୍ୱ ଦେବା ଉପରେ କମିଟି ସଦସ୍ୟମାନେ ପ୍ରତିଶୃତି ଦେଇଛନ୍ତି।

କମିଟିକୁ ଭେଟିସାରିବା ପରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଅନ୍ୟ ରାଜ୍ୟ ଭଳି ଓବିସିମାନଙ୍କ ଲାଗି ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଓଡିଶାରେ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଉ। ମୁଖ୍ୟତଃ ପ୍ରଫେସନାଲ ପାଠପଢ଼ା କ୍ଷେତ୍ରରେ ଓବିସିମାନଙ୍କୁ ମଧ୍ୟ ସଂରକ୍ଷଣ ମିଳିବା ଦରକାର। ସେମାନଙ୍କ ସଂଖ୍ୟା ଜାଣିବା ଲାଗି ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯାଉ ବୋଲି ଅରୁଣ ଦାବି କରିଛନ୍ତି। ଓବିସି ଫୋରମ୍ ଅଧ୍ୟକ୍ଷ ରବି ବେହେରା କହିଛନ୍ତି, ରାଜ୍ୟରେ ନିଷ୍କ୍ରିୟ ଅବସ୍ଥାରେ ଦୀର୍ଘ ୧୫ ବର୍ଷ ଧରି ପଡ଼ି ରହିଥିବା ଓବିସି ଅର୍ଥ ନିଗମକୁ ସକ୍ରିୟ କରି ଓବିସି ବେକାର ଯୁବତୀଯୁବକଙ୍କୁ କମ୍ ସୁଧରେ ଆତ୍ମନିଯୁକ୍ତି ଲାଗି ଋଣ ଦିଆଯାଉ। ଘରୋଇକରଣ କ୍ଷେତ୍ରରେ ଓବିସିମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବାକୁ ଓବିସି ଫୋରମ୍ ଦାବି କରୁଥିବା ସେ କହିଛନ୍ତି।

ପାର୍ଲାମେଣ୍ଟର ଏହି କମିଟିରେ ସଦସ୍ୟ ଥିବା ତଥା ଓଡିଶାରୁ ରାଜ୍ୟ ସଭା ଏମ୍‌ପି ଥିବା ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ପଛୁଆ ବର୍ଗକୁ ଆଗକୁ ନେବା ହେଉଛି ଏହି କମିଟିର ଦାୟିତ୍ୱ। ପାର୍ଲାମେଣ୍ଟାରୀ ଓବିସି କମିଟି ଭୁବନେଶ୍ୱର ଠାରେ ଅଛନ୍ତି। ଏହି କମିଟି ଶୁକ୍ରବାର କଲିକତା ଏବଂ ଏହାପରେ ଚେନ୍ନାଇ ଯିବ। ଦେଶର କୋଣ ଅନୁକୋଣରେ ରହିଥିବା ପଛୁଆ ବର୍ଗଙ୍କୁ ଆଗକୁ ନେବା ହେଉଛି ଏହି କମିଟିର ଦାୟିତ୍ୱ ବୋଲି ସେ କହିଛନ୍ତି।

## Business

# ୧୦୫ ପ୍ରକଳ୍ପରେ ୪.୮ ନିୟୁତ ଟଙ୍କା ନିବେଶ

ଭୁବନେଶ୍ୱର,୧୬।୧ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପରିସରରେ ଜାତୀୟ ଷ୍ଟାର୍ଟଅପ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ଆଲୁମିନିୟମ ଉତ୍ପାଦନ କ୍ଷେତ୍ର ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରୁଥିବା ୭୦ରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୦୦ରୁ ଅଧିକ ଷ୍ଟାର୍ଟଅପ୍ ପ୍ରକଳ୍ପର ସଫଳ ସମ୍ପର୍କକୁ ଉଜ୍ଜ୍ୱଳ କରିଛି। ଏପରିକି ନବସୃଜନ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦେଶ କରୁଛି। ସେହିଭଳି ଏହି ସହଭାଗିତା ବେଦାନ୍ତ ସ୍ପାର୍କ ଉଦ୍ୟମ ଅଧୀନରେ ୧୦୫ରୁ ଅଧିକ ପ୍ରକଳ୍ପରେ ପ୍ରାୟ ୪.୮ ନିୟୁତ ଟଙ୍କା ନିବେଶ କରାଯାଇଛି, ଯାହାକି ଷ୍ଟାର୍ଟଅପ୍ ସହିତ ନବସୃଜନକୁ ଚଳାଇବା, ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କମ୍ପ୍ୟୁଟର ଦୃଷ୍ଟିକୋଣ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଏବଂ ସ୍ମାର୍ଟ ସୁରକ୍ଷା ସମାଧାନ ଆଣିବା ସହ ଉତ୍ପାଦନ ମାନକୁ ପୁନଃ ପରିଭାଷିତ କରିବା ଏବଂ ଶିଳ୍ପରେ ସ୍ଥାୟିତ୍ୱ ଓ ପ୍ରଯୁକ୍ତିବିଦ୍ୟା ଉନ୍ନତିକୁ ଚଲାଇବା ପାଇଁ ବେଦାନ୍ତ ଆଲୁମିନିୟମର ଉତ୍ସର୍ଗକୁ ଏହା ସୁଦୃଢ଼ କରିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଏପରିକି ଗତିଶୀଳ ଉଦ୍ୟୋଗୀ ଏବଂ ଅଭିନବ ସମାଧାନ ଶିଳ୍ପକୁ ପରିବର୍ତ୍ତନ ସହ ବ୍ୟବସାୟ ମଡେଲକୁ ପୁନଃ ପରିଭାଷିତ କରୁଛି। ଆମେ ଏହି ଷ୍ଟାର୍ଟଅପ୍ ସହ ସହଯୋଗ କରିବାକୁ ଉତ୍ସାହିତ ଅଛୁ, ଯାହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ଚିନ୍ତାଧାରା ଆମକୁ ଆଲୁମିନିୟମ କ୍ଷେତ୍ରରେ ଦକ୍ଷତା, ସ୍ଥାୟିତ୍ୱ ଏବଂ ନବସୃଜନ ଚଳାଇବାରେ ସାହାଯ୍ୟ କରିବ। ବେଦାନ୍ତ ଆଲୁମିନିୟମରେ ଆମେ ବେଦାନ୍ତ ସ୍ପାର୍କ ଦଳ ଏବଂ ଷ୍ଟାର୍ଟଅପ୍ ସହିତ ମିଶି କାମ କରି ଗର୍ବିତ ଥିଲାବେଳେ ଆମ ଶିଳ୍ପର ଭବିଷ୍ୟତକୁ ସାକାର କରୁଛି। ସେହିଭଳି ନବସୃଜନଶୀଳ ପ୍ରଯୁକ୍ତିବିଦ୍ୟା ଏବଂ ସମାଧାନଗୁଡ଼ିକୁ ଉପଯୋଗକରି ଏହି ସହଭାଗିତା ଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା, ଉତ୍ପାଦନ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚ ସଞ୍ଚୟ କରିବା ଲକ୍ଷ୍ୟ ରଖିଛି। ଏହି ସହଯୋଗଗୁଡ଼ିକ ପରିମାଣ ପରିଚାଳନା, ମୂଲ୍ୟ ହ୍ରାସ ଏବଂ ପରିବେଶଗତ ସ୍ଥାୟିତ୍ୱ ସମେତ ବିଭିନ୍ନ କ୍ଷେତ୍ରରେ ବିସ୍ତୃତ ରହିଛି। ଏହା ବ୍ୟତୀତ ବେଦାନ୍ତ ଆଲୁମିନିୟମର ପରିବେଶଗତ ପରିଚାଳନା ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ଲକ୍ଷ୍ୟ ପ୍ରତି ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟ ରଖି ୨୦୫୦ ସୁଦ୍ଧା ନେଟ୍ ଶୂନ୍ୟ ହାସଲ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟ ରକ୍ଷାକରି ଏହି କ୍ଷେତ୍ର ମଧ୍ୟରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୬।୧

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୯ (୩୧୮.୭୪) ପଏଣ୍ଟ ବଢ଼ି ୭୭,୦୪୩ (୭୭,୦୪୨.୮୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୯ (୯୮.୬୦) ପଏଣ୍ଟ ବୃଦ୍ଧି ଘଟି ୨୩,୩୧୨ (୨୩,୩୧୧.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ସେଲ୍‌କୋ ସହ ଓଜିବିର ବୁଝାମଣା




ଭୁବନେଶ୍ୱର,୧୬।୧

ସେଲ୍‌କୋ ଫାଉଣ୍ଡେସନ୍ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶାରେ କ୍ଷୁଦ୍ର ଶିଳ୍ପର ବିକାଶ ନିମନ୍ତେ ସୌର ଶକ୍ତିର ବିନିଯୋଗ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉଭୟ ପ୍ରତିଷ୍ଠାନ ମଧ୍ୟରେ ଏହି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ସେହିଭଳି ଏହି ବୁଝାମଣାର ଲକ୍ଷ୍ୟ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ତଥା ପ୍ରଦୂଷଣ ମୁକ୍ତ ଏବଂ ସୁଲଭ ମୂଲ୍ୟରେ ବ୍ୟବସାୟିକ ଅନୁଷ୍ଠାନମାନଙ୍କୁ ସୌର ଶକ୍ତି ଉପଲବ୍ଧ କରାଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା । ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ୱାକ୍ଷର ସମାରୋହ ପ୍ରମୁଖ ଅଂଶୀଦାରମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ.ତାଲୁକଦାର, ଓଜିବିର ଅଧ୍ୟକ୍ଷ ରିଷି ସିଂହ,ମହାପ୍ରବନ୍ଧକ ତୃପ୍ତି ରଞ୍ଜନ ସ୍ୱାଇଁ, ମହାପ୍ରବନ୍ଧକ ଶ୍ୱେତଭ କୁମାର ଏବଂ ସେଲ୍‌କୋ ଫାଉଣ୍ଡେସନ୍‌ର ସିଏଫଓ ଭି.କେ. ଜୋବି ପ୍ରମୁଖ ଉପସ୍ଥିତ ଥିଲେ। ଓଜିବିରୁ ପ୍ରଭୁ ପ୍ରସାଦ ମିଶ୍ର, ସେଲ୍‌କୋ ଫାଉଣ୍ଡେସନରୁ ସଞ୍ଜୟ ତ୍ରିପାଠୀ, ସତ୍ୟପ୍ରିୟ ସାହୁ, ଗୌତମ ପ୍ରଧାନ ଏବଂ ଉଭୟ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

# ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୩ୟ ସଂସ୍କରଣ

ନୂଆଦିଲ୍ଲୀ,୧୬।୧

ସିଗ୍ରାମ ରୟାଲ ଷ୍ଟାଗ୍‌ର ବହୁ ପ୍ରତିକ୍ଷୀତ ସାଂସ୍କୃତିକ କାର୍ଯ୍ୟକ୍ରମ 'ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ୩ୟ ସଂସ୍କରଣ' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି କାର୍ଯ୍ୟକ୍ରମ ବଲିଉଡର ଆଇକୋନିକ ମେଲୋଡିକୁ କଣ୍ଟେମ୍ପରାରୀ ହିପ୍-ହପ୍ ବିଟ୍ ସହ ମିଶ୍ରଣ କରିଥାଏ। ସେହିଭଳି ମିରିଚ ଦ୍ୱାରା ପ୍ରାୟୋଜିତ ଏହି ମ୍ୟୁଜିକ ଫେଷ୍ଟିଭାଲ ନିକଟରେ ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଅପରପକ୍ଷରେ ଏକ ସ୍ୱତନ୍ତ୍ର ମିଡିଆ ପ୍ରିଭ୍ୟୁରେ ଏହାର ଆଗାମୀ ଶୃଙ୍ଖଳାକୁ ପ୍ରଦର୍ଶିତ କରିଛି। ଏହି ଅନନ୍ୟ କଲ୍‌ଚରାଲ ଫ୍ୟୁଜନ ପାରମ୍ପରିକ ଓ ଆଧୁନିକ ଭାରତୀୟ ସଙ୍ଗୀତର ମିଶ୍ରଣକୁ ପୁନଃବ୍ୟାଖ୍ୟା କରିବା ଜାରି ରଖିଛି, ଯାହା ବ୍ରାଣ୍ଡର 'ଲିଭିଂ ଇଟ୍ ଲାର୍ଜ' ଦର୍ଶନକୁ ଗ୍ରହଣ କରିଛି। ଏହି ଫେଷ୍ଟିଭାଲ ଦେଶର ୪ଟି ପ୍ରମୁଖ ସହର ହାଇଦ୍ରାବାଦ, ମୁମ୍ବାଇ, ଗୁରୁଗ୍ରାମ ଓ ଗୌହାଟୀଠାରେ ଟୁର୍ କରିବ। ପୂର୍ବ ୨ଟି ସଂସ୍କରଣ ସହରଗୁଡିକରେ ୧ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀଙ୍କ ଧ୍ୟାନ ଆକର୍ଷିତ କରିଥିଲାବେଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡିକରେ ୨୦୦ ମିଲିୟନରୁ ଅଧିକ ଭ୍ୟୁ ହାସଲ କରିଥିଲା। ଚଳିତ ସଂସ୍କରଣରେ ଅଂଶଗ୍ରହଣକାରୀମାନେ ଆର୍ଟ ଇନ୍‌ଷ୍ଟଲେଶନ, ଏଆର୍/ଭିଆର୍ ଟେକ୍ନୋଲୋଜି ସମେତ ଏଆଇ-ପରିଚାଳିତ ପର୍ସନାଲାଇଜେଶନରେ ନିୟୋଜିତ ହୋଇପାରିବେ। ଏ ସମ୍ପର୍କରେ ପର୍‌ନଡ ରିକାର୍ଡ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଓ ଗ୍ଲୋବାଲ ବିଜ୍‌ନେସ୍ ଡେଭ୍‌ଲପମେଣ୍ଟର ମୁଖ୍ୟ କାର୍ତିକ ମହିନ୍ଦ୍ରା କହିଛନ୍ତି, ରୟାଲ ଷ୍ଟାଗ୍ ସଙ୍ଗୀତକୁ ଏହାର ପ୍ରମୁଖ ଯୁବ ଆଗ୍ରହ ସ୍ତମ୍ଭ ଭାବେ ପାଳନ କରିଆସୁଛି। ବର୍ତ୍ତମାନ ଆମେ ରୟାଲ ଷ୍ଟାଗ ବୁମ୍‌ବକ୍ସର ୩ୟ ସଂସ୍କରଣକୁ ଉନ୍ମୋଚନ କରିଛୁ, ଏହି ପ୍ଲାଟ୍‌ଫର୍ମ ଏକ ଉତ୍ସାହନକ ନୂତନ ସାଉଣ୍ଡସ୍କେପ ସହ ଅନୁଭୂତିକୁ ଉନ୍ନତ କରିବା ପାଇଁ ପ୍ରସ୍ତୁତ ରହିଛି। ଯାହା କଳା ଓ ସାଂସ୍କୃତିକ ଅନୁଭୂତି ସମେତ ବଲିଉଡର ମେଲୋଡିଗୁଡିକୁ ହିପ୍-ହପ୍‌ର ବିଟ୍ ସହ ମିଶ୍ରଣ କରିଥାଏ। ସେହିଭଳି ୱେଭମେକର୍‌ର ଦକ୍ଷିଣ ଏସିଆ ସିଇଓ ଅଜୟ ଗୁପ୍ତେ କହିଛନ୍ତି, ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ଏହି ସଂସ୍କରଣରେ ଆମେ ଆମର 'ଲିଭ୍ ଇଟ୍ ଲାର୍ଜ' ଦର୍ଶନକୁ ବହୁଗୁଣିତ କରିଛୁ।

# ଆପୋଲୋରେ ଯକୃତ ପ୍ରତିରୋପଣର ଶୁଭାରମ୍ଭ




ଖବରଦାତା ସମ୍ମିଳନୀରେ ଆପୋଲୋ ହସ୍ପିଟାଲର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୬।୧

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଆଚାର୍ଯ୍ୟବିହାର ନିକଟରେ ଅବସ୍ଥିତ ଆପୋଲୋ ହସ୍ପିଟାଲରେ ଏକ ସମ୍ପୂର୍ଣ୍ଣ ଯକୃତ ପ୍ରତିରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏକ ନୂତନ ଯାତ୍ରାର ଆରମ୍ଭ ସହ ଚିକିତ୍ସା ସୁବିଧା ମଧ୍ୟ ଜାରି ରହିଛି। ହସ୍ପିଟାଲର ଏହି ଉଦ୍ୟମ ଓଡ଼ିଶାରେ ଯକୃତ ସୁରକ୍ଷାକୁ ଉଚ୍ଚସ୍ତରକୁ ଉନ୍ନତ କରିବ। ଏପରିକି ଆପୋଲୋ ଯକୃତ ବିଶେଷଜ୍ଞଙ୍କ ଦ୍ୱାରା ନିପୁଣ ଚିକିତ୍ସା ବେଶ୍ ଉଚ୍ଚତ୍ତର ହୋଇଥିଲାବେଳେ ପ୍ରଶଂସନୀୟ ଯକୃତ ବିଶେଷଜ୍ଞ ଦଳ ଉଚ୍ଚମାନର ଚିକିତ୍ସା ଏବଂ ରୋଗୀ ସୁଖାନୁଭୂତି ସୁନିଶ୍ଚିତ କରିବା ପାଇଁ ସମର୍ପିତ ରହିଛି। ସେହିଭଳି ଓଡ଼ିଶା ବାହାରକୁ ଯିବାର ଆବଶ୍ୟକତା ନାହିଁ,ଓଡ଼ିଶାର ରୋଗୀମାନେ ବର୍ତ୍ତମାନ ରାଜ୍ୟରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ ସୁବିଧାରୁ ଲାଭ ଉଠାଇପାରିବେ, ଯାହା ଦୀର୍ଘ ଯାତ୍ରାର କ୍ଳାନ୍ତି ଏବଂ ଖର୍ଚ୍ଚକୁ ହ୍ରାସ କରିବ ବୋଲି ଗୁରୁବାର ହସ୍ପିଟାଲ ପକ୍ଷରୁ ଆୟୋଜିତ ସାମ୍ବାଦିକ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ନେଇ ଡା. ଆଲୋକ ଶ୍ରୀବାସ୍ତବ, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଚିକିତ୍ସା ସେବାର ନିର୍ଦ୍ଦେଶକ, ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱର କହିଛନ୍ତି,ଯକୃତ ପ୍ରତିରୋପଣ ଶଲ୍ୟ ଚିକିତ୍ସାରେ ଅସାଧାରଣ ଦକ୍ଷତା ଏବଂ ଠିକ୍ ପରିଚାଳନା ଆବଶ୍ୟକ ରହିଛି। ଆପୋଲୋ ହସ୍ପିଟାଲ୍ସ, ଭୁବନେଶ୍ୱରରେ ଅତ୍ୟାଧୁନିକ ଲାପାରୋସ୍କୋପିକ୍ ଜିଆଇ କ୍ୟାନ୍‌ସର ଶଲ୍ୟ ଚିକିତ୍ସା ମଧ୍ୟ ଯୋଗାଉଛୁ, ଯାହା ଆମର ରୋଗୀମାନଙ୍କ ପାଇଁ ଆନୁଷ୍ଠାନିକ ଏବଂ ଉନ୍ନତ ସମାଧାନ ଦେବ ।

# ଫୋନ୍‌ପେର ନୂତନ ଅଭିଯାନ

ନୂଆଦିଲ୍ଲୀ,୧୬।୧

ଫୋନ୍‌ପେର ନୂତନ ଅଭିଯାନ 'ମହାକୁମ୍ଭ କା ମହାସଗୁନ' ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଦୀର୍ଘ ୧୨ବର୍ଷ ପରେ ଚଳିତ ବର୍ଷ ମହାକୁମ୍ଭ ମେଳା ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ଲାଟ୍‌ଫର୍ମର ଏକ ବିସ୍ତୃତ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଯାହା ପ୍ରୟାଗରାଜଠାରେ ୨୦୨୫ ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଫୋନ୍‌ପେର ଏହି କ୍ୟାମ୍ପେନରେ 'ମହାକୁମ୍ଭ କା ମହାସଗୁନ' ଅଫର୍ ଭଳି ଏକାଧିକ ଉତ୍ସାହଜନକ ଅଫର ମଧ୍ୟ ସାମିଲ ରହିଛି। ଏହି ଅଫର ଜରିଆରେ ସବୁ ବର୍ଗର ଶ୍ରଦ୍ଧାଳୁ ପ୍ରୟାଗରାଜ ସହରର ମହାକୁମ୍ଭ ମେଳାରେ ଯୋଗ ଦେଉଥିବା ଫୋନ୍‌ପେ ନୂଆ ଉପଭୋକ୍ତାମାନେ ନିଜର ପ୍ରଥମ ଟ୍ରାଞ୍ଜକ୍ସନ ଉପରେ ୧୪୪ଟଙ୍କାର କ୍ୟାଶ୍‌ବ୍ୟାକ ପାଇପାରିବେ। ଏହି ଅଫର୍ ୨୦୨୫ ଫେବୃଆରୀ ୨୬ ପର୍ଯ୍ୟନ୍ତ ଏବଂ ସର୍ବନିମ୍ନ ୧ଟଙ୍କାର କାରବାର ଉପରେ ବୈଧ ରହିବ। ଏହି କ୍ୟାମ୍ପେନ ପାଇଁ ଉପଭୋକ୍ତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀ ବିଭିନ୍ନ ଟଚ୍ ପଏଣ୍ଟଗୁଡିକରେ ମହାକୁମ୍ଭ ଥିମର କ୍ୟୁଆର କୋଡ୍, ବ୍ୟାନର, ପୋଷ୍ଟର ଓ ଅନ୍ୟ ବ୍ରାଣ୍ଡିଂ ଏଲିମେଣ୍ଟଗୁଡିକର ଏକ ମିଶ୍ରଣକୁ ବ୍ୟବହାର କରୁଛି। ଏହି ପବିତ୍ର ମହାକୁମ୍ଭ ମେଳାକୁ ଆହୁରି ଉତ୍ସାହଜନକ କରିବା ପାଇଁ ଫୋନ୍‌ପେ ପକ୍ଷରୁ ଏହାର ସ୍ମାର୍ଟସ୍ପିକରରେ ଏକ ସ୍ୱତନ୍ତ୍ର ବାର୍ତ୍ତା ମଧ୍ୟ ଲଞ୍ଚ କରାଯାଇଛି, ଯାହା ଅଂଶଗ୍ରହଣକାରୀଙ୍କୁ 'ମହାକୁମ୍ଭ କି ଶୁଭ୍‌କାମନାୟେଁ, ମହା ସଗୁନ କେ ସାଥ୍' ବାର୍ତ୍ତା ସହ ଶୁଭେଚ୍ଛା ଜଣାଉଛି। ଏହି କ୍ୟାମ୍ପେନ ୪୦କୋଟିରୁ ଅଧିକ ଭକ୍ତଙ୍କ ପାଇଁ ମହାକୁମ୍ଭ ମେଳାକୁ ସୁବିଧାଜନକ ଓ ବାଧାହୀନ କରିବା ପାଇଁ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଏହା ସେମାନଙ୍କୁ ନଗଦ ଅର୍ଥ ରଖିବାର ଚିନ୍ତା ବିନା ସହଜରେ ପେମେଣ୍ଟ କରିବାକୁ ଅନୁମତି ଦେବ। ଏହା ଦେଶରେ ଡିଜିଟାଲ ପେମେଣ୍ଟର ଗ୍ରହଣୀୟତାକୁ ବୃଦ୍ଧି କରିବା ସହ କୋଟି କୋଟି ଭାରତୀୟଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବ। ଉପଭୋକ୍ତାମାନେ ଫୋନ୍‌ପେ ଆପ୍ ଡାଉନଲୋଡ୍ କରିବା ପରେ ସେଥିରେ ନିଜର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ କରିବେ ଏବଂ ଏକ ୟୁପିଆଇ ପିନ୍ ସେଟ୍ କରିବେ।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୭/୨୦୨୫ | Bhubaneswar, Friday, January 17/2025 | ପୃଷ୍ଠା-୧




## ସ୍ୱିଟେକ୍ ତୃତୀୟ ରାଉଣ୍ଡରେ

ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ୍।

୧୨

୧୦

## ବନ୍ଦ ହେବ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ

କର୍ପୋରେଟ୍ ଜଗତର ଅନୁସନ୍ଧାନ ଓ ଗବେଷଣାମୂଳକ ପ୍ରଘଟ ପାଇଁ ଜଣାଶୁଣା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚକୁ ବନ୍ଦ କରିବା ପାଇଁ ସଂସ୍ଥାର ପ୍ରତିଷ୍ଠାତା ନାଥନ୍ ଆଣ୍ଡର୍ସନ ନିଷ୍ପତ୍ତି ନେଇଛନ୍ତି।





ତାମିଲନାଡୁ ମଦୁରାଇ ଜିଲା ଆଲଙ୍ଗାନାଲ୍ଲୁରରେ ଗୁରୁବାର ପୋଙ୍ଗଲ ପାଳନ ଅବସରରେ ଅନୁଷ୍ଠିତ 'ଜାଲିକାଟ୍ଟୁ' ପ୍ରତିଯୋଗିତା।

# ଅଷ୍ଟମ ବେତନ କମିଶନକୁ କ୍ୟାବିନେଟ ମଞ୍ଜୁରୀ

**କେନ୍ଦ୍ରୀୟ ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଖୁସି ଖବର। କର୍ମଚାରୀଙ୍କ ବେତନ ଏବଂ ପେନ୍‌ସନଧାରୀମାନଙ୍କ ଭତ୍ତାରେ ସଂଶୋଧନ ପାଇଁ ଅଷ୍ଟମ ବେତନ କମିଶନ ଗଠନ ନିମନ୍ତେ କେନ୍ଦ୍ର ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ୨୦୨୫ କେନ୍ଦ୍ରୀୟ ବଜେଟ୍ ପୂର୍ବରୁ ଏହା ମୋଦି ସରକାରଙ୍କ ବଡ଼ ଘୋଷଣା ହୋଇଥିବାବେଳେ ଆସନ୍ତା ବର୍ଷ କର୍ମଚାରୀମାନଙ୍କ ଦରମା ପ୍ରାୟ ୩ଗୁଣ ବଢ଼ିପାରେ ବୋଲି କୁହାଯାଉଛି।**

## କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର

**ନୂଆଦିଲ୍ଲୀ,୧୬।୧(ପି.ଟି.)**

ସପ୍ତମ ବେତନ କମିଶନଙ୍କ ସୁପାରିସ୍‌ର ବୈଧତା ୨୦୨୬ରେ ଶେଷ ହେବାକୁ ଯାଉଥିବାବେଳେ ଅଷ୍ଟମ ବେତନ କମିଶନ ଗଠନକୁ ଅନୁମୋଦନ ମିଳିଛି। ଖୁବ୍‌ଶୀଘ୍ର କମିଶନ୍‌ର ଜଣେ ଅଧ୍ୟକ୍ଷ ଏବଂ ୨ ଜଣ ସଦସ୍ୟଙ୍କୁ ନିଯୁକ୍ତ କରାଯିବ। ବର୍ତ୍ତମାନ ୪୯ ଲକ୍ଷରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ କର୍ମଚାରୀ ଏବଂ ପାଖାପାଖି ୬୫ ଲକ୍ଷ ପେନ୍‌ସନଭୋଗୀ ରହିଛନ୍ତି। ଚଳିତ ବର୍ଷ ନୂଆ ପେ' କମିଶନ ଗଠନ ହେବା ଫଳରେ ପୂର୍ବ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏହା ବେତନ ଓ ପେନ୍‌ସନରେ ସଂଶୋଧନ ପାଇଁ ସୁପାରିସ କରିପାରିବ। କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଅନ୍ୟ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ କମିଶନ ବ୍ୟାପକ ବିଚାରବିମର୍ଶ କରି କେନ୍ଦ୍ର ସରକାରଙ୍କୁ ସୁପାରିସ କରିବେ ବୋଲି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

୧୯୪୭ରୁ ଇତିମଧ୍ୟରେ ସରକାର ୭ଟି ବେତନ ଆୟୋଗ ଗଠନ କରିଛନ୍ତି। ସରକାରୀ କର୍ମଚାରୀଙ୍କ ବେତନ ଢାଞ୍ଚା, ବିଭିନ୍ନ ସୁବିଧା ସୁଯୋଗ ଏବଂ ଭତ୍ତା ସମ୍ପର୍କିତ ନିଷ୍ପତ୍ତି ନେବାରେ ବେତନ କମିଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। କମିଶନଙ୍କ ସୁପାରିସକୁ ଅଧିକାଂଶ ରାଷ୍ଟ୍ରାୟତ୍ତ ସଂସ୍ଥା ଗ୍ରହଣ କରିଥାନ୍ତି। ୨୦୧୪ରେ ସପ୍ତମ ବେତନ କମିଶନ ଗଠନ କରାଯାଇଥିଲାବେଳେ ଏହାର ସୁପାରିସ ୨୦୧୬ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହୋଇଥିଲା।

ଅଷ୍ଟମ ବେତନ କମିଶନ ଗଠନ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ କର୍ମଚାରୀ ଏବଂ ପେନ୍‌ସନଧାରୀ ଉତ୍ସୁକତାର ସହ ଅପେକ୍ଷା କରି ରହିଥିଲେ। ନୂଆ କମିଶନ କର୍ମଚାରୀମାନଙ୍କ ମୂଳ ବେତନ, ଭତ୍ତା, ପେନ୍‌ସନ ଏବଂ ଅନ୍ୟାନ୍ୟ ସୁବିଧାର ସମୀକ୍ଷା କରିବା ସହ ସଂଶୋଧନ କରିବେ। ଏହାଦ୍ୱାରା ସାମରିକ କର୍ମଚାରୀଙ୍କ ସମେତ ସମସ୍ତ କେନ୍ଦ୍ରୀୟ କର୍ମଚାରୀ ଓ ପେନ୍‌ସନଧାରୀଙ୍କ ବେତନ ଓ ପେନ୍‌ସନ୍ ବୃଦ୍ଧି ହେବା ଆଶା ରହିଛି। ଫେବୃଆରୀ ୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ନୂଆ ବେତନ କମିଶନ ଗଠନ ପାଇଁ କେନ୍ଦ୍ର ନିଷ୍ପତ୍ତି ନେଇଛି। ଏହାଦ୍ୱାରା କେବଳ ଦିଲ୍ଲୀର ୪ ଲକ୍ଷ କର୍ମଚାରୀ ଉପକୃତ ହେବେ। ପୂର୍ବରୁ କେନ୍ଦ୍ରୀୟ ☞ପୃଷ୍ଠା-୨

# ଯବାନଙ୍କ ଗୁଳିରେ ୧୨ ମାଓବାଦୀ ନିହତ

**ମାଲକାନଗିରି, ୧୬।୧ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାରେ ଯବାନଙ୍କ ସହ ଗୁଳି ବିନିମୟରେ ଗୁରୁବାର ୧୨ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ଦକ୍ଷିଣ ବସ୍ତର ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଡିଆର୍‌ଜି, କୋବ୍ରା ଏବଂ ସିଆର୍‌ପିଏଫ୍ ଯବାନମାନେ ତଲାସି କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ଗୁଳି ବିନିମୟ ଘଟିଥିଲା। ଯବାନଙ୍କ ଗୁଳିରେ ୧୨ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଘଟଣା ଉପରେ ବସ୍ତର ଆଇଜି ପି. ସୁନ୍ଦରରାଜ ଓ ସିଆର୍‌ପିଏଫ୍ ଆଇଜି ଦୃଷ୍ଟି ରଖିଥିବା ବେଳେ ଯବାନମାନେ ଫେରିବା ପରେ ସମସ୍ତ ଘଟଣା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ସୈଫଙ୍କୁ ଘରେ ପଶି ଛୁରାମାଡ଼

**ମୁମ୍ବାଇ,୧୬।୧**

ବଲିଉଡ୍ ଷ୍ଟାର ସୈଫ୍ ଅଲୀ ଖାନ୍‌ଙ୍କ ମୁମ୍ବାଇ ବାସଭବନରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ବୁଧବାର ରାତି ୨ଟା ୧୫ରେ ଜଣେ ବ୍ୟକ୍ତି ବାନ୍ଦ୍ରାରେ ଥିବା 'ସତ୍‌ଗୁରୁ ଶରଣ' ବିଲ୍ଡିଂର ସୈଫ୍ ପରିବାର ସହ ରହୁଥିବା ଫ୍ଲାଟ୍‌କୁ ଅନୁପ୍ରବେଶକରି ୬ ଥର ଛୁରାମାଡ଼ କରିଛନ୍ତି। ଏହି ଅତର୍କିତ ଆକ୍ରମଣରେ ସୈଫଙ୍କ ବେକ, ହାତ ଓ ମେରୁଦଣ୍ଡ ଉପରଭାଗରେ ଗଭୀର ଆଘାତ ଲାଗିଛି। ତେବେ ଲୀଲାବତୀ ହସ୍ପିଟାଲରେ ଜରୁରୀ ଅସ୍ତ୍ରୋପଚାର ପରେ ୫୪ ବର୍ଷୀୟ ଅଭିନେତା ବିପଦମୁକ୍ତ ଥିବା ଡାକ୍ତରୀ ଟିମ୍ ସୂଚନା ଦେଇଛି। ଉକ୍ତ ଘଟଣା ପରେ ଆର୍ଥିକ ରାଜଧାନୀ ମୁମ୍ବାଇରେ ରହୁଥିବା ସେଲିବ୍ରିଟିମାନଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ମୁମ୍ବାଇ ପୋଲିସ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ସଶସ୍ତ୍ର ଡକାୟତି ଏବଂ ହତ୍ୟା ଉଦ୍ୟମ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଆକ୍ରମଣକାରୀ ଉକ୍ତ ବିଲ୍ଡିଂର ଶିଡ଼ି ଦେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଷଷ୍ଠ ଫ୍ଲୋର୍‌ର ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ତାଙ୍କ ଫଟୋ ଜାରି କରାଯାଇଛି। ସୈଫ୍‌ଙ୍କ ପରିବାର ଏହାକୁ ଡକାୟତି ଉଦ୍ଦେଶ୍ୟରେ ଆକ୍ରମଣ ବୋଲି କହୁଥିବାବେଳେ ଏହାର ବିଭିନ୍ନ ଦିଗ ଓ କାରଣକୁ ନେଇ ଚର୍ଚ୍ଚା ହେଉଛି। ଅଭିନେତାଙ୍କୁ ଛୁରାମାଡ଼ ହେବାର ୪୫ ମିନିଟ୍ ପୂର୍ବରୁ ଅର୍ଥାତ୍ ରାତି ପ୍ରାୟ ୧ଟା ୩୦ରେ କରିନା ଏକ ପାର୍ଟିରେ ଯୋଗଦେଇ ଘରକୁ ଫେରିଥିଲେ। ଉକ୍ତ ପାର୍ଟିରେ କାହା ସହ ଯୁକ୍ତିତର୍କ କିମ୍ବା ବିବାଦ ହୋଇଥିଲେ ତାହା ମଧ୍ୟ ଆକ୍ରମଣର ଏକ ସମ୍ଭାବ୍ୟ କାରଣ ହୋଇଥାଇପାରେ ବୋଲି କୁହାଯାଉଛି।

ହିନ୍ଦୀ ଫିଲ୍ମ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ସୈଫ୍ ଅଲୀ ଖାନ୍, ତାଙ୍କ ସ୍ତ୍ରୀ ଅଭିନେତ୍ରୀ କରିନା କପୁର ଖାନ୍ ଏବଂ ସେମାନଙ୍କ ପୁଅ ଇବ୍ରାହିମ୍ ଓ ତୈମୁର ବାନ୍ଦ୍ରା ୱେଷ୍ଟସ୍ଥିତ ୧୨ ☞ପୃଷ୍ଠା-୨



ଆକ୍ରମଣକାରୀ



ସୈଫ୍ ଅଲୀ ଖାନ୍

# ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ମିଳିବ ୩୦ ହଜାର

**ଭୁବନେଶ୍ୱର,୧୬।୧(ଅନିଲ ଦାସ)**

ରାଜ୍ୟର ସମସ୍ତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ୩୦ ହଜାର ଟଙ୍କା ମିଳିବ। ରାଜ୍ୟ ସରକାର ଏହି ସହାୟତା ରାଶି ଘୋଷଣା କରିଛନ୍ତି। ଚଳିତ ଜାନୁଆରୀରୁ ଏହି ସହାୟତା ରାଶି ଦିଆଯିବ। ପୂର୍ବରୁ ଏନେଇ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ଭାବେ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପୂର୍ବରୁ ପଦ୍ମ ବିଜେତାଙ୍କୁ ମାସକୁ ୩୦ ହଜାର ଟଙ୍କାର ସମ୍ମାନସୂଚକ ସହାୟତା ରାଶି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସମସ୍ତ ୫୫ ଜଣ ଜୀବିତ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ମାସକୁ ୩୦ ହଜାର ଟଙ୍କା ଲେଖାଏ ସମ୍ମାନସୂଚକ ସହାୟକ ରାଶି ପାଇବେ। ଏଥିପାଇଁ ବର୍ଷକୁ ୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପଦ୍ମଶ୍ରୀ, ପଦ୍ମଭୂଷଣ ଏବଂ ପଦ୍ମବିଭୂଷଣ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ରାଶି ଦିଆଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ପଦ୍ମ ବିଜେତାଙ୍କୁ ଆର୍ଥିକ କ୍ଷେତ୍ରରେ ସହାୟକ ହେବ। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଟ୍ରମ୍ପ, ଚାଇନା ଓ କରୋନା

# ମହାକାଶରେ ୨ ସାଟେଲାଇଟ୍‌କୁ ଯୋଡ଼ିଲା ଇସ୍ରୋ

**ବେଙ୍ଗାଲୁରୁ,୧୬।୧(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଗୁରୁବାର ମହାକାଶରେ ଦୁଇଟି ସାଟେଲାଇଟ୍‌କୁ ଏକାଠି ଯୋଡ଼ି ଇତିହାସ ସୃଷ୍ଟି କରିଛି। ଏଭଳି ସଫଳତା ପାଇବାରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ହୋଇପାରିଛି। ପୂର୍ବରୁ କେବଳ ଆମେରିକା, ରୁଷିଆ ଏବଂ ଚାଇନା ଏହି ସଫଳତା ହାସଲ କରିଥିଲେ। ପରୀକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ସ୍ପେସ୍ ଡକିଂ ଏକ୍ସପେରିମେଣ୍ଟ (ସ୍ପେଡେକ୍ସ)ର ଅଂଶବିଶେଷ ୨ ସାଟେଲାଇଟ୍ ଏକାଠି ହେବା ସହ ପରସ୍ପର ଯୋଡ଼ି ହୋଇ ଶକ୍ତି ସ୍ଥାନାନ୍ତର କରିଥିଲେ। ଡକିଂ ପରେ ଦୁଇ ସାଟେଲାଇଟ୍‌କୁ ଗୋଟିଏ ବସ୍ତୁ ଭାବେ ଏହାର ନିୟନ୍ତ୍ରଣ କରାଯାଉଥିବା ଇସ୍ରୋ ସ୍ପଷ୍ଟ କରିଛି। ଆଗାମୀ ଦିନରେ ଏହାର ଅନ୍‌ଡକିଂ ଏବଂ ଶକ୍ତି ସ୍ଥାନାନ୍ତରର ଯାଞ୍ଚ କରାଯିବ।

ଇସ୍ରୋର ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଭାରତର ବହୁ ଆକାଂକ୍ଷିତ ମହାକାଶ ମିଶନ ପାଇଁ ଏହା ଉଲ୍ଲେଖନୀୟ ସଫଳତା ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି। ଇସ୍ରୋର ଏହା ଅବିଶ୍ୱସନୀୟ ସଫଳତା ବୋଲି କେନ୍ଦ୍ର ବିଜ୍ଞାନ, ପ୍ରଯୁକ୍ତି ଓ ମହାକାଶ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ, ଚନ୍ଦ୍ରୟାନ-୪ ଏବଂ ଗଗନୟାନ ଆଦି ଭବିଷ୍ୟତ ମିଶନକୁ ସହଜ କରିବାରେ ଏହା ପଥ ପରିଷ୍କାର କରିଦେଇଛି। ମିଶନକୁ ସଫଳ କରାଇଥିବା ଟିମ୍‌କୁ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ଅଭିନନ୍ଦନ ଜଣାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଇସ୍ରୋର ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଇସ୍ରୋର ବୈଜ୍ଞାନିକ ଏବଂ ସ୍ପେସ୍ ଇଞ୍ଜିନିୟରମାନଙ୍କ ଅସାଧାରଣ କାର୍ଯ୍ୟ ଆମକୁ ଅତ୍ୟନ୍ତ ଗର୍ବିତ କରିଥିବା ଖାର୍ଗେ କହିଛନ୍ତି।

ଗତ ଡିସେମ୍ବର ୩୦ରେ ଇସ୍ରୋ ସ୍ପେଡେକ୍ସ ମିଶନକୁ ସଫଳତାର ସହ ଲଞ୍ଚ୍ କରିଥିଲା। ଶ୍ରୀହରିକୋଟାର ସତୀଶ ଧାୱନ୍ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ୨ ☞ପୃଷ୍ଠା-୨



୨ ସାଟେଲାଇଟ୍ ଯୋଡ଼ି ହେବାର ପ୍ରତୀକାତ୍ମକ ଚିତ୍ର

**ସ୍ପେଡେକ୍ସ ମିଶନ: ସଫଳ ହେବାରେ ଭାରତ ୪ର୍ଥ ରାଷ୍ଟ୍ର**

# ଭାବୀ ଜ୍ୱାଇଁଙ୍କୁ ୭୬ ପ୍ରକାର ବ୍ୟଞ୍ଜନ

**ରାୟଗଡ଼ା,୧୬।୧ (ଆଶିଷ ରଞ୍ଜନ ପଣ୍ଡା)**

ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପର୍ବ ପୋଙ୍ଗଲରେ ରାୟଗଡ଼ାର ଏକ ପରିବାର ନିଜର ଭାବୀ ଜ୍ୱାଇଁଙ୍କୁ ନିମନ୍ତ୍ରଣକରି ଭୋଜନରେ ୭୬ ପ୍ରକାର ବ୍ୟଞ୍ଜନ ପରଷିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଙ୍ଗଲର ଶେଷ ଦିନରେ ରାୟଗଡ଼ା ସହର ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ଭି. ସୂର୍ଯ୍ୟନାରାୟଣ ଓ ସ୍ୱପ୍ନାଙ୍କ ପରିବାରର ଭାବୀ ଜ୍ୱାଇଁଙ୍କୁ କଦଳୀପତ୍ରରେ ଭଳିକି ଭଳି ବ୍ୟଞ୍ଜନ ପରଷାଯାଇଥିଲା । ଏଥିରେ ଧଳାଭାତ, ବିରିଆନି, ଆମିଷରେ ୪ ପ୍ରକାର, ବିଭିନ୍ନ ତରକାରି ସହ, ବଡ଼ି, ପାମ୍ପଡ଼, ଅନେକ ପ୍ରକାର ମିଠା ସହ ଫଳ ଆଦି ୭୬ ପ୍ରକାର ବ୍ୟଞ୍ଜନରେ ଜ୍ୱାଇଁଙ୍କୁ ଚର୍ଚ୍ଚାକରି ପୋଙ୍ଗଲ ପାଳନ କରିଥିଲେ ସୂର୍ଯ୍ୟନାରାୟଣଙ୍କ ପରିବାର। ଭି. ସୂର୍ଯ୍ୟନାରାୟଣଙ୍କ ଝିଅ ଆସନ୍ତା ମାର୍ଚ୍ଚରେ ରାୟଗଡ଼ା ଜିଲା ମୁନିଗୁଡ଼ାର ଜି. ବାଲାକୃଷ୍ଣ ଓ ଜି.ସରିତାଙ୍କ ପୁଅ ଜି.ଶ୍ରୀନାଥଙ୍କୁ ବିବାହ କରିବେ। ଶ୍ରୀନାଥ ପେସାରେ ଜଣେ ଇଞ୍ଜିନିୟର।



ସୂଚନାଯୋଗ୍ୟ, ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପର୍ବ ପୋଙ୍ଗଲ ଉତ୍ସବ ୩ ଦିନ ଧରି ପାଳନ ହୋଇଥାଏ। ପ୍ରଥମ ଦିନ ଭୋଗୀ, ଦ୍ୱିତୀୟ ଦିନ ପୋଙ୍ଗଲ ବା ମକର ସଂକ୍ରାନ୍ତି ଆଉ ତୃତୀୟ ଦିନ କାନୁମୁ ଅର୍ଥାତ୍ ନୈଶଭୋଜିର ଆସର ଘରେ ଘରେ ଜମିଯାଏ। ତେଲୁଗୁ ସମ୍ପ୍ରଦାୟରେ ପରମ୍ପରା ଅନୁସାରେ ପୋଙ୍ଗଲ ଉତ୍ସବରେ ଝିଅ ଜ୍ୱାଇଙ୍କୁ ନିମନ୍ତ୍ରଣ କରିବା ସହ ତୃତୀୟ ଦିନ କାନୁମୁରେ ବନ୍ଧୁବାନ୍ଧବ ଓ ପରିବାରବର୍ଗଙ୍କ ସହ ନୈଶଭୋଜିର ଆସର ଜମିଥାଏ ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରେଭିନ୍ୟୁ ଡିପୋର୍ଟମେଣ୍ଟ କଲଚୁରାଲ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ନାଟକ ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଣିଓରା, ସମୟ: ମଧ୍ୟାହ୍ନ ୧୨ଟା।
- ଜନକଲ୍ୟାଣ ସେବାଟ୍ରଷ୍ଟ ଆନୁକୂଲ୍ୟରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଘଟେଶ୍ୱର ମନ୍ଦିର, ଖଲିପୋଖରୀ, ବାଛରାପାଟଣା, ଜଟଣୀ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- 'କୋଶମ୍-୨୦୨୫'ର ୫ମ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- କସିପଦା ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, କସିପଦା, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ୩୪ତମ ଏଫ୍ଏଫ୍‌ଟିଏ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଫିସାରି ପଡ଼ିଆ, ବାହାବଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣକୃଷ୍ଣ କଲଚୁରାଲ ଫାଉଣ୍ଡେଶନ ଟ୍ରଷ୍ଟର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସକବି ଫକୀରମୋହନଙ୍କ ସ୍ମୃତିପୀଠ, ଶାନ୍ତିକାନନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ କମଳା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ରାମକୃଷ୍ଣପୁର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ଚତୁର୍ଥ ଦିବସ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିୟନଶିପ୍-୨୦୨୫ର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ଦୋବଲ କାଳୀପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଲା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଗୋପାଳପୁର ମୁନୀପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ପାଲା ପରିବେଷଣ, ସ୍ଥାନ: ଭଜନା ମୁନୀ ମଣ୍ଡପ, ମନ୍ଦାରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଦଧିବାମନ ଜୀଉ ମନ୍ଦିରରେ ବାର୍ଷିକ ଉତ୍ସବ, ପୂଜାର୍ଚ୍ଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଂଚୋ, ସମୟ: ସକାଳ ୭ରୁ ରାତି ୧୦ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଶାସଙ୍ଗ ଉଚ୍ଚ ବିଦ୍ୟାଳୟ, ହାଟଡିହୀ, ସମୟ:ପୂର୍ବାହ୍ନ ୧୦ଟା ।
- ମକର ସଂକ୍ରାନ୍ତି ଉପଲକ୍ଷେ ମା' ଭାଟିଆସୁଣୀଙ୍କ ପୀଠରେ ଭଜନ, କୀର୍ତ୍ତନ ଏବଂ ପୂଜା,ସ୍ଥାନ: ଜଳସରପୁର, ହାଟଡିହୀ, ସମୟ : ଅପରାହ୍ନ ୫ ଟା।
- ମକରମେଳା ଉଦ୍‌ଯାପନ, ସ୍ଥାନ:ସଦର ବ୍ଲକ ଭାଲୁଘର, ସମୟ: ସନ୍ଧ୍ୟା ୬ଟା।
- ମା' ରାମଚଣ୍ଡୀଙ୍କ ପୀଠରେ ଭଜନ ସମାରୋହ, ସ୍ଥାନ: ପୋଡାସିଙ୍ଗିଡ଼ି, ହାଟଡିହୀ, ସମୟ : ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ନାମ ସଂକୀର୍ତ୍ତନ ଏବଂ ଭଜନ ସମାରୋହ, ସ୍ଥାନ: ବଂଚୋ, କଳିଙ୍ଗା, ହାଟଡିହୀ, ସମୟ :ସନ୍ଧ୍ୟା ୬ଟା ୩୦।

## ମୟୂରଭଞ୍ଜ
- ବାର୍ଷିକ ଉତ୍ସବ ଉଦ୍‌ଯାପନ, ସ୍ଥାନ:ହାତୀଟପ କମିଟି, ଚିତ୍ରଡ଼ା ତଳସାହି, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀମା' ମହିଳା ମହାବିଦ୍ୟାଳୟ ବାରିପଦା,ସମୟ: ସକାଳ ୮ଟା।
- ଦାମୋଦର ମେଳା,ସ୍ଥାନ: ସୁନାମୁହିଁ ବାରୁଣୀ ଘାଟ, ମଧୁବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବେତନଟୀ ବନାଞ୍ଚଳର ସ୍ୱତନ୍ତ୍ର ବୈଠକ, ସ୍ଥାନ:ଝିଙ୍କିରିଆ କଲ୍ୟାଣ ମଣ୍ଡପ,ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ମକରମେଳା କମିଟିର ୧୦୬ତମ ଟୁସୁ ପରବ, ସ୍ଥାନ:ମଣଦା, ରାସଗୋବିନ୍ଦପୁର ବ୍ଲକ,ସମୟ: ଅପରାହ୍ନ ୨ଟା।
- ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ କ୍ୟାରମ ଟୁର୍ନାମେଣ୍ଟ ଓ ମକର ଉତ୍ସବ, ସ୍ଥାନ: ତ୍ରିରଙ୍ଗା କ୍ଲବ, ବାରିପଦା,ସମୟ:ଅପରାହ୍ନ ୨ଟା।
- ମକରମେଳା,ସ୍ଥାନ: ସିଂହଡିଆ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ମକରମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼େଇରଣା ମଠ, ଶିଆଳିଘାଟୀ, ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ଦାମୋଦର ମେଳା. ସ୍ଥାନ:ଜମ୍ବୀରା ନଦୀ ତୁଠ, ଭଡ଼ରାନଣ୍ଡା ଓ ଘୋଳମୁହାଁ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ମଧୁମେହ ପଞ୍ଚାୟତ,ସ୍ଥାନ: ସଂସ୍କୃତି ଭବନ, ହିଲପାଟଣା, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ଆଖୁପେଡ଼ା ଆରମ୍ଭ, ସ୍ଥାନ: ଆସିକା ସମବାୟ ଚିନିକଳ, ସମୟ: ସକାଳ ୭.୩୦ରୁ ଅପରାହ୍ନ ୧ଟା ୨୫ ।
- ପଞ୍ଚଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: ଆସିକା ବ୍ଲକ୍ ଭେଟନଈ ସ୍ୱାମୀ ବିବେକାନନ୍ଦ ସେବା ସାଂସ୍କୃତି କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ଟେକ୍ନିକାଲ ହାଇସ୍କୁଲର ବାର୍ଷିକୋତ୍ସବ,ସ୍ଥାନ: ଆସିକା କଲେଜ ଛକ, ସମୟ: ପୂର୍ବାହ୍ନ ୧୦ଟା୩୦।

## କନ୍ଧମାଳ
- ଆଦିବାସୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନିଷ୍ଟାଡ଼ିୟମ, ସମୟ: ସକାଳ ୯ଟା ୫ ।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା
- ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।
- ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ, ଜୟନଗର, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ କେନ୍ଦ୍ରାପଡ଼ା ଶାଖାର ବାର୍ଷିକ ସମ୍ମିଳନୀ, ସ୍ଥାନ: ମହାବୀର ହନୁମାନ ମନ୍ଦିର ପରିସର, ରାଣୀପୋଖରୀ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟିର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଶ୍ରମିକ ଅଧିକାରିତା ଶିବିର,ସ୍ଥାନ: ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ କଲେଜ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ କୋଷ୍ଟାଲ ହକି ମ୍ୟାଚ, ସ୍ଥାନ : ଯାଜପୁର ହକି ଷ୍ଟାଡିୟମ,ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ଟି -୨୦ କ୍ରିକେଟ ଟୁର୍ନାମେଣ୍ଟ (ମହିଳା ଓ ପୁରୁଷ) ଉଦ୍‌ଘାଟନୀ ମ୍ୟାଚ୍‌ରେ ରିଜର୍ଭ ଏମ୍ପାୟାର ବନାମ ନୟାଗଡ଼ ୱାରିୟର୍ସ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ସମୟ:ସକାଳ ୯ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ଖଳିସାହି ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ମକର ସଂକ୍ରାନ୍ତି ଯାତ୍ରାର ୪ର୍ଥ ଦିବସ, ସ୍ଥାନ:ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ:ପୂର୍ବାହ୍ନ ୦ଟା।
- ଟି -୨୦ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ:କଣ୍ଡିଲୋ ନୀଳମାଧବ ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ଟି -୨୦ କ୍ରିକେଟ ଟୁର୍ନାମେଣ୍ଟ (ମହିଳା ଓ ପୁରୁଷ) ମ୍ୟାଚରେ ଶରଣକୁଳ ଟାଇଗର୍ସ ବନାମ ଏମସିସି ହୋମଗାର୍ଡ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍), ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ୪ର୍ଥ ଦିବସରେ ଉଭରପଲ୍ଲୀ ମିଳନ ସଂଘ କୋଲକତା ବନାମ ସମ୍ବଲପୁର ଫୁଟବଲ ଏକାଡେମୀ, ସ୍ଥାନ: ନୟାଗଡ଼ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ସିରିଅସ ଜୋନ ନାଟକ ମହୋତ୍ସବର ଉଦ୍‌ଘାଟନ ଉତ୍ସବରେ ନାଟକ ବାଞ୍ଛ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା ।

## ରାୟଗଡ଼ା
- ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ଚନ୍ଦ୍ରପୁର ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା ।
- ଆତ୍ମରକ୍ଷା କୌଶଳ ତାଲିମ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସେବା ସମାଜ, ଜବରଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ତାଲିମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଉଦ୍ୟାନ କୃଷି ତାଲିମ କାର୍ଯ୍ୟକ୍ରମ ଆରମ୍ଭ, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ ନର୍ସରୀ, ସମୟ: ପୂର୍ବାହ୍ନ ୧୧ଟା।
- ଚଚା ମଣ୍ଡେଇ ଉଦ୍‌ଯାପିତ ହେବ, ସ୍ଥାନ: ଝରିଗାଁ ବ୍ଲକ ଚଚା, ସମୟ: ଅପରାହ୍ନ ୫ଟା।

## କୋରାପୁଟ
- ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ମହାବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ହାୟର ସେକେଣ୍ଡାରୀ ସ୍କୁଲ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ପ୍ରଥମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ କଳସ ଯାତ୍ରା, ସ୍ଥାନ: ଗୌଡ଼ ବାରିକଣ୍ଠା ଚନ୍ଦନ ଶ୍ରୀକ୍ଷେତ୍ର, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ଅଫତାବ କ୍ଲବ ବନାମ ବ୍ଲୁ- ଡାଇମଣ୍ଡ କ୍ଲବ ମ୍ୟାଚ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ଗୋବିନ୍ଦତୋଲା ଛକ, ସମୟ : ପୂର୍ବାହ୍ନ ୧୦ଟା।
- ଚାଉଁରପୁର ଧନୁଯାତ୍ରା କମିଟି ପକ୍ଷରୁ ନନ୍ଦୋତ୍ସବ, ପୁତନା ବଧ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ବୁର୍ଲା କ୍ରୀଡାସଂଘ ବନାମ ମେହେର ଆସୋସିଏସନ ମ୍ୟାଚ, ସ୍ଥାନ : ରେଲୱେ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦।
- ଶ୍ରୀମଦ୍ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ : ଦଧିବାମନ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ବିଶ୍ୱାମ୍ ଚେତନା ପରିଷଦ ଆୟୋଜିତ ଶ୍ରୀମଦ ଭାଗବତ ସାଧାୟ ସତ୍ର କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାରେ ଅଷ୍ଟମଲ୍ଲଙ୍କ ସହ ମହାରାଜ କଂସଙ୍କ ବିଚାର ବିମର୍ଷ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ସଇଁତଲା ଚଣ୍ଡେଶରୀ ଲୋକ ଉତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଡାକବଙ୍ଗଳା, ସଇଁତଲା, ସମୟ: ସକାଳ ୯ଟା।
- ଲଳିତ ନାୟକ ସ୍ମାରକୀ ସର୍ବଭାରତୀୟ ଫ୍ଲଡଲାଇଟ୍ କ୍ରିକେଟ ମ୍ୟାଚ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ୨ୟ ଦଧିବାମନ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବହଳପଦର ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୪ ତମ ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଟେଭାପଦର,ବୀରମହାରାଜପୁର ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଝୁଙ୍ଗୁରି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ଗୁଡୁଭିପାଲି ତ୍ରିବେଣୀ ଛକରେ ମକର ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ତ୍ରିବେଣୀ ଛକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ମା' ନାରାୟଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମେଲସିଂହା, ଅତାବିରା, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଲାଠ୍ ରାଇସ୍ ମିଲ୍, ଝାଙ୍କରପାଲି(ଟକରକେନ୍ଦ), ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ସାଙ୍କେତିକ ଭାଷା, ମୋ ଭାଷା ତାଲିମ କାର୍ଯ୍ୟକ୍ରମ,ସ୍ଥାନ:ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା
- ଅଲେଖ ନିରଞ୍ଜନଙ୍କ ପୂଜା ଓ ଭଜନ, ସ୍ଥାନ: ପଣ୍ଡିତ ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଡ଼ମାଳ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ଆ, ଝାରସୁଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ବେଦବ୍ୟାସ ସଂସ୍କୃତ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୯ଟା।
- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ଏକାଡେମିକ୍ ଇଣ୍ଡଷ୍ଟ୍ରି କନ୍‌କ୍ଲେଭ, ସ୍ଥାନ: ଛେଣ୍ଡ ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ୫ମ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ବନ ବିଭାଗ ପକ୍ଷରୁ ବନାଗ୍ନିରୁ ନିରାକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନ ବିଭାଗ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ସେକ୍ଟର ୧୩ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲାକ୍ରୀଡ଼ା ସଂଘ ପକ୍ଷରୁ ପ୍ରତିଯୋଗିତାର ୨ୟ ଦିବସ, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୨ଟା ୩୦।
- ବିପିୟୁଟି ପକ୍ଷରୁ ଏକାଡେମିକ୍ କନକ୍ଲେଭ୍ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଛେଣ୍ଡ, ସମୟ : ଅପରାହ୍ନ ୩ଟା ୩୦।
- ଡା.ଏସ୍. ଏସ୍. ଦାଶ ଜୟନ୍ତୀ, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ଜରେଇକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଜରେଇକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ସକାଳ ୯ଟା।
- କୁରଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବ୍ଲକ ତିଲେଇବଣି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁରଡ଼, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ନବନିର୍ବାଚିତ ଶ୍ରୀ ଜଗନ୍ନାଥ ମନ୍ଦିର ଦେବସ୍ଥାନମ ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟ ପୂଜା, ଶାଳାଧିଷ୍ଠ ଦେବତା ପୂଜା, ବନ ଯାତ୍ରା, ସ୍ଥାନ: ଲାଞ୍ଜିଗଡ ବେଦାନ୍ତ ଟାଉନଶିପ ପରିସର, ସମୟ: ସକାଳ ୮ଟା ୩୦।
- – ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ରାତି ୧୨ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଓପନ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଖଡିଆଳ, ସମୟ: ସନ୍ଧ୍ୟା ୭ଟା।
- ୧୮ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆଁରୀ ଗାଁ ଖେଳପଡିଆ, ସମୟ: ସକାଳ ୯ଟା।
- ୩ୟ ମା'ବସ୍ତ୍ରାଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିଭୁଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

# ପ୍ରଥମ ପୃଷ୍ଠାରୁ...

## ସୈଫ୍‌ଙ୍କୁ ଘରେ ପଶି ...

ମହଲା ବିଶିଷ୍ଟ 'ସତ୍‌ଗୁରୁ ଶରଣ' ବିଲ୍ଡିଂର ଏକ ଫ୍ଲାଟ୍‌ରେ ରୁହନ୍ତି। ଉକ୍ତ ବିଲ୍ଡିଂର ୪ଟି ଫ୍ଲୋରରେ ବଲିଉଡ୍‌ର ଅନେକ ଅଭିନେତ୍ରୀ ଅଭିନେତା ବସବାସ କରନ୍ତି। ରିପୋର୍ଟ ଅନୁଯାୟୀ ସୈଫ୍‌ଙ୍କ ଚାକରାଣୀ ଏଲିୟାମା ଫିଲିପ୍ସ ଲିମା ବୁଧବାର ରାତି ୨ଟାରେ ପ୍ରଥମେ ସେଠାରେ ଜଣେ ଅନୁପ୍ରବେଶକାରୀଙ୍କୁ ଦେଖିଥିଲେ। ସେ ବଡ଼ପାଟିରେ ଚିତ୍କାର କରିବାରୁ ସୈଫ୍ ଶୁଣିବା ପରେ ସେଠାକୁ ଯାଇଥିଲେ। ସୈଫ୍ ଓ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ପରେ ଅନୁପ୍ରବେଶକାରୀ ସୈଫ୍‌ଙ୍କୁ ୬ ଥର ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ସୈଫ୍‌ଙ୍କ ଶରୀରରୁ ରକ୍ତସ୍ରାବ ହେଉଥିବାବେଳେ ତାଙ୍କ ବଡ଼ପୁଅ ଇବ୍ରାହିମ୍ (୨୩) ଆହତ ପିତାଙ୍କୁ ହସ୍ପିଟାଲକୁ କାର୍‌ରେ ନେବା ପାଇଁ ଚାହିଁଥିଲେ। କିନ୍ତୁ କାର୍ ପ୍ରସ୍ତୁତ ନ ଥିବାରୁ ଏକ ଅଟୋରିକ୍ସାରେ ୨ କି.ମି. ଦୂରରେ ଥିବା ଲୀଲାବତୀ ହସ୍ପିଟାଲକୁ ନେଇଥିଲେ। ହସ୍ପିଟାଲର ପ୍ଲାଷ୍ଟିକ୍ ସର୍ଜରି ଟିମ୍ ମୁଖ୍ୟ ନୀତିନ ଡାଙ୍ଗେଙ୍କ ତତ୍ତ୍ୱାବଧାନରେ ସୈଫ୍‌ଙ୍କ ମେରୁଦଣ୍ଡର ଉପରଭାଗରୁ ଅସ୍ତ୍ରୋପଚାର ବେଳେ ଛୁରିର ୨.୫ ସେମି ବିଶିଷ୍ଟ ଏକ ଖଣ୍ଡ ବାହାର କରାଯାଇଛି। ତାଙ୍କ ବାମହାତ ଓ ଗଳାରେ ମଧ କ୍ଷତ ସୃଷ୍ଟି ହୋଇଛି। ନ୍ୟୁରୋସର୍ଜରି ଓ ପ୍ଲାଷ୍ଟିକ୍ ସର୍ଜରି ପରେ ସେ ବିପଦମୁକ୍ତ ଅଛନ୍ତି। ତେବେ ତାଙ୍କୁ ବର୍ତ୍ତମାନ ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଚିକିତ୍ସା କରାଯାଉଛି। ଦିନେ କିମ୍ବା ୨ ଦିନ ପରେ ସୈଫ୍‌ଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯିବ ବୋଲି ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର (ସିଓଓ) ଡା. ନୀରଜ ଉତ୍ତାମଣି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ ଯୁକ୍ତିତର୍କ ବେଳେ ଅନୁପ୍ରବେଶକାରୀଙ୍କ ଆକ୍ରମଣରେ ଲିମା ମଧ ସାମାନ୍ୟ ଆହତ ହୋଇଛନ୍ତି। ଲିମା ସ୍ଥାନୀୟ ଥାନାକୁ ଯାଇ ହତ୍ୟା ଉଦ୍ୟମ ଓ ଅନୁପ୍ରବେଶ ସମ୍ପର୍କିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ୧୦ଟି ଟିମ୍ ଗଠନ କରାଯାଇଛି। ଆକ୍ରମଣକାରୀ ଫେରାର ହେବାବେଳକୁ ସିସିଟିଭି କ୍ୟାମେରା ତାଙ୍କୁ କଏଦ୍ କରିଥିଲା। ଏପରି କି ସେ ଉକ୍ତ ଆପାର୍ଟମେଣ୍ଟରେ ପ୍ରବେଶ ଓ ପ୍ରସ୍ଥାନ ବେଳର ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସେ ଡକାୟତି କରିବା ଉଦ୍ଦେଶ୍ୟରେ ସେଠାକୁ ଯାଇଥିବା ପୋଲିସ କହିଛି। ସିସିଟିଭି ଫୁଟେଜ୍‌ରୁ ଆହୁରି ଜଣାପଡ଼ିଛି ଯେ, ଆକ୍ରମଣକାରୀ ଛୁରାମାଡ଼ କରିବାର ୨ ଘଣ୍ଟା ପୂର୍ବରୁ ସେଠାକୁ ଅନାୟାସରେ ପ୍ରବେଶ କରିଥିଲେ। ତାଙ୍କ ପରିଚୟ ସ୍ପଷ୍ଟ କରି ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ସୈଫ୍‌ଙ୍କ ଘରର କୌଣସି ଚାକରାଣୀ କିମ୍ବା ଚାକର ସହ ଆକ୍ରମଣକାରୀ ପୂର୍ବରୁ ପରିଚିତ ଥିବା ଏବଂ ସମ୍ପୃକ୍ତ ହାଉସ୍ ହେଲ୍ପ ତାଙ୍କୁ ଘରେ ପୂରାଇଥିବା ପୋଲିସ ସନ୍ଦେହ କରୁଛି। ଚାକରାଣୀ ଲିନାଙ୍କୁ ପୋଲିସ ଏନେଇ ପଚରାଉଚରା କରୁଛି। ଏହି ଘଟଣା ପରେ ସିନେ ଇଣ୍ଡଷ୍ଟ୍ରିର ଅନ୍ୟ କଳାକାରମାନେ ଭୟଭୀତ ହୋଇଯାଇଛନ୍ତି। ଅଭିନେତ୍ରୀ ପୂଜା ଭଟ୍ଟ କହିଛନ୍ତି, ସେ ନିଜକୁ ପୂର୍ବରୁ କେବେ ଏତେ ଅସୁରକ୍ଷିତ ମଣି ନ ଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ବାନ୍ଦ୍ରା ଅଞ୍ଚଳରେ ଅଧିକ ପୋଲିସ ମୁତୟନ କରାନ୍ତୁ ବୋଲି ପୂଜା ଅନୁରୋଧ କରିଛନ୍ତି। ବିରୋଧୀ ଦଳଗୁଡ଼ିକ ମହାଯୁତି ସରକାରଙ୍କୁ ଟାର୍ଗେଟ କରି ପ୍ରଶ୍ନ କରିଛନ୍ତି, ଯଦି ସେଲିବ୍ରିଟିମାନେ ଅସୁରକ୍ଷିତ ତେବେ ସାଧାରଣ ଜନତା କେତେ ସୁରକ୍ଷିତ। ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ରାଜନୀତି ସରଗରମ ହୋଇଛି।

## ମହାକାଶରେ ୨ ...

ସାଟେଲାଇଟ୍ ଏସ୍‌ଡିଏକ୍ସ୦୧(ଚେଜର) ଏବଂ ଏସ୍‌ଡିଏକ୍ସ୦୨(ଟାର୍ଗେଟ) ସହ ୨୪ଟି ପେ'ଲୋଡ୍‌କୁ ନେଇ ପିଏସ୍ଏଲ୍‌ଭି ସି୬୦ ରକେଟ ମହାକାଶକୁ ଯାଇଥିଲା। ଏହାର ୧୫ ମିନିଟ ମଧ୍ୟରେ ୨ ସ୍ପେସ୍‌କ୍ରାଫ୍ଟକୁ ୪୭୫ କିଲୋମିଟର ଉଚ୍ଚରେ ଧାର୍ଯ୍ୟ ବର୍ତ୍ତୁଳାକାର କକ୍ଷପଥକୁ ଛଡ଼ାଯାଇଥିଲା। ଡକିଂର ପରୀକ୍ଷାମୂଳକ ଉଦ୍ୟମ ସ୍ୱରୂପ ଜାନୁଆରୀ ୧୨ରେ ୨ ସାଟେଲାଇଟ୍‌କୁ ପରସ୍ପରର ୩ ମିଟର ନିକଟତର କରାଯାଇ ପରେ ସୁରକ୍ଷିତ ଦୂରତାକୁ ନିଆଯାଇଥିଲା। ସ୍ପେଡେକ୍ସ ଏକ ସ୍ୱଳ୍ପବ୍ୟୟୀ ପ୍ରଯୁକ୍ତି ପ୍ରଦର୍ଶନ ମିଶନ ବୋଲି ଇସ୍ରୋ କହିଛି। ମହାକାଶରେ ସାଧାରଣ ମିଶନ ଲକ୍ଷ୍ୟ ହାସଲ ପାଇଁ ଏକାଧିକ ରକେଟ ଲଞ୍ଚ ଆବଶ୍ୟକ ହେଉଥିବାବେଳେ ଡକିଂ ଟେକ୍‌ନୋଲୋଜି ଅତ୍ୟନ୍ତ ଆବଶ୍ୟକ। ଇସ୍ରୋର ଭବିଷ୍ୟତ ମିଶନ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ବୋଲି କୁହାଯାଉଛି।

## ଅଷ୍ଟମ ବେତନ କମିଶନକୁ ...

ପେ' କମିଶନଙ୍କ ସୁପାରିସ୍ ଆଧାରରେ ଦିଲ୍ଲୀ ସରକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି କରାଯାଉଥିଲା। ସପ୍ତମ ବେତନ କମିଶନଙ୍କ ସୁପାରିସ ଲାଗୁ ହେଲେ ୨୦୧୬-୧୭ ଆର୍ଥିକ ବର୍ଷରେ ବ୍ୟୟ ୧ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇବ ବୋଲି କମିଶନ ସେତେବେଳେ କହିଥିଲେ।

ପେ' କମିଶନଙ୍କ ସୁପାରିସ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ଅଧିକ ବ୍ୟୟ କରିବା ସହ ଆର୍ଥିକ ଅଭିବୃଦ୍ଧି ବଢ଼ିଥାଏ। ଏଥିସହିତ ସରକାରୀ କର୍ମଚାରୀମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଘଟିଥାଏ। କର୍ମଚାରୀଙ୍କ ବେତନରେ ସଂଶୋଧନ ପାଇଁ କେନ୍ଦ୍ର ସରକାର ସାଧାରଣତଃ ପ୍ରତି ୧୦ ବର୍ଷରେ ପେ' କମିଶନ ଗଠନ କରିଥାନ୍ତି। କମିଶନ ବେତନ ସମେତ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍‌ସନରମାନଙ୍କ ପାଇଁ ମହଙ୍ଗା ସହାୟତା (ଡିଆର୍)ରେ ସଂଶୋଧନ ସୂତ୍ର ମଧ ସୁପାରିସ କରିଥାନ୍ତି। କେନ୍ଦ୍ରୀୟ ବେତନ କମିଶନଙ୍କ ସୁପାରିସ୍ ଆଧାରରେ ରାଜ୍ୟ ସରକାରମାନେ ମଧ ସେମାନଙ୍କ କର୍ମଚାରୀଙ୍କ ଦରମାରେ ସଂଶୋଧନ କରିଥାନ୍ତି।

## ପଦ୍ମ ପୁରସ୍କାରପ୍ରାପ୍ତ ...

ସରକାର ୨୦୨୪ ମାର୍ଚ୍ଚରେ ପଦ୍ମ ବିଜେତାଙ୍କ ପାଇଁ ମାସିକ ସହାୟତା ଭତ୍ତା ୨୫ ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ। ତେବେ ତାହା କେବଳ ଘୋଷଣାରେ ସୀମିତ ରହିଥିଲା। ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ୭ ମାସ ପରେ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ମାସିକ ୩୦ ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ଗଜକେଶରୀ ଯୋଗ ପ୍ରଭାବରୁ ବନ୍ଧୁଙ୍କ ପ୍ରିୟପାତ୍ର ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଲାଗିରହିଥିଲେ ମଧ ନୂତନଯୋଜନା ଆରମ୍ଭ କରିପାରନ୍ତି। ବନ୍ଧୁ କିମ୍ବା ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ଅଶାନ୍ତ ପାରିବାରିକ ସ୍ଥିତି ବହୁଳାଂଶରେ ଥମିଯିବ।

**ବୃଷ** କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ଦୃଢ଼ମନୋବଳ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଏଡ଼ାଇବାରେ ସମର୍ଥ ହେବ। ସ୍ଥଗିତକାର୍ଯ୍ୟ, ପାଉ ନ ଥିବା ଅର୍ଥ, ଲାଗିରହିଥିବା ବିବାଦର ପରିସମାପ୍ତି ଘଟାଇପାରନ୍ତି। କଳା, ସାହିତ୍ୟରେ ଉନ୍ନତି ସହ ସମାଜରେ ପ୍ରଶଂସିତ ହେବେ। କିନ୍ତୁ ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ରବି ପୃଷ୍ଠ ଦେଶରେ ବୁଧ ଥିବାରୁ ବନ୍ଧୁଙ୍କ କଥାରେ ହଁ ଭରିବାକୁ ବାଧ ହେବେ। ପ୍ରତ୍ୟେକ କାର୍ଯ୍ୟକୁ ସତର୍କତାର ସହ ନ କରିପାରିଲେ ପରିସ୍ଥିତି ବଦଳି ଯାଇପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ଆକସ୍ମିକ ଯାତ୍ରାରେ ବ୍ୟୟାଧିକ୍ୟ ସାଙ୍ଗକୁ ଅବ୍ୟବସ୍ଥାଜନିତ ବ୍ୟସ୍ତତା ବଢିଯିବ।

**କର୍କଟ** ରାଶ୍ୟାଧିପ ଧନସ୍ଥାନସ୍ଥ ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ସହିତ କାର୍ଯ୍ୟସିଦ୍ଧିରୁ ଖୁସି ରହିବେ। କଥାର ସଚୋଟତା ଓ କାର୍ଯ୍ୟଦକ୍ଷତା କାରଣରୁ ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଚିନ୍ତିତ ରହିବେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ସିଂହ** ଭାଗ୍ୟାଧିପ କେନ୍ଦ୍ରସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ କାର୍ଯ୍ୟହାସଲ କରି ଉପକୃତ ହୋଇପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜେ ହଇରାଣ ହେବାକୁ ପଡିପାରେ। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କନ୍ୟା** କେତୁଙ୍କ କୁପ୍ରଭାବରେ ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପାଖ ମାଡିବେ ନାହିଁ। ବ୍ୟବସାୟରେ କ୍ଷତି ହେବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଝଗଡ଼ା ଲାଗିପାରେ। ଆର୍ଥିକ କାରବାର, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାର୍ଯ୍ୟରେ ଉତ୍ସାହିତ ହୋଇ କାମ କରିପାରନ୍ତି।

**ତୁଳା** ରବି ଦୃଷ୍ଟ ମଙ୍ଗଳ ଯୋଗୁ ପରିବାରରେ ଲାଗିରହିଥିବା ସମସ୍ୟା ସମାଧାନ ହେବ। ପଡ଼ୋଶୀ ସ୍ୱାର୍ଥସାଧନ ମାନସରେ ନିଜ କାମକୁ ଅଗ୍ରାଧିକାର ଦେଇପାରନ୍ତି। ପୁରୁଣା ରୋଗ, ଘର ଲୋକମାନଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ। ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରେ।

**ବିଛା** ମୁଖ ଭାବସ୍ଥ ବୁଧଙ୍କ ପ୍ରଭାବରେ ଅପ୍ରିୟସତ୍ୟ ଭାଷଣ ଦ୍ୱାରା ବନ୍ଧୁଙ୍କ ବିରାଗଭାଜନ ହେବେ। ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା କାରଣରୁ କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**ଧନୁ** ଶନି ଯୁକ୍ତ ଶୁକ୍ର ହେତୁ ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ। ବକେୟା ଅର୍ଥ ଆଦାୟରେ ଟଣାଓଟରା ଲାଗିପାରେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଆଜି ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** ଅଷ୍ଟମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ଅତୀତକୁ ମନେପକାଇ ଭାବବିହ୍ୱଳ ହେବେ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ପରିଲକ୍ଷିତ ହେବ। ଭଲ ସମ୍ପର୍କ ଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯିବାର ଅନୁଭବ କରିବେ। ଦୀର୍ଘଦିନରୁ ଆଶାକରିଥିବା ସରକାରୀ ସ୍ତରରୁ ଶୁଭଖବର ପାଇ ଖୁସି ହେବେ।

**କୁମ୍ଭ** ରାଶ୍ୟାଧିପତି ସ୍ୱଗୃହରେ ଅବସ୍ଥାନ କରିଥିବାରୁ ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବିବାଦୀୟ ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ଉଚିତ ମନେ କରିପାରନ୍ତି। ପଡ଼ୋଶୀଙ୍କ ମଧ୍ୟସ୍ଥତାରେ ଆକସ୍ମିକ ଅର୍ଥଲାଭ ଓ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମୀନ** ଆପଣଙ୍କ ଆଶାଅଭିଳାଷ ପୂରଣ କରିବା ଦିଗରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବାର ସମ୍ଭାବନା ରହିଛି। ପୂର୍ବବିବାଦକୁ କେନ୍ଦ୍ରକରି ବୃଥା ଆଶଙ୍କାଜନିତ ମନ ଅସ୍ଥିର ରହିପାରେ। ଆଜିର ବ୍ୟବସାୟ, ଯାତ୍ରା ଓ ଆନୁଷ୍ଠାନିକ କାମରେ ସଫଳତା ପାଇବେ।

ଆଜି ଜାନୁଆରୀ ୧୭ ତାରିଖ, ମାଘ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ରାଶିନକ୍ଷତ୍ର-ମଘା/ସିଂହ, ଦିବା ଘ.୧୨.୪୫ ଗତେ ପୂର୍ବାଫାଲଗୁନୀ ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୧୧ ମଧ୍ୟେ, ଘ.୦୭.୫୫ ଗତେ ଘ.୦୯.୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୪ ଗତେ ଘ.୧୧.୫୬ ମଧ୍ୟେ ରାହୁକାଳ ।




# ପୋଖରୀକୁ ପଶିଗଲା କାର୍‌: ୩ ମୃତ

## ଅଧୁରା ରହିଲା ଲ' ପରୀକ୍ଷା ସ୍ୱପ୍ନ

### କୋଣାର୍କରୁ ଫେରୁଥିବାବେଳେ ୨ ସାଙ୍ଗଙ୍କ ମୃତ୍ୟୁ

**ଗୋପ/କୋଣାର୍କ,୧୬।୧ (ଭାରତୀ ଭୂଷଣ ଉପାଧ୍ୟାୟ/ ଜ୍ୟୋତିରାଜ ମହାନ୍ତି)**

କୋଣାର୍କ-ଭୁବନେଶ୍ୱର ମୁଖ୍ୟରାସ୍ତାର ଜୁଣେଇ ବଂଶୀବଜାର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍‌ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱ ପୋଖରୀରେ ପଶିଯିବାରୁ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଗୁହାଳପଡ଼ା ଗ୍ରାମର ସନ୍ଦୀପ ମହାପାତ୍ର (୩୮) ଏବଂ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଦାନ୍ତୁଣି ଗ୍ରାମର ସନାତନ ସେନାପତି (୨୦)। ଏହି ଯୁବକ ଦ୍ୱୟ ଗୁରୁବାର ପୁରୀରେ ଆଇନ (ଲ') ପରୀକ୍ଷା ଦେଇଥାନ୍ତେ। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା କାମ ଚାଲିଥିବାବେଳେ କୌଣସି ସଙ୍କେତ କିମ୍ବା ସୂଚନାଫଳକ ଲାଗି ନ ଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ସନାତନ ଲ' ପରୀକ୍ଷା ଦେବାକୁ ବୁଧବାର ଅପରାହ୍ନରେ ତାଙ୍କ ସାଙ୍ଗ ସନ୍ଦୀପଙ୍କ ଗୁହାଳପଡ଼ା ଗ୍ରାମସ୍ଥିତ ଘରେ ପହଞ୍ଚିଥିବାବେଳେ ତାଙ୍କ ସହିତ ଭାଇ ମନୀଷ ସେନାପତି ମଧ୍ୟ ଆସିଥିଲେ। ରାତି ୯ଟାରେ ସନ୍ଦୀପ ଓ ତାଙ୍କର ସମ୍ପର୍କୀୟ ଭଣଜା ନିମାପଡ଼ା ଥାନା ଅଧୀନ ଓମ୍‌ଫେଡ୍‌ ଛକରେ ରହୁଥିବା ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ବଦଳା କଳାମାଟି ଗ୍ରାମର ପୁପୁନ୍‌ ପରିଡ଼ାଙ୍କ ସହିତ ୪ ଜଣ ମିଶି ଏକ କାର୍‌ (ନଂ. କେ.ଏ-୦୩-ଏନ୍‌ଡି ୪୮୩୬) ଯୋଗେ କୋଣାର୍କ ବୁଲିବାକୁ ଯାଇଥିଲେ। କୋଣାର୍କର ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ବୁଲିବା ପରେ ବିଳମ୍ବିତ ରାତ୍ରରେ ଏହି ୪ ଜଣ ନିମାପଡ଼ା ଫେରୁଥିଲେ। ମାତ୍ର ବିଧିର ବିଧାନ ଅଲଗା ଥିଲା। କୋଣାର୍କ-ଗୋପ ରାସ୍ତାର ଜୁଣେଇ ଛକ ନିକଟ ରାସ୍ତାରେ ପୂର୍ତ୍ତ ବିଭାଗ ପକ୍ଷରୁ ପିଚୁ କାମ ଚାଲିଥିବାବେଳେ ସେଠାରେ ରହିଥିବା ଏକ ରୋଲର ଗାଡ଼ି ସହିତ କାର୍‌ଟି ଦୁର୍ଘଟଣା ଘଟାଇ ରାସ୍ତା ପାର୍ଶ୍ୱ ପୋଖରୀରେ ପଶିଯାଇଥିଲା। ଫଳରେ କାର୍‌ ଚଳାଉଥିବା ସନ୍ଦୀପଙ୍କ ସମେତ ଆଗରେ ବସିଥିବା ସନାତନ ପାଣି ଭିତରେ କିଛି ସମୟ ରହିଯିବାରୁ ଅଣନିଃଶ୍ୱାସୀ ହୋଇ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପହଞ୍ଚି କାର୍‌ରେ ଥିବା ପୁପୁନ ଓ ମନୀଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚି ୪ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସନ୍ଦୀପ ଓ ସନାତନଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଆହତଙ୍କୁ ଚିକିତ୍ସା କରିଥିଲେ। ସନ୍ଦୀପ ଭୁବନେଶ୍ୱରସ୍ଥିତ ଟିସିଏସ୍‌ କମ୍ପାନୀରେ ଚାକିରି କରୁଥିଲେ ଓ ତାଙ୍କର ଦୁଇ କନ୍ୟା ସନ୍ତାନ ଥିବାବେଳେ ସନାତନ ଅବିବାହିତ ଥିଲେ। ଦୁର୍ଘଟଣାସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି କାର୍‌ ଜବତ କରିବା ସହ ଏକ ମାମଲା (ନଂ. ୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପୂର୍ତ୍ତବିଭାଗ ପକ୍ଷରୁ ଗୋପ-କୋଣାର୍କ ରାସ୍ତା କାମ ଚାଲିଛି। ତେବେ ସେଠାରେ ନିୟମ ଅନୁଯାୟୀ ନାଳିକପଡ଼ା କିମ୍ବା ରାସ୍ତା ଦୁଇ ପାର୍ଶ୍ୱରେ ରେଡିୟମ ଲଗାଯାଇନାହିଁ। ଏପରିକି ସୁରକ୍ଷା କର୍ମୀ ନିୟୋଜିତ କରାଯାଇନାହିଁ। ଏଥିଯୋଗୁ ସମ୍ପୃକ୍ତ ଯୁବକମାନେ ରାତିରେ ବାଟ ଜାଣି ନ ପାରି ଦୁର୍ଘଟଣାର ଶିକାର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଜନ୍ମଦିନ ଉତ୍ସବକୁ ଆସି ଫେରିଲେନି

### ଏଲ୍‌ଆଇସି ଏବିଏମ୍‌ ମୃତ, ଡିଓ ଗୁରୁତର



**ଧରାକୋଟ,୧୬।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ବ୍ଲକ ବଡଗଡ ଥାନା ଅନ୍ତର୍ଗତ ବାହାରପୁର ଗ୍ରାମଠାରେ ଗୁରୁବାର ଏକ କାର ପୋଖରୀ ଭିତରକୁ ଖସିପଡ଼ିଛି। ଫଳରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ଏଲଆଇସିର ଏବିଏମ୍‌ ହିମାଂଶୁ ଶେଖର ମହାପାତ୍ର। ଖବରରୁ ଜଣାପଡ଼ିଛି, ବାହାରପୁର ଗ୍ରାମର ଏଲଆଇସି ଏଜେଣ୍ଟ ସୁଦାମ ଚରଣ ଦାସ ପୁଅର ଜନ୍ମଦିନ ପାଳନ ଅବସରରେ ଏଲଆଇସି ଅଫିସ୍‌ର ଏବିଏମ୍‌ ହିମାଂଶୁ ଶେଖର ମହାପାତ୍ର ଏବଂ ଡିଓ ସୁଧାଂଶୁ ଶେଖର ସାହୁଙ୍କୁ ନିମନ୍ତ୍ରଣ କରିଥିଲେ। ଉଭୟେ ତାଙ୍କ ନିମନ୍ତ୍ରଣ ରକ୍ଷା କରି କାରରେ ଆସି ସୁଦାମଙ୍କ ଜନ୍ମ ଦିନ ଉତ୍ସବରେ ଯୋଗଦେଇଥିଲେ। କିଛି ସମୟ ରହି ଉଭୟ ଅଧିକାରୀ ଭୋଜି ଖାଇ ଫେରିବା ପାଇଁ ବାହାରିଥିଲେ। ଗ୍ରାମର ଶିବ ମନ୍ଦିର ପୋଖରୀ ନିକଟରେ ରଖିଥିବା କାରକୁ ପଛକୁ ନେଇ ବୁଲାଉଥିବା ବେଳେ କାରଟି ପୋଖରୀ ଭିତରକୁ ପଶିଯାଇଥିଲା। ରାସ୍ତାରେ ଯାଉଥିବା ଲୋକେ ପାଟି କରି ଗାଁର କିଛି ଲୋକଙ୍କୁ ଡାକିଥିଲେ। ସେମାନେ ପୋଖରୀ ଭିତରେ ପଶି ବଳା ସାହାଯ୍ୟରେ ଗାଡ଼ି ଭିତରୁ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଏବିଏମ୍‌ ମହାପାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ଡିଓ ସୁଧାଂଶୁଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଆସିକା ଏଲଆଇସି ଅଫିସ୍‌ର ପଦାଧିକାରୀ ଓ ଏଜେଣ୍ଟ ମାନେ ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

# ଜାତୀୟ ଶିକ୍ଷାନୀତି ପାଇଁ ରାଜ୍ୟ ଷ୍ଟିୟରିଂ କମିଟି

### ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଅଧ୍ୟକ୍ଷ

**ଭୁବନେଶ୍ୱର,୧୬।୧ (ସୁଚିସ୍ମିତା ସାହୁ)**

ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି-୨୦୨୦। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜାରି କରାଯାଇଥିବାବେଳେ ଏଥିରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ସହିତ ଆଞ୍ଚଳିକ ବିଷୟବସ୍ତୁକୁ ଆଧାର କରି ସ୍ୱତନ୍ତ୍ର ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଏଥିଲାଗି ଶୁକ୍ରବାର ଏକ ଷ୍ଟିୟରିଂ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତଙ୍କ ସୂଚନା ଅନୁସାରେ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ(ଆର୍‌ଆଇଇ) ଭୋପାଳର ଅବସରପ୍ରାପ୍ତ ପ୍ରିନ୍ସିପାଲ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଷ୍ଟିଅରିଂ କମିଟି ଅଧ୍ୟକ୍ଷ ଥିବାବେଳେ ତାଙ୍କ ଅଧୀନରେ ୧୬ଜଣ ସଦସ୍ୟ ରହିଛନ୍ତି। ସଦସ୍ୟମାନେ ହେଲେ ଏନ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ତଥା ଆର୍‌ଆଇଇ ଭୁବନେଶ୍ୱରର ପ୍ରଫେସର ହୃଷୀକେଶ ସେନାପତି, ଅବସରପ୍ରାପ୍ତ ସହକାରୀ ପ୍ରାଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ମନସ୍ତତ୍ତ୍ୱ ପ୍ରାଧ୍ୟାପକ ପ୍ରଫେସର ଉଦୟନାଥ ଦାସ, ଅବସରପ୍ରାପ୍ତ ଶିକ୍ଷାବିତ୍‌ ଡ. କିଶୋର ଚନ୍ଦ୍ର ମହାନ୍ତି, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଦର୍ଶନ ମିଶ୍ର, ଏନ୍‌ସିଇଆର୍‌ଟି ଏନ୍‌ଆଇଇର ପ୍ରଫେସର ରଞ୍ଜନା ଅରୋରା ଓ ପ୍ରଫେସର ସୁନୀତି ସନ୍‌ୱାଲ, ଭୁବନେଶ୍ୱର ଆର୍‌ଆଇଇର ଅଧ୍ୟକ୍ଷ ପ୍ରଫେସର ପି.ସି. ଅଗ୍ରୱାଲ, ଏନ୍‌ସିଇଆର୍‌ଟି ଏନ୍‌ଏସ୍‌ସିସି ପ୍ରୋଗ୍ରାମର ଚିଫ୍‌ କନ୍‌ସିଲ୍‌ଟାଣ୍ଟ ଡ. ବିନୟ ପଟ୍ଟନାୟକ ଓ ଲାଙ୍ଗିଏଜ୍‌ ଆଣ୍ଡ ଲର୍ଣ୍ଣିଂ ଫାଉଣ୍ଡେଶନର ଡ. ମହେନ୍ଦ୍ର କୁମାର ମିଶ୍ର। ସେହିପରି ନଳିନୀ ଦେବୀ ୱମେନ୍ସ କଲେଜ ଅଫ୍‌ ଟିଚର ଏଜୁକେଶନ ଭୁବନେଶ୍ୱରର ପ୍ରିନ୍ସିପାଲ ପ୍ରଫେସର ଗାୟତ୍ରୀ ମହାନ୍ତି, ନ୍ୟୁ ଲାଇଫ୍‌ ଏଜୁକେଶନର ଟ୍ରଷ୍ଟର ସରୋଜ କୁମାର ପଟ୍ଟନାୟକ, ସ୍ୱାଭିମାନର ସିଇଓ ଡ. ଶ୍ରୁତି ମହାପାତ୍ର, ପିରାମଲ ଫାଉଣ୍ଡେଶନର ମୋନାଲ ଜୟରାମ, ବୋରିଗୁମା ସିଡିପିଓ ଗାୟତ୍ରୀ ବାହିନୀପତି କମିଟି ସଦସ୍ୟ ରହିଥିବାବେଳେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ କମିଟିର ଆବାହକ ସଦସ୍ୟ ରହିଛନ୍ତି।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ଲାଗୁ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସରଳୀକରଣ ହେବା ନେଇ ଆଶା କରାଯାଉଛି। ଏହି ପାଠ୍ୟକ୍ରମରେ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ। ବିଦ୍ୟାଳୟସ୍ତରରେ ଧନ୍ଦାମୂଳକ ଶିକ୍ଷା ଦିଆଯିବ। ବିଶେଷକରି ବିଦ୍ୟାଳୟସ୍ତରରେ ଓଡ଼ିଆ ଭାଷା କଳା ଓ ସଂସ୍କୃତିଗୁଡ଼ିକର ପ୍ରଚାରପ୍ରସାର କରାଯିବ। ଜାତୀୟ ଶୈଳୀକୁ କପି କରାଯିବ ନାହିଁ। ଓଡ଼ିଶାଭିତ୍ତିକ ନୂଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଏଥିରେ ଓଡ଼ିଶାର କଳା, ସଂସ୍କୃତି, ସଂସ୍କାର ଏବଂ ବ୍ୟବହାରକୁ ଅଧିକ ଗୁରୁତ୍ୱ ଦିଆଯିବ। ଏନେଇ ସବୁ ବର୍ଗର ଲୋକଙ୍କ ସହିତ ଆଲୋଚନା କରାଯିବ। ଜନଜାତି ଓ ଉପକୂଳବର୍ତ୍ତୀ ସବୁ ଅଞ୍ଚଳର ପିଲାମାନେ ଏଥିରେ ଉପକୃତ ହେବେ। ଆଦିବାସୀଙ୍କ ଜୀବନଶୈଳୀ, ଔଷଧ, ଚାଷକୁ ପ୍ରାଧାନ୍ୟ ଦିଆଯିବ। ଜିରୋ ଡ୍ରପ୍‌ ଆଉଟ୍‌ ହେବା ସହ ଗୁଣାତ୍ମକ ଶିକ୍ଷା ମିଳିପାରିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରାଯିବ। ଜାନୁଆରୀ ୨୧ରୁ ୨୩ ତାରିଖ ମଧ୍ୟରେ ଏକ ସମ୍ମିଳନୀ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଗୁରୁ ପଦ୍ମସମ୍ଭବଙ୍କୁ ଓଡ଼ିଶା ଲୋକେ ନ ଜାଣିବା ଦୁଃଖର କଥା



ସମୂହ ପ୍ରାର୍ଥନାରେ ସାମିଲ ହୋଇଥିବା ବୌଦ୍ଧ ସନ୍ନ୍ୟାସୀମାନେ।

### ସରିଲା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ

**ଚଣ୍ଡିଖୋଲ,୧୬।୧ (ପ୍ରଦୀପ୍ତ କୁମାର ପୃଷ୍ଟି)**

ବିଶ୍ୱରେ ଶାନ୍ତି, ସଂହତି ଓ ଅହିଂସାର ମନ୍ତ୍ର ବାଣ୍ଟିବା ପାଇଁ ଯାଜପୁର ଜିଲାର ଉଦୟଗିରିଠାରେ ଚାଲିଥିବା ୫ ଦିନିଆ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଗୁରୁ ପଦ୍ମ ସମ୍ଭବଙ୍କ ନାମରେ ହୋଇଥିବା ସମ୍ମିଳନୀରେ ୧୭ ଦେଶରୁ ୧୨ଶହ ବୌଦ୍ଧ ସନ୍ନ୍ୟାସୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ସେମାନେ ସମ୍ମିଳିତ ହୋଇ ଉଦୟଗିରିଠାରେ ଥିବା ମାଧବପୁର ମହାବିହାର ନିକଟରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଶେଷ ପ୍ରାର୍ଥନା ସଭାରେ ଲାଇଟ୍‌ ଅଫ୍‌ ବୁଦ୍ଧଧର୍ମ ଫାଉଣ୍ଡେଶନର ଅନ୍ତର୍ଜାତୀୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ୱାଙ୍ଗ ମୋ ଡିକ୍ସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଆସନ୍ତା ବର୍ଷ ମଧ୍ୟ ଗୁରୁପଦ୍ମ ସମ୍ଭବଙ୍କ ସମାବେଶ କରାଯିବ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ।

ଏହି ଅବସରରେ ତିବ୍ବତର ଧର୍ମଗୁରୁ ରଞ୍ଜନ ରୀନପୋକେ ଯୋଗଦେଇ କହିଥିଲେ, ଗୁରୁ ପଦ୍ମ ସମ୍ଭବ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ। ସେ ଦୀର୍ଘ ଦିନ ଧରି ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କରିଥିଲେ। ହୀରକ ତ୍ରିଭୁଜ ଅନ୍ତର୍ଗତ ଉଦୟଗିରି, ଲଳିତଗିରି ଓ ରତ୍ନଗିରିରେ ସେ ରହିଥିଲେ। ଓଡ଼ିଶାରେ ବୌଦ୍ଧ ଧର୍ମ ତାଙ୍କରି ସମୟରେ ବେଶି ପ୍ରଚାର ପ୍ରସାର ହୋଇଥିଲା। ସେ ଓଡ଼ିଶାର ହୋଇଥିବାବେଳେ ଓଡ଼ିଶା ଲୋକେ ତାଙ୍କୁ ନ ଜାଣିପାରିବା ଦୁଃଖର କଥା। ସେ ହେଉଛନ୍ତି ବୌଦ୍ଧଧର୍ମର ପ୍ରଥମ ଗୁରୁ ଓ ଦ୍ୱିତୀୟ ବୁଦ୍ଧ ବୋଲି ରୀନପୋକେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଗ ମେ ନରୋବୁ ରୀନପୋକେ, କମଳା ରୀନପୋକେ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ସଂସ୍କୃତି ଗବେଷକ ସୁବ୍ରତ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ନୀଳଗିରିରେ ଦିଲ୍ଲୀ ପୋଲିସ ଜବତ କଲା ନଗଦ ୬ଲକ୍ଷ ସହ ସୁନା କଙ୍କଣ

**ନୀଳଗିରି,୧୬।୧ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ଦିଲ୍ଲୀର ଜଣଙ୍କ ଘରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ନୀଳଗିରି ଅଞ୍ଚଳର ୩ ଯୁବକ ପ୍ରାୟ ୧୦ଲକ୍ଷ ଟଙ୍କାର ସୁନା କଙ୍କଣ ସହିତ ନଗଦ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଦିଲ୍ଲୀ ପୋଲିସ ନୀଳଗିରି ଥାନାରେ ପହଞ୍ଚି ଖୋଳତାଡ଼ କରିଥିଲା। ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ତାଙ୍କ ସ୍ତ୍ରୀ ନିକଟରୁ ନଗଦ ୬ଲକ୍ଷ ଟଙ୍କା ଓ ସୁନା କଙ୍କଣ ଜବତ କରାଯାଇଛି। ଅଧିକ ତଥ୍ୟ ପାଇଁ ନୀଳଗିରି ଥାନାକୁ ଅଣାଯାଇ ପଚରାଉଚୁରା କରାଯାଉଛି। ଅନ୍ୟ ଦୁଇ ସହଯୋଗୀ କୁହାଯାଉଥିବା ଯୁବକ ମଧ୍ୟ ଫେରାର ଅଛନ୍ତି।




# ଆଜିଠୁ ଶିମିଳିପାଳ ଜଗିବ ପୋଲିସ

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ), ୧୬।୧**

ପୂର୍ବାଞ୍ଚଳ ରେଞ୍ଜ ଅଧୀନ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଏସ୍‌ଟିଏଫ୍‌ ଟାସ୍କଫୋର୍ସ ଗଠନ କରାଯାଇଛି। ଶିକାରୀ ଉପରେ ନଜର ରଖିବା ପାଇଁ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସହ ପୋଲିସ ବିଭାଗ ସାମିଲ୍‌ ହୋଇଛି। ଏଥିପାଇଁ ମୟୂରଭଞ୍ଜ ଜିଲାର ୪୦ ଓ ବାଲେଶ୍ୱର ଜିଲାର ୫୦ଜଣ ପୋଲିସ କର୍ମଚାରୀଙ୍କୁ ବନ୍ଧୁକଚାଳନା ପ୍ରଶିକ୍ଷଣ ଦିଆଯାଇଛି। ଶୁକ୍ରବାରଠରୁ ବନ ବିଭାଗ ସହ ପୋଲିସ ମିଳିତ ଭାବେ ଶିମିଳିପାଳ ଜଗିବ ବୋଲି ବାଲେଶ୍ୱରସ୍ଥିତ ଡିଆଇଜି ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ୍‌ ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗତ ୧୫ ତାରିଖରେ ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା ଏକ କଳା ମହାବଳ ବାଘଛାଲ ଓ ନଖ ବନ ବିଭାଗ ଜବତ କରିଥିଲା। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୦ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଡିଆଇଜି କହିଥିଲେ। ବିଭିନ୍ନ ସମୟରେ ଶିମିଳିପାଳରେ ବାଘ ଛାଲ, ଦେଶୀ ବନ୍ଧୁକ ଜବତ ହେଉଛି। ଶିକାରୀଙ୍କ ଉପରେ କଡ଼ା ନଜର ରଖିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ଯେଉଁ ଫୋର୍ସ ଗଠନ କରାଯାଇଛି ସେଥିରେ ପୋଲିସର ଏପିଆର ଫୋର୍ସ କାର୍ଯ୍ୟ କରିବ। ଫ୍ଲାଗମାର୍ଚ୍ଚ ସମେତ ବନ ବିଭାଗ ସହ ପୋଲିସ ପାଟ୍ରୋଲିଂ କରିବ। ବନ ବିଭାଗ ଏହି ଟିମ୍‌କୁ ଲିଡ୍‌ କରୁଥିବା ବେଳେ ପୋଲିସ କେବଳ ସେମାନଙ୍କୁ ସହାୟତା ପ୍ରଦାନ କରିବ। ଏପରିକି ଜଙ୍ଗଲ ମଧ୍ୟରେ କୌଣସି ପ୍ରକାର ଅଘଟଣ ଘଟିଲେ ବନ ବିଭାଗର ନିର୍ଦ୍ଦେଶରେ ଗୁଳି ଚାଳନା ନିମନ୍ତେ ପୋଲିସକୁ ଟ୍ରେନିଂ ଦିଆଯାଇଥିବା ଡିଆଇଜି କହିଛନ୍ତି। ଶିମିଳିପାଳରେ ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ପ୍ରାଥମିକ ସ୍ତରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାବ୍ୟତୀତ ଜଙ୍ଗଲରେ ଲଗାଯାଇଥିବା ଏଆଇ କ୍ୟାମେରା, ଟ୍ରାପ୍‌ କ୍ୟାମେରା ମାଧ୍ୟମରେ ଜୀବଜନ୍ତୁ ଓ ଶିକାରୀଙ୍କ ଗତିବିଧି ଲକ୍ଷ୍ୟ କରାଯାଉଛି । ଏପରିକି ଗତ ୩ମାସ ମଧ୍ୟରେ ୪୦ଟି ଦେଶୀବନ୍ଧୁକ ଜବତ କରାଯାଇଛି। ଶିକାରୀଙ୍କଠାରୁ ମିଳିଥିବା ବନ୍ଧୁକଗୁଡ଼ିକୁ ଜବତ କରାଯାଇ ଫରେନସିକ ଲାବୋରେଟୋରୀକୁ ପଠାଯାଉଥିବା ଡିଆଇଜି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି, ବନ ବିଭାଗ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ପାଦରେ ଚାଲିଚାଲି ପାଟ୍ରୋଲିଂ କରିବେ। ଏହା ବ୍ୟତୀତ ଶିମିଳିପାଳ ସଂଲଗ୍ନ ଅଧିବାସୀମାନଙ୍କୁ ଶିକାର ନ କରିବା ପାଇଁ ସଚେତନ କରିବେ।



> ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। -ଶ୍ରୀମା

# ଟ୍ରମ୍ପ, ଚାଇନା ଓ କରୋନା



ବ୍ରହ୍ମ ଚେଲାନି

କୋଭିଡ୍-୧୯ ବା କରୋନା ମହାମାରୀରେ ବିଶ୍ୱର ପାଖାପାଖି ୭୧ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା, ଯାହାଦ୍ୱାରା ୨୦୧୯ରୁ ୨୦୨୧ ମଧ୍ୟରେ ବୈଶ୍ୱିକ ସମ୍ଭାବିତ ଆୟୁଷ ୧.୬ ବର୍ଷ ହ୍ରାସ ପାଇଥିଲା। ମହାମାରୀ ଅନେକ ଦେଶରେ ଅର୍ଥ ବ୍ୟବସ୍ଥା, ଜୀବନ ଜୀବିକାକୁ ଧୂଳିସାତ୍ କରିଦେବା ସହ ସାମାଜିକ ବନ୍ଧନକୁ ପ୍ରଭାବିତ କରିଥିଲା। ତଥାପି ଏହି ମହାମାରୀ ପାଇଁ କାହାକୁ ଦାୟୀ କରାଯାଇ ନାହିଁ। ତେବେ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ଡୋନାଲ୍ଡ ଟ୍ରମ୍ପ୍ କାହାକୁ ଦାୟୀ କରିବେ କି? ସାର୍ସ କୋଭ୍-୨ (କୋଭିଡ୍-୧୯ ସୃଷ୍ଟି କରୁଥିବା ଜୀବାଣୁ) ଆବିର୍ଭାବ ହେବାର ପାଞ୍ଚବର୍ଷ ପରେ ମଧ୍ୟ ଏହି ଭୂତାଣୁ ପ୍ରଥମେ କେଉଁଠାରେ ସୃଷ୍ଟି ହୋଇଥିଲା ସେ ସମ୍ପର୍କରେ ଆମେ ଜାଣିପାରି ନାହୁଁ। ଚାଇନାର ଉହାନ୍‌ର ମାଛମାଂସ ବିକ୍ରି ବଜାରରେ ଏହା ସ୍ୱାଭାବିକ ଭାବରେ ଉତ୍ପନ୍ନ ହୋଇଥିଲା ନା ବାଦୁଡ଼ି କରୋନା ଜୀବାଣୁ ଉପରେ ଅଧ୍ୟୟନ ଚାଲିଥିବା ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭିରୋଲୋଜି (ଡବ୍ଲ୍ୟୁଆଇଭି)ରୁ ବାହାରକୁ ଆସିଥିଲା?

ଆମେ ଜାଣୁ ଯେ, ଚାଇନା ସରକାର ସ୍ଥାନୀୟ ଅଞ୍ଚଳରେ ଦେଖାଦେଇଥିବା କୋଭିଡ୍ ଭୂତାଣୁକୁ ଏକ ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟରେ ପରିଣତ କରିଥାଇପାରନ୍ତି। ଉହାନ୍‌ରେ ପ୍ରଥମ କୋଭିଡ୍-୧୯ ସଂକ୍ରମଣ ଜଣାପଡ଼ିବା ପରେ ଚାଇନା ରାଷ୍ଟ୍ରପତି ଶି. ଜିନ୍‌ପିଙ୍ଗଙ୍କ ଶାସନ କରୋନା ସମ୍ପର୍କିତ ରିପୋର୍ଟକୁ ଚପାଇ ଦେଇଥିଲା ଏବଂ ମଣିଷଠୁ ମଣିଷକୁ ସଂକ୍ରମଣ ବ୍ୟାପିବାର ପ୍ରମାଣକୁ ବି ଗୁପ୍ତ ରଖିଥିଲା। ଏହି ସମୟରେ, ଉହାନ୍‌କୁ ବିନା ବାଧାରେ ଯିବାଆସିବାକୁ ଅନୁମତି ଦିଆଯାଇଥିଲା। ଚାଇନା ସରକାର କରୋନା ଭାଇରସକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକାଇ ରଖିପାରିଲେ ନାହିଁ କିମ୍ବା ରହସ୍ୟ ବାହାରକୁ ଆସିଲା ପରେ ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକ ଏହାକୁ ଅଣଦେଖା କରିପାରିଲ ନାହିଁ। କୋଭିଡ୍-୧୯ରେ ଶୀଘ୍ର ଅଧିକ ଲୋକ ସଂକ୍ରମିତ ହେଲେ। ଡାକ୍ତରଖାନାରେ ରୋଗୀ ଭର୍ତ୍ତି ହୋଇଗଲେ, ଏପରି କି ଅନେକ ପୀଡ଼ିତଙ୍କୁ ତମ୍ବୁରେ ଚିକିତ୍ସା କରିବାକୁ ପଡ଼ିଲା। ପରେ ଚାଇନା ସରକାର ତଥ୍ୟକୁ ଲୁଚାଇବା କାର୍ଯ୍ୟକୁ ଛାଡ଼ି ମହାମାରୀର ବିଧ୍ୱଂସକ ପ୍ରଭାବକୁ ସୀମିତ କରିବାକୁ କାର୍ଯ୍ୟ ଆରମ୍ଭ କରିଦେଲେ। ଉହାନ୍‌ରେ ସୃଷ୍ଟି ହୋଇଥିବା ସଙ୍କଟକୁ ଆୟତ୍ତ କରିବାର ସଫଳ କାହାଣୀକୁ ସେହି ଦେଶର ଗଣମାଧ୍ୟମ ପ୍ରଚାର କରିବା ସହ ମୃତ୍ୟୁହାରକୁ କମ୍ କରି ଦର୍ଶାଇଥିଲା। ସେହି ସମୟରେ କୋଭିଡ୍-୧୯ର ଜେନେସିସ୍ ଉପରେ ଏକ ନିରପେକ୍ଷ ଫୋରେନ୍‌ସିକ ଅନୁସନ୍ଧାନ ଆରମ୍ଭ କରିବାକୁ ଶି. ଅନ୍ତର୍ଜାତୀୟ ଉଦ୍ୟମକୁ ବାଧା ଦେଇଥିଲେ ଏବଂ କହିଥିଲେ ଯେ, ଆତଙ୍କବାଦ ଏହାର ସୃଷ୍ଟିର କାରଣ। ପରେ ଚାଇନା ନିୟନ୍ତ୍ରଣରେ ୨୦୨୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ ଏହା ଏକ ଅନୁସନ୍ଧାନକୁ ଅନୁମତି ଦେଇଥିଲେ।



ମହାମାରୀ ସଂକ୍ରମଣର ପ୍ରଥମ କିଛି ମାସରେ ଆମେରିକାର ରାଷ୍ଟ୍ରପତି ଥିଲେ ଟ୍ରମ୍ପ୍। ଚାଇନା ଏବଂ କୋଭିଡ୍-୧୯ ମଧ୍ୟରେ ସମ୍ପର୍କ ଥିବା ବିଷୟ ସେ ବହୁବାର ସୂଚିତ କରିଥିଲେ। କିନ୍ତୁ ଟ୍ରମ୍ପ୍‌ଙ୍କ ପରେ ରାଷ୍ଟ୍ରପତି ଜୋ. ବାଇଡେନ ଚାଇନାକୁ ସମ୍ପୂର୍ଣ୍ଣ ଭାବେ ଛାଡ଼ି ଦେଇଥିଲେ। ରାଷ୍ଟ୍ରପତି ଭାବେ ଶପଥ ନେବାର ଏକ ସପ୍ତାହରୁ କମ୍ ସମୟ ମଧ୍ୟରେ ବାଇଡେନ ଏକ ପ୍ରେସିଡେଣ୍ଟାଲ ସ୍ମାରକପତ୍ର ପ୍ରସ୍ତୁତ କରି ଫେଡେରାଲ ଏଜେନ୍ସିଙ୍କୁ ଭାଇରସର ଭୌଗୋଳିକ ଉତ୍ପତ୍ତି ବିଷୟରେ ସେଥିରେ ଉଲ୍ଲେଖ ନ କରିବାକୁ କହିଥିଲେ। ଏସୀୟ ଆମେରିକୀୟ ତଥା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପମାଳାରେ ରହୁଥିବା ଲୋକଙ୍କ ଉପରେ ଗାଳିଗୁଲଜ, ନିର୍ଯାତନା ଏବଂ ଘୃଣା ବୃଦ୍ଧିକୁ ରୋକିବା ଥିଲା ବାଇଡେନଙ୍କ ଲକ୍ଷ୍ୟ। ଦେଖିବାକୁ ଗଲେ ଆମେରିକାର ପକ୍ଷପାତପୂର୍ଣ୍ଣ ରାଜନୀତିର ନକାରାତ୍ମକ ଦିଗ ହେଉଛି ବର୍ଣ୍ଣବିଦ୍ୱେଷ(ଯାହା ଟ୍ରମ୍ପ ଏବଂ ତାଙ୍କ ସହଯୋଗୀ ବୃଦ୍ଧି କରିଥିଲେ) ବିରୋଧରେ ପଛଘୁଞ୍ଚା ଦେବା। ଏହାର କ୍ଷତିକାରକ ଦିଗ ହେଉଛି କୋଭିଡ୍ ସଙ୍କଟ ସୃଷ୍ଟି କରିବାରେ ଚାଇନାର ଭୂମିକା ବିଷୟରେ ଆଲୋଚନାକୁ ବନ୍ଦ କରିବା। ସୋସିଆଲ ମିଡିଆ ପ୍ଲାଟଫର୍ମ, ମୁଖ୍ୟ ଧାରା ଗଣମାଧ୍ୟମ ଏବଂ ଆମେରିକାର କେତେକ ବିଶିଷ୍ଟ ବୈଜ୍ଞାନିକ ମଧ୍ୟ କୋଭିଡ୍-୧୯ ବିଷୟରେ ବିତର୍କକୁ ଦବାଇ ଦେବାରେ ସାହାଯ୍ୟ କରିଥିଲେ। କୋଭିଡ୍-୧୯ ପାଇଁ ଚାଇନା ଭୂମିକା ଉପରେ ଅନୁସନ୍ଧାନ କରାଯିବ କି ନାହିଁ ତାହା ଉପରେ ଦୁଇ ଦଳର ମତଭେଦ ଆଜି ପର୍ଯ୍ୟନ୍ତ ଲାଗି ରହିଛି। ଗତ ମାସରେ, ରିପବ୍ଲିକାନ ନିୟନ୍ତ୍ରିତ ୟୁଏସ୍ ହାଉସ୍ ସିଲେକ୍ଟ ସବ୍‌କମିଟି କରୋନା ମହାମାରୀ ଉପରେ ଦୁଇ ବର୍ଷର ଅନୁସନ୍ଧାନ କରି ପ୍ରସ୍ତୁତ କରିଥିବା ଏକ ୫୨୦ ପୃଷ୍ଠାର ରିପୋର୍ଟକୁ ଡେମୋକ୍ରାଟ୍‌ମାନେ ବିରୋଧ କରିଥିଲେ। ଏହି ରିପୋର୍ଟରେ ଦର୍ଶାଯାଇଥିବା କରୋନା ଭାଇରସ ଡବ୍ଲ୍ୟୁଆଇଭି ପରୀକ୍ଷାଗାରରୁ ବାହାରକୁ ଆସିଥିବା ସମ୍ଭାବନାକୁ ଅସ୍ୱୀକାର କରି ରିପୋର୍ଟ ପ୍ରସ୍ତୁତିରେ ତ୍ରୁଟି ରହିଥିବା କହିଥିଲେ। ଏଣୁ ପରୀକ୍ଷାଗାର ସିଦ୍ଧାନ୍ତ ବାହାରକୁ ଆସିବାରେ ଆମେରିକାର ଶକ୍ତି ବିଭାଗ ଏବଂ ଏଫ୍‌ବିଆଇ ସହିତ କେତେକ ସରକାରୀ ଏଜେନ୍ସିଙ୍କୁ ଶ୍ରେୟ ଦିଆଯାଇଥିବାବେଳେ ଏହା ଉପରେ ୱାଶିଂଟନରେ କୌଣସି ସହମତି ପ୍ରକାଶ ପାଇନାହିଁ।

କୋଭିଡ୍-୧୯ ଉତ୍ପତ୍ତିର ସ୍ଥାନ ନିର୍ଦ୍ଧାରଣ କରିବାରେ ବିଫଳତା ଯୋଗୁ ବିପର୍ଯ୍ୟୟ ପାଇଁ ଚାଇନାକୁ ଦାୟୀ କରାଯାଇ ନ ପାରେ। ଏଭଳି ବିଫଳତା ମଧ୍ୟ ଅନ୍ୟ ଏକ ମହାମାରୀର ମୁକାବିଲାରେ ବିଶ୍ୱର ଦକ୍ଷତାକୁ ଦୁର୍ବଳ କରିଛି। ଆଶା କରାଯାଏ ଯେ, ଆସିବାକୁ ଥିବା ଟ୍ରମ୍ପ ପ୍ରଶାସନ ଏହାର ସମାଧାନ ପାଇଁ ପୁନର୍ବାର ଅନୁସନ୍ଧାନ କରିବେ। ଚାଇନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାରେ ଟ୍ରମ୍ପଙ୍କ ଇଚ୍ଛା ରହିଛି। ଉଲ୍ଲେଖନୀୟ ଯେ, ବଛାଯାଇଥିବା ତାଙ୍କ କ୍ୟାବିନେଟର ସ୍ୱାସ୍ଥ୍ୟ ଏବଂ ମାନବ ସେବା ସଚିବ ରବର୍ଟ ଏଫ କେନେଡି, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ (ଏନ୍‌ଆଇଏଚ୍)ର ନିର୍ଦ୍ଦେଶକ ଜୟ ଭଟ୍ଟାଚାର୍ଯ୍ୟ କୋଭିଡ୍-୧୯ ସମ୍ପର୍କିତ ରିପୋର୍ଟକୁ ଚ୍ୟାଲେଞ୍ଜ କରିଥିଲେ।

ଏକ ପ୍ରଭାବଶାଳୀ ଅନୁସନ୍ଧାନ କ୍ଷେତ୍ରରେ ଆମେରିକାର ଅତ୍ୟଧିକ ସ୍ୱଚ୍ଛତା ରହିବା ଦରକାର। ଆମେରିକା ସରକାରଙ୍କ ମେଡିକାଲ ଗବେଷଣା ସଂସ୍ଥା ଏନ୍‌ଆଇଏଚ୍ ୨୦୧୪ ପର୍ଯ୍ୟନ୍ତ ଡବ୍ଲ୍ୟୁଆଇଭିରେ ବଦୁଡ଼ି କରୋନା ଭାଇରସ ଉପରେ ଗବେଷଣା କରିବାକୁ ପାଣ୍ଠି ଯୋଗାଉଥିଲା। ଏହି କାର୍ଯ୍ୟ ବିପଦପୂର୍ଣ୍ଣ ବୋଲି ଏନ୍‌ଆଇଏଚ୍ ଜାଣିଥିଲା। ଏହା ଚାଇନାରେ କରାଯାଉଥିଲା, କାରଣ ଆମେରିକାରେ ଅଣୁଜୀବର ଆନୁବଂଶିକ ସଂରଚନାକୁ ନୂତନ ରୂପ ପ୍ରଦାନ କରିବା ଭଳି ଗବେଷଣା ଉପରେ କଠୋର ନିୟମ ରହିଛି। ଡବ୍ଲ୍ୟୁଆଇଭିରେ ଗବେଷଣା ଜାରି ରଖିବା ପାଇଁ ଏନ୍‌ଆଇଏଚ୍ ପାଣ୍ଠି ଯୋଗାଇ ଚାଲିଥିଲା। ଏପରି କି ଅନେକ ଷ୍ଟେଟ ଡିପାର୍ଟମେଣ୍ଟ ଡବ୍ଲ୍ୟୁଆଇଭିର ସୁରକ୍ଷା ମାନକ ଦୁର୍ବଳ ଥିବା ଦର୍ଶାଇଥିଲେ ମଧ୍ୟ ଏନ୍‌ଆଇଏଚ୍ ମାନି ନ ଥିଲା, କେବଳ ମହାମାରୀ ଆରମ୍ଭ ହେବା ପରେ ତାହା ବନ୍ଦ କରିଥିଲା। ସେତେବେଳେ ଅନୁସନ୍ଧାନର ଲେଖାକୁ ମଧ୍ୟ ତା' ୱେବ୍‌ସାଇଟରୁ ହଟାଇ ଦେଇଥିଲା।

ଅନ୍ତତଃପକ୍ଷେ ଆମେ ଜାଣୁ ଯେ, ଡବ୍ଲ୍ୟୁଆଇଭି ୨୦୧୭ରୁ ଚାଇନା ସେନା ଦ୍ୱାରା ନିର୍ଦ୍ଧାରିତ ଅନେକ ଗବେଷଣା କରିଆସୁଛି। ତେଣୁ ଟ୍ରମ୍ପ୍ ପ୍ରଶାସନ ଚାଇନାରେ କରୋନା ଭାଇରସ ଗବେଷଣା ପାଇଁଆମେରିକା ଯୋଗାଉଥିବା ପାଣ୍ଠି ସମ୍ପର୍କରେ ସବିଶେଷ ବିବରଣୀ ସାମ୍ନାକୁ ଆଣିବା ଉଚିତ। ଗବେଷକଙ୍କୁ ମଧ୍ୟ ଠିକ୍ ତଥ୍ୟ ଅନୁସରଣ କରିବାକୁ ପଡ଼ିବ, ଅର୍ଥାତ୍ ପାଣ୍ଠି ଯୋଗାଇ ଚାଇନା ଓ ଆମେରିକାର ମିଳିତ ବୈଜ୍ଞାନିକ କାର୍ଯ୍ୟକ୍ରମରେ ଉହାନରେ କରାଯାଇଥିବା ଗବେଷଣାର ଫଳାଫଳକୁ ଆମେରିକା ପ୍ରକାଶ କରିବା ଦରକାର।

ମହାମାରୀ ପାଇଁ ଚାଇନାକୁ ଦାୟୀ କରିବା କେବଳ ଏକ ପଦକ୍ଷେପ ନୁହେଁ ବରଂ ମାନବ ଜାତିକୁ ଭବିଷ୍ୟତରେ ବଞ୍ଚାଇ ରଖିବା ପାଇଁ ଟ୍ରମ୍ପ୍ ପ୍ରଶାସନ ଆଉ ଏକ ମୌଳିକ ବିଷୟ ଉପରେ ଧ୍ୟାନଦେବାକୁ ହେବ। ଆନୁବଂଶିକ ବିକାଶ ପଦ୍ଧତିରେ ଅଣୁଜୀବର ଶାରୀରିକ କ୍ଷମତା ବୃଦ୍ଧି ପାଇଁ ଏବେ ମଧ୍ୟ ଚାଇନା, ରୁଷିଆ ଏବଂ ପାଶ୍ଚାତ୍ୟରେ ଗବେଷଣା ଚାଲିଛି। ବିଜ୍ଞାନ ଆଣବିକ ଅସ୍ତ୍ରଶସ୍ତ୍ର ବିକାଶ କରି ମାନବ ଜାତି ପ୍ରତି ଯେତିକି ବିପଦ ସୃଷ୍ଟି କରିଛି ତାହାଠାରୁ ଅଧିକ ବିପଦ ଆଣିବ ଭୂତାଣୁଗୁଡ଼ିକର ଆନୁବଂଶିକ ବୃଦ୍ଧିଜନିତ ଗବେଷଣା। ଏହା ମାନବ ଅସ୍ତିତ୍ୱ ପ୍ରତି ବଡ଼ ବିପଦ। ଏହିପରି କାର୍ଯ୍ୟକଳାପ ଉପରେ ଥିବା ନିୟମକୁ କଡ଼ାକଡ଼ି କରି କିମ୍ବା ଯଦି ସମ୍ଭବ ହୁଏ, ମହାମାରୀ ସୃଷ୍ଟି କରିପାରୁଥିବା ପରୀକ୍ଷାଗାର ଗବେଷଣାକୁ ନିଷେଧ କରିବା ଦରକାର। ଏହା କଲେ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ତଥା ସକାରାତ୍ମକ ପଦଚିହ୍ନ ଛାଡ଼ିଯିବେ।

**ଏମେରିଟସ୍ ପ୍ରଫେସର( ଷ୍ଟ୍ରାଟେଜିକ ଷ୍ଟଡିଜ),ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

## ଏଇ ଭାରତରେ

ମକା ଖାଇଲା ବେଳେ ତାହାକୁ ବାନ୍ଧି ରଖିଥିବା ତନ୍ତୁଜାତୀୟ ଖୋଳକୁ ବର୍ଜ୍ୟ ମନେକରି ବାହାରେ ଫିଙ୍ଗିଦିଆଯାଏ। ସମସ୍ତେ ଭାବନ୍ତି, ଏସବୁ ଅଦରକାରୀ ଜିନିଷ। କିନ୍ତୁ ବିହାର ମୁଜାଫରପୁରର ନାଜ୍ ଓଜେର ଏହି ବର୍ଜ୍ୟରୁ ଚକୋଲେଟ ଖୋଳ, ଚା କପ୍, ପାଉଚ, ପ୍ଲେଟ, ବ୍ୟାଗ ଓ ବ୍ୟାନର ଆଦି ଜିନିଷ ତିଆରି କରୁଛନ୍ତି। ନାଜ୍‌ଙ୍କ ପୁତୁରାଙ୍କର ୭ ବର୍ଷ ତଳେ କ୍ୟାନ୍‌ସରରେ ମୃତ୍ୟୁ ଘଟିଥିଲା। କ୍ୟାନ୍‌ସର ପଛରେ ପ୍ଲାଷ୍ଟିକ କଣିକା ଦାୟୀ ବୋଲି ସେ ବିଚାର କରି ତାହାର ସମାଧାନର ବାଟ ଖୋଜିଥିଲେ। ନାଜ୍ ଜଣେ ଏମ୍.ଟେକ୍ ଟିଚର ଥିଲେ। ତାହାକୁ ଛାଡ଼ି ଏହିସବୁ ଜିନିଷ ତିଆରି କରିବା ଲାଗି ଗବେଷଣା ଆରମ୍ଭ କରିଥିଲେ। ସେ ୧୦ ପ୍ରକାରରୁ ଅଧିକ ଜିନିଷ ମକା ବର୍ଜ୍ୟରୁ ତିଆରି କରୁଛନ୍ତି। ଦିନକୁ ଏଥିରୁ ୧୦୦୦ଟିରୁ ଅଧିକ ବିକ୍ରି କରୁଛନ୍ତି। ଏହି ସବୁ ଜିନିଷ ମଜଭୁତ ଏବଂ ସହଜରେ ମାଟିରେ ମିଶି ଯାଉଛି। ଏହି ସବୁ ଉତ୍ପାଦକୁ ଆଇଆଇଟି ପାଟ୍‌ନା ସ୍ୱୀକୃତି ପ୍ରଦାନ କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୭ ଜାନୁଆରୀ ୧୯୭୬**

- କଟକ, ପୁରୀ, ବାଲେଶ୍ୱର, ଢେଙ୍କାନାଳ ଓ କେନ୍ଦୁଝର ଜିଲାର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ଲୋକମାନଙ୍କୁ ସୁବିଧାରେ ପାନୀୟଜଳ ଯୋଗାଇଦେବା ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଭାରତ ଓ ଇରାନ ମଧ୍ୟରେ ଶିକ୍ଷା ଓ ସଂସ୍କୃତି ସହଯୋଗ ବୃଦ୍ଧି କରିବା ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆଙ୍ଗୋଲାରେ ବାମପନ୍ଥୀ ସୈନ୍ୟମାନଙ୍କ ବିରୁଦ୍ଧରେ ଲଢ଼େଇ ଚଳାଇଥିବା ଆମେରିକା ସମର୍ଥିତ ଏଫ୍‌ଏନ୍‌ଏଲ୍‌ଏ ବାହିନୀର ପତନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | 5 | | | 7 |
| | | | | 6 | | 1 | | |
| | 1 | 4 | | | | | | |
| 4 | | 9 | | 7 | | | | |
| | 7 | | 5 | | | | | 8 |
| | | 3 | | | | | 4 | |
| | | 6 | | | | 9 | | 3 |
| | | | | | | | 8 | |
| | 2 | | 3 | | 1 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 2 | 7 | 1 | 5 | 6 | 3 |
| 2 | 7 | 6 | 3 | 5 | 9 | 1 | 8 | 4 |
| 5 | 1 | 3 | 8 | 4 | 6 | 2 | 9 | 7 |
| 1 | 6 | 8 | 4 | 3 | 5 | 9 | 7 | 2 |
| 7 | 3 | 2 | 9 | 1 | 8 | 6 | 4 | 5 |
| 4 | 5 | 9 | 7 | 6 | 2 | 3 | 1 | 8 |
| 3 | 8 | 5 | 1 | 9 | 7 | 4 | 2 | 6 |
| 6 | 2 | 1 | 5 | 8 | 4 | 7 | 3 | 9 |
| 9 | 4 | 7 | 6 | 2 | 3 | 8 | 5 | 1 |

ଗତକାଲିର ଉତ୍ତର

# ପ୍ରତିଶ୍ରୁତି ରକ୍ଷା ପାଇଁ ଉଦ୍ୟମ



କିଶୋର ଚନ୍ଦ୍ର ବେହେରା

ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଏକତା ଓ ରାଷ୍ଟ୍ରର ସାର୍ବଭୌମତ୍ୱ ରକ୍ଷାକରିବା ପାଇଁ ଉତ୍ତମ ସରକାର ଓ ନିର୍ମଳ ଶାସନର ଆବଶ୍ୟକତା ପଡ଼ିଥାଏ। ଅଷ୍ଟାଦଶ ସାଧାରଣ ନିର୍ବାଚନ ଏବଂ ଓଡ଼ିଶାର ସପ୍ତଦଶ ରାଜ୍ୟ ବିଧାନସଭା ନିର୍ବାଚନ ଥିଲା ଭିନ୍ନ ତରିକା। ଭାଜପା ଓ କଂଗ୍ରେସ ରାଜ୍ୟରେ 'ଓଡ଼ିଆ ଅସ୍ମିତା' କୁ ମୁଖ୍ୟ ପ୍ରସଙ୍ଗକରି ଲୋକଙ୍କ ଭାବାବେଗ ସହ ରହିବାକୁ ରଣନୀତି ପ୍ରସ୍ତୁତ କରିଥିଲା ବେଳେ ବିଜୁ ଜନତା ଦଳ ୨୪ ବର୍ଷ ଶାସନର ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରୁଥିଲେ। ପ୍ରତି ରାଜ୍ୟର ଗର୍ବ ହେଉଛି ତାହାର ଭାଷା, ସଂସ୍କୃତି ଓ ସମ୍ପୃକ୍ତ ରାଜ୍ୟର ଜନତା। ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷା ପାଇଁ ଦିଲ୍ଲୀ ଦରବାରରେ ଲଢ଼େଇକଲେ ଓ ୨୦୧୪ ଫେବୃଆରୀରେ ୟୁପିଏ(ଉପା)ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ। ଇତିମଧ୍ୟରେ ୧୦ ବର୍ଷ ଅତିବାହିତ ହୋଇଯାଇଛି। ସମସ୍ତେ ଜାଣିଛନ୍ତି ଏହି ୧୦ ବର୍ଷ ଭିତରେ ଓଡ଼ିଆ ଭାଷା ପାଇଁ କେନ୍ଦ୍ର ସରକାର ଟଙ୍କାଟିଏ ଦେଇନାହାନ୍ତି କିମ୍ବା କୌଣସି ପଦକ୍ଷେପ ନେଇନାହାନ୍ତି। ଶାସ୍ତ୍ରୀୟ ମାନ୍ୟତା ପାଇଥିବା ସଂସ୍କୃତ, ତେଲୁଗୁ, ତାମିଲ, ମରାଠୀ ଭଳି ଭାଷାର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ଦେଇଛନ୍ତି।

ଆମେ ଓଡ଼ିଆ ଅସ୍ମିତା କଥା ଚିନ୍ତାକରିବା ପୂର୍ବରୁ ପ୍ରଥମେ ଓଡ଼ିଆ କିଏ ଚିନ୍ତା କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ଭୂଇଁ, ଓଡ଼ିଶାର ଭାଷା, ଓଡ଼ିଶାର ମଣିଷ ତଥା ସାହିତ୍ୟ ସଂସ୍କୃତିର କଥା କହୁଥିବା, ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ସଶକ୍ତୀକରଣର ସ୍ୱପ୍ନ ଦେଖୁଥିବା ଯୁଗସ୍ରଷ୍ଟାଙ୍କୁ ସଂକୀର୍ଣ୍ଣ ଆଞ୍ଚଳିକତାବାଦର ଅନ୍ଧାରି ଭାବାବେଗ ତିଳେ ହେଲେ ସ୍ପର୍ଶ କରିପାରିନାହିଁ ଆମର ସ୍ୱାଭିମାନ ଓ ଐତିହ୍ୟକୁ । ଆମେ ଯେଉଁ ଓଡ଼ିଶା ଭୂଖଣ୍ଡଟି ପାଇଛୁ ସେଇଟି ହିଁ ଥିଲା ସେହି ପ୍ରାଚୀନ ଭୂଖଣ୍ଡ, ଯାହା ଦିନେ ଜଣାଥିଲା କଳିଙ୍ଗ, ଉତ୍କଳ, ଉଡ୍ର ବା କୋଶଳ ରୂପେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ଭକ୍ତକବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନାରୀକବି କୁନ୍ତଳା କୁମାରୀ ସାବତ ଓ କର୍ମବୀର ଗୌରୀଶଙ୍କର ରାୟଙ୍କ ପରି ସାହିତ୍ୟ ମହାରଥୀମାନେ ଆମ ସମାଜ ପାଇଁ ସଦାସର୍ବଦା ଚିରସ୍ମରଣୀୟ ଓ ବନ୍ଦନୀୟ। ଏ ମାଟିର ସ୍ୱାଭିମାନର ସୁରକ୍ଷା ପାଇଁ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଶହୀଦ ବାଜି ରାଉତ, ଶହୀଦ ଲକ୍ଷ୍ମଣ ନାଏକଙ୍କ ପରି ବୀର ସଂଗ୍ରାମୀମାନଙ୍କର ଦେଶ ପ୍ରୀତି ଅବଦାନ ଅତୁଳନୀୟ। ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଆ କଳା ଓ ସଂସ୍କୃତି ଦେଶବିଦେଶରେ ଆମ ପରିଚୟକୁ ଆହୁରି ଉଜ୍ଜ୍ୱଳ କରୁଛି। ଦେଶ ବିଦେଶରେ ରହୁଥିବା ଓ ଭାଇଭଉଣୀମାନେ ସେମାନଙ୍କ ଦକ୍ଷତା ଦ୍ୱାରା ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି। ଏ ପବିତ୍ର ଭୂମି ଯୁଗେ ଯୁଗେ ସାରା ବିଶ୍ୱକୁ ଶାନ୍ତି, ପ୍ରେମ, ଅହିଂସା ଓ ସଦ୍ଭାବନାର ବାର୍ତ୍ତା ଦେଇଆସିଛି। ଆମର ଗୌରବମୟ ଇତିହାସ, ଉତ୍କୃଷ୍ଟ କଳାଭାସ୍କର୍ଯ୍ୟ, ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ନଦୀ, ପର୍ବତବେଷ୍ଟିତ ଭୂଗୋଳ, ସମୃଦ୍ଧ ଭାଷା, ସାହିତ୍ୟ, ସଂସ୍କୃତି , ଓଡ଼ିଆ ପରମ୍ପରା, ବିପୁଳ ଖଣିଜ



ସମ୍ପଦ, ସୁଦୀର୍ଘ ବେଳାଭୂମି ଓ ପର୍ଯ୍ୟଟନ ବିଭବ ଓ ଭାରତବର୍ଷର ଏକ ଅନନ୍ୟ ଓ ଅନବଦ୍ୟ ରାଜ୍ୟ ଭାବେ ପ୍ରତିପାଦିତ କରିଛି । ଆମର ବୌଦ୍ଧିକ ଓ ଆଧ୍ୟାତ୍ମିକ ଚେତନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ପରିପୁଷ୍ଟ ହୋଇ ଆମକୁ ବିଶ୍ୱର ଏକ ଶ୍ରେଷ୍ଠ ଜାତିରେ ପରିଣତ କରିଛି। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି, ଶ୍ରମିକଙ୍କ ଜୀବନ ଜୀବିକାର ଉନ୍ନତି ଏବଂ ମୌଳିକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ ପାଇଁ ସମସ୍ତଙ୍କର ପ୍ରଚେଷ୍ଟା ରହିବାର ଆବଶ୍ୟକତା ରହିଛି। ଏ ଜାତିର ବିକାଶ ନିମନ୍ତେ ସରକାରୀ ସ୍ତରରୁ ଆରମ୍ଭକରି ସମସ୍ତ ଜନପ୍ରତିନିଧିଙ୍କ ପର୍ଯ୍ୟନ୍ତ ସତ୍ୟନିଷ୍ଠ ଓ ସାଧୁତାର ସହ ଯଦି କାର୍ଯ୍ୟ କରିବେ ତେବେ ରାଜ୍ୟର ପ୍ରଗତି ଓ ସମୃଦ୍ଧି ହୋଇପାରିବ।

ଭାରତୀୟ ଜନତା ପାର୍ଟି ରାଜ୍ୟ ଶାଖାର ନିର୍ବାଚନୀ ଇସ୍ତାହାରରେ ଓଡ଼ିଆ ଅସ୍ମିତାର ସମୂହ ଧ୍ୱନି ମନକୁ ବି ଛୁଇଁଗଲା । ଯାହାର ଫଳ ହେଲା ଭାଜପା ରାଜ୍ୟରେ ଶାସନ କ୍ଷମତାକୁ ଆସିଲା। ସରକାର ଗଠନର କିଛି ସମୟ ଅନ୍ତରରେ ସ୍ୱତନ୍ତ୍ର କ୍ୟାବିନେଟ୍ ବୈଠକ ଡାକି ପରଦିନ ଓଡ଼ିଆ ଜାତିର ସାଢ଼େ ୪କୋଟିଙ୍କ ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ୪ଦ୍ୱାର ଖୋଲାଯିବାରୁ ଜଗନ୍ନାଥପ୍ରେମୀଙ୍କ ମନରେ ଆନନ୍ଦ ଖେଳିଯାଇଥିଲା। ଯେଉଁ 'ଓଡ଼ିଆ ଅସ୍ମିତା' ଶବ୍ଦ ଭାରତୀୟ ଜନତା ପାର୍ଟି ପାଇଁ ନିର୍ବାଚନ ସମୟରେ ରାଜନୈତିକ ପରିଭାଷା ଥିଲା, ଉକ୍ତ ଶବ୍ଦକୁ ଜାତୀୟ ସ୍ତରରେ ନିଜର ସ୍ୱାଭିମାନ ବଜାଇରଖିବା ପାଇଁ ସରକାର ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ସମ୍ପ୍ରତି ଗ୍ରାମାଞ୍ଚଳରୁ ଆରମ୍ଭକରି ରାଜ୍ୟସ୍ତରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରିବା ସହ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଜାତୀୟ ସେବା ଯୋଜନା ପକ୍ଷରୁ ଓଡ଼ିଆ ଅସ୍ମିତା ଶିବିର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ନଭେମ୍ବର ୩୦ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୧୯ଟି ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୨୦୦ ଛାତ୍ରୀଛାତ୍ର ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ନେଇ ଆଲୋଚନା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇସାରିଛି। ପୁନଶ୍ଚ 'ଓଡ଼ିଆ ଅସ୍ମିତା' ବାସ୍ତବତାରେ ପରିଣତ ହୋଇପାରିବ ଯେତେବେଳେ ପ୍ରତ୍ୟେକ ନିଜେ ଓଡ଼ିଆ ହୃଦୟଙ୍ଗମକରି ଗର୍ବରେ କହିବାକୁ ପଡ଼ିବ ଓଡ଼ିଆ କହୁଥିବା ଶେଷ ବ୍ୟକ୍ତି ଜଣକ ମୁଁ। ଆମେ ଏଠି ଗଳାଫଟାଇ ଚିତ୍କାରକରି କହୁଛି, ମାତୃଭାଷାର ସୁରକ୍ଷା। କିନ୍ତୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଅନେକ ସଚେତନତା ଶୋଭାଯାତ୍ରା ଓ ପ୍ରଚାରପ୍ରସାର କରୁଥିଲେ ମଧ୍ୟ ସେ ସରକାରୀ ଦପ୍ତର ହେଉ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆ ଫଳକ ଲେଖା ପ୍ରତିବଦଳରେ ଦେଖିବାକୁ ମିଳୁଛି ଇଂରାଜୀର ଲେଖା। ପଚାରିଲେ ଉତ୍ତର ଆସେ ଇଂରାଜୀ ଲେଖା ଦ୍ୱାରା ଯୋଗାଯୋଗର ପ୍ରକ୍ରିୟା ସହଜ ହୋଇଥାଏ। ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ନିଜ ମାତୃଭାଷାର ସୁରକ୍ଷା ପ୍ରତି ଯେତେ ସଚେତନ , ଆମମାନଙ୍କ ଭିତରେ ସେତିକି ଭଲପାଇବା ଦେଖିବାକୁ ମିଳୁନାହିଁ। ସାଧାରଣ ଅର୍ଥରେ ଅସ୍ମିତା କହିଲେ ଯାହାକୁ ନେଇ ଆମର ପରିଚୟ ଓ ଅସ୍ତିତ୍ୱ ଗଢ଼ିଉଠିଛି ତାହାହିଁ ଅସ୍ମିତା। ଏହି ଅସ୍ମିତା ଗୋଟିଏ ଜାତିର ପରିଚୟ ଓ ସ୍ୱାଭିମାନର ମୂଳଉତ୍ସ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର, କୋରାପୁଟ**
**ମୋ:୯୪୩୭୯୫୫୫୬୮**

# ସାମ୍ପ୍ରତିକ ଶିକ୍ଷା ଓ ଶିକ୍ଷାୟତନ ସମସ୍ୟା



ପ୍ରଶାନ୍ତ କୁମାର ଜେନା

ଅଧୁନା ସମାଜରେ ଶିକ୍ଷା ଏକ ପ୍ରସଙ୍ଗଭିତ୍ତିକ ପ୍ରବନ୍ଧ ସଦୃଶ ସବୁଠି ଚର୍ଚ୍ଚାର ବିଷୟବସ୍ତୁ; ହୁଏତ ସେ ପୁରାତନ ଶିକ୍ଷାର ବିଷୟବସ୍ତୁର ଶୀର୍ଷକ ମଳିନ ପଡିଯାଇ ନୂତନତା ଭରିଯାଇଛି। ଯେଉଁଠି ଶିକ୍ଷାର୍ଥୀର ଭାବ ଶୈକ୍ଷିକ ବାତାବରଣ ମଧ୍ୟରେ ବଦଳିଯାଇଛି। ଶିକ୍ଷା ଏବଂ ସଂସ୍କୃତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଥିଲେ ମଧ୍ୟ ଶିକ୍ଷା କେତେବେଳେ ସଂସ୍କୃତିକୁ ଛାଡ଼ି ନଚେତ୍ ସଂସ୍କୃତି ଶିକ୍ଷାକୁ ଛାଡ଼ି ପରସ୍ପର ମଧ୍ୟରେ ଧାବମାନ ପ୍ରତିଯୋଗିତାରେ ଅଂଶଗ୍ରହଣ କଲାପରି ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇପଡିଛନ୍ତି। ଯାହା କି ଶିକ୍ଷା ବ୍ୟବସ୍ଥାକୁ ଆମୂଳଚୂଳ ପରିବର୍ତ୍ତନ କରିଦେଇଛି। ସମୟ ଥିଲା ଶିକ୍ଷାର ପରିଧି ଘାସକଟାଠାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ସବୁଠି ସହାୟକର ଭୂମିକା ନେଉଥିଲା, ହେଲେ ଅଧୁନା ଶିକ୍ଷାର ମାନଦଣ୍ଡ ଏବଂ ଶୈକ୍ଷିକ କେନ୍ଦ୍ରବିନ୍ଦୁ ବଦଳି ଯାଇଛି । ଯୁଗଯୁଗ ଧରି ଯେଉଁ ଶିକ୍ଷା ଅନ୍ଧକାରରୁ ଆଲୋକକୁ ନେବାରେ ପଥପ୍ରଦର୍ଶକ ସାଜିଥିଲା ଆଜି ସେହି ଶିକ୍ଷା ସ୍ୱୟଂ ଅନ୍ଧକାରାଚ୍ଛାଦିତ ବାତାବରଣ ଭିତରେ ନିଜେ ହଜିଯାଇଛି। ବହୁ ସ୍ୱଳ୍ପ ଶିକ୍ଷିତ ଯୁବଗୋଷ୍ଠୀ ନିଜକୁ ଶିକ୍ଷାର ସର୍ବେସର୍ବା ଭାବି ଶିକ୍ଷକର ପରିଚୟ ଦେଇ ଅଳ୍ପ ବିଦ୍ୟା ଭୟଙ୍କର ପ୍ରବାଦର ମାନକୁ ବଢ଼ାଇଛନ୍ତି। ଆଉ ଯେତେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର ମଧ୍ୟରେ ରହି ଆଧୁନିକ ଭ୍ରାମ୍ୟମାଣର ବ୍ୟବହାର ଏବଂ ନକଲୀକରଣକୁ ଶିକ୍ଷାର ମାପକାଠି ଏବଂ କେନ୍ଦ୍ରବିନ୍ଦୁ ନେଇ ଶିକ୍ଷାକୁ କଳୁଷିତ କରିପକାଇଛନ୍ତି । ବାସ୍ତବରେ କୌଣସି ଶିକ୍ଷକ କିମ୍ବା କୌଣସି ଛାତ୍ରୀଛାତ୍ରଙ୍କୁ ମୁଁ କିମ୍ବା ମୋର ଲେଖା ମାଧ୍ୟମରେ ତାଙ୍କ ଭାବନାକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନୁହେଁ, ହେଲେ ବାସ୍ତବିକତାକୁ ପଛରେ ପକାଇ କଳ୍ପନାକୁ ସବୁକିଛି ଭାବିନେବାଟା ମଧ୍ୟ ଠିକ୍ ନୁହେଁ। ବର୍ତ୍ତମାନ ଶିକ୍ଷା ସମସ୍ୟାର ଅନ୍ୟ ଏକ ଦିଗ ହେଲା ମାତୃଭାଷାର ବିଲୋପ। ପୂର୍ବେ ମାତୃଭାଷାକୁ ବିଲୋପ କରିବାପାଇଁ ହୀନଚକ୍ରାନ୍ତକାରୀ ଗୋଷ୍ଠୀଙ୍କର ଯୋଜନା ସଫଳତାର ଶୀର୍ଷକୁ ଛୁଇଁବାରେ ବାଧାପ୍ରାପ୍ତ ହୋଇଥିଲା କେବଳ ସେ ସମୟର ଯୁଗ ସ୍ରଷ୍ଟା ସାହିତ୍ୟିକଗଣଙ୍କ ପାଇଁ। ସେମାନଙ୍କର ଲେଖା ହୁଏତ ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଆଲୋଡ଼ନ ସୃଷ୍ଟି କରିଥିଲା ଆମେ ଆମ ଭାଷାକୁ ବଞ୍ଚାଇ ରଖିବାର ପ୍ରୟାସ ମଧ୍ୟ ସେ ସମୟରେ କିଛି କମ୍ ନ ଥିଲା। ଅଧୁନା ଶିଶୁଟିଏ ଜନ୍ମରୁ ତା'ର ଭାଷା ସଙ୍ଗେ ସଂଘର୍ଷ କରୁଛି, ହୁଏତ ତା'ର ଶିକ୍ଷିତ ମା'ବାପାଙ୍କ ପାଇଁ । ଶିଶୁଟିର ଶୈଶବରୁ ତା' ପାଟିରେ ଯେଉଁଶବ୍ଦ ଉଚ୍ଚାରଣଯୋଗ୍ୟ ନୁହେଁ ତାକୁ ସେହି ଭାଷାରେ କହିବା ପାଇଁ ବାଧ କରାଯାଉଛି ଏବଂ ମାତୃଭାଷାକୁ ପଛରେ ପକାଇ ଇଂଲିଶର ଆଧିକ୍ୟକୁ ଦର୍ଶାଇ ଶିକ୍ଷିତ କରିବାର ଯେଉଁ ପ୍ରୟାସ, ତା' କ'ଣ ମାତୃଭାଷା ମାଧ୍ୟମରେ ସମ୍ଭବ ନୁହେଁ। ଆପଣମାନେ ଚିନ୍ତାକରନ୍ତୁ ଏଇ ଯେଉଁ ଶିକ୍ଷାର ଲକ୍ଷ୍ୟ ଥିଲା କେବଳ କ'ଣ ଶିକ୍ଷାଭିତ୍ତିକ ମୂଲ୍ୟାଙ୍କନ ହୁଏତ ଉତ୍ତର ହେବ ନା। କାରଣ ଶିକ୍ଷାର ଉଦ୍ଦେଶ୍ୟ ସମାଜର ଲୋକଙ୍କୁ ଶିକ୍ଷିତ କରାଇ ବଞ୍ଚିବାର ନୂଆ ରାହା ଦେଖାଇବା। ହେଲେ ସାମ୍ପ୍ରତିକ ସମୟର ଶୈକ୍ଷିକ ପରିବେଶର ବାତାବରଣ ମଧ୍ୟରେ ଶିକ୍ଷାକୁ ନେଇ ଯେଉଁ ଅନାସକ୍ତ ଭାବ ଏବଂ ଗଣ୍ଡଗୋଳ ଭଳି ପରିସ୍ଥିତି ଉପୁଜିବା ସହ ଶିକ୍ଷା ପ୍ରଶ୍ନପତ୍ର କେଲେଙ୍କାରି କେଉଁଠି ନା କେଉଁଠି ଶିକ୍ଷାବିତ୍‌ମାନଙ୍କ ଭାବନାକୁ ଆଘାତ ଦେଇଛି। ହୁଏତ ବର୍ତ୍ତମାନ ସେ ସମୟ ଆସିଛି 'କର ବା ମର' ପରିସ୍ଥିତିର। ଆମ୍ଭେମାନେ ଚାହିଁଲେ ଏହି ମାତୃଭାଷା ଚିରଦିନ ପାଇଁ ବଞ୍ଚିରହିବ ଏବଂ ଅନ୍ୟ ପାଇଁ ଦିଗ୍‌ଦର୍ଶନର ପ୍ରେରକ ସାଜିବ। ଯେଉଁଠି ଆମ୍ଭେମାନେ ସେ ମାତୃଭାଷାର ପ୍ରଚାରକ ଓ ପ୍ରସାରକ ଭୂମିକାରେ ଥିବା। ପରିଶେଷରେ ଏତିକି କହିବି ଯେ ଶିକ୍ଷାୟତନ ମଧ୍ୟରେ ହେଉଥିବା ସମସ୍ୟାକୁ ଏଡାଇ ପାରିଲେ ବହୁ ଅସମ୍ଭବ ପରିକଳ୍ପନା ମଧ୍ୟ ସାର୍ଥକତାର ଭୂମିକାରେ ଉତ୍ତୀର୍ଣ୍ଣ ହେବ। ଏଇ ଟିକିଏ ଆଶା ଯାହା ମରୁରାଇଜରେ ମଧ୍ୟ ସ୍ୱପ୍ନର ଜୁଆର ଆଣିବାରେ ସାଫଲ୍ୟମଣ୍ଡିତ ହେବ।

**ସପ୍ତଶଯ୍ୟା, ଢେଙ୍କାନାଳ**
**ମୋ:୮୧୪୪୫୬୭୨୮୯୧**

## ପାଠକ ଶ୍ରେଷ୍ଠ ବିଚାରକ

### ଅଶାନ୍ତ ସୀମାନ୍ତ

ମହାଶୟ,

ରାଜନୀତି କ୍ଷେତ୍ର ଏକ ରୁଚିହୀନ ସ୍ତରରେ ପହଞ୍ଚିଗଲାଣି। ଆଗାମୀ ଦିନରେ ଯେଉଁ ବିଷୟଟି ଏକ ବିତର୍କରେ ପରିଣତ ହେବାକୁ ଯାଉଛି, ତାହା ହେଲା 'ୱାନ୍ ନେଶନ, ୱାନ୍ ଇଲେକ୍‌ଶନ' ବା ଏକ ରାଷ୍ଟ୍ର, ଏକ ନିର୍ବାଚନ । ଏକ ନିର୍ବାଚନ ଭଳି ବ୍ୟବସ୍ଥାକୁ ଅନେକ ବିରୋଧୀ କେବଳ ଅବାସ୍ତବ ପରିକଳ୍ପନା ରୂପେ ଅଭିହିତ କରନ୍ତି। ରାଜନୀତି ଏକ ବୃତ୍ତି ଏବଂ ଦୁର୍ନୀତି ସହ ତା'ର ସମ୍ପର୍କକୁ ନେଇ ମାକ୍ସ ୱେବର ଶହେବର୍ଷ ତଳେ କହିଥିଲେ। ଭାରତର ସ୍ୱାଧୀନତା ପରେ ରାଜନୀତି ଏକ ସାଧାରଣ ବୃତ୍ତିରେ ପରିଣତ ହୋଇସାରିଛି। ଏହି ବୃତ୍ତିରେ କ୍ଷମତା ଦଖଲ କରିବା ହେଉଛି ମୂଳଲକ୍ଷ୍ୟ। ୟୁ ଗଭ୍ ଓ ମସ୍କ ଭଳି କେତେକ ଆନ୍ତର୍ଜାତିକ ମାନର ସର୍ବେକ୍ଷଣ ସଂସ୍ଥା ମତ ରଖନ୍ତି, ପ୍ରାୟ ୫୩%ରୁ ଅଧିକ ଭାରତୀୟଙ୍କର ମତ ଯେ, ଦେଶ ଏବେ ଆବଶ୍ୟକ କରୁଛି ଏକ ମିଲିଟାରି ଶାସନ। ଦେଶର ସୀମାନ୍ତ ଆଜି ଅଶାନ୍ତ। ପ୍ରାୟ ୪୦ ହଜାର ବର୍ଗ କି.ମି. ଚାଇନା କବ୍‌ଜାରେ। ମଣିପୁର ଜଳିଚାଲିଛି, ରାଜ୍ୟରେ କିଏ ଶାସନ କରୁଛି ତାହା କାହାକୁ ଜଣାନାହିଁ। ପ୍ରଧାନମନ୍ତ୍ରୀ ଜାପାନ, ଅଷ୍ଟ୍ରେଲିଆ, ରୁଷିଆ, ୟୁକ୍ରେନ୍, ବ୍ରାଜିଲ, ଗ୍ରୀସ୍, କାତାର, ଫ୍ରାନ୍ସ ଯାତ୍ରା କରିସାରିଛନ୍ତି ; ମାତ୍ର ତାଙ୍କର ମଣିପୁର ଗସ୍ତର କୌଣସି ସୂଚନା ନାହିଁ।

**-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି-ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ।
-(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୧୯ ବର୍ଷରେ ୬୬% ଗୋମହିଷାଦି ସଂଖ୍ୟା କମିଛି

କେନ୍ଦ୍ରାପଡ଼ା,୧୬ା୧(ଜଗନ୍ନାଥ ଧଳ)

**କେନ୍ଦ୍ରାପଡ଼ା ଜିଲା**

- ଜଳବାୟୁ ପରିବର୍ତ୍ତନର ପ୍ରଭାବ
- ଅର୍ଥନୀତି, ପରିବେଶ ଉପରେ ପକାଉଛି ପ୍ରଭାବ
- ତଟକ୍ଷୟ, ଚାରଣ ଜମି, ଚିଙ୍ଗୁଡ଼ି ଘେରି ଆଦି କାରଣ



୧୯୯୯ ମହାବାତ୍ୟା ପରେ କେନ୍ଦ୍ରାପଡ଼ା ଜିଲାର ଗୋମହିଷାଦି ପ୍ରାଣୀ ସଂଖ୍ୟା ଉପରେ ଚଡ଼କ ପଡ଼ିଛି। ଏକଦା ଗ୍ରାମାଞ୍ଚଳ ଅର୍ଥନୀତିକୁ ସମୃଦ୍ଧ କରୁଥିବା ଏହି ପ୍ରାଣୀଧନ ୧୯ ବର୍ଷରେ ସଂଖ୍ୟା ହ୍ରାସ ପାଇଛି। ଏହି ଜିଲାର ପ୍ରାଣୀ ବିଭାଗ ତଥ୍ୟ ଅନୁଯାୟୀ ୨୦୦୦ ମସିହାରେ ୯,୨୪,୫୯୦ ଗୋମହିଷାଦି ଥିଲେ। ୨୦୧୯ ଗଣନାରେ ପ୍ରାୟ ୬୬ ପ୍ରତିଶତ ହ୍ରାସ ପାଇଁ ଏମାନଙ୍କ ସଂଖ୍ୟା ୩,୧୩,୭୧୫ ହୋଇଥିଲା। ତେବେ ଆସନ୍ତା ଫେବୃଆରୀରେ ୨୧ତମ ଗୃହପାଳିତ ପ୍ରାଣୀ, ପକ୍ଷୀ ଗଣନା ହେବ। ଏଥିରେ ସଂଖ୍ୟା ହ୍ରାସ ହେବ କି ବଢ଼ିବ ତାହା ଜଣାପଡ଼ିବ। ସଂଖ୍ୟା ହ୍ରାସର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନ ବୋଲି ଗବେଷକମାନେ କହିଛନ୍ତି। ଅପରପକ୍ଷରେ ଏହା ଜିଲାର ଅର୍ଥନୀତି ଓ ପରିବେଶ ଉପରେ ପ୍ରଭାବ ପକାଉଛି।

ଏ ସମ୍ପର୍କରେ ଗବେଷଣା କରୁଥିବା ଅଧ୍ୟାପକ କ୍ଷିତୀଶ କୁମାର ସିଂ କହିଛନ୍ତି, ପରିବର୍ତ୍ତିତ ପାଣିପାଗ ଜିଲାର ତଟକ୍ଷୟକୁ ବୃଦ୍ଧି କରିଛି। ୧୯୬୦ରୁ ଅଦ୍ୟାବଧି ସମୁଦ୍ର ଭୂଭାଗ ଆଡ଼କୁ ପ୍ରାୟ ୧୨ କି.ମି. ମାଡ଼ିଆସିଛି। ୨୦୦୦ ମସିହାରେ ସାତଭାୟା ପଞ୍ଚାୟତର କାନପୁର ରାଜସ୍ୱ ଗ୍ରାମ ସମେତ ବହୁ ଭୂଭାଗ ଅଞ୍ଚଳ ଜିଲା ରାଜସ୍ୱ ମାନଚିତ୍ରରେ ଥିଲା। ଏବେ ତଟକ୍ଷୟ ପାଇଁ ସାତଭାୟାର ସମସ୍ତ ଅଧିବାସୀଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଛି। ଏହି ଅଞ୍ଚଳ ସମେତ ଜିଲାର ୪୮ କିଲୋମିଟର ତଟରୁ ୨୮ କି.ମି.ରେ ତଟବର୍ତ୍ତୀ ଗ୍ରାମାଞ୍ଚଳ ସମୁଦ୍ର ମଧ୍ୟକୁ ଚାଲିଗଲାଣି। ଚାଷ ଓ ବାସ ବିପନ୍ନ ଫଳରେ ଗୋମହିଷାଦି ପାଳନ ସମ୍ଭବ ନୁହେଁ। ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଡ. ଦେବୀପ୍ରସାଦ ସାହୁ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳ ଭୂଗର୍ଭରେ ଏବେ ଲୁଣା ପାଣି ମିଳୁଛି। ସେହିପରି ଲୁଣାପାଣି ଯୋଗୁ ଗୋମହିଷାଦିଙ୍କ ସବୁଜ ଖାଦ୍ୟ ମିଳିବା ସମ୍ଭବ ନୁହେଁ। ଗୋମହିଷାଦି ସଂଖ୍ୟା ହ୍ରାସ ପାଇଁ ଚାରଣଭୂମିର ଅଭାବ ଦାୟୀ। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଜିଲାର ୩,୨୧,୯୩୪ ପରିବାର ମଧ୍ୟରୁ ଗ୍ରାମାଞ୍ଚଳରେ ରହୁଥିବା ୩,୦୫,୮୬୮ ପରିବାର ପାଇଁ ଗୃହପାଳିତ ପ୍ରାଣୀ ରୋଜଗାରର ମୁଖ୍ୟ ବିକଳ୍ପ ଜୀବିକା। ଏହି ପରିବାର ପ୍ରାଣୀଧନ ଦ୍ୱାରା ନିଜର ଆର୍ଥିକ ଆବଶ୍ୟକତା କିଛିମାତ୍ରାରେ ପୂରଣ କରିଥାନ୍ତି। ସେହିପରି ପ୍ରାଣୀଧନର ମଳମୂତ୍ର ବ୍ୟବହାରକରି ଚାଷୀ କ୍ଷେତକୁ ଉର୍ବର କରିବା ସହ କୀଟନାଶକ ଭାବେ ବ୍ୟବହାର କରିଥାନ୍ତି। ଫଳରେ ପରିବେଶର ସନ୍ତୁଳନ ରକ୍ଷା ପାଇଥାଏ। ୧୯୯୯ ମହାବାତ୍ୟା ପ୍ରାଣୀଧନ ଉପରେ ବିପତ୍ତିଭାବେ ଉଭା ହୋଇଥିଲା। ଏହା ପରଠାରୁ ଅବାଧ ଭାବେ ବେଆଇନ ଚିଙ୍ଗୁଡ଼ି ଘେରି ନିର୍ମାଣ ଯୋଗୁ ଚାରଣ ଓ ଚାଷ ଜମି ଲବଣାକ୍ତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ପ୍ରାଣୀଧନ ହ୍ରାସ ପ୍ରତି ବିଭାଗୀୟ ଅଧିକାରୀ ଅଧିକ ନଜର ଦେଉନାହାନ୍ତି। ଏ ସମ୍ପର୍କରେ ତନ୍ତିଆପାଳର ପ୍ରମିଳା ମଲ୍ଲିକ କହିଛନ୍ତି, କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଗୋ ମହିଷାଦିଙ୍କ ଗୁରୁତ୍ୱ ଅଧିକ। ଫସଲଠାରୁ ଦୁଗ୍ଧଜାତ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ଏମାନଙ୍କ ଭୂମିକା ଅତୁଳନୀୟ। ଦୁଗ୍ଧଜାତ ପଦାର୍ଥ ବାହାର ଜିଲାରୁ ଏଠାକୁ ଆସୁଥିବା ବେଳେ ଏମାନଙ୍କ ଚାରଣ ଭୂମି ଏବେ ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ସେହିପରି ସଙ୍କର ଜାତୀୟ ଗାଈ ପାଇଁ ଏହି ଲୁଣା ଜଳବାୟୁ ଠିକ୍ ନୁହେଁ। ପାଳନ ସମୟରେ ମରିଯାଉଛନ୍ତି। ଏସବୁ ବିଭିନ୍ନ ବ୍ୟତିକ୍ରମ ଫଳରେ ପ୍ରାଣୀଧନ ହ୍ରାସ ହେଉଛି। ଏଡିଭିଓ ଡା. ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ପଚାରିବାରେ ଆସନ୍ତା ଫେବୃଆରୀ ମାସ ଶେଷ ପର୍ଯ୍ୟନ୍ତ ୨୧ତମ ଗୃହପାଳିତ ପଶୁପକ୍ଷୀ ଗଣନା ଚାଲିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଗୁ ଗୋମହିଷାଦି ସଂଖ୍ୟା ବଢ଼ିବା ଲକ୍ଷ୍ୟ କରାଯାଉଛି। ତେବେ ରିପୋର୍ଟ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ବାଇକ୍‌କୁ ଧକ୍କାଦେଲା ଟ୍ରେଲର, ୨ ମୃତ

କେନ୍ଦୁଝର,୧୬ା୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ବାଲିବନ୍ଧ ପଞ୍ଚାୟତର ରଜାବସାଠାରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଟ୍ରେଲର ଧକ୍କାଦେବା ଫଳରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଥିବା ଜଣାଯାଇଛି। ମୃତକ ବାଲିବନ୍ଧ ପଞ୍ଚାୟତର ଶିରିଆବାହାଳ ଗ୍ରାମର ପ୍ରୀତିରଞ୍ଜନ ମାଝୀ(୨୦), ପୂଜା ମାଝୀ(୧୭)। ଗୁରୁତର ବରିଆ ଥାନା ଅନ୍ତର୍ଗତ ବଳା ଗ୍ରାମର ଲିଲି ମାଝୀ (୧୮)।

ସୂଚନା ଅନୁଯାୟୀ, ପ୍ରୀତିରଞ୍ଜନଙ୍କ ସହିତ ପୂଜା ଓ ଲିଲି ଏକ ବାଇକ୍(ଓଡି ୦୯ ଏଲ-୫୦୨୩)ରେ ମରସୁଆଁ ପଟୁ ଝୁମ୍ପୁରା ଅଭିମୁଖେ ଯାଉଥିଲେ। ଜାତୀୟ ରାଜପଥ ୨୦ର ରଜାବସା ନିକଟରେ ଏକ ଟ୍ରେଲରକୁ ଅତିକ୍ରମ କରିବା ସମୟରେ ଟ୍ରେଲର ଧକ୍କା ଦେଇଥିଲା। ବାଇକ୍ ସହ ସମସ୍ତେ ତଳେ ଛିଟିକି ପଡ଼ିଥିଲେ। ପ୍ରୀତିରଞ୍ଜନଙ୍କ ମୁଣ୍ଡ ୨ ଫାଳ ହୋଇଯାଇଥିବା ବେଳେ ପୂଜାଙ୍କ ମୁଣ୍ଡର ଗୋଟାଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଫାଟିଯାଇଥିଲା। ଘଟଣାସ୍ଥଳରେ ପ୍ରୀତି, ପୂଜାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଲିଲି ଚେତାଶୂନ୍ୟ ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଆସିଥିବା ଅଗ୍ନିଶମ ବିଭାଗର ଗାଡ଼ି ପହଞ୍ଚି ଗୁରୁତରଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ଯାନବାହନ ଯାତାୟାତ ବନ୍ଦ ରହିଥିଲା। ଝୁମ୍ପୁରା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଜାତୀୟ ରାଜପଥ ୨୦ର ରଜାବସା ଛକ ନିକଟରେ ବଢୁଥିବା ଦୁର୍ଘଟଣାକୁ ରୋକିବା ଦିଗରେ ରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଉତ୍ତ୍ୟକ୍ତ ଲୋକେ ଦାବି କରିଥିଲେ।









# ବେଆଇନ ବିଜ୍ଞାପନ ହୋର୍ଡିଂ ଉଚ୍ଛେଦ ହେଉନି, ରାଜସ୍ୱ ହାନି

**ପଚାମୁଣ୍ଡାଇ, ୧୬।୧ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଚାମୁଣ୍ଡାଇ ସହରକୁ ସୁନ୍ଦର ତଥା ଆକର୍ଷଣୀୟ କରିବାକୁ ପୌର ପରିଷଦ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ସହରର କେତେଜଣ ବ୍ୟବସାୟିକ ପ୍ରତିଷ୍ଠାନ ବେଆଇନ ଭାବେ ତାଙ୍କ ବିଜ୍ଞାପନ ପୋଷ୍ଟର ଲଗାଇ ସୌନ୍ଦର୍ଯ୍ୟ କ୍ଷୁଣ୍ଣ କରୁଛନ୍ତି। ବିଜ୍ଞାପନ ଲଗାଇବା ନିଷିଦ୍ଧ ବୋଲି ଉଲ୍ଲେଖ ଥିଲେ ମଧ୍ୟ ଏହାକୁ ଅବମାନନା କରାଯାଉଛି। କୋଟି କୋଟି ଟଙ୍କା ବ୍ୟୟରେ ସହରର ବିଭିନ୍ନ କାନ୍ଥକୁ ବିଭିନ୍ନ ଚିତ୍ରରେ ସଜ୍ଜିତ କରାଯାଉଥିବା ବେଳେ ଏହା ଉପରେ ବେଆଇନ ବିଜ୍ଞାପନ ଲଗାଯାଉଛି। ପୁଣି ଏହି ପୋଷ୍ଟର ହଟାଇବା ପାଇଁ ଅକାରଣରେ ରାଜସ୍ୱ ବ୍ୟୟ ହେଉଛି। ଏହାକୁ ନେଇ ଏବେ ପୌର ପ୍ରଶାସନ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି ବୋଲି ପୌରନିର୍ବାହୀ ଅଧିକାରୀ

**ପଚାମୁଣ୍ଡାଇ ପୌର ପରିଷଦ**

ଅଜିତ ନାରାୟଣ ଗିରି କହିଛନ୍ତି।

ସେ କହିଛନ୍ତି, ପୌରାଞ୍ଚଳରେ କୌଣସି ବେଆଇନ ପୋଷ୍ଟର ନ ଲଗାଇବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ବେଆଇନ ଭାବେ ଏଣେତେଣେ ବିଜ୍ଞାପନ ତଥା ପୋଷ୍ଟର ଲଗାଇଲେ ସମ୍ପୃକ୍ତ ଅନୁଷ୍ଠାନ ବା ବ୍ୟକ୍ତିବିଶେଷଙ୍କୁ ଜରିମାନା ଦେବାକୁ ହେବ ବୋଲି ନିର୍ଦ୍ଦେଶରେ କୁହାଯାଇଛି। ସହରବାସୀ ଏଥିରେ ସହଯୋଗ କରିବା ପାଇଁ ପୌର ପରିଷଦ ପକ୍ଷରୁ ବାରମ୍ବାର ଅପିଲ କରାଯାଉଥିଲେ ମଧ୍ୟ ଜନସାଧାରଣ ଚେତୁନାହାନ୍ତି। ବିଳମ୍ବରେ ହେଉ ପଛେ ପୌରପାଳିକାର ଏକ ଟିମ୍ ସହରର ଗଳିକନ୍ଦିରେ ଲାଗିଥିବା ବେଆଇନ ପୋଷ୍ଟର ଓ ହୋର୍ଡିଂ କାଟିବା କାର୍ଯ୍ୟ ଦିନେ ଦୁଇଦିନ ଭିତରେ ଆରମ୍ଭ କରାଯିବ।




ସହରର ଯେଉଁ ସ୍ଥାନିଗୁଡ଼ିକ ହୋର୍ଡିଂ ପାଇଁ ଚିହ୍ନଟ କରାଯାଇଛି, ସେଠାରେ ହୋର୍ଡିଂ ଲଗାଯିବ। ଯେଉଁଗୁଡ଼ିକ ଚିହ୍ନଟ ହୋଇନାହିଁ, ସେଠାରେ ହୋର୍ଡିଂ ଲାଗିଲେ କଟାଯିବା ସହ ଜରିମାନା ଆଦାୟ କରାଯିବ।

ସାମାଜିକ କର୍ମୀ ରାଜେନ୍ଦ୍ର ପଣ୍ଡା, ସୁଶାନ୍ତ ଧଳ, ଉପେନ୍ଦ୍ର ନାୟକ ପ୍ରମୁଖ କହିଛନ୍ତି, ପଚାମୁଣ୍ଡାଇ ପୌରପାଳିକାର ବିଭିନ୍ନ ସ୍ଥାନରେ ବିଜ୍ଞାପନ ଓ ହୋର୍ଡିଂ ଲଗାଇବାକୁ ଅନୁମତି ପ୍ରଦାନ କରାଯାଉଛି। ସେ ନେଇ ସ୍କୋୟାର ଫୁଟ୍ ହିସାବରେ ପୌର ପରିଷଦକୁ ଦେୟ ଦେବାକୁ ପଡ଼େ। ହେଲେ ପୌରାଞ୍ଚଳର ଅନେକ ସ୍ଥାନରେ ବେଆଇନ ଭାବେ ବିଜ୍ଞାପନ ହୋର୍ଡିଂ ଲଗାଯାଇଛି। ସହରର ୧୪ନଂ. କେନାଲ ନିକଟରୁ ବାଇପାସ୍ ଛକ ଓ ପତରପୁର ପୋଲ ପର୍ଯ୍ୟନ୍ତ ସେହିପରି ପୌର କାର୍ଯ୍ୟାଳୟ ନିକଟରୁ କାକୁଡ଼ପଲ୍ଲୀ ପର୍ଯ୍ୟନ୍ତ, ବସ୍‌ଷ୍ଟାଣ୍ଡ ସମ୍ମୁଖ, ମେଡିକାଲ ଛକ, କଲେଜ ରାସ୍ତା, ବଜାର ଭିତର ଓ ବକ୍ତାରପୁର ପର୍ଯ୍ୟନ୍ତ ବେଆଇନ ହୋର୍ଡିଂ ଲଗାଯାଇଛି। କିନ୍ତୁ ଟିକସ ଆଦାୟ କେତେ ହେଉଛି ତାହାର ଉତ୍ତର ପୌର କର୍ତ୍ତୃପକ୍ଷଙ୍କ ପାଖରେ ନ ଥିବା ବେଳେ ବାର୍ଷିକ ମାତ୍ର ୩୦ରୁ ୪୦ ହଜାର ଟଙ୍କା ଆଦାୟ ହେଉଥିବା ନେଇ ଉକ୍ତ ବିଭାଗର ଜଣେ କର୍ମଚାରୀ କହିଛନ୍ତି। ହେଲେ ଅନେକ ପୌରାଞ୍ଚଳରେ ବିଜ୍ଞାପନ ବାବଦକୁ ଲକ୍ଷାଧିକ ଟଙ୍କା ଆଦାୟ ହେଉଥିବା ନଜର ରହିଛି। କିନ୍ତୁ ପଚାମୁଣ୍ଡାଇରେ ସ୍ୱଳ୍ପ ଅର୍ଥ ଆଦାୟକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେତେଜଣ କର୍ମଚାରୀ ସଂସ୍ଥାଗୁଡ଼ିକଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ବେଆଇନ ଭାବେ ହୋର୍ଡିଂ ଲଗାଉଥିବା ଆଲୋଚନା ହେଉଥିବା ବେଳେ ପୌରସଂସ୍ଥା ରାଜସ୍ୱ ହରାଉଛି।

# ପେଣ୍ଠ ବେଳାଭୂମି ସଫେଇ



ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ।

**ରାଜନଗର, ୧୬।୧ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଜରିମୂଳସ୍ଥିତ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ସମସ୍ତ ଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକଙ୍କ ମିଳିତ ସହଯୋଗରେ ପେଣ୍ଠ ବେଳାଭୂମି ଗୁରୁବାର ସଫେଇ କରାଯାଇଛି। ନୂତନ ବର୍ଷ, ବଡ଼ଦିନ ଛୁଟିରେ ଦୂର ଦୂରାନ୍ତରୁ ପର୍ଯ୍ୟଟକମାନେ ପେଣ୍ଠ ଆସି ବଣଭୋଜି କରିଥାନ୍ତି। ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ଅଳିଆ ଆବର୍ଜନା ଫୋପାଡ଼ି ଚାଲି ଯାଆନ୍ତି। ସେହି ଅଳିଆ ପବନରେ ଏଣେତେଣେ ପଡ଼ିବା ସହ ସମୁଦ୍ରରେ ମିଶିବା ଦ୍ୱାରା ଜଳ ପ୍ରଦୂଷଣ ସହ ସାମୁଦ୍ରିକ ଜୀବମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏହାକୁ ରୋକିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ ଇକୋ କ୍ଲବ୍ ଶିକ୍ଷୟିତ୍ରୀ ପ୍ରିତିଲତା ରାଉତ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ମମତା ରାଉତ, ଲିଲି ବେହୁରାଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀମାନେ ପେଣ୍ଠ ବେଳାଭୂମିରେ ପହଞ୍ଚି ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ସଫେଇ କରିଥିଲେ।

# ଡେରାବିଶ ମହାବିଦ୍ୟାଳୟକୁ ମିଳିଲା ନାକ୍ ମାନ୍ୟତା

**ଡେରାବିଶ, ୧୬।୧ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ମହାବିଦ୍ୟାଳୟକୁ ପ୍ରଥମ ଥର ପାଇଁ ନାକ ମାନ୍ୟତା ମିଳିଛି। ଗତ ୭ ଓ ୮ ତାରିଖରେ ଏଠାକୁ ପରିଦର୍ଶନରେ ଆସିଥିବା ୩ ଜଣିଆ ନାକ ଦଳ ଏହି ମହାବିଦ୍ୟାଳୟକୁ ବି ପ୍ଲସ ଗ୍ରେଡରେ ମାନ୍ୟତା ପ୍ରଦାନ କରିଥିବା ନେଇ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଏଶନ କାଉନସିଲ ଗୁରୁବାର ସନ୍ଧ୍ୟାରେ କଲେଜ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କୁ ଇମେଲରେ ଦେଇଥିବା ଚିଠି ଦ୍ୱାରା ଜଣାଇଛନ୍ତି।

ନାକ ଟିମ୍‌ର ଚେୟାରମ୍ୟାନ ଥିବା ଗୁଜରାଟ ରାଜ୍ୟର ସ୍ୱରାଷ୍ଟ୍ର ୟୁନିଭରସିଟିର ପ୍ରଫେସର ଡ. ଭରତ ରାମାନୁଜଙ୍କ ନେତୃତ୍ୱରେ କୋ ଅର୍ଡିନେଟର ଭାବେ ହରିଆନା କୁରୁକ୍ଷେତ୍ର ୟୁନିଭରସିଟିର ପ୍ରଫେସର ଡ. ସି.ପି ସିଂହ ଏବଂ ଦଳର ସଦସ୍ୟ ଥିବା ମହାରାଷ୍ଟ୍ର ନାସିକ ସ୍ଥିତ ଏଲ.ଭି.ଏଚ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସ କଲେଜର ପ୍ରିନ୍ସପାଲ ପ୍ରଫେସର ଡ. ବାପୁ ସୋନୁ ଜଗଦଲେ ୨ଦିନ ଧରି ଡେରାବିଶ କଲେଜ ପରିଦର୍ଶନରେ ଆସି ଭିତ୍ତିଭୂମିଠାରୁ ଆରମ୍ଭ କରି ଏହାର ଶିକ୍ଷଣ ବ୍ୟବସ୍ଥା ସହ ସମସ୍ତ ଗୁଣାତ୍ମକ ବ୍ୟବସ୍ଥା ଦେଖିବା ସହ ତର୍ଜମା କରିଥିଲେ। ଏଥିସହ ମହାବିଦ୍ୟାଳୟର ସମସ୍ତ କାଗଜପତ୍ର ଓ ବିଭିନ୍ନ ଯୋଜନାମାନର




ତନଖି ଓ ଯାଞ୍ଚ କରି ଫେରି ଯାଇଥିଲେ। ତେବେ ଏହି ଦଳ ନିଜ ପରିଦର୍ଶନକାଳରେ ସନ୍ତୁଷ୍ଟ ହୋଇ ଏହି କଲେଜକୁ ବି ପ୍ଲସ ଗ୍ରେଡରେ ନାକ ମାନ୍ୟତା ପ୍ରଦାନ କରିଛି। ଏହି ଖବର ଜଣାପଡିବା ପରେ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର, ଅଭିଭାବକ ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏ ନେଇ ନିଜର ପ୍ରତିକ୍ରିୟାରେ କଲେଜ ପରିଚାଳନା ପରିଷଦର ପୂର୍ବତନ ସଭାପତି ଶରତ କୁମାର କର କହିଛନ୍ତି, ଡେରାବିଶ କଲେଜକୁ ନାକ ବି ପ୍ଲସ ମାନ୍ୟତା ମିଳିବା ସମଗ୍ର ଜିଲାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆଉ ଗୋଟିଏ ପାଦ ଆଗେଇଲା। ସମଗ୍ର ଜିଲା ପାଇଁ ଡେରାବିଶ ମହାବିଦ୍ୟାଳୟ ଏକ ଉଦାହରଣ ସୃଷ୍ଟି କରିବା ସହ ଅନ୍ୟ ମହାବିଦ୍ୟାଳୟକୁ ଅନୁପ୍ରାଣୀତ କରିବ। ଏଥିପାଇଁ କର ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ବିଭାଗୀୟ ଶାସନ ସଚିବ ବିଶେଷ କରି ଉତ୍କଳ ୟୁନିଭରସିଟି କର୍ତ୍ତୃପକ୍ଷ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

# ଭାଷା ସାହିତ୍ୟର ପରିଭାଷା ହିଁ ଶିକ୍ଷକଙ୍କ ମଧ୍ୟରେ ଥାଏ

## ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ୨ୟ ଦିବସ




ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ରାଜକନିକା, ୧୬।୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ୩ଦିନ ଧରି ଚାଲିବାକୁ ଥିବାବେଳେ ଦ୍ୱିତୀୟ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ହରେଗୋବିନ୍ଦ ମଲ୍ଲଆଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ, ପୂର୍ବତନ ମୁଖ୍ୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଶାନ୍ତିନିକେତନ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ଭାଷା ସାହିତ୍ୟର ପରିଭାଷା ହିଁ ଶିକ୍ଷକମାନଙ୍କ ମଧ୍ୟରେ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଉପ କୁଳପତି ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି ପ୍ରାଧ୍ୟାପକ ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ ବିଜ୍ଞାନ ଅଗ୍ରଗତି କଲେ ବି ଜଗନ୍ନାଥ ସଂସ୍କୃତି ନିଆରା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଡାକ୍ତର ବଂଶୀଧର ରାଉତ, ସାମାଜିକ କର୍ମୀ ଡା. ଦେବସ୍ମିତା ଶର୍ମା, ବିଇଓ ନଳିନୀ ରଞ୍ଜନ ରାଉତରାୟ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସମ୍ପୃକ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ରତିକାନ୍ତ ରାଉତ ସମ୍ପାଦନ କରିଥିବା ବେଳେ, ଖଗେଶ୍ୱର ପଡ଼ିହାରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ପାଦକ ଡ. ଫକିର ଚରଣ ପ୍ରଧାନ ବିବରଣୀ ପାଠ କରିଥିଲେ। ବସନ୍ତ କୁମାର ମଲ୍ଲିକ ସଙ୍ଗଠକ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଗୋକୁଳି ଚନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ୍ତ କୁମାର ପଲାଇ, ଅଶୋକ କୁମାର ରାଉତ, ସହଦେବ ନାୟକ, ଶରତ ଚନ୍ଦ୍ର ପଡିହାରୀ, ନିର୍ମଳ କୁମାର ପଲାଇ, ନିରୋଦ କୁମାର ରାଉତ, ସୁରେଶ କୁମାର ରାଉତ, ବସନ୍ତ କୁମାର ପ୍ରମୁଖଙ୍କ ସମେତ ସୁବର୍ଣ୍ଣ ଜୟନ୍ତୀ କମିଟିର ସମସ୍ତ କର୍ମକର୍ତ୍ତା ଓ ସଭ୍ୟାସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରାହ୍ମଣୀ କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ

**ପଚାମୁଣ୍ଡାଇ, ୧୬।୧ (କଳ୍ପତରୁ ନାୟକ)**

ପଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ବ୍ରାହ୍ମଣୀ କଲେଜରେ ୧୦ ଦିନିଆ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଗୌରୀ କୁମାର ସାମଲଙ୍କ ପୌରୋହିତ୍ୟ ଓ ଅଧ୍ୟାପିକା ମମତାମୟୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅଧ୍ୟାପକ ନଟବର ସୂତାର, ଅଧ୍ୟାପକ ଶିବ ଚରଣ ଦାସ ଯୋଗ ଦେଇ ବାଳିକା ଆତ୍ମରକ୍ଷା ଉପରେ ଗୁରୁତ୍ୱାରୋପ ଓ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅଧ୍ୟାପିକା ସଂଘମିତ୍ରା ମହାନ୍ତି, ଅଧ୍ୟାପିକା ସୋନାଲି ଚୌଧୁରୀ, ଅଧ୍ୟାପିକା ସୁମିତ୍ରା ସେଠୀ, ଅଧ୍ୟାପକ ଡ. ଚିନ୍ମୟ ପ୍ରଧାନ, ଅଧ୍ୟାପକ ଡ. ମନୋରଞ୍ଜନ ସାହୁ, ଅଧ୍ୟାପକ ଗୌତମ ବେହେରା, ଅଧ୍ୟାପକ ନିରଞ୍ଜନ ବାରିକ, ଅଧ୍ୟାପକ ସତ୍ୟଜିତ ବେହେରା, ଅଧ୍ୟାପକ ମାନସ ନାୟକ ଓ ଅଧ୍ୟାପକ ସୁଧାଂଶୁ ସାମଲ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୨ଜଣ ପ୍ରଶିକ୍ଷିକା ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଶାରୀରିକ ସୁସ୍ଥତା ସହ ମାନସିକ ସ୍ତରରେ ସୁଦୃଢ଼ ହେବ




ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

**ରାଜକନିକା, ୧୬।୧ (ସଞ୍ଜୟ କୁମାର ଦାଶ)**

**ଓଳାଭର ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ**

ରାଜକନିକା ବ୍ଲକସ୍ଥିତ ଓଳାଭର ମହାବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ହଳଧର ବେହେରା ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ବିଶେଷତ୍ୱ, ସାମ୍ପ୍ରତିକ ପରିସ୍ଥିତିରେ ଏହାର ଠିକ୍ ଉପଯୋଗିତା ସମ୍ପର୍କରେ ବିଶେଷ ଭାବେ ଆଲୋକପାତ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ଶୁକ୍ଳା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିସହ ୮ଦିନର କାର୍ଯ୍ୟକ୍ରମ ବିବରଣୀ ପାଠ ସହ ଅନୁଷ୍ଠିତ ଶିବିରର ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ସେଠୀ ଶାରୀରିକ ସୁସ୍ଥତା ସହ ମାନସିକ ସ୍ତରରେ ସୁଦୃଢ଼ ରହିବ ସମ୍ପର୍କରେ ଉପସ୍ଥିତ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ମହିମା ପ୍ରଧାନ ଛାତ୍ରୀମାନେ ଆତ୍ମରକ୍ଷା ପ୍ରଶିକ୍ଷଣର ଠିକ ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷିକା ମନୀଷାରାଣୀ ପୃଷ୍ଟି, ମଞ୍ଜୁଲତା ସେନାପତି ଶାରୀରିକ ପ୍ରଶିକ୍ଷଣର ଜରୁରୀ ଓ ମାନସିକସ୍ତରରେ ସୁସ୍ଥ ରଖିହେବା ସମ୍ପର୍କରେ ଆଲୋଚନା କରି ନିଜକୁ କିପରି ପ୍ରଥମେ ବଞ୍ଚାଇବାକୁ ହେବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହାବାଦ୍ ଶାରୀରିକ ସଂଯମତା ଓ ଆବଶ୍ୟକତା ସମ୍ପର୍କରେ ଛାତ୍ରୀମାନଙ୍କୁ ଜଣାଇ କାର୍ଯ୍ୟକ୍ରମର ମଧ୍ୟ ଭାଗରେ ଆତ୍ମରକ୍ଷା ପ୍ରଶିକ୍ଷଣ ପାଇଥିବା ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ ତୁଳସୀ ବାରିକ, ପୁନମ ବେହୁରିଆ, ଦେବସ୍ମିତା ନାୟକ ୮ଦିନ ଧରି ପାଇଥିବା ପ୍ରଶିକ୍ଷଣ ଉପରେ ନିଜର ଅଭିଜ୍ଞତା ବଖାଣି ଥିଲେ। ତୁଳସୀ ବାରିକ, ଭାଗ୍ୟଲକ୍ଷ୍ମୀ ନିଜର କୌଶଳ ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣପ୍ରାପ୍ତ ସମସ୍ତ ଛାତ୍ରୀ ଉପସ୍ଥିତ ଥିବାବେଳେ, କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପିକା ଅବନ୍ତୀ ରାୟ ଧନ୍ୟବାଦ ଦେଇଥିଲେ।

# ମେଣ୍ଢପୁର ପଞ୍ଚାୟତ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ



ବିଧାୟକ ପ୍ରତାପ କେଶରୀ ଦେବ ଆଲୋକୀକରଣ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

**ଆଳି, ୧୬।୧ (ବନମାଳୀ ସେନାପତି)**

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତରେ ଆଲୋକୀକରଣ ପ୍ରକଳ୍ପ ଗୁରୁବାର ସନ୍ଧ୍ୟାରେ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଡିଆରଡିଏ କ୍ରିଟିକାଲ ଗ୍ୟାପ ଫଣ୍ଡ ୨୦୨୨-୨୩ ଓ ୨୦୨୩-୨୪ ରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ କଳାପାହାଡ଼, ରସୁଲପୁର, ପଦନପୁର ଗ୍ରାମ୍ୟ ରାସ୍ତାରେ ଉଜ୍ଜଳ ଆଲୋକୀକରଣ କରାଯାଇଛି। ଏହି ଉଜ୍ଜଳ ଆଲୋକୀକରଣ ପ୍ରକଳ୍ପ ଦ୍ୱାରା ୩ଟି ଗ୍ରାମରେ ସନ୍ଧ୍ୟା ସମୟରେ ଉପୁଜୁଥିବା ସମସ୍ୟା ଦୂର ହେବ। ବିଶେଷ କରି ମହିଳାମାନେ ଉପକୃତ ହୋଇପାରିବେ ବୋଲି ବିଧାୟକ ଦେବ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷା ମିନତି ବାରିକ, ୪ ନ. ଜୋନ ଜିଲା ପରିଷଦ ଜୟରାମ ସାହୁ, ସରପଞ୍ଚ ମେମୁନା ଖାତୁନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାପାହାଡ଼, ରସୁଲପୁର, ପଦନପୁର ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

# ସାତଭାୟା ଫରେଷ୍ଟ ବିଟ୍ ସମ୍ମୁଖରେ ଓକିଲପାଳବାସୀଙ୍କ ଧାରଣା

**ରାଜନଗର, ୧୬।୧ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ସାତଭାୟା ଫରେଷ୍ଟ ବିଟ୍ ସମ୍ମୁଖରେ ଗୁପ୍ତି ପଞ୍ଚାୟତର ଓକିଲପାଳ ଗ୍ରାମବାସୀ ଗୁରୁବାର ଧାରଣରେ ବସିଥିଲେ। ଲୁଣି ପାଣି ନେବା ପାଇଁ ସ୍ଲୁଇସ ନିର୍ମାଣକୁ ବିରୋଧ କରି ଦୀର୍ଘ ୪ ଘଣ୍ଟା କାଳ ଧାରଣାରେ ବସିଥିଲେ। ଏହାର ସମାଧାନ ନ ହେବା ଯାଏ ନିର୍ମାଣ କାମ ବନ୍ଦ ରଖିବାକୁ ପ୍ରତିଶ୍ରୁତି ମିଳିବା ପରେ ଧାରଣାରୁ ଓକିଲପାଳବାସୀ ଉଠିଥିଲେ। ଓକିଲପାଳ ଗାଁର ୨୭୨ ପରିବାର ମଗରକନ୍ଦା ଓ ଦାଣ୍ଡିଆପଦାରେ ପ୍ରାୟ ୩ ଶହ ଏକର ଜମିରେ ଧାନ ଚାଷ କରି ପରିବାର ଚଳାଇଥାନ୍ତି। ବନ ବିଭାଗ ପକ୍ଷରୁ ଗିରିଆ ରାସ୍ତାରେ ଏହି ଅଞ୍ଚଳକୁ ଲୁଣି ପାଣି ନେବା ପାଇଁ ସ୍ଲୁଇସ ନିର୍ମାଣ ଆରମ୍ଭ ହୋଇଛି। ଏଠାରେ ସ୍ଲୁଇସ ନିର୍ମାଣ ହେଲେ ଏହି ଅଞ୍ଚଳରେ ଥିବା ଜମିରେ ଲୁଣି



ଫରେଷ୍ଟ ବିଟ୍ ସମ୍ମୁଖରେ ଓକିଲପାଳ ଗ୍ରାମବାସୀ ଧାରଣା ଦେଇଛନ୍ତି।

ପାଣି ମାଡ଼ିଯିବ। ତେଣୁ ସ୍ଲୁଇସ ନିର୍ମାଣ ବନ୍ଦ ରଖିବାକୁ ଗ୍ରାମବାସୀ ଫରେଷ୍ଟର ରଞ୍ଜିତ ରାଉତଙ୍କୁ ଜଣାଇଥିଲେ। ଗୁରୁବାର ପୁଣି କାମ ଆରମ୍ଭ ହେବାରୁ ଶତାଧିକ ମହିଳାପୁରୁଷ ସାତଭାୟା ଫରେଷ୍ଟ ବିଟ ସମ୍ମୁଖରେ ପୂର୍ବାହ୍ନ ୧୧ ରୁ ୪ ଟା ଯାଏ ଧାରଣାରେ ବସି ରହିଥିଲେ। ଫରେଷ୍ଟର ରାଉତ କାମ ବନ୍ଦ ରହିବ, ରେଞ୍ଜ ଅଫିସର ଗାଁରେ ପହଞ୍ଚି ଆଲୋଚନା କରିବା ପରେ ଯାହା କିଛି ନିଷ୍ପତ୍ତି ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଓକିଲପାଳବାସୀ ଧାରଣାରୁ ଉଠିଥିଲେ। ଓକିଲପାଳ ଗାଁର ମୁରବୀ ରମେଶ ଦାସ, ବିଚିତ୍ର ଦାସ, ପରମେଶ୍ୱର ଲେଙ୍କା, ସନ୍ତୋଷ କୁମାର ମଣ୍ଡଳ, ଅଲେଖ ନାୟକ, ଅମର ସାମଲ, ଜଗବନ୍ଧୁ ଲେଙ୍କାଙ୍କ ନେତୃତ୍ୱରେ ଗ୍ରାମବାସୀ ଧାରଣାରେ ବସିଥିଲେ।

# ରୋଶନୀ ୩ୟ, ଆଦାଶ୍ୟା ୫ମ ଶ୍ରେଣୀ ଟପ୍ପର

**ତୃତୀୟ, ପଞ୍ଚମ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ**

**ଆଳି, ୧୬।୧ (ବନମାଳୀ ସେନାପତି)**

ଆଳି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗୁରୁବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ତୃତୀୟ ବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଆଳି ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ରୋଶନୀ ସାହୁ ବ୍ଲକ ଟପ୍ପର ହୋଇଥିବାବେଳେ ସତ୍ୟସାଇ ବିଦ୍ୟାବିହାରର ପଞ୍ଚମ ଶ୍ରେଣୀ ଛାତ୍ରୀ ଆଦାଶ୍ୟା ମହାନ୍ତି ପଞ୍ଚମ ଶ୍ରେଣୀ ଟପ୍ପର ହୋଇଥିବା ଜଣାପଡ଼ିଛି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଟପ୍ପର ହୋଇଥିବା ରୋଶନୀ ହେଉଛନ୍ତି ଶିକ୍ଷକ ଶିବ ପ୍ରସାଦ ସାହୁଙ୍କ କନ୍ୟା। ସେହିପରି ମେରିଟ ଲିଷ୍ଟରେ ସତ୍ୟ ବିଭୂଷଣ ପଣ୍ଡା, ଜ୍ୟୋତିସ୍ମାନ ସାହୁ, ସ୍ୱୟଂ ପ୍ରକାଶ ଦାଶ, ଦିବ୍ୟାଂଶୁ ପଣ୍ଡା, ସଞ୍ଜନା ବେହୁରିଆ, ସତ୍ୟମ୍ ନାୟକ ପ୍ରମୁଖ କୃତିତ୍ୱ ଅର୍ଜନ କରିଛନ୍ତି। ସେହିଭଳି ପଞ୍ଚମ ବୃତ୍ତି ପରୀକ୍ଷାରେ ମେରିଟ ଲିଷ୍ଟରେ ଆଦ୍ୟାଶା ମହାନ୍ତି, ଅଙ୍କିତ କୁମାର ପ୍ରଧାନ, ପ୍ରତ୍ୟୁଷ ପ୍ରଧାନ, ସ୍ନେହା ନନ୍ଦ ପ୍ରମୁଖ କୃତିତ୍ୱ ଅର୍ଜନ କରିଥିବା ଜଣାପଡ଼ିଛି।

# ସେମିରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଭୁବନେଶ୍ୱର

**ରାଜନଗର, ୧୬।୧ (ଭାସ୍କର ରାଉତରାୟ)**

**ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି**

ରାଜନଗର ବ୍ଲକର ବଡ଼ପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫିର ଗୁରୁବାର ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଜୁଭେନାଲ କ୍ରିକେଟ ଟିମ୍, କଟକକୁ ୪ ରନରେ ହରାଇ ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଭୁବନେଶ୍ୱର ୪ର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୨ ଓଭରରେ ୮ ଉଇକେଟ ହରାଇ ୧୭୬ ରନ କରିଥିଲା। ଦଳର ଶ୍ରେୟାଂସୁ ପଟ୍ଟନାୟକ ୨୬ ବଲରୁ ୨ଟି ଚଉକା ଓ ୨ଟି ଛକା ସହାୟତାରେ ୩୬ ରନ କରିଥିଲେ। ରୋନକ ବାନ୍ନ ୨୮ ବଲରୁ ୪ଟି ଛକା ଓ ୨ଟି ଚଉକା ସହାୟତାରେ ୪୩ ରନ କରିଥିଲେ। ଜବାବରେ ଜୁଭେନାଲ କ୍ରିକେଟ ଟିମ୍, କଟକ ୨୨ ଓଭରରେ ୯ ଉଇକେଟ ହରାଇ ୧୭୨ ରନ କରିଥିଲା। ଦଳର ରାମଚନ୍ଦ୍ର ବେହେରା ୩୧ ବଲରୁ ୨ଟି ଚଉକା ଓ ୨ଟି ଛକା ସହାୟତାରେ ୩୩ ରନ, ସୋହେଲ ଖାନ ୪୧ ବଲରୁ ୫ଟି ଚଉକା ଓ ୩ଟି ଛକା ସହାୟତାରେ ୫୮ ରନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଅଧ୍ୟାପିକା ଭଗବତୀ ରାଉତ, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ବଳ, ପୂର୍ବତନ ସରପଞ୍ଚ ଗଗନ ପ୍ରଧାନ ଯୋଗଦେଇଥିଲେ। ମୁକ୍ତେଶ୍ୱର ଟିମ୍‌ର ବୋଲର ବିପୁଲ ୪ ଓଭର ବୋଲିଂ କରି ୨୪ ରନ ଦେଇ ୫ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଖେଳରେ ସ୍କୋରର ଭାବେ ତାପସ କୁମାର ରଥ, ଉମେଶ ବଳ, ଭାଷ୍ୟକାର ଭାବେ ବିଜୟ କୁମାର ବଳ, ଶଶଧର ରାଉତ ତୁଲାଇଥିଲେ। ପଲ୍ଲିଶ୍ରୀ ଯୁବକ ସଂଘର ସଦସ୍ୟ ଖେଳ ପରିଚାଳନା କରିଥିଲେ।

# ବଙ୍ଗୀୟ ପରମ୍ପରାରେ ପୂଜା ପାଉଛନ୍ତି ମା’ ଗଙ୍ଗାମାତା

- ମକର ପର୍ବରେ ଦେବୀ ଗଙ୍ଗାମାତାଙ୍କୁ ଦର୍ଶନ କଲେ ପୁଣ୍ୟ ମିଳେ
- ପାଞ୍ଚଗୋଛିଆ, ବଡ଼ପାଳ, ପଙ୍କପାଳରେ ମୃଣ୍ମୟୀ ମୂର୍ତ୍ତି ପୂଜା
- ମଣ୍ଡପରେ ମାନସିକ ଶ୍ରଦ୍ଧାଳୁଙ୍କ ଭିଡ଼

**ମହାକାଳପଡ଼ା, ୧୬।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ୨୩ ବର୍ଷ ଧରି ସୁନିତି ପଞ୍ଚାୟତ ପାଞ୍ଚଗୋଛିଆ ଓ ୨ ବର୍ଷ ଧରି କେବି ଦାଣ୍ଡୁଆ ପଞ୍ଚାୟତର ବଡ଼ପାଳ, ପଙ୍କପାଳଠାରେ ମକର ସଂକ୍ରାନ୍ତିଠାରୁ ୭ ଦିନ ଧରି ମା’ ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ଅବସରରେ ମଣ୍ଡପରେ ପ୍ରତି ସନ୍ଧ୍ୟାରେ ବିଶେଷ କରି ବଙ୍ଗୀୟ ମହିଳା ମାନସିକ ବ୍ରତଧାରୀମାନେ ବ୍ରତ ପୂରଣ ପରେ ମା’ଙ୍କ ଗଳାରେ ଟଙ୍କା ହାର ଓ ବିଭିନ୍ନ ଫଳ ଫୁଲୁରି ନୈବେଦ୍ୟ ଅର୍ପଣ



ପୂଜା ମଣ୍ଡପରେ ମା’ଗଙ୍ଗାମାତାଙ୍କ ସମେତ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି।

କରନ୍ତି। ପରେ ମା’ଙ୍କ ପୀଠରେ ଶରୀର ଆରୋଗ୍ୟ କାମନା ପାଇଁ ଶିଶୁମାନଙ୍କୁ ଗଡ଼ାଇ ଦେଇଥାନ୍ତି। ସେହିପରି ମଣ୍ଡପରେ ବ୍ରହ୍ମା, ବିଷ୍ଣୁ, ମହାଦେବ, ଭଗୀରଥ, ମା’ ଗଙ୍ଗା ମାତା ଓ ସଖୀମାନଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ପୁରାଣ ବର୍ଣ୍ଣନା ଅନୁସାରେ ଭଗୀରଥ ଘୋର ତପସ୍ୟା କରିବା ପରେ ମା’ ଗଙ୍ଗା ମାତା ମର୍ତ୍ତ୍ୟପୁରକୁ ଆଗମନ କରି ଜଗତର ମଙ୍ଗଳ କାମନା କରିଥିଲେ। ପରେ ମା’ ଗଙ୍ଗାମାତାଙ୍କ ଆଶୀର୍ବାଦ ଲାଭ କରି ଭଗୀରଥ ସ୍ୱର୍ଗ ପ୍ରାପ୍ତି ହୋଇଥିଲେ ବୋଲି ଜନଶ୍ରୁତିରୁ ଶୁଣିବାକୁ ମିଳେ। ମକର ସଂକ୍ରାନ୍ତି ଦିନ ହିଁ ମା’ ଗଙ୍ଗା ମାତା ମର୍ତ୍ତ୍ୟ ପୁରକୁ ଗମନ କରିଥିବା ବଙ୍ଗୀୟ ଶ୍ରଦ୍ଧାଳୁମାନଙ୍କ ବିଶ୍ୱାସ ରହିଛି ବୋଲି କୁହାଯାଇଛି। ମା’ଙ୍କ ମଣ୍ଡପ ନିକଟରେ ବ୍ୟବସାୟୀମାନେ ବିଭିନ୍ନ ଦୋକାନ ବଜାର ପସରା ମେଲାଇଛନ୍ତି। ଯାତ୍ରା ପରିବେଷଣ, ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୁନିତି ପଞ୍ଚାୟତ ପାଞ୍ଚଗୋଛିଆଠାରେ ସାର୍ବଜନୀନ ମା’ ଗଙ୍ଗା ମାତା ପୂଜା ଓ ମକର ମେଳା ଅବସରରେ ସଭାପତି ହରେକୃଷ୍ଣ ଜେନା, ନାରାୟଣ ଜେନା, ରଞ୍ଜିତ କାମିଲା, ରାଜ କିଶୋର ଭୂୟାଁ, ବିମଳ ଗୋଚ୍ଛାୟତ, ଗୋବିନ୍ଦ ଦାସ, ଗଗନ ପ୍ରଧାନ ଓ ମନୋଜ ପାତ୍ରଙ୍କ ସମେତ ପଞ୍ଚାୟତର ବରିଷ୍ଠ ମୁରବୀ, ଯୁବଗୋଷ୍ଠୀ ସହଯୋଗ କରିଛନ୍ତି। ସେହିପରି କେବି ଦାଣ୍ଡୁଆ ପଙ୍କପାଳଠାରେ ମା’ ଗଙ୍ଗା ମାତା ପୂଜା କମିଟି ପକ୍ଷରୁ ସଦୟ ଦାସ, ନବୀନ ମଣ୍ଡଳ, ଭିଗୁରାମ ମଣ୍ଡଳ, ବାବୁଲାଲ କର, ଉତ୍ତମ କୁମାର ମଣ୍ଡଳ, ଅଶ୍ୱିନୀ ମଣ୍ଡଳ, ତପନ କୁମାର ମଣ୍ଡଳ, ସଜେନ୍ଦ୍ର ପରିଡ଼ା, ଅଟଳ ମଣ୍ଡଳ, ଦିଲୀପ ମଣ୍ଡଳଙ୍କ ସମେତ ସମିତି ସଭ୍ୟ ରାମଚନ୍ଦ୍ର ରାଉତ ଉପଦେଷ୍ଟା କମିଟିର ମୁଖ୍ୟ ସମେତ ଅଞ୍ଚଳବାସୀଙ୍କ ସହଯୋଗରେ ମା’ ଗଙ୍ଗା ମାତାଙ୍କ ପୂଜା ଅନୁଷ୍ଠିତ ହେଉଛି।

## କାଠଗଣ୍ଡି ସହ ଅଟୋ ଜବତ, ୨ ଗିରଫ

ପାରଳାଖେମୁଣ୍ଡି, (ଗିରିଧାରୀ ପରିଛା)ପାରଳାଖେମୁଣ୍ଡି ବନ ବିଭାଗଦ୍ୱାରା ବିପୁଳ ପରିମାଣର କାଠଗଣ୍ଡି ସହ ଅଟୋ ଜବତ ୨ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ସାତମାଇଲ ନିକଟରେ ବନ କର୍ମଚାରୀ ମାନେ ପେଟ୍ରୋଲିଂ କରୁଥିବା ସମୟରେ ରାୟଗଡ଼ା ପଟୁ ପାରଳାଖେମୁଣ୍ଡି ଆଡ଼କୁ ଆସୁଥିବା ଏକ ଡାଲା ଅଟୋରେ ୨୩ ଖଣ୍ଡ ଶାଗୁଆନ ଗଣ୍ଡି ଚାଲାଣ କରୁଥିବା ଦେଖି ଅଟୋକୁ ଅଟକାଇ ପଚାରା ଉଚରା କରିଥିଲେ। କିନ୍ତୁ ଅଟୋ ଚାଳକ କିମ୍ବା କାଠ ମାଲିକ ଆବଶ୍ୟକ ଦସ୍ତାବିଜ ଦେଖାଇ ପାରିନଥିଲେ। ଫଳରେ ବନ କର୍ମଚାରୀ ମାନେ ଅଟୋ ଓ କାଠକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଜବତ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ବ୍ରହ୍ମାନନ୍ଦ ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲା ଯୋଗାଣ ବିଭାଗର ଦ୍ୱାରସ୍ଥ ଚାଷୀ

ଛତ୍ରପୁର, ୧୬।୧(ଦିଲୀପ ସାମଲ):

ଗଞ୍ଜାମ ଜିଲାରେ ଏବେ ସବୁଠି ମିଲର୍‌ଙ୍କ ମନମାନି ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲର କେଉଁଠି ୭୫ କେଜି ଧାନ ବସ୍ତାରେ ୭୯ କେଜି ମାଗୁଛି ତ କେଉଁଠି ୭୮ କେଜି ମାଗୁଛନ୍ତି। ନଚେତ ଧାନ ଉଠିବ ନାହିଁ ବୋଲି ଚାଷୀଙ୍କୁ କୁହାଯାଉଛି। ଛତ୍ରପୁର ବ୍ଲକ ବିପୁଲିଙ୍ଗି ସେବା ସମବାୟ ସମିତି ଓ ଲକ୍ଷ୍ମୀପୁର ପଞ୍ଚାୟତରେ ଏଭଳି ଚାଲିଥିବାରୁ ଚାଷୀମାନେ ବାଧ ହୋଇ ଗୁରୁବାର ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କୁ ଜଣାଇଛନ୍ତି।

ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ଗତ ୧୪ ତାରିଖରେ ବିପୁଲିଙ୍ଗି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀ ତାଲା ପକାଇଥିଲେ। ଏହାର ସମାଧାନ ନେଇ ୩ରୁ ୪ ଥର ବୈଠକ ବସି ଏକ ନିଷ୍କର୍ଷ ବାହାରିଥିଲା ବୋଲି ସେବା ସମବାୟ ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ କହିଥିଲେ। ହେଲେ ମିଲର ଚାଷୀଙ୍କୁ ୭୫ କେଜିରେ ଧାନ ବସ୍ତାରେ ୩ କେଜି ଅଧିକ ମାଗୁଥିବା ସେ କହିଥିଲେ। ସେହିପରି ଲକ୍ଷ୍ମୀପୁରରେ ମଧ ୭୫ କେଜି ଧାନ ବସ୍ତାରେ ୪ କେଜି ଅଧିକ ମଗାଯାଉଛି ବୋଲି ଚାଷୀ ଏସ.ସୁର୍ଦ୍ଦଶନ ରେଡ୍ଡୀ କହିଛନ୍ତି। ଏ ପଟେ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ କୌଣସି ସରକାରୀ କର୍ମଚାରୀଙ୍କ ଦେଖାନାହିଁ। କିପରି ଧାନ ସୁରୁଖୁରୁରେ ଉଠିବ ତାର ବ୍ୟବସ୍ଥା କରାଯିବ ବୋଲି ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ଚାଷୀଙ୍କୁ କହିଥିଲେ। ଠିକ ସମୟରେ ଧାନ ନ ଉଠିଲେ ଅଭାବୀ ବିକ୍ରି କରିବା ପାଇଁ ଚାଷୀ ବାଧ ହେବେ। ତେଣୁ ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ପାଇଁ ଚାଷୀ ନେତା ସୀମାଞ୍ଚଳ ନାହାକ, ନୀଳକଣ୍ଠ ଦାଶ, ଶଙ୍କର ଦାଶ, ଦିଲୀପ ଛୋଟରାୟ ପ୍ରମୁଖ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ଗତ ୩ ତାରିଖରୁ ମଣ୍ଡି ଖୋଲାଯାଇଥିବା ବେଳେ ଏ ଯାବତ ୪୧୪ଟି ମଣ୍ଡିରେ ୨୩୭୫ ଜଣ ଚାଷୀ ୧ଲକ୍ଷ ୨୦ହଜାର ୪୯୨.୭୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି।



# ଆଜି ରାଜସ୍ୱ ମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର, ୧୬।୧ ( ଦିଲ୍ଲୀପ ସାମଲ)

ଦୁଇ ଥର ଲଗାଣ ବର୍ଷାରେ ରାଜ୍ୟରେ ସବୁଠାରୁ ଅଧିକ କ୍ଷୟକ୍ଷତି ଗଞ୍ଜାମ ଜିଲା ହୋଇଥିଲା। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ଆକଳନ କରି ପ୍ରାଥମିକ ଭାବେ ୬୦୭୧୨.୬୧ ହେକ୍ଟର ଚାଷ କ୍ଷତି ହୋଇଥିବା ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ଜିଲାକୁ ୮୯ କୋଟି ୭୯ଲକ୍ଷ ୨ହଜାର ୬୩ ଟଙ୍କା ମଞ୍ଜୁର ହେବା ପରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଏବେ କ୍ଷତିପୂରଣ ପ୍ରଦାନ କରାଯାଉଛି। ଇତିମଧ୍ୟରେ ୯୧ ହଜାର ୪ଶହ ଚାଷୀଙ୍କୁ ୪୨ କୋଟି ୪୭ହଜାର ୩୭୯ ଟଙ୍କା ପ୍ରଦାନ କରାଯାଇସାରିଲାଣି। ଏହି ଅବସରରେ ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଞ୍ଜାମ ଆସି ଜିଲାପାଳ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଜିଲାରେ ଦୁଇ ଥର ଲଗାଣ ବର୍ଷାରେ ସବୁଠୁ ଅଧିକ କ୍ଷତି ଚାଷୀ ସହିଥିଲେ। ସେମାନଙ୍କ ଧାନ ଅମଳ ସମୟରେ ବର୍ଷା ପାଇଁ ସବୁ ନଷ୍ଟ ହୋଇଥିଲା। ଏନେଇ ରାଜସ୍ୱ ବିଭାଗ,କୃଷି ବିଭାଗ, ଉଦ୍ୟାନ ବିଭାଗ ପକ୍ଷରୁ ଚାଷ ଜମିକୁ ଯାଇ କ୍ଷୟକ୍ଷତି ଅନୁଧାନ କରିଥିଲେ। ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀଙ୍କୁ ଏହି କ୍ଷତିପୂରଣ ରାଶି ମିଳିବ। ଗଞ୍ଜାମ ଜିଲାରେ ଚଳିତ ଖରିଫ ୨୦୨୪ ଋତୁରେ ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ କ୍ଷତିପୂରଣ ପାଇଁ ୫୩ ହଜାର ୧୨୦ ଆବେଦନ କରିଛନ୍ତି। ସେଥିରୁ ୪୧ ହଜାର ୫୯୫ ଜଣଙ୍କୁ ୯କୋଟି ୨୯ ଲକ୍ଷ ୧୬ ହଜାର ୪୭୧ ଟଙ୍କା ମିଳିଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

## ସାଧାରଣତନ୍ତ୍ର ଦିବସ ପାଇଁ ବୈଠକ

ଦାରିଙ୍ଗବାଡ଼ି,୧୬।୧ (ଅରୁଣ ସାହୁ)

ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ତହସିଲଦାର ଶରତ ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବିଏସ୍ଏସ୍‌ଓ ଖେତୀଶ ପ୍ରିୟଦର୍ଶୀ ସାହୁ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଚଳିତ ଥର ଏହି ଜାତୀୟ ଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡିଗ୍ରୀ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମକବୋଧକ ସଙ୍ଗୀତରେ ନୃତ୍ୟ ପ୍ରତିଯୋଗିତା, ସାମୁହିକ ପରେଡ଼, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ ଧାରଣା

ପୁରୁଷୋତ୍ତମପୁର, ୧୬।୧(ସିମାଞ୍ଚଳ ମିଶ୍ର): ପୁରୁଷୋତ୍ତମପୁର ବ୍ଲକ ବାଘଲା ପଞ୍ଚାୟତରେ ମଣ୍ଡିରେ ଧାନକିଣା ଅବ୍ୟବସ୍ଥାକୁ ନେଇ ଗୁରୁବାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଣ୍ଡିରେ ତୁରନ୍ତ ଧାନ କିଣାଯାଉ ବୋଲି ଦାବିକରି ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ରଖି ଧାରଣା ଦେଇଥିଲେ। ଗତ ୩ ତାରିଖରେ ସରକାରଙ୍କ ପକ୍ଷରୁ ଏଠାରେ ୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମଣ୍ଡି ଖୋଲାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀମାନଙ୍କଠାରୁ ଧାନ କିଣାଯାଉ ନ ଥିବା ଅଭିଯୋଗ ହୋଇଛି। ୩ ତାରିଖରୁ ଚାଷୀଙ୍କୁ ଟୋକନ ଦିଆଯାଇଛି। ହେଲେ ଧାନ ନିଆଯାଉ ନ ଥିବାରୁ ଚାଷୀମାନେ ନିଜର କଷ୍ଟ ଉପାର୍ଜିତ ଧାନକୁ ସୁରକ୍ଷିତ ଭାବେ ରଖିପାରୁନାହାନ୍ତି।



ରାସ୍ତାରେ ଧାନବସ୍ତା ରଖି ଚାଷୀମାନେ ଧାରଣା ଦେଇଛନ୍ତି।

ଏହା ପ୍ରତିବାଦରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଗତ ଲଗାଣ ବର୍ଷାରେ ଧାନର ମାନ ନଷ୍ଟ ହୋଇଥିବା କାରଣରୁ ଚାଉଳ ଭଲ ହେବ ନାହିଁ। ତେଣୁ ଏହିଧାନକୁ ମିଲରମାନେ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଚାଷୀଙ୍କ ଆନ୍ଦୋଳନ ଖବରପାଇ ବ୍ଲକ ଯୋଗାଣ ନିରୀକ୍ଷକ ନିଲିମା ପ୍ରିୟଦର୍ଶିନି ମହାନ୍ତି ସେଠାକୁ ଯାଇ ବୁଝାଶୁଝା କରିବା ସହ ଏଫଏକ୍ୟୁ ମାନ ରହିଥିବା ଧାନକୁ ମଣ୍ଡିରେ ନିଆଯିବ ଓ ଯେଉଁଧାନର ମାନ ଭଲ ନାହିଁ ଅର୍ଥାତ୍ ଗମୁ ହୋଇଯାଇଛି ସେଥିନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଚିଫ୍ ମିନିଷ୍ଟର ଫୁଟବଲ କପ୍ ଉଦ୍‌ଘାଟିତ

ଫୁଲବାଣୀ, ୧୬।୧(ରାକେଶ କୁମାର ରାଉତ)

କନ୍ଧମାଳ ଷ୍ଟାଡିୟମରେ ଗୁରୁବାର ଚିଫ ମିନିଷ୍ଟର ଫୁଟ୍‌ବଲ କପ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଓଡିଶା ଅଲମ୍ପିକ ଆସୋସିଏଶନ ଉପସଭାପତି କମଳାକାନ୍ତ ପାଣ୍ଡେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଫୁଟବଲ ଆସୋସିଏଶନ ପୂର୍ବତନ ସଭାପତି ହୃଦୟରଞ୍ଜନ ବେହେରା, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଅନୁଷ୍ଠିତ ମ୍ୟାଚରେ ଫୁଲବାଣୀ ଫୁଟବଲ ଆସୋସିଏଶନ ଓ ପଇସାହି କଳିଙ୍ଗ ଯୁବ ପରିଷଦ ପରସ୍ପରକୁ ଭେଟିଥିଲେ। ଫୁଲବାଣୀ ଫୁଟବଲ ଆସୋସିଏଶନ ୩-୧ ଗୋଲରେ ବିପକ୍ଷ ପଇସାହି ଦଳକୁ ହରାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ନେତାଜୀ କ୍ଲବ ଓ ଶିବଶକ୍ତି କ୍ଲବ ପରସ୍ପରକୁ ଭେଟିଥିଲେ। ଏଥିରେ ନେତାଜୀ କ୍ଲବ ବିପକ୍ଷ ଶିବଶକ୍ତି କ୍ଲବକୁ ୭-୦ ଗୋଲରେ ହରାଇଛି। ଫଳରେ ବିଜୟୀ ଦୁଇଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏହି ଖେଳ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଠିକା ସଂସ୍ଥାର ପ୍ଲାଣ୍ଟରେ ନିଆଁ

ଦାରିଙ୍ଗବାଡି, ୧୬।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମାହାଠାରେ ଥିବା ଏକ ଠିକସଂସ୍ଥାର ପ୍ଲାଣ୍ଟରେ ଗୁରୁବାର ସକାଳେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ପୋଡି ନଷ୍ଟ ହୋଇଛି। ତେବେ ସଂସ୍ଥାର କର୍ମଚାରୀଙ୍କ ଉପସ୍ଥିତି ବୁଦ୍ଧି ପାଇଁ ବଡ଼ ବିପଦ ଟଳି ଯାଇଛି। ପ୍ରକାଶ ଯେ, ପିଚୁ ପ୍ଲାଣ୍ଟରେ କାର୍ଯ୍ୟଚାଲିଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟ୍ ଘଟି ଜେନେରେଟରରେ ନିଆଁ ଲାଗିଯାଇଥିଲା। ନିଆଁକୁ ଆୟତ୍ତ କରା ନ ଗଲେ ପିଚୁ ପ୍ଲାଣ୍ଟରେ ନିଆଁ ଲାଗିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସଂସ୍ଥା ପକ୍ଷରୁ ଅଗ୍ନିଶମ ବିଭାଗକୁ ଡକାଯାଇଥିଲା। ଏହି ସମୟ ମଧ୍ୟରେ ପ୍ଲାଣ୍ଟରେ କାର୍ଯ୍ୟକରୁଥିବା ଶ୍ରମିକ ମାନେ ଉପସ୍ଥିତି ବୁଦ୍ଧି ଖଟାଇ

**ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ନଷ୍ଟ**



ଅଗ୍ନିଶନ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

କ୍ରସରରୁ ବାହାରୁଥିବା ପଥର ଗୁଣ୍ଡ ପକାଇ ଜେନେନେଟରରେ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ନଷ୍ଟ ହୋଇଥିବା ଜେନେନେଟରର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି।

## ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

ଚିକିଟି,୧୬।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିରି ଗ୍ରାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଜନାର୍ଦ୍ଦନ ସାହୁଙ୍କ ରୋଷେଇ ଘରେ ଥିବା ଫ୍ରିଜ ସମେତ ବିଭିନ୍ନ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏନେଇ ଗ୍ରାମବାସୀ ଜଣାଇବା ପରେ ଘଟଣା ସ୍ଥଳରେ ଚିକିଟି ଦମକଳ କେନ୍ଦ୍ର ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ଗଛରେ ଅଟୋ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଆର.ଉଦୟଗିରି/ରାମଗିରି,(ମନୋଜ କୁମାର ପାଢୀ/ବୃନ୍ଦାବନ ଗୌଡ଼)

ଗଜପତି ଜିଲା ନୂଆଗଡ ବ୍ଲକ ଆର୍.ଉଦୟଗିରି ଥାନା ଅନ୍ତର୍ଗତ ଜନପଦା ନିକଟ ଗଡାଣିଠାରେ ଏକ ଗଛରେ ଅଟୋ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରାମଗିରି ଗ୍ରାମର ଟୁକୁନା ଚୌଧୁରୀ(୧୮)। ଏଥିରେ ବିଶ୍ୱାମିତ୍ର ଚୌଧୁରୀ (୩୦) ଗୁରୁତର ହୋଇଛନ୍ତି। ରାମଗିରି ଗ୍ରାମର କାଳିଆ ଶ୍ୱଶୁରଘର ବଡପଦା ଗ୍ରାମକୁ ଯାଇଥିଲେ। ସେଠାରେ ଗଛରୁ ପଡି ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ତାଙ୍କୁ ଦେଖିବାକୁ ତାଙ୍କର ଦୁଇ ସାଙ୍ଗ ରାମଗିରିର ଟୁକୁନା ଓ ବିଶ୍ୱମିତ୍ର ଖଜୁରିପଦା ମେଡିକାଲକୁ ଅଟୋ ଯୋଗେ ଯାଇଥିଲେ। ଶୋକାକୁଳ ପରିବାରକୁ ସାନ୍ତ୍ୱନା ଜଣାଇ ସେଠାରୁ ଉଭୟେ ଫେରିବା ସମୟରେ ଅଟୋଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା।ଉଭୟଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଟୁକୁନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିଶ୍ୱମିତ୍ରଙ୍କ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ସ୍ଥାନାନ୍ତର କରାଯାଇଛି। ଖବର ପାଇଁ ଆର.ଉଦୟଗିରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଡାକ୍ତରଖାନା ପଠାଇଛି। ନଂ. ୭/୨୫ରେ ଏକ ମାମଲା ରୁଜୁ ହୋଇଛି।

### କରତକଲରେ ଚଢ଼ାଉ

ଭଞ୍ଜନଗର,୧୬।୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ରେଞ୍ଜ କାଳିଆଗୁଡ଼ାରେ ଚାଲିଥିବା ବେନିୟମ ଏକ କାଠ ମିଲ୍ ଉପରେ ବନ ବିଭାଗ ପକ୍ଷରୁ ଗୁରୁବାର ଅତର୍କିତ ଚଢ଼ାଉ କରାଯାଇଛି। ଖବର ଲେଖା ହେବା ସୁଧା ପ୍ରାୟ ୧୦୦ ସିଫ୍ଟରୁ ଉର୍ଦ୍ଧ୍ୱ ମୂଲ୍ୟବାନ କାଠ ଜବତ ହୋଇଛି। ଶୁକ୍ରବାର ମାପ ସରିବା ପରେ ଜଣାପଡିବ କେତେ ପରିମାଣର କାଠ ଜବତ ହୋଇଛି। ଚଢ଼ାଉର ନେତୃତ୍ୱ କେନ୍ଦ୍ରୀୟ ରେଞ୍ଜର ପୃଥ୍ୱୀ ରାଜ ପ୍ରଧାନ ନେଇଥିଲେ। ତାଙ୍କୁ ମୂଜାଗଡ଼ି, ଗାଲେରି, ତାରସିଂ, ଜଗନ୍ନାଥ ପ୍ରସାଦ ରେଞ୍ଜ ଷ୍ଟାଫ ଏବଂ ଗାଙ୍ଗପୁର ପୋଲିସ ସହଯୋଗ କରିଥିଲେ। ଏହି ଘଟଣାରେ ଜଡ଼ିତ ଅଭିଯୁକ୍ତ ପୂର୍ବ ସୂଚନା ପାଇ ଫେରାର ହେବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭାଗ ପକ୍ଷରୁ ଚେଷ୍ଟା ଚାଲିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜନକ ନିଜ ଘର ବାଡିପଟେ ଆଜକୁ ବର୍ଷ ବର୍ଷ ଧରି ବେନିୟମ ଭାବେ କରତକଲ ଚଳାଇଥିଲେ। ଏତେଦିନ ପର୍ଯ୍ୟନ୍ତ ବନ ବିଭାଗ କର୍ମଚାରୀ କିଭଳି ଜାଣିପାରିଲେ ନାହିଁ ତାହାକୁ ନେଇ ନାନା ପ୍ରଶ୍ନବାଚୀ ଦେଖାଦେଇଛି। କିଛି କର୍ମଚାରୀଙ୍କ ପରୋକ୍ଷ ସହଯୋଗ ଯୋଗୁଁ ତାହା ଏତଦିନ ପର୍ଯ୍ୟନ୍ତ ଚାଲିଥିବା ଅଭିଯୋଗ ହେଉଛି।

### ୩ ପ୍ରକଳ୍ପର ଶିଳାନ୍ୟାସ

ପାଟପୁର,୧୬।୧(ସିମାଞ୍ଚଳ ସାହୁ)

ସାନଖେମୁଣ୍ଡିରେ ପ୍ରାୟ ୩ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ଆସିକା ଏମ୍‌ପି ସହ ସାନଖେମୁଣ୍ଡି ବିଧାୟକ। ଗଙ୍ଗାପୁର ପଞ୍ଚାୟତର ରଘୁନାଥ ସାଗର କ୍ଷୁଦ୍ର ଜଳସେଚନ ଯୋଜନା ଏବଂ ସାତପେଣ୍ଠ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଖଇରବାଙ୍କ ଏମ୍ଆଇପିର ପୁନରୁଦ୍ଧାର ସହ ସଂଯୋଗ ରାସ୍ତା ନିର୍ମାଣ ସମ୍ପର୍କିତ ୩ଟି ପ୍ରକଳ୍ପର ଏମ୍‌ପି ଅନିତା ଶୁଭଦର୍ଶିନୀ ଓ ବିଧାୟକ ରମେଶ ଚନ୍ଦ୍ର ଜେନା ଶିଳାନ୍ୟାସ କରିଛନ୍ତି। ରଘୁନାଥ ସାଗର ପୁନରୁଦ୍ଧାର କାର୍ଯ୍ୟ ୧ କୋଟି ୮ ଲକ୍ଷ ୪୦ ହଜାର ଏବଂ ସଂଯୋଗ ରାସ୍ତା ନିର୍ମାଣ ପାଇଁ ୬୭ ଲକ୍ଷ ବ୍ୟୟ ଅଟକଳ ରହିଛି। ଏଥିସହ ଖଇରବାଙ୍କ ଏମ୍ଆଇପି ପୁନରୁଦ୍ଧାର କାର୍ଯ୍ୟ ପାଇଁ ୮୭ ଲକ୍ଷ ୪୨ ହଜାର ଟଙ୍କାର ପ୍ରକଳ୍ପ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

# ଜିଲା ଶ୍ରମ କାର୍ଯ୍ୟାଳୟରେ ବିଧାୟକ

ଛତ୍ରପୁର,୧୬।୧(ସନ୍ତୋଷ ପାଢ଼ୀ ):

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଜିଲା ଶ୍ରମ କାର୍ଯ୍ୟାଳୟ ଦେଇ ଯାଉଥିବା ବେଳେ ସେଠାରେ କେତେଜଣ ମହିଳା ରୁଣ୍ଡ ହୋଇଥିବା ଦେଖି ଅଟକିଥିଲେ। ସେମାନଙ୍କ ସମସ୍ୟା ଶୁଣିବା ପରେ ବିଧାୟକ ଅଚାନକ ଶ୍ରମ କାର୍ଯ୍ୟାଳୟକୁ ଜିଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଗରିବ ଶ୍ରମିକଙ୍କ ସମସ୍ୟାକୁ କାହିଁକି ସମାଧାନ କରାଯାଉନି ବୋଲି ପଚାରିଥିଲେ। ଶ୍ରମ କାର୍ଡ ପିଛା ୩୦୦୦ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଥିବା ଲୋକେ ଅଭିଯୋଗ କରୁଥିବା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏଠାରେ ଥିବା ଗ୍ରାସିମ, ଟିଟାନିୟମ, ଟାଟା ଆଦି କମ୍ପାନୀରେ ଆମ ଅଞ୍ଚଳରେ କେତେଜଣ ଶିକ୍ଷିତ ଯୁବକ ନିଯୁକ୍ତି ପାଇଛନ୍ତି ଏବଂ ଅନ୍ୟ ଜିଲା ଏବଂ ରାଜ୍ୟର କେତେଜଣ ଚାକିରି କରୁଛନ୍ତି, ତାହାର ତାଲିକା ଅଛି କି ବୋଲି ପଚାରିଥିଲେ। ଜିଲା ଶ୍ରମ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପରିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ ଲୋକଙ୍କ କାମ ଯଥାଶୀଘ୍ର ଶେଷ କରିବାକୁ ଅଧିକାରୀଙ୍କୁ ତାଗିଦ କରିଥିଲେ। ଅନ୍ୟପଟେ ବିଧାୟକ ଆସି କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ତାଲିକା ଓ ତଥ୍ୟ ସମ୍ପର୍କିତ ଆଲୋଚନା କରିଥିଲେ ବୋଲି ଜିଲା ଶ୍ରମ ଅଧିକାରୀ କହିଛନ୍ତି।

# ପଦ୍ମଶ୍ରୀ ଅନୁପ ଜଲୋଟାଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର, ୧୬।୧ (ଦିଲୀପ ସାମଲ)

ବ୍ରହ୍ମପୁର ସ୍ଥିତ ବିବେକ ବିହାର ପଡ଼ିଆରେ ବୈଦିକ ବିଶ୍ୱଶାନ୍ତି ସମିତି ଦ୍ୱାରା ଆୟୋଜିତ ମକରରେ ନବକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ସମାହିତ ହୋଇଯାଇଛି। ଏହି ବିଶ୍ୱଶାନ୍ତି ମହାଯଜ୍ଞର ମୁଖ୍ୟ ରାମଶଙ୍କର ଶତପଥୀଙ୍କ ଦ୍ୱାରା ପୂର୍ଣ୍ଣାହୁତି ଦିନ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଭଜନ ସମ୍ରାଟ ପଦ୍ମଶ୍ରୀ ଅନୁପ ଜଲୋଟା ଯୋଗ ଦେଇଥିବା ବେଳେ ମା'ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ ପୂଜା କମିଟି ତରଫରୁ ତାଙ୍କୁ ଆନୁଷ୍ଠାନିକ ଭାବେ ପୁଷ୍ପଗୁଚ୍ଛ ସହିତ ମା'ଙ୍କ ପଟଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବୈଦିକ ବିଶ୍ୱଶାନ୍ତି ସମିତିର ମୁଖ୍ୟ ପୂଜ୍ୟଗୁରୁ ପଣ୍ଡିତ ରାମଶଙ୍କର ଶତପଥୀ, ଲକ୍ଷ୍ମୀନୃସିଂହ ପଣ୍ଡା, ସଂଯୋଜକ କମଲ ପଣ୍ଡା, ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ପୂଜା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଜ୍ୟୋତିର୍ବିଦ ଦୀପକ ଦାଶ, ସହ ସଂଯୋଜକ-ତୁଷାର ଶତପଥୀ, ସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଘୁମୁସର ଲେଖିକା ସଂସଦ ପକ୍ଷରୁ କବିତା ଆସର




କବିସୂର୍ଯ୍ୟନଗର, ୧୬।୧ (କୃପାସିନ୍ଧୁ ସ୍ୱାଇଁ)

ସାହିତ୍ୟିକା ଇ. ମାହେଶ୍ୱରୀ ଦୋରାଙ୍କ ସଭାପତିତ୍ୱରେ ନିଜ ପ୍ରାଙ୍ଗଣରେ ଭଞ୍ଜନଗର ଘୁମୁସର ଲେଖିକା ସଂସଦ ତରଫରୁ ଏକ ଶୀତକାଳୀନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ସମ୍ପାଦିକା ଡ.ନଳିନୀକାନ୍ତ ଦାସ ସଂଯୋଜନା କରିଥିଲେ ଓ ନିଜ ଲିଖିତ ନୂତନ କବିତା ପାଠ କରିଥିଲେ। ଆସରର ମୁଖ୍ୟ ଅତିଥି ଭାବେ ପୁଷ୍ପାଞ୍ଜଳି ମହାପାତ୍ର, ମୁଖ୍ୟବକ୍ତା ଭାଗ୍ୟଲତା ପଣ୍ଡା, ସମ୍ମାନିତ ଅତିଥି ସମାଜସେବୀ ଏ.ବ୍ରହ୍ମାନନ୍ଦ ଆଚାରୀ ଯୋଗ ଦେଇ ସାହିତ୍ୟ ଚର୍ଚ୍ଚା, ଆସରର ଗୁରୁତ୍ୱ, ନାରୀମାନଙ୍କ ନେତୃତ୍ୱଭାବ, ସମାଜରୁ କୁପ୍ରଥା ଦୂରୀକରଣ, ନିରକ୍ଷରତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା. ଗାୟତ୍ରୀ ସାହୁ, ଆରତୀ ସେଠି, ରୁନୁବାଳା ଦାସ, ପୁଷ୍ପାଞ୍ଜଳି ସାହୁ, ସୁଚେତା କୁମାରୀ ସ୍ୱାଇଁ, ଶୁଭସ୍ମିତା ଦାସ ଆଦି ନିଜସ୍ୱ କବିତା ପାଠ କରିଥିଲେ। ସଂଯୋଜିକା ଇ. ମାହେଶ୍ୱରୀ ଦୋରାଙ୍କ ବଦାନ୍ୟତାରେ ଦରିଦ୍ର, ନିଷ୍ପେସିତ ମହିଳାଙ୍କୁ ଅନ୍ନ ଓ ଶୀତ ବସ୍ତ୍ର କମଳ ବଣ୍ଟନ କରିଥିଲେ। ଅନ୍ୟ ମହିଳା ସଦସ୍ୟ ସହଯୋଗ କରିଥିଲେ। ଲେଖିକା ଆରତୀ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

# ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଶେରଗଡ଼, ୧୬।୧(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଅନ୍ତର୍ଗତ ଧନନ୍ତର ସ୍ଥିତ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଆଗନ୍ତୁକ ଅତିଥିମାନେ ପହଞ୍ଚିବା ପରେ ବିଦ୍ୟାଳୟର ସମ୍ମୁଖରେ ଥିବା ଗଜାନନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଞ୍ଚକୁ ପାଛୋଟି ନିଆଯିବା ପରେ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶ ସେଠୀ, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପାଢ଼ୀ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକରା ସ୍ୱାଇଁ, ବିଜ୍ଞାନ ଅଧ୍ୟାପକ ଶିଶିରକାନ୍ତ ତ୍ରିପାଠୀ, ସମିତିସଭ୍ୟ ରବିନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ପରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଅଶୋକ ପ୍ରସାଦ ତ୍ରିପାଠୀ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

## ନେଟ୍‌ୱର୍କ ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ

ଖଜୁରିପଡ଼ା,୧୬।୧( ବିଦୁର ବେହେରା)

ଖଜୁରିପଡ଼ା ସବଡିଭିଜନ ଠାରେ ନେଟ୍‌ୱର୍କ ସମସ୍ୟା ଲାଗିରହିଥିବାରୁ ଖଜୁରିପଡ଼ାବାସୀ ସ୍ୱତନ୍ତ୍ର ଜିଓ ଟାୱାର ସ୍ଥାପନ ପାଇଁ ଜିଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ଖଜୁରିପଡ଼ା ବିଏସ୍ଏନ୍‌ଏଲ୍ ଟାୱାର ଉପରେ ହିଁ ଜିଓ ନେଟ୍‌ୱର୍କ ସଂଯୋଗ ହୋଇଥିବାରୁ ବିଦ୍ୟୁତ୍ ଚାଲିଗଲେ ଉଭୟ ନେଟ୍‌ୱର୍କ ଫେଲ ହୋଇଯାଉଛି। ଫଳରେ ଅଞ୍ଚଳବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଖଜୁରିପଡ଼ା ବିଦ୍ୟୁତ୍ ଲୁଚକାଳି ଖେଳିବା ପରି ଗଛର ପତ୍ର ହଲିଲେ ବିଦ୍ୟୁତ୍ ଚାଲିଯାଉଛି। ଅନେକ ସମୟ ବିଦ୍ୟୁତ୍ କାଟ ହେଉଛି। ତେଣୁ ନେଟ୍‌ୱର୍କ ଫେଲ୍ ହେଉଥିବାରୁ ଅଫିସ କାମରେ ସମସ୍ୟା ଉପୁଜିଛି। ସେହିପରି ଛାତ୍ରୀଛାତ୍ର ଅନଲାଇନ୍ ପାଠପଢାରେ ବ୍ୟାଘାତ ହେଉଛି। ବ୍ୟାଙ୍କ୍, ଜନସେବା କେନ୍ଦ୍ରଗୁଡ଼ିକରେ ଟଙ୍କା ନେଣଦେଣ କରିବାରେ ଅସୁବିଧା ହେଉଛି ବୋଲି ଜନସେବା କେନ୍ଦ୍ର ପରିଚାଳକ ମାନେ କହିଛନ୍ତି। ଏହା ସବଡିଭିଜନ ହୋଇଥିବାରୁ ୧୪ଟିପଞ୍ଚାୟତର ଲୋକମାନେ ବ୍ଲକ, ଥାନା, ମେଡିକାଲ, ତହସିଲକାର୍ଯ୍ୟାଳୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ବିଭିନ୍ନ କାର୍ଯ୍ୟରେ ଆସି ନେଟ୍‌ୱର୍କ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏକ ସ୍ୱତନ୍ତ୍ର ଜିଓ ନେଟ୍‌ୱର୍କ ସ୍ଥାପନ କରିବା ପାଇଁ ବିଘ୍ନେଶ୍ୱର ବେହେରା,କେଶବ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ସାହୁ, ସୁବ୍ରତ ଶତପଥୀ, ପ୍ରଭାତ ବରୱାଁ, ରବୀନ୍ଦ୍ର ଚୌଧୁରୀ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ।

# ମଣ୍ଡିରେ ଧାନ ସଂଗ୍ରହରେ ଅବ୍ୟବସ୍ଥା,ଚାଷୀ ହଇରାଣ

ପାରଳାଖେମୁଣ୍ଡି,୧୬।୧(ଗିରିଧାରୀ ପରିଛା)

ଗଜପତି ଜିଲାରେ ଧାନ ସଂଗ୍ରହ ନୀତିରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ପ୍ରଶାସନର ଅବହେଳାର ପରିଣାମ ଚାଷୀଙ୍କୁ ଭୋଗିବାକୁ ପଡୁଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାରେ ପ୍ରଥମେ ଡିସେମ୍ବର ୩୦ରେ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇ ପରବର୍ତ୍ତୀ ସମୟରେ ବର୍ଷା ଯୋଗୁ ଏହାକୁ ଘୁଞ୍ଚାଇ ଜାନୁଆରୀ ୭ରେ ମଣ୍ଡି ଖୋଲିଥିଲା। ପ୍ରଶାସନର ଦାୟିତ୍ୱହୀନତା ଓ ଅବହେଳା ଯୋଗୁ ଏବେ ଚାଷୀ ଟୋକନ ଥାଇ ମଧ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି। ଟୋକନ ଧାର୍ଯ୍ୟ ତାରିଖଠାରୁ ଦିନ ଗଡି ଚାଲିଥିବାରୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ କି ନାହିଁ ଚିନ୍ତାରେ ପଡିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାର ଅଧିକାଂଶ ମିଲର ଧାନ ନେବାପାଇଁ ସହମତି ପ୍ରଶାସନକୁ ଜଣାଇନାହାନ୍ତି। ୧୨ ଜଣ ମିଲର ପ୍ରଶାସନକୁ ନିଜ ସହମତି ଜଣାଇଥିବା ବେଳେ ୨୨ଟି ମଣ୍ଡିରେ ଧାନ ସଂଗ୍ରହ ପ୍ରକିୟା ଜାରି ରହିଥିବା ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି।

ଅନ୍ୟପକ୍ଷରେ ଯେଉଁସବୁ ସ୍ଥାନରେ ମଣ୍ଡି ଖୋଲାଯାଇଛି ସେଠାରୁ ମିଲ୍ ୩୦ରୁ ୫୦ କି.ମି. ଦୂର। ଫଳରେ ଚାଷୀଙ୍କୁ ବସ୍ତା ପିଛା ପରିବହନ ଖର୍ଚ୍ଚ ୧୦୦ରୁ ୨୦୦ ଟଙ୍କା ଅଧିକ ଦେବାକୁ ପଡ଼ିବ। ଏଥିଯୋଗୁ ଚାଷୀ ମଣ୍ଡିରେ ଧାନ ଦେବାକୁ ଜିଦ ଧରି ବସିଛନ୍ତି। ଯେଉଁଠି ମଣ୍ଡି ଖୋଲାଯାଇଛି ସେଠାରେ ଚାଷୀଙ୍କ ଧାନ ରଖିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ମଣ୍ଡିରେ ସୋସାଇଟି ସେକ୍ରେଟାରି ରେବତୀ ମୋହନ ରାଉତ ଚାଷୀଙ୍କୁ କୌଣସି ମିଲର ଧାନ ନେବାଯାଏ ମଣ୍ଡିରେ ଚାଷୀଙ୍କ ନିଜ ଧାନର ଦାୟିତ୍ୱ ନିଜେ ନେବାକୁ ସେମାନଙ୍କୁ ବାଧ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଯେଉଁ କେତେଜଣ ଚାଷୀଙ୍କ ମିଲରଙ୍କ ପାଖକୁ ଧାନ ନେଉଛନ୍ତି ସେଠାରେ କୁଇଣ୍ଟାଲ ପିଛା ବିଭିନ୍ନ ଆଳ ଦେଖାଇ ୫ କିଲୋ ପର୍ଯ୍ୟନ୍ତ କାଟ କରୁଥିବା ଜିଲା କୃଷକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଗୋପୀନାଥ ପାତ୍ର, ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗୁରୁବାର ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ପଡ଼ିଆରେ ଖୋଲା ଯାଇଥିବା ମଣ୍ଡିରେ ଚାଷୀଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି ଚାଷୀ ଓ ଯୋଗାଣ ଅଧିକାରୀ ବେହେରାଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ପରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଓ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ପ୍ରକାରେ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତେବେ ମିଲରଙ୍କ ସହ ଏଯାବତ ଚୁକ୍ତିସ୍ୱାକ୍ଷର ହୋଇ ନ ଥିବା ନେଇ ପ୍ରଶାସନ ପକ୍ଷରୁ ହୋଇଥିବା ଅବହେଳାକୁ ଆଲୋଚନା ବେଳେ ସ୍ୱୀକାର କରାଯାଇଥିଲା। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଡୋଶୀ ଜିଲାର ମିଲରମାନଙ୍କ ସହ ଆଲୋଚନା କରି ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଧାନ ସଂଗ୍ରହ ନ କଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

**ପ୍ରଶାସନର ମନମାନି**

# ଯୋଜନାରେ ସୀମିତ ଜଙ୍ଗଲ ସୃଷ୍ଟି ଲକ୍ଷ୍ୟ

## ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ



ଯାଜପୁର,୧୬।୧(ହର୍ଷବର୍ଦ୍ଧନ ବେହେରା)

ପିକ୍‌ନିକ ଋତୁ ପୂର୍ବରୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ କାମ ଶେଷ ହୋଇଯିବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। କିନ୍ତୁ ବ୍ୟାସସରୋବର କାର୍ଯ୍ୟ ଅଧାପନ୍ତରିଆ ହୋଇଥିବାରୁ ତାହା ଏଯାଏ ଉଦ୍‌ଘାଟନ ହୋଇ ପାରିନାହିଁ। ବିଶେଷକରି ଜଙ୍ଗଲ ଓ ସବୁଜିମା ସୃଷ୍ଟି ନାମରେ ହୋଇଥିବା ଏହି ପ୍ରକଳ୍ପ କେବଳ କଂକ୍ରିଟ କାର୍ଯ୍ୟରେ ସୀମିତ ରହିଛି। ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ପ୍ରାୟ ୬୯ କୋଟି ଟଙ୍କାର ପ୍ରକଳ୍ପ ଏହାର ମୁଖ୍ୟ ଲକ୍ଷ୍ୟଠାରୁ ବିଚ୍ୟୁତ ହୋଇଛି ବୋଲି ମତପ୍ରକାଶ ପାଉଛି। ଏହାବାଦ ନିମ୍ନମାନର ଟାଇଲ କାର୍ଯ୍ୟ ଯୋଗୁ ଉଦ୍‌ଘାଟନ ପୂର୍ବରୁ ବିଭିନ୍ନ ସ୍ଥାନରେ ଦବି ଯାଇଥିବାବେଳେ କେତେକ ସ୍ଥଳରେ ଉପୁଡି ପଡିଛି। ଡିଏମ୍‌ଏଫ୍‌ର ଅଧ୍ୟକ୍ଷ ଜିଲାପାଳ ଏହି ପ୍ରକଳ୍ପସ୍ଥଳକୁ ଏକାଧିକ ଥର ପରିଦର୍ଶନରେ ଆସିଥିଲେ ବି ଏଭଳି ଅନିୟମିତତା ଓ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ସାଧାରଣରେ ଆଲୋଚନା ହେଉଛି।

ବ୍ୟାସ ସରୋବର ମହର୍ଷି ବ୍ୟାସଦେବ ମହାମୁନିଙ୍କ ଐତିହ୍ୟପୀଠ । ମହାମୁନି ବ୍ୟାସଦେବ ଏହି ସ୍ଥାନରେ ବସି ମହାକାବ୍ୟ ମହାଭାରତ ରଚନା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଏହାବାଦ୍ ଲୋକମୁଖରେ ପ୍ରଚଳିତ ରହିଛି ଯେ, ୧୮ ଦିନର ମହାଭାରତ ଯୁଦ୍ଧର ମୂକସାକ୍ଷୀ ଏହି ବ୍ୟାସସରୋବର ଅଞ୍ଚଳରେ ପାଣ୍ଡବ ଭ୍ରାତା ଭୀମଙ୍କ ଗଦାଘାତରେ କୁରୁରାଜ ଦୁର୍ଯ୍ୟୋଧନଙ୍କ ଜାନୁଭଙ୍ଗ ହୋଇଥିଲା। ବ୍ୟାସସରୋବର କ୍ଷେତ୍ରରେ ପ୍ରାଚୀନ ଗୁପ୍ତଗଙ୍ଗା ମଧ୍ୟ ରହିଛି। ଏହିସବୁ କାରଣରୁ ଏହି ପୀଠର ଉନ୍ନତିକରଣ ପାଇଁ ଅଞ୍ଚଳବାସୀ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ଲୋକଙ୍କ ଦାବି ମୁତାବକ ଏହି ପୀଠର ଉନ୍ନତିକରଣ ପାଇଁ ୨୦୨୧ରେ ଡିଏମ୍‌ଏଫ୍ ପାଣ୍ଠିରୁ ୬୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଇତିମଧ୍ୟରେ ଏନଜିଟି ମାମଲା ଯୋଗୁ କିଛି ମାସ କାର୍ଯ୍ୟ ବନ୍ଦ ହେବା ପରେ ପୁଣି ପ୍ରକଳ୍ପ ଆରମ୍ଭ କରାଯାଇ ୫କୋଟି ଟଙ୍କା ଅଧିକ ମଞ୍ଜୁର ହୋଇଥିବା ସୂଚନା ମିଳିଛି। ନିର୍ବାଚନ ପୂର୍ବରୁ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ କରି ସହରବାସୀଙ୍କ ପାଇଁ ଉତ୍ସର୍ଗ କରାଯିବ ବୋଲି ଶୁଣିବାକୁ ମିଳିଥିଲା। କିନ୍ତୁ ଦିଲ୍ଲୀର ସଂପୃକ୍ତ ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର ପକ୍ଷରୁ ଅବହେଳା ଏବଂ ଦୁର୍ନୀତି ମନୋଭାବ ଯୋଗୁ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବ୍ୟାସ ସରୋବରର ମୁଖ୍ୟ ଫାଟକଠାରୁ ଗୁପ୍ତ ଗଙ୍ଗା ପର୍ଯ୍ୟନ୍ତ ପୁରୁଣା ଭଙ୍ଗା ଗମ୍ବୁଜଗୁଡିକର ମରାମତି କିମ୍ବା ନିର୍ମାଣ ହେଲା ନାହିଁ। ଉକ୍ତ ଗମ୍ବୁଜଗୁଡିକରେ ଫାଟ ସୃଷ୍ଟି ହୋଇ ଲୁଡା ରଡ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ସେହି ଗମ୍ବୁଜଗୁଡିକ ଖୁବ୍ କମ ଦିନରେ ଭାଙ୍ଗି ଯିବ ବୋଲି ଆଶଙ୍କା ସୃଷ୍ଟି କରୁଛି। କିନ୍ତୁ ନିୟୋଜିତ ଠିକାସଂସ୍ଥା କ୍ରିଷ୍ଣା ବିଲଡ୍‌ର କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଛନ୍ତି। ଏହି ପ୍ରକଳ୍ପରେ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସହରୀ ଜଙ୍ଗଲ ସୃଷ୍ଟି, ପାର୍କ, ଦୂବକ୍ଷେତ, ଜଳାଶୟ, ମହାଭାରତ ଯୁଗର ହସ୍ତିନାପୁର, କୌରବ ଓ ପାଣ୍ଡବ, ମାଛ ଆଖି, ବୋଟିଂ, ବ୍ରିଜ, ଫୁଲ ବଗିଚା, ଭୀଷ୍ମ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି ନିର୍ମାଣର ପରିକଳ୍ପନା କରାଯାଇଥିଲା। ହେଲେ ହାତ ଗଣତି କେତେକ ଫୁଲ ଗଛ ଓ ଅନ୍ୟାନ୍ୟ ଗଛ ଲଗାଇ ପ୍ରଶାସନକୁ ଭୁଆଁ ବୁଲାଇବାକୁ ଉଦ୍ୟମ କରାଯାଇଛି। ଯେଉଁ କେତେକ ଗଛ ଲାଗିଛି ତାହା ପାଣି ସିଞ୍ଚନ ଅଭାବରୁ ମରି ଶୁଖି ଯାଉଛି। ଏହାବାଦ୍ ବ୍ୟାସରୋବର ଛକଠାରୁ ସରୋବର ପର୍ଯ୍ୟନ୍ତ ଓସାରିଆ ରାସ୍ତା ନିର୍ମାଣ କରିବାକୁ ଯୋଜନା ରହିଥିଲାବେଳେ କେବଳ ଗେଟି, ପାଉଁଶ ପକାଇ ଅଧାପନ୍ତରିଆ ଭାବେ ଛାଡି ଦିଆଯାଇଛି। ଏହି ପ୍ରକଳ୍ପରେ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଅନୁମାନ କରାଯାଉଥିବାବେଳେ ବାକି ମଞ୍ଜୁର ଅର୍ଥକୁ ମିଳିମିଶି ଚଲୁ କରି ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ କ୍ରିଷ୍ଣା ବିଲଡର୍ ଠିକାସଂସ୍ଥାର ମ୍ୟାନେଜର ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ପୁରୁଣା ଗମ୍ବୁଜଗୁଡିକର ମରାମତି ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅଧିକ ଅର୍ଥ ମଞ୍ଜୁର ହେଲେ ତାହା ସମ୍ପୂର୍ଣ୍ଣ ହୋଇ ପାରିବ। ଏହି ପ୍ରକଳ୍ପ କାର୍ଯ୍ୟରେ କୌଣସି ଅନିୟମିତତା ହେଉନାହିଁ।

## ବିଏସ୍ କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଚଣ୍ଡିଖୋଲ,୧୬।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ(ବିଏସ୍) ମହାବିଦ୍ୟାଳୟ ପରିସରର ଗତ ୬ତାରିଖଠାରୁ ଚାଲୁଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମାହାଲା ଯୋଗଦେଇ ବାଳିକାମାନେ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଶିଖିବାକୁ ଆହ୍ୱାନ ଦେବାସହ ରାଷ୍ଟ୍ରପତିଙ୍କ ଦୃଷ୍ଟାନ୍ତ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତାଭାବେ ସମାଜଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାୟୀ ଯୋଗଦେଇ ସାମ୍ପ୍ରତିକ ସମାଜରେ ଶୋଷଣର ଶିକାର ହେବା ପରିପ୍ରେକ୍ଷୀରେ ଛାତ୍ରୀମାନେ ନିଜେ ଶାରୀରିକ ଓ ମାନସିକସ୍ତରରେ ଦୃଢ଼ ହେଲେ ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି କହିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ଦିପସା ପ୍ରିୟଦର୍ଶିନୀ ନାୟକ ବାଳିକା ଆତ୍ମରକ୍ଷାର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷିକା ଅଲିଭା ସେଠୀ, ଗୀତାଞ୍ଜଳି ନାୟକ ଉପସ୍ଥିତ ଥିବା ବାଳିକାମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ପ୍ରଦାନ କରିଥିଲେ। ଶିବିରକୁ ଅଧ୍ୟାପିକା ଶୁଭଶ୍ରୀ ସାହୁ, ସୁଷମା ବେହେରା ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନାର ଅନ୍ୟତମ ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଉଦ୍‌ଯାପନୀ ସମାରୋହକୁ ଆସିଲେନି ଉପମୁଖ୍ୟମନ୍ତ୍ରୀ, ଏମ୍‌ପି

ଚଣ୍ଡିଖୋଲ,୧୬।୧
(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିଠାରେ ଗୁରୁ ପଦ୍ମ ସମ୍ଭବ ସମାରୋହ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଯାଜପୁର ଏମ୍‌ପି ରବି ନାରାୟଣ ବେହେରା ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇଥିଲେ। ୪ର୍ଥ ସନ୍ଧ୍ୟାରେ ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଅତିଥି ଭାବରେ ଯୋଗଦେଇ ଥିଲେ। ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ମା'ଙ୍କ ଦେହାନ୍ତ ଯୋଗୁ କେହି ଅତିଥି ଉଦଯାପନୀ ସମାରୋହକୁ ଆସି ନ ଥିଲେ।

## ମିଲରଙ୍କ ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଯାଜପୁର ଟାଉନ/ ଦଶରଥପୁର,୧୬।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ ସୁଶାନ୍ତ କୁମାର ବେହୁରିଆ)

ଦଶରଥପୁର ବ୍ଲକରେ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଧାନମଣ୍ଡି ଖୋଲିଛି। ହେଲେ ମଣ୍ଡିରୁ ଧାନ କିଣା ଯାଉନାହିଁ। ମଣ୍ଡିରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ରୁ ୭ କିଲୋ ଧାନ କାଟିବାକୁ ମିଲର ବାଧ୍ୟ କରୁଛନ୍ତି। ଯେଉଁ ଚାଷୀ ମିଲରଙ୍କ ପ୍ରସ୍ତାବରେ କଟ୍‌ନୀ ଛଟନୀ କରିବାକୁ ରାଜି ହେଉଛନ୍ତି ସେମାନଙ୍କ ଧାନ କିଣାଯାଉଥିବାବେଳେ ଯେଉଁମାନେ ରାଜି ହେଉ ନାହାନ୍ତି ସେମାନଙ୍କୁ ଏଫଏକ୍ୟୁଆଇରେ ହଇରାଣ କରାଯାଉଛି। ଚଳିତ ମାସ ୧୫ ତାରିଖଠାରୁ ବ୍ଲକ୍‌ର ଖଣ୍ଡରା, ଅକରପଡ଼ା, ତଳିହା, ଗ୍ରାମନନ୍ଦିପୁର, ବିହାରୀ ଆଦି ଅଞ୍ଚଳରେ ଖୋଲିଥିବା ଧାନମଣ୍ଡିରୁ ୫ କିଲୋ ଧାନ କଟନୀ ଛଟନୀରେ ମିଲର କିଣିଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏପରିସ୍ଥିତିରେ ଜିଲାପାଳ ଚାଷୀଙ୍କ ସ୍ୱାର୍ଥରକ୍ଷା କରିବାକୁ ମଣ୍ଡିରେ ମନମାନି ଚଳାଇଥିବା ମିଲରଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦଶରଥପୁର ବ୍ଲକ୍‌ର ଚାଷୀ ଦେବେନ୍ଦ୍ର ପଣ୍ଡା, ନିରାକାର ସାହୁ, ଚନ୍ଦ୍ରଶେଖର ସାହୁ, ଦେବଦତ୍ତ ମହାପାତ୍ର, ପ୍ରଦୀପ ସ୍ୱାଇଁ, ମଦନ ମୋହନ ଦେବତା, ମଳୟ କୁମାର ପଣ୍ଡା, ପ୍ରଶନ୍ନ କୁମାର ସାହୁ, ସରୋଜ ରାଉତ, ପୂର୍ଣ୍ଣଚନ୍ଦ୍ର ପାଗଳ, ରାଜକିଶୋର ରାଉତ, ପ୍ରଶାନ୍ତ ଜେନା, ବଂଶୀଧର ବେହେରା, ଦାମୋଦର ନାୟକ, ପ୍ରମୋଦ ରାଉତରାୟ, ମଳୟ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ଚାଷୀ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ମଣ୍ଡିରେ ସ୍ୱାଭାବିକ ଧାନକିଣା ଉପରେ ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

## କାରଖାନାରେ ବିସ୍ଫୋରଣ: ଶ୍ରମିକ ଗୁରୁତର

କଳିଙ୍ଗନଗର,୧୬।୧(ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ କାରଖାନା ପରିସରରେ ଗୁରୁବାର ପୂର୍ବାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଠିକା ଶ୍ରମିକ ଗୁରୁତର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ଶଙ୍ଖଚିଲା ଠାକୁରପାଟଣା ଗ୍ରାମର ତପନ ମଲିକ(୨୬)। ତପନ କାରଖାନାର ଷ୍ଟିଲ୍ସ ମେଲଟିଂ ସପ ପାର୍ଶ୍ୱରେ ଏମ୍ ଟେକ ଠିକା ସଂସ୍ଥା ଅଧୀନରେ ସକାଳ ସିଫ୍ଟରେ କାମ କରୁଥିଲେ। ଏହି ସମୟରେ ହଠାତ୍ ଉକ୍ତ ପାର୍ଶ୍ୱରେ ବିସ୍ଫୋରଣ ହେବାରୁ ତପନଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯିବା ସହିତ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସଙ୍କଟାପନ୍ନ ଥିବା ତପନଙ୍କୁ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଥିବା ତାଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି।

## ସଡ଼କ ସୁରକ୍ଷା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଉଦ୍ଦିପନା ଶକ୍ତି ଉତ୍ତୋଳନ ସଂଘ କର୍ମକର୍ତ୍ତା।

ପାଣିକୋଇଲି,୧୬।୧(ବିକାଶ ମଲ୍ଲିକ)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଯାଜପୁର ଉଦ୍ଦିପନା ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଣିକୋଇଲି ଥାନା ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଯାଜପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ, ସମ୍ମାନିତ ଅତିଥିଭାବେ ପାଣିକୋଇଲି ଥାନା ଏସ୍‌ଆଇ ବିଶ୍ୱରଞ୍ଜନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ସଂଘ ଉପଦେଷ୍ଟା ଆଲୋକ କୁମାର ମହାନ୍ତି ଓ ସମ୍ପାଦକ ରଞ୍ଜନ କୁମାର ବଳ ସଡକ ସୁରକ୍ଷା ସପ୍ତାହ ପାଳନର ଆବଶ୍ୟକତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ସଦସ୍ୟ ସନତ କୁମାର ଜେନା, ତପନ କୁମାର ନାୟକ, ଶିବାଶିଷ ଜେନା, ଜଗବନ୍ଧୁ ମଲ୍ଲିକ, ମନୋଜ ପରିଡ଼ା, ସଦାଶିବ ମହାଳିକ, ଅମିତ କୁମାର, ହିମାଂଶୁ ନାୟକ, ସିଦ୍ଧାନ୍ତ ନାୟକ, ଚିତ୍ତରଞ୍ଜନ ମହାପାତ୍ର, ସେକ ଅବତାବ ଅଲ୍ଲୀ, ଆକାଶ କୁମାର, ପ୍ରଜ୍ଞାପ୍ରଭା ସାହୁ, ବନିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ହେଲମେଟ୍ ପିନ୍ଧନ୍ତୁ ସୁରକ୍ଷିତ ରୁହନ୍ତୁ, ବାଇକ ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ଗାଡି ଚାଳନା ବେଳେ ନିଶାସକ୍ତ ନ ହେବା ଆଦି ସଚେତନତା ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରିଥିଲେ। ଯେଉଁମାନେ ହେଲମେଟ୍ ବ୍ୟବହାର କରୁଥିଲେ ସେମାନଙ୍କୁ ଧଳା ଫୁଲ ଓ ଯେଉଁମାନେ ହେଲମେଟ୍ ବ୍ୟବହାର କରୁ ନ ଥିଲେ ସେମାନଙ୍କୁ ଲାଲ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ।

## ଭୁଟାନ ବୌଦ୍ଧ ସନ୍ନ୍ୟାସୀଙ୍କ ଦେହାନ୍ତ

ଚଣ୍ଡିଖୋଲ,୧୬।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ଉଦୟଗିରିଠାରେ ଅନ୍ତର୍ଜାତୀୟ ଗୁରୁ ପଦ୍ମସମ୍ଭବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ ଦେଶର ବୌଦ୍ଧ ସନ୍ନ୍ୟାସୀ ଯୋଗ ଦେଇଥିଲେ। ଏଠାକୁ ଭୁଟାନରୁ ଆସିଥିବା ଜଣେ ବୌଦ୍ଧ ସନ୍ନ୍ୟାସୀ ଜାମ୍ପେଲ ଡେମା(୮୦)ଙ୍କ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ଦେହାନ୍ତ ହୋଇଯାଇଛି। ସେ ସୋମବାର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଙ୍ଗଳବାର ତାଙ୍କର ଦେହାନ୍ତ ହୋଇଥିଲା। ବୟସାଧିକ କାରଣରୁ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡିଛି।

## ବ୍ୟାସନଗରର ମହାବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

ଯାଜପୁରରୋଡ୍,୧୬।୧(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗରର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବ୍ୟାସନଗରର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ୫୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ଯୋଗଦେଇ ଖେଳାଳିଙ୍କଠାରୁ କ୍ରୀଡାମସାଲ ଗ୍ରହଣ କରି ସହ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଏକ ସଭା ଆୟୋଜନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ନିରଞ୍ଜନ ପୃଷ୍ଟି ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଖେଳାଳିଙ୍କୁ ଶପଥ ପାଠ କରାଇବା ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରଥମେ ୧୫୦୦ ମିଟର, ୮୦୦ ମିଟର, ୨୦୦ ମିଟର ଏବଂ ୧୦୦ ମିଟର ଦୌଡ଼, ଡିସକସ ଥ୍ରୋ, ସଟ ପୁଟ ଥ୍ରୋ, ଲଙ୍ଗ ଜମ୍ପ, ହାଇ ଜମ୍ପ ଆଦି ଅନେକ କ୍ରୀଡ଼ା ଉଭୟ ଯୁକ୍ତ ୨ ବାଳିକା ବାଳକ ବର୍ଗରେ ଏବଂ ଯୁକ୍ତ ୩ ବାଳିକାବାଳକ ବର୍ଗରେ କରାଯାଇଥିଲା।

ପ୍ରତିଯୋଗିତାଗୁଡ଼ିକୁ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ପୃଷ୍ଟି, ରମେଶ ଚନ୍ଦ୍ର ଦାଶ, ତପସ୍ୱିନୀ ଦାଶ ଓ ସଞ୍ଜୟ ଦାଶ ପରିଚାଳନା କରିଥିଲେ। କ୍ରୀଡ଼ା ବିଭାଗର ସହକାରୀ ଉପସଭାପତି ଜୀବନ ବନ୍ଧୁ ଦାସ, ଡ. ରଞ୍ଜନ କୁମାର ସାହୁ, ପ୍ରଭାତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସନ୍ତୋଷ ରଥ, ଅଜୟ କୁମାର ମହାକୁଡ଼ ଓ ବିବେକାନନ୍ଦ ଜେନା ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଜଗବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

## ସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ସିଂହପୁର,୧୬।୧(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବାରିକ ଏହାକୁ ଉଦ୍‌ଘାଟନ କରି କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରିରୀକ ଓ ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଶିକ୍ଷକ ସୁରେନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ରତ୍ନମାଳା ସାମଲ, ଆର୍ଯ୍ୟଶ୍ରୀ ପାତ୍ର, ନିଳୀମା ପ୍ରିୟଦର୍ଶିନୀ ସାମଲ, ଗୀତାଞ୍ଜଳି ଜେନା, ଅବସରପ୍ରାପ୍ତଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ଖେଳ ଶିକ୍ଷକ ରାହୁଲ କୁମାର ବେହେରା, ଅମରେଶ ସାହୁ, ସାଗରିକା ସାହୁ, ସୁଭଦ୍ରା ମୁର୍ମୁ, ତାପସ ବାରିକ ଓ ବିରଜା ପ୍ରସାଦ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ସଂଯୁକ୍ତ କ୍ଷତ୍ରିୟ ଖଣ୍ଡାୟତ ମହାସଭା

ରସୁଲପୁର,୧୬।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ପ୍ରଭୁ ବୃନ୍ଦାବନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଜିଲାସ୍ତରୀୟ ସଂଯୁକ୍ତ କ୍ଷତ୍ରିୟ ଖଣ୍ଡାୟତ ମହାସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଙ୍ଗଠନର ପୁରୋଧା ନଟବର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସିର୍ଦ୍ଧାର୍ଥ ରଉତରାୟ, ସମ୍ମାନିତ ଅତିଥି ଭାବରେ କୃଷକ ନେତା ନିମାଇଁ ଚରଣ ରାୟ, ନୃସିଂହ ଚରଣ ବଳରାୟ ମହାପାତ୍ର, ପ୍ରତାପ କୁମାର ଚମ୍ପତିରାୟ ମହାପାତ୍ର, ଶୁଭେନ୍ଦୁ ଦକ୍ଷିଣସିଂହ ମହାପାତ୍ର, ସତ୍ୟବାନ୍ ରଣଜିତ୍ ମହାପାତ୍ର, ସତ୍ୟରଞ୍ଜନ ଦକ୍ଷିଣ କବାଟ ମହାପାତ୍ର, ପ୍ରତାପଚନ୍ଦ୍ର ଉଦଣ୍ଡରାୟ ମହାପାତ୍ର, ନଟବର କୋଦାମ ସିଂ ବରାଳ, ରାଜ୍ୟ ସାଧାରଣ ସମ୍ପାଦକ ଦେବଦର୍ଶୀ ସାହୁ, ରାଜ୍ୟ ସଂଘ ମୁଖ୍ୟ ଉପଦେଷ୍ଟା ବିରେନ ରାୟ, ତ୍ରିନାଥ ଜେନା, ନରେନ କୁମାର ଜେନା, ଘନଶ୍ୟାମ ରାଉତ ପ୍ରମୁଖ ଯୋଗଦେଇ ଖଣ୍ଡାୟତ, କ୍ଷତ୍ରୀୟମାନଙ୍କ ପରାକ୍ରମ, ସମାଜ ପାଇଁ ଅବଦାନ, ରାଜ୍ୟ ଶାସନ ପରିଚାଳନରେ ରହିଆସୁଥିବା ଭୂମିକା, ଜାତିର ଖ୍ୟାତି ଓ ସୌର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଂଗଠନକୁ ଅଧିକ ଶାଣିତ ଓ ପ୍ରଭାବଶାଳୀ କରିବା ଦିଗରେ ସଂଗଠନର ମୁରବୀ, ପଦବୀଧାରୀମାନେ ବିଭିନ୍ନ ଉପାଦେୟ ପରାମର୍ଶମାନ ଉପସ୍ଥାପନ କରିଥିଲେ। ସଂଗଠନର ଆବାହକ ଅମୂଲ୍ୟ ବରାଳ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଅଶୋକ କୁମାର ବରାଳ, ଆର୍ତ୍ତତ୍ରାଣ ସାହୁ, ସଂଗଠନ ସମ୍ପାଦକ ତନ୍ମୟ ବରାଳ, କୋଷାଧ୍ୟକ୍ଷ ସମରେନ୍ଦ୍ର ନାୟକ, ଉତ୍ତରାବାଡ ବିଶ୍ୱନାଥ ମହାପାତ୍ର, ରବୀନ୍ଦ୍ର ନାଥ ବେହୁରିଆ, କାର୍ତ୍ତିକ ବରାଳ, ତ୍ରିଲୋଚନ ନାୟକ, ଭାଗିରଥୀ ବେହୁରିଆ, ହେମନ୍ତ ନାୟକ, ଦାମୋଦର ବରାଳ, ଜଗନ୍ନାଥ ଦେଓ, ଶିଶିର ନାୟକ, ସନ୍ତୋଷ ବରାଳ, ରଞ୍ଜନ ସାହୁ, ସୁମିତ ରାଉତ, ଅଶ୍ୱିନୀ ସ୍ୱାଇଁ, ଶାନ୍ତନୁ ସାହା, ନିରାକରାର ବାରଳ, ଅରୁଣ ସ୍ୱାଇଁ, ନିଳମଣି ବରାଳ, ସୋମେଶ ନାୟକ, ସିପୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବପ୍ରସାଦ ବରାଳ ଧନ୍ୟବାଦ ଦେଇଥିଲେ।




ସଭାରେ ଯୋଗଦେଇଥିବା କର୍ମକର୍ତ୍ତା।

## ନୂତନ ଆବେଦନକାରୀଙ୍କୁ ଭତ୍ତା ପ୍ରଦାନରେ ବିଳମ୍ବ

▪ପୂରଣ ହେଉନି ଖାଲି ସ୍ଥାନ
▪ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି




ରସୁଲପୁର,୧୬।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଭତ୍ତା ହିତାଧିକାରୀଙ୍କୁ ନେଇ ଖାଲି ହେଉଥିବା ସ୍ଥାନ ପୂରଣ ହେଉନାହିଁ। ଫଳରେ ବର୍ଷାଧିକ କାଳ ଅପେକ୍ଷା କରିଥିବା ଯୋଗ୍ୟବ୍ୟକ୍ତି ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ବିଭାଗର ମନ୍ଥର କାର୍ଯ୍ୟଧାରା ଯୋଗୁ ଜାତୀୟ ପରିବାର ମଙ୍ଗଳ ଯୋଜନା, ବିଦ୍ୟାର୍ଥୀଙ୍କ ପାଇଁ ବାଣିଶ୍ରୀ ଯୋଜନା, ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ଉପକରଣ ବଣ୍ଟନ, ନୂତନ ଭତ୍ତା ଆବେଦନକାରୀଙ୍କୁ ଭତ୍ତା ପ୍ରଦାନ, ୮୦ ଓ ତଦୂର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ରାଶି ପ୍ରଦାନ ଆଦି କାର୍ଯ୍ୟରେ ବିଳମ୍ବ ହେଉଛି। ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯିବା ସହ ପ୍ରତ୍ୟେକ ପଞ୍ଚାୟତରେ ଭତ୍ତାକୁ ନେଇ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ତୁରନ୍ତ ପୂରଣ କରିବା ଉପରେ ଗୁରୁତ୍ୱ ଦିଆଯିବାକୁ ଦାବି ହେଉଛି।

୨୦୨୩-୨୪ ଜାନୁଆରୀରେ ରାଜ୍ୟ ସରକାରଙ୍କ ତରଫରୁ ମଧୁବାବୁ ପେନସନ୍ ଯୋଜନା ଜରିଆରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ହେଲେ ବର୍ଷେ ହେଲାଣି ନୂତନ ଭାବରେ ଭତ୍ତା ପାଇବା ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ଯୋଜନାରେ ସାମିଲ କରାଯାଇ ପାରୁନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ହିତାଧିକାରୀଙ୍କୁ ନେଇ କୌଣସି ନୂତନ ଭତ୍ତା ଟାର୍ଗେଟ ଦିଆଯାଇନାହିଁ। ଏହାରି ଭିତରେ ବିଭିନ୍ନ ପଞ୍ଚାୟତରୁ ଭତ୍ତା ପାଉଥିବା ଅନ୍ୟୂନ ୨ହଜାରରୁ ଅଧିକ ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରୁ ମୃତ ବ୍ୟକ୍ତିଙ୍କ ତାଲିକା ସଂଗ୍ରହ କରି ଜିଲାପାଳଙ୍କ ଦୃଷ୍ଟିକୁ ଅଣାଯାଇ ଖାଲି ସ୍ଥାନ ସୃଷ୍ଟି କରାଗଲେ ସେମାନଙ୍କ ସ୍ଥାନରେ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇପାରନ୍ତା। ମାତ୍ର ବିଭାଗର ଟାଳଟୁଳ ନୀତି ଯୋଗୁ ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ବିଭାଗକୁ କେତେକ ପଞ୍ଚାୟତରୁ ମୃତ ହିତାଧିକାରୀଙ୍କ ତାଲିକା ପଠାଯାଇଛି। ହେଲେ ଏନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ପଞ୍ଚାୟତର ମୃତ ହିତାଧିକାରୀଙ୍କ ତାଲିକାକୁ ନେଇ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏହାଛଡ଼ା କେତେଜଣ ହିତାଧିକାରୀଙ୍କ ବୟସ ୮୦ବର୍ଷ ପୂରିଗଲାଣି। ସେମାନଙ୍କ ବୟସ ପ୍ରମାଣପତ୍ର ବିଭାଗକୁ ପ୍ରଦାନ କରାଯାଇଛି। ମାତ୍ର ଏଦିଗରେ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ବୟସ୍କମାନେ ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ବାଣିଶ୍ରୀ ଭତ୍ତାକୁ ଗୁରୁତ୍ୱ ଦେଇ କାର୍ଯ୍ୟ ଜାରିରହିଛି। କେତେକ ପଞ୍ଚାୟତର ମୃତ ହିତାଧିକାରୀଙ୍କ ନାମ ତାଲିକା ତାଙ୍କର ହସ୍ତଗତ ହୋଇଛି। ସମସ୍ତ ପଞ୍ଚାୟତରୁ ତାଲିକା ଆସିବା ପରେ ଏ ଦିଗରେ ପଦକ୍ଷେପ ନେବେ। ତେବେ ତାଲିକା ଦାଖଲ ପାଇଁ ବିଭାଗ ପକ୍ଷରୁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ଫଳରେ କେତେଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତାଲିକା ଦାଖଲରେ ବିଳମ୍ବ କରୁଥିବା ଅଭିଯୋଗ ହୋଇଛି।

**ପ୍ରତିଭାବାନ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା**

**ଜଗତ୍‌ସିଂହପୁର, (ପ୍ରମୋଦ କୁମାର ନାୟକ):** କଟକର ପ୍ରତିଭା ଗ୍ୟାଲେଣ୍ଟ ଆୱାର୍ଡ ପ୍ରତିଯୋଗିତାରେ ଭାଗନେଇ ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ ମହାବୀର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଦିବ୍ୟଦର୍ଶିକା ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବୋଧ କୁମାର ଗଚ୍ଛାୟତ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସାମୁହିକ ଭାବେ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ସୁଶ୍ରୀ ଦାଶଙ୍କୁ କଟକ ପ୍ରତିଭା ପକ୍ଷରୁ ୮ ହଜାର ଟଙ୍କା ଚେକ ସମେତ ସମ୍ମାନ ସୂଚକ ଆକର୍ଷଣୀୟ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ନେତାଜୀ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି

ଜଗତ୍‌ସିଂହପୁର,୧୬।୧
(ପ୍ରମୋଦ କୁମାର ନାୟକ)

ବିରିଡି ବ୍ଲକ ନେତାଜୀ କମିଟି ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୨ମୌଜା ଚାଷୀଖଣ୍ଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ କମିଟି ସ୍ଥାୟୀ ସଭାପତି ବସନ୍ତ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ଗଙ୍ଗାଧର ଦାସ, କୋଷାଧ୍ୟକ୍ଷ ସସ୍ମିତା ସାହୁ, ବରିଷ୍ଠ ସଭ୍ୟ ରବି ଦାସ, ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ, ନିକୁଞ୍ଜ ବିହାରୀ ଭଞ୍ଜ, ବିଦ୍ୟୁତ ଭୂଷଣ ମହାରଣା ଓ ବସନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ କିପରି ଭଲ ଭାବେ ପାଳନ କରାଯିବ ତା'ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଭାତ ଫେରି ସହ ପୂର୍ବାହ୍ନରେ ସଭା ଓ ଅନ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବୁଦ୍ଧିଜିବୀ ଯୋଗଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

### ସୋମନାଥ ବିଦ୍ୟାପୀଠ ୧୯୮୯ ବ୍ୟାଚ୍ ବନ୍ଧୁମିଳନ

ଜଗତ୍‌ସିଂହପୁର, ୧୪।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଜାହାନପୁରସ୍ଥିତ ସୋମନାଥ ବିଦ୍ୟାପୀଠର ୧୯୮୯ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ଗୋଶାଳା ପରିସରରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ପୁରୁଣା ଅନୁଭୂତି ବଖାଣିଥିଲେ। ଏଥିସହ ବିଦ୍ୟାଳୟର ଉନ୍ନତି ପାଇଁ ପ୍ରୟାସ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରି କି ଅଧିକ ସଂଖ୍ୟାରେ ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରିବାରେ ଯେପରି ସେମାନଙ୍କ ଭୂମିକା ରହିବ ତା'ଉପରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ଚିତ୍ତରଞ୍ଜନ ସେଠୀ, ଡିସିବି ବ୍ୟାଙ୍କ ପରିଚାଳକ ଅମିତାଭ ମିଶ୍ର, ପୋଲିସ କର୍ମଚାରୀ ପ୍ରମୋଦ କୁମାର ମଲ୍ଲିକ, ଆଇନଜିବୀ ସୁଶୀଲ କୁମାର ଦାଶ, ଆଶିଷ ନନ୍ଦ, ଅଧକ୍ଷ ନରେନ୍ଦ୍ର କୁମାର ବସ୍ତିଆ, ଜେଲ କର୍ମଚାରୀ ଡ. ସଂଗ୍ରାମ କିଶୋର ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଦେବୀଦତ୍ତ ମହାନ୍ତି, ଲୋକନାଥ ମହାନ୍ତି, ଉମାକାନ୍ତ ହାତୀ, ନିହାରିକା ମହାନ୍ତି, ରଶ୍ମିରେଖା ପଟ୍ଟନାୟକ, ନଳିନୀପ୍ରଭା ଦାସଙ୍କ ସମେତ ବହୁ ସଂଖ୍ୟକ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ସେଲିବ୍ରେଶନ୍ କରିଥିଲେ। ଶେଷରେ ବିଭୂଦତ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

### ବିସ୍ଥାପନ ପୂର୍ବରୁ କମିଟି ଗଠନ କର
#### ବାଉରିଆପାଳନ୍ଦା ବସ୍ତି ବୁଲିଲେ ଏମ୍‌ପି

ପାରାଦୀପ,୧୬।୧(ଶରତ ରାଉତ)

ପାରାଦୀପ ଅଠରବାଙ୍କୀ ବାଉରିଆପାଳନ୍ଦା ବସ୍ତି ଉଚ୍ଛେଦ ପୂର୍ବରୁ ଗୁରୁବାର ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଗସ୍ତ କରିଥିଲେ। ସେଠାରେ ବିସ୍ଥାପିତ ହେବାକୁ ଥିବା ୮୦୦ରୁ ଅଧିକ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ କମିଟି ଗଠନ ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କମିଟି ଜରିଆରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ସମାଧାନ ବାହାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଉକ୍ତ ବସ୍ତି ଉଚ୍ଛେଦ କରାଯାଇ ପିପିଏଲ୍ ଛକ ପାଖରେ ଥଇଥାନ କରାଯିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ବସ୍ତି ଉଚ୍ଛେଦ ପରେ ସେଠାରେ ଏକ ଷ୍ଟିଲ କାରଖାନା ହେବାର ପ୍ରସ୍ତାବ ରହିଛି। ଯେଉଁ ସ୍ଥାନରେ ଥଇଥାନ କରାଯିବ ସେଠାରେ ଲୋକଙ୍କ ପାଇଁ ଯେଉଁ ଟୋକନ ବଣ୍ଟନ ହୋଇଛି ସେଥିରେ କେତେକ ତ୍ରୁଟି ଥିବା ନେଇ ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ସେଗୁଡ଼ିକ ହେଲା ଦୋକାନକୁ ଅଲଗା କରିବା, ଓସାରିଆ ରାସ୍ତା, ସମସ୍ତଙ୍କୁ ବ୍ୟବସ୍ଥିତ ଥଇଥାନ ଆଦି ଦାବି ନେଇ ସେମାନେ ଜାଗା ଛାଡିନାହାଁନ୍ତି।ଏନେଇ ଲୋକମାନେ ଜନପ୍ରତିନିଧିଙ୍କ ଆଗରେ ଅଭିଯୋଗ କରିଥିଲେ। ଏହିକ୍ରମରେ ଏମ୍‌ପି ତରାଇ ଯାଇ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କେଳେଙ୍କାରୀ ଅଭିଯୋଗ

**ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଜନ**

ଜଗତ୍‌ସିଂହପୁର, ୧୬।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ନିକଟ ମାଛଗାଁ କେନାଲ ବାମପାର୍ଶ୍ୱ ବନ୍ଧର ନୂଆପୋଲଠାରୁ ପଦ୍ମପୁର ଭାୟା ମଙ୍ଗଳପୁର, ପୁନଙ୍ଗ, ହାଟବଜାର, ଓଡ଼ିଶୋ ଓ ଗଉଡୁଣୀପଡ଼ିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୧.୫୯୦ (ପିଚୁ ୮.୮୭୯ ଓ ଢ଼ଳେଇ ୨.୭୧୧) କିଲୋମିଟର ରାସ୍ତା କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ପାଇଁ ୫୭୪.୨୮ ଲକ୍ଷ ଟଙ୍କା ଅଟକଳ କରାଯାଇଥିବା ନୂଆପୋଲ ନିକଟରେ ଥିବା ଫଳକରେ ଉଲ୍ଲେଖ ରହିଛି। ଏଥିରେ ୫ଟି କଲଭର୍ଟ ମଧ୍ୟ ରହିଛି। ରାସ୍ତା କାମ ପରେ ଠିକାଦାର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ। ଏ ବାବଦରେ ୪୮.୨୩ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ଫଳକରେ ସ୍ପଷ୍ଟ ସୂଚନା ଦିଆଯାଇଛି। ଏହି କାର୍ଯ୍ୟ ୧୯ ସେପ୍ଟେମ୍ବର୨୨ରୁ ଆରମ୍ଭ ହୋଇ ୧୮ ଅକ୍ଟୋବର ୨୩ ମଧ୍ୟରେ ଶେଷ ହେବ ବୋଲି ଦର୍ଶାଯାଇଛି। କିନ୍ତୁ ସୂଚନା ଅଧିକାର ଆଇନରେ ଏହି ରାସ୍ତାର ଜଗତ୍‌ସିଂହପୁର ହାଟପୋଲଠାରୁ ୧୦ ନମ୍ବର ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ମରାମତି/ପୁନରୁଦ୍ଧାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, ପ୍ରକଳ୍ପର ଆକଳନ ମୂଲ୍ୟ, ଓସାର, ଲମ୍ବ, ଗଭୀରତା ଓ କେଉଁ ପ୍ରକାର କାମ ଆଦି ସମ୍ପର୍କରେ ସୂଚନା ମଗାଯାଇଥିଲେ ସୁଦ୍ଧା କୌଣସି ତଥ୍ୟ ମିଳିନାହିଁ। ଏପରି କି କାର୍ଯ୍ୟାନ୍ୱୟନ ତଥା ତଦାରଖକାରୀ ସଂସ୍ଥା ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଜନ ପ୍ରଥମ ଅପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରାଗଲେ ମଧ୍ୟ ବିଭାଗ ଚୁପ୍ ବସିଛି। ଏନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି,ଏହି ରାସ୍ତା କାମ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହୋଇନାହିଁ। ଏବେ ୧୦ ନଂ. ନିକଟରୁ ହାଟବଜାର ପୋଲ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇ ଚେକଡ୍ ଟାଇଲ ବିଛା କାମ ଚାଲିଛି। ଜଗତ୍‌ସିଂହପୁର ସହରର ଏହି ବାଇପାସ୍ ରାସ୍ତାଟି ସବୁବେଳେ ଗୁରୁତ୍ୱ ବହନ କରିଥାଏ। ଯେତେବେଳେ ମୁଖ୍ୟ ରାସ୍ତା କୌଣସି କାରଣରୁ ବନ୍ଦ କରାଯାଏ, ସେତେବେଳେ ଏହି ରାସ୍ତାରେ ଅଧିକାଂଶ ଗାଡିମୋଟର ଯାତାୟାତ କରିଥାଏ। କିନ୍ତୁ ରାସ୍ତାକୁ ସଙ୍କୁଚିତ କରାଯାଇ ସେଥିରେ ଚେକଡ୍ ଟାଇଲ ବିଛାଯାଉଛି। ଭବିଷ୍ୟତରେ ଏହି ରାସ୍ତାରେ ଭାରିଯାନ ଚଳାଚଳ କଲେ କିମ୍ବା ୨ଟି ଗାଡି ପରସ୍ପର ଅତିକ୍ରମ କଲେ ଟାଇଲ ଉଠିଯିବାର ଆଶଙ୍କା ରହିଛି। ୨୦୨୦ ପର୍ଯ୍ୟନ୍ତ ଏହି ରାସ୍ତା ଜଗତ୍‌ସିଂହପୁର ଜଳ ସମ୍ପଦ ବିଭାଗ ଅଧୀନରେ ଥିଲା। ସେତେବେଳେ ବିଭାଗ ପାଖାପାଖି ୭୫ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କାମ କରିଥିଲା। ଠିକାଦାର ୨୦୨୫ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା ସର୍ତ୍ତ ରହିଥିଲା। କିନ୍ତୁ ବିଭାଗୀୟ ଅଧିକାରୀ, ନେତା ଓ ଠିକାଦାରଙ୍କ ସଲାସୁତୁରାରେ ଏହି ରାସ୍ତାର ରକ୍ଷଣାବେକ୍ଷଣ ହୋଇ ନ ଥିଲା। ରାସ୍ତା ଅବସ୍ଥା ଏଭଳି ହୋଇଥିଲା ଯେ ସେଥିରେ ପ୍ରତ୍ୟହ ଦୁର୍ଘଟଣା ଘଟୁଥିଲା। ଏହା ଭିତରେ ଏହି ରାସ୍ତା ଜଗତ୍‌ସିଂହପୁର ଆର୍‌ଡି ଡିଭିଜନ୍ ଅଧୀନକୁ ଚାଲି ଯାଇଥିଲା। ଆର୍‌ଡି ପକ୍ଷରୁ ନୂଆପୋଲଠାରୁ ଗଉଡୁଣିପଡିଆ ପର୍ଯ୍ୟନ୍ତ ରାସ୍ତାର ନବୀକରଣ ପାଇଁ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ପୂର୍ବ ପରି ବର୍ତ୍ତମାନ ମଧ୍ୟ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି।

ବଡ଼ବାଗ ଗଡ଼ା ନିକଟରୁ ଗଣେଶ ମନ୍ଦିର ମଧ୍ୟରେ ରାସ୍ତାର ଏକାଧିକ ସ୍ଥାନରେ କଂକ୍ରିଟ, ପିଚୁ ଉଠିଯିବା ସାଙ୍ଗକୁ କେତେକ ସ୍ଥାନରେ ଦବି ଗଲାଣି। ଏପରି କି କେତେକ ସ୍ଥାନରେ ରାସ୍ତା ଫାଟି ଆଁ କଲାଣି। ଫଳକ ସୂଚନା ଅନୁଯାୟୀ ବର୍ଷା ଋତୁ ପରେ ରାସ୍ତା ପାର୍ଶ୍ୱରୁ ଥରେ ଘାସ, ଗଛ, ପତ୍ର କଟାଯାଇ ସଫା କରାଯିବା କଥା। ସେହିପରି ପାଣି କଟାଯାଇ ପୁନଃ ମରାମତି ହେବ। ଆବଶ୍ୟକ ପଡିଲେ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ସୋଲଜର ମରାମତି କରାଯିବ। ରାସ୍ତା ଉପରେ ଗର୍ତ୍ତ ଓ ଫାଟ ହେଲେ ଆବଶ୍ୟକ ଅନୁଯାୟୀ ମରାମତି ହେବ। ରାସ୍ତା ପାର୍ଶ୍ୱ ନିର୍ମିତ ନାଳ ବର୍ଷକୁ ୨ ଥର ମରାମତି ହେବ। ତିଆରି ହୋଇଥିବା ଶଙ୍ଖ ପୋଲର ମରାମତି ବର୍ଷକୁ ୨ ଥର କରାଯିବ। ଶଙ୍ଖ ପୋଲରେ ଧଳା ରଙ୍ଗ ମାରିବା କାର୍ଯ୍ୟ ବର୍ଷକୁ ଥରେ କରାଯିବ। କିନ୍ତୁ ଏସବୁ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏବେ ଚେକଡ୍ ଟାଇଲ ବାନ୍ଧି ରଖିବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସିମେଣ୍ଟ କାନ୍ଥ ହେଉଛି। କିନ୍ତୁ ଏଥିରେ ବ୍ୟବହୃତ ସିମେଣ୍ଟର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଦାବି ହୋଇଛି। ଏନେଇ ଭାରପ୍ରାପ୍ତ ଜଗତ୍‌ସିଂହପୁର ଆର୍‌ଡି ଅଧୀକ୍ଷଣ ଯନ୍ତ୍ରୀ ସତ୍ୟଜିତ ଦଳେଇଙ୍କ ସହ ତାଙ୍କ ମୋବାଇଲ ନମ୍ବର ୯୪୩୮୨୮୯୭୬୦ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନଥିଲେ।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ଡିଓ ମଞ୍ଜୁଲତା ଗୁଡୁଙ୍କୁ ପଚାରିବାରୁ, କାର୍ଯ୍ୟ ଶେଷ ହୋଇନାହିଁ, ସରିଲା ପରେ ଠିକାଦାର କ୍ଷତିଗ୍ରସ୍ତ ହୋଇଥିବା ରାସ୍ତା ମରାମତି ସହ ଅନ୍ୟାନ୍ୟ କାର୍ଯ୍ୟ କରିବେ। ଏଥିସହ ତ୍ରୁଟି ସୁଧାରିବା ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ।

# ବରିଷ୍ଠ ନାଗରିକଙ୍କ ଶିରିଡ଼ି–ନାସିକ ତୀର୍ଥଯାତ୍ରା



ତୀର୍ଥଯାତ୍ରା ପାଇଁ ବାହାରିଥିବା ବରିଷ୍ଠ ନାଗରିକ ଓ ଅନ୍ୟମାନେ।

ଜଗତ୍‌ସିଂହପୁର,୧୬।୧
(ପ୍ରମୋଦ କୁମାର ନାୟକ)

ଜଗତସିଂହପୁର ଜିଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସାମିଲ ହୋଇ ଶିରିଡି–ନାସିକ ଅଭିମୁଖେ ଯାତ୍ରା କରିଛନ୍ତି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ଟି ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଅତିରିକ୍ତ ଜିଲାପାଳଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଓ ଜଗତସିଂହପୁର ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀମାନଙ୍କୁ ଆଧାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବାକୁ କାମନା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସହ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲାରୁ ଏସ୍କର୍ଟ ଅଫିସର ଭାବେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ପ୍ରଶାନ୍ତ କୁମାର ମହାପାତ୍ର ଓ ରାଧା ମୋହନ ଜେନା ସହାୟକ ଅଧିକାରୀ ଭାବେ ଗସ୍ତ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟା୪୫ରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଶିରିଡି–ନାସିକ ଅଭିମୁଖେ ଯାତ୍ରା କରିବେ। ଏହି କାର୍ଯ୍ୟକ୍ରମକୁ ଓ ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କରିବେ। ଗୁରୁବାର ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ବିଭିନ୍ନ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

# ରେକର୍ଡପତ୍ର ଠିକ୍ ଥିବା ସୂଚନା ଦେଲେ ଡିପିଓ



ଡିପିଓ ଏବଂ ଅନ୍ୟ ଅଧିକାରୀମାନେ ଲୋକଙ୍କ ସହ ଅଭିଯୋଗ ସମ୍ପର୍କରେ ଆଲୋଚନା କରୁଛନ୍ତି।

ରଘୁନାଥପୁର,୧୬।୧
(ରାଜେନ୍ଦ୍ର ନାରାୟଣ ସିଂହ)

**ଅମୃତ ସରୋବର ନିଲାମରେ ଅନିୟମିତତା ଅଭିଯୋଗର ତଦନ୍ତ**

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ଅମୃତ ସରୋବର ନିଲାମ ପ୍ରକ୍ରିୟାରେ ଅନିୟମିତତା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଡିପିଓ (ଜିଲା ପଞ୍ଚାୟତ ଅଧିକାରୀ)ଙ୍କ ନିକଟରେ ବାସୁଦେବ ଦାସଙ୍କ ସହ କେତେଜଣ ଗ୍ରାମବାସୀ ଅଭିଯୋଗ କରିଥିଲେ। ଗୁରୁବାର ଅପରାହ୍ନରେ ଡିପିଓ ଚକ୍ରଧର ମାହାଳି ଓ ବ୍ଲକ ଗ୍ରା ମପଞ୍ଚାୟତ ଅଧିକାରୀ ସ୍ମାରକ ମହାନ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ପ୍ରଥମେ ସେମାନେ ଅଭିଯୋଗକାରୀଙ୍କ ପକ୍ଷରୁ ଅଭିଯୋଗ ଶୁଣିଥିଲେ। ଅମୃତ ସରୋବର ପାଇଁ ପଞ୍ଚାୟତ ପକ୍ଷରୁ ହୋଇଥିବା ନୋଟିସରେ ତାରିଖ, ଅମୃତ ସରୋବରର ପ୍ଲଟ ନଂ. ଓ ନୋଟିସରେ ସରପଞ୍ଚଙ୍କ ଷ୍ଟାମ୍ପ ନ ଥିବା ସମ୍ପର୍କରେ ଅଭିଯୋଗକାରୀ ଦାସ ଅଭିଯୋଗ କରିଥିଲେ। ଏହାଛଡା ଗତ ୮ ଅକ୍ଟୋବର ୨୪ରେ ହୋଇଥିବା ନିଲାମ ପ୍ରକ୍ରିୟାରେ କୌଣସି ମହିଳା ଏସ୍‌ଏଚଜି ଉପସ୍ଥିତ ନଥିବାବେଳେ ଏକମାତ୍ର ଥିବା ବାସୁଦେବ ଏସ୍‌ଏଚଜିକୁ ଅମୃତ ସରୋବରକୁ ନିଲାମ ଦିଆଯାଇଥିଲା ବୋଲି ଅଭିଯୋଗକାରୀ ଦାସ ଅଭିଯୋଗ କରିଥିଲେ। ଏହାପରେ ଡିପିଓ ମାହାଳୀ ରିଜୋଲେଶନ ବୁକ, ନୋଟିସ ବୁକ ଓ ରସିଦ ଗୁଡିକୁ ତନଖି କରିଥିଲେ। ନୋଟିସ ବୁକରେ ଉଭୟ ସରପଞ୍ଚ ବଟକୃଷ୍ଣ ନାୟକ ଓ ପିଇଓ ସୁରତି ନାୟକଙ୍କ ଦସ୍ତଖତ ଥିବା ଏବଂ ୮ ଅକ୍ଟୋବରରେ ନିଲାମ ପାଇଁ ୨ ଅକ୍ଟୋବର ୨୪ରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନୋଟିସ ହେଇଥିବାର ଦେଖିଥିଲେ। ଏହାଛଡା ବାସୁଦେବ ଏସଏଚ୍‌ଜି ୧୩ ହଜାର ୧ ଶହ ଟଙ୍କାରେ ନିଲାମ ନେଇଥିବା ରସିଦକୁ ଦେଖିଥିଲେ। ଏହି ଅଭିଯୋଗ ଅନୁସାରେ ସମସ୍ତ କାଗଜ ପତ୍ର ଠିକ ଥିବା ଡିପିଓ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ନିଲାମ ପୂର୍ବରୁ ଗ୍ରାମବାସୀଙ୍କ ନିଷ୍ପତି କ୍ରମେ ଉକ୍ତ ପୋଖରୀରେ ୧୨ ହଜାର ଟଙ୍କାର ମାଛ ଛଡ଼ାଯାଇଥିବା ଏବଂ ଏ ସମ୍ପର୍କରେ ସରପଞ୍ଚଙ୍କୁ ଜଣାଯାଇଥିଲା ବୋଲି ଦାସ କହୁଥିବାବେଳେ ସରପଞ୍ଚ ନାୟକ ଏହାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି। ତେବେ ରେକର୍ଡ ପତ୍ର ଯାଞ୍ଚ ପରେ ଏହା ଠିକ ଥିବା ଓ ଏଥିରେ କୌଣସି ଅନିୟମିତତା ହୋଇନଥିବା ଡିପିଓ ମାହାଳି କହିଛନ୍ତି।

### ଆତ୍ମରକ୍ଷା କୌଶଳ ଶିକ୍ଷା ନାରୀ ସଶକ୍ତୀକରଣର ବଳିଷ୍ଠ ଅଙ୍ଗ

କୁଜଙ୍ଗ, ୧୬।୧(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକଅନ୍ତର୍ଗତ ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଲିଆରେ ଚାଲିଥିବା ୮ ଦିନିଆ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ହିରଣ୍ମୟୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସିଆରସିସି ଶଙ୍କର ଚରଣ ଦାସ ଯୋଗଦେଇ ଆତ୍ମ ସୁରକ୍ଷା କୌଶଳକୁ ଛାତ୍ରୀମାନେ ଜୀବନର ବାସ୍ତବତାରେ ପ୍ରତିଫଳିତ କରିବା ଉଚିତ ବୋଲି କହିଥିଲେ। ନାରୀମାନେ ନିର୍ଭିକ ହେଲେ ସମାଜରେ ପରିବର୍ତ୍ତନ ହେବା ନିଶ୍ଚିତ। ଆତ୍ମସୁରକ୍ଷା କୌଶଳ ଶିକ୍ଷା ନାରୀ ସଶକ୍ତିକରଣର ବଳିଷ୍ଠ ଅଙ୍ଗ ବୋଲି ଦାସ କହିଥିଲେ।ଏହି ୮ ଦିନିଆ ଶିବିରରେ ପ୍ରଶିକ୍ଷିକା ଭାବେ ଅନୀତା ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ କୌଶଳ ଶିଖାଇଥିଲେ। ଏହି ଅବସରରେ ଛାତ୍ରୀମାନେ ଶିକ୍ଷା ଲାଭ କରିଥିବା ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସାଙ୍ଗକୁ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ମମତା ବେହେରା, ଅଧାପକ ପ୍ରଶାନ୍ତ କୁମାର ତ୍ରିପାଠୀ, ଅଧାପିକା ଶୁଭ୍ରାମଞ୍ଜରୀ ବେହେରା ଓ ରୋଜାଲିନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କର୍ମଚାରୀ ଶଙ୍କର ଚରଣ ଖଟୁଆ, ପ୍ରଫୁଲ୍ଲ ମହାପାତ୍ର ଓ ବିଜୟ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଲୋକଙ୍କ ପାଇଁ ସଂଯୋଗୀକରଣ ରାସ୍ତା କର



ଜଗତ୍‌ସିଂହପୁର, ୧୬।୧
(ପ୍ରମୋଦ କୁମାର ନାୟକ)

**ବିଧାୟକଙ୍କ ପଳଦା ଓଭରବ୍ରିଜ୍ ଗସ୍ତ**

ଜଗତ୍‌ସିଂହପୁର ଗାନ୍ଧୀ ଛକ ନିକଟରୁ ରଘୁନାଥପୁର ଯାଇଥିବା ରାସ୍ତାର ପଳଦା (ପୁନଙ୍ଗ ପଞ୍ଚାୟତ)ଠାରେ ୫୫ ନଂ.ଜାତୀୟ ରାଜପଥର ଓଭର ବ୍ରିଜ ନିର୍ମାଣ କାମ ଚାଲିଛି। କିନ୍ତୁ ଏହି ଓଭରବ୍ରିଜକୁ ସଂଯୋଗୀକରଣ ରାସ୍ତା ହେଉନାହିଁ। ଏହାଦ୍ୱାରା ସ୍ଥାନୀୟ ଲୋକେ ଓଭରବ୍ରିଜ୍‌କୁ ଯାତାୟାତ ସମ୍ଭବ ହେବନି। ଏନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ସଂଯୋଗୀକରଣ ରାସ୍ତା କରିବାକୁ ସ୍ଥାନୀୟ ଲୋକେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ ଏଯାଏ କୌଣସି ସୁଫଳ ନ ମିଳିବାରୁ ପଳାଶୋଳ, ମାଣପୁର, ସମଙ୍ଗ ଆଦି ଅଞ୍ଚଳର ଜନସାଧାରଣ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅଭିଯୋଗ ପାଇ ବିଧାୟକ ଦାସ ପଳଦା ଓଭରବ୍ରିଜ ନିକଟରେ ପହଞ୍ଚିବାସ୍ତବ ଚିତ୍ର ଅନୁଧ୍ୟାନ କରିଥିଲେ। ଏଥିସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଥା କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓଙ୍କ ସହ କଥା ହୋଇ ଶୀଘ୍ର ଉଭୟ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା କରିବାକୁ କହିଥିଲେ। ଏପରି କି ଯେ ପର୍ଯ୍ୟନ୍ତ ଏହି ରାସ୍ତା ନ ହୋଇଛି ସେ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ପାଇଁ ବିଧାୟକ କହିବା ସହ ଲୋକଙ୍କ ଯିବା ଆସିବା ପାଇଁ ରାସ୍ତାରେ ଡଷ୍ଟ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ଓଡ଼ିଶା ସବ୍‌ଜୁନିୟର ବାସ୍କେଟ ବଲ ଟିମ୍‌ରେ ନାଉଗାଁର ଈଷା

ନାଉଗାଁ,୧୬।୧(ସୁଧା ବେହୁରା)

ଓଡ଼ିଶା ସବ୍‌ଜୁନିୟର ବାସ୍କେଟ ବଲ୍ ଦଳରେ ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଠଦା ଗ୍ରାମର ଈଷା ପାଢୀ ସ୍ଥାନ ପାଇଛନ୍ତି। ଈଷା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ ହେଷ୍ଟଲରେ ରହୁଥିବା ବେଳେ ୟୁନିଟ–୪ ବାଳିକା ସରକାରୀ ବାଳିକା ବିଦ୍ୟାଳୟର ୮ମ ଶ୍ରେଣୀରେ ଛାତ୍ରୀ। ପାଠ ପଢା ସହ ପ୍ରତ୍ୟେହ ସକାଳ ୭ଟାରୁ ୯ଟା ଓ ସନ୍ଧ୍ୟା ୫ ଟାରୁ ୭ଟା ପର୍ଯ୍ୟନ୍ତ ଈଷା ଖେଳ ଅଭ୍ୟାସ କରନ୍ତି ବୋଲି ବାପା ସଂଜୟ କୁମାର ପାଢୀ ସୂଚନା ଦେଇଛନ୍ତି।

# ରାଇସ୍ ମିଲ୍‌ରେ ଯୋଗାଣ ଅଧିକାରୀଙ୍କ ଯାଞ୍ଚ

ରାହାମା,୧୬।୧(ଶ୍ରୀକାନ୍ତ ଦାସ)

ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଗନାଥପୁର ପଞ୍ଚାୟତ ପୁରିଜେନାଠାରେ ଥିବା ମୈତ୍ରୀ ରାଇସ ମିଲ୍‌କୁ ଜିଲା ଯୋଗାଣ ବିଭାଗ ଅଧିକାରୀ ଅଚାନକ ଗସ୍ତ କରି କାଗଜପତ୍ର ଓ କ୍ଷେତ୍ର ଯାଞ୍ଚ କରିଛନ୍ତି। ଜିଲା କାର୍ଯ୍ୟାଳୟର ସହକାରୀ ଯୋଗାଣ ଅଧିକାରିଣୀ ସୁଜାତା କମିଲିନି ମଲି, ଜଗତ୍‌ସିଂହପୁର ପୌରପାଳିକାର ସହକାରୀ ଯୋଗାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, ରଘୁନାଥପୁର ବ୍ଲକ ଏମ୍‌ଆଇ ସନ୍ଦୀପା ଦାସ, ତିର୍ତ୍ତୋଲ ବ୍ଲକ ଏମ୍‌ଆଇ ସ୍ୱୟଂପ୍ରଭା ସ୍ୱାଇଁଙ୍କ ମିଳିତ ତତ୍ତ୍ୱାବଧାନରେ ସରକାରଙ୍କ ଗାଇଡ୍ ଲାଇନ ଅନୁଯାଇ ଯାଞ୍ଚ କାର୍ଯ୍ୟ କରାଯାଇଥିଲା। ଧାନ ମଣ୍ଡି ଖୋଲିବା ପୂର୍ବରୁ ଜିଲା ପ୍ରଶାସନ ତରଫରୁ ଜିଲାରେ ଥିବା ରାଇସ ମିଲର ନିରୀକ୍ଷଣ ସହ କାଗଜପତ୍ର ଆଦି ତଦାରଖ କରାଯାଇଛି। ଏହି ଅବସରରେ ଧାନ, ଚାଉଳ ଓ ଅଖା କେତେ ପରିମାଣରେ ମହଜୁଦ ଅଛି, ମିଲିଂ ପାଇଁ ମିଲର ପ୍ରସ୍ତୁତ ଅଛନ୍ତି କି ନାହିଁ, ମିଲର ଲାଇସେନ୍ସ ସହ ଅନ୍ୟାନ୍ୟ ଲାଇସେନ୍ସ, ଇଲେକ୍ଟ୍ରିସିଟି କ୍ଲିଅରାନ୍ସ ଆଦି ତଦାରଖ କରାଯାଇଛି। ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ମିଲର ମାଲିକ ରବିନାରାୟଣ ସାହୁଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ସହକାରୀ ଯୋଗାଣ ଅଧିକାରିଣୀ ମଧୁସ୍ମିତା ମହାପାତ୍ର କହିଛନ୍ତି, ମୈତ୍ରୀ ରାଇସ ମିଲର ଧାନ କ୍ରୟ କରିବାରେ କୌଣସି ଅସୁବିଧା ନାହିଁ ଏବଂ ଏହାର ସମସ୍ତ କାଗଜପତ୍ର ଠିକ ରହିଛି ବୋଲି ସେ ପ୍ରକାଶ କରିଥିଲେ।

# ସ୍ୱଳ୍ପକାଳୀନ ଦୀର୍ଘମିଆଦୀ ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା

ନାଉଗାଁ,୧୬।୧(ସୁଧା ବେହୁରା)

ନାଉଗାଁ ବ୍ଲକ ପରିସରରେ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ପକ୍ଷରୁ ସ୍ୱଳ୍ପକାଳୀନ ଓ ଦୀର୍ଘମିଆଦୀ ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଧର୍ମାନନ୍ଦ ପ୍ରଧାନ, ଯୁବ ବୃତ୍ତିଗତ ଅଧିକାରୀ ଦିବ୍ୟଜ୍ୟୋତି ମହାପାତ୍ର, କନିଷ୍ଠ ନିଯୁକ୍ତି ଅଧିକାରୀ ଅଶୋକ ମାଧୁଆଲ, ବରିଷ୍ଠ କିରାଣି ସଂଜୟ ପାଢୀ, ଏବିଡିଓ ଦେବେନ୍ଦ୍ର କୁମାର ପ୍ରଧାନ, ବିପିଏମ ବିଜୟ ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କମ୍ପାନୀ ଯୋଗଦେଇଥିବାବେଳେ ୬୧ ଯୁବକ ଓ ୬୭ ଯୁବତୀ ନାମ ପଞ୍ଜୀକୃତ କରିଥିଲେ। ଦକ୍ଷତା ଅନୁସାରେ ବିବେଚିତ ହୋଇଥିବା ଯୁବତୀ ଯୁବକଙ୍କୁ ସମ୍ପୃକ୍ତ କମ୍ପାନୀ ତାଲିମ ଦେବା ପରେ ନିଯୁକ୍ତି ପ୍ରଦାନ କରିବେ ବୋଲି ଜଣାଯାଇଛି।

# ସରଳ ଜୀବନ ବିତାଉଥିଲେ ଚୌଧୁରୀ ପରିବାର

ଜଗତ୍‌ସିଂହପୁର, ୧୬।୧
(ପ୍ରମୋଦ କୁମାର ନାୟକ)



ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

**୨୬ତମ ଜଗତ୍‌ସିଂହପୁର ପୁସ୍ତକମେଳାର ଦ୍ୱିତୀୟ ସନ୍ଧ୍ୟା**

ବେଦ ଏକ ବୈପ୍ଲବିକ ଗ୍ରନ୍ଥ। ଏହାକୁ ସନ୍ଥ ବିନୋବା ବ୍ୟାପକ କରିବାକୁ ଚେଷ୍ଟା କରିଥିଲେ। ଏଥିରେ ଦେଶର ଅନେକ ଯୋଗ ଦେଇଥିବାବେଳେ ଜଗତ୍‌ସିଂହପୁରର ଚୌଧୁରୀ ପରିବାର ସାମିଲ ହୋଇଥିଲା। ସେହିପରି ମହାତ୍ମା ଗାନ୍ଧୀ ୧୯୨୦–୨୧ରେ ଅସହଯୋଗ ଆନ୍ଦୋଳନ ଡାକରା ଦେଇଥିଲେ। ସେତେବେଳେ ସ୍ୱାଧୀନତା ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ପାଠ ଏବଂ ସରକାରୀ ଚାକିରୀ କରିଥିବା ବ୍ୟକ୍ତିଙ୍କୁ ଚାକିରି ଛାଡ଼ିବାକୁ ଆହ୍ୱାନ ଦିଆଯାଇଥିଲା। ଇଂରେଜ ସରକାର ଆମ ଦେଶର କଞ୍ଚାମାଲ ବିଦେଶକୁ ନେଇ ସେଠୁ ଅନେକ ସାମଗ୍ରୀ ପ୍ରସ୍ତୁତ କରି ଆମକୁ ଦେଉଥିଲେ। ଏହାଦ୍ୱାରା ଇଂରେଜମାନଙ୍କ ଉପରେ ଆମର ନିର୍ଭରଶୀଳତା ବଢୁଥିଲା। ଏହାକୁ ବିରୋଧ କରି ବିଶେଷକରି ଆମ ଦେଶର ଉତ୍ପାଦିତ ଜିନିଷ ବ୍ୟବହାର ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଥିଲା। ଏଥିରେ ଚୌଧୁରୀ ପରିବାରର ଭୂମିକା ମଧ୍ୟ ଥିଲା। ଅବିଦ୍ୟା ଓ ଅଶିକ୍ଷା କବଳରୁ ସ୍ୱାଧୀନତା ଉପରେ ଏହି ପରିବାର ସଦାସର୍ବଦା ଗୁରୁତ୍ୱ ଦେଇଆସିଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ୨୬ମ ଜଗତ୍‌ସିଂହପୁର ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ ଆସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ସଭାନେତ୍ରୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ କନିଷ୍ଠ କନ୍ୟା କ୍ରିଷ୍ଣା ମହାନ୍ତି ଏହା କହିଛନ୍ତି। ସମ୍ଭ୍ରାନ୍ତ ଚୌଧୁରୀ ପରିବାର ସ୍ୱାଧୀନତା ଆନ୍ଦୋଳନ ସମୟରେ ଭୋଗ, ବିଳାସକୁ ତୁଚ୍ଛ କରି ନିରାଡ଼ମ୍ବର ଜୀବନ ଅତିବାହିତ କରୁଥିଲେ ବୋଲି ମହାନ୍ତି କହିଛନ୍ତି। ଆସରରେ ଅନ୍ୟତମ ଅତିଥି ଶିକ୍ଷାବିତ୍ ଗୋଲୋକ ନାୟକ ସମାଜସେବା କ୍ଷେତ୍ରରେ କ୍ରିଷ୍ଣା ମହାନ୍ତିଙ୍କୁ ଜଣେ କ୍ରାନ୍ତିକାରୀ ନେତ୍ରୀ ଭାବେ ବିବେଚନା କରିଥିଲେ। ସେ କହିଥିଲେ, ମହାନ୍ତି ଜଗତ୍‌ସିଂହପୁରର ଝିଅ ହୋଇ ବଣ, ପାହାଡ଼ ଘେରା ଢେଙ୍କାନାଳ, ଅନୁଗୋଳରେ ମା'ମାଳତୀ ଚୌଧୁରୀ ଓ ବାପା ନବକୃଷ୍ଣଙ୍କ ସହ ରହୁଥିଲେ। ଓଡ଼ିଶାର ଏଭଳି ପରିବାର ଭାରତରେ ବିରଳ। ନବକୃଷ୍ଣ ୧୯୫୦–୫୬ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ। ଏବେ ଅନେକ ଓଡ଼ିଆ ଭାଷା କଥା ଉଠାଇ ଚିତ୍କାର କରୁଛନ୍ତି। କିନ୍ତୁ ସେତେବେଳେ ନବକୃଷ୍ଣ ଓଡ଼ିଆ ଭାଷାକୁ ଅଫିସିଆଲ ଲାଙ୍ଗୁଏଜ କରିଥିଲେ। ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦ ଛାଡି ବାଜିରାଉତ ଛାତ୍ରାବାସ କରି ନିରୀହ ଆଦିବାସୀ ପିଲାଙ୍କୁ ପାଠ ପଢଇବାକୁ ନିଷ୍ପତ୍ତି ନେବା ଛୋଟିଆ କଥା ନୁହେଁ। ଏବେ ତାଙ୍କ ଝିଅ କ୍ରୀଷ୍ଣା ଏହାର ତତ୍ତ୍ୱାବଧାରକ ଅଛନ୍ତି। ତେବେ ଚୌଧୁରୀ ପରିବାରର ସଦସ୍ୟମାନେ ଏକାଧିକ ବାର ଗିରଫ ହୋଇଛନ୍ତି। ଓଡ଼ିଶା ଜମିଦାରମାନଙ୍କ ମଧ୍ୟରେ ଚୌଧୁରୀ ପରିବାର ସ୍ୱତନ୍ତ୍ର ଥିଲା। ଏହି ପରିବାର ଭୂଦାନ ଆନ୍ଦୋଳନରେ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ଜମି ଦାନ କରି ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଗୋଟିଏ ଡାକରାରେ ମା'ରମାଦେବୀ ସମସ୍ତ ଅଳଙ୍କାର ଦାନ କରି ଦେଇଥିଲେ। ତେଣୁ ଜଗତ୍‌ସିଂହପୁର ମାଟି ମହାନ। ଧାନରେ ଯେତିକି ସାହିତ୍ୟ କ୍ଷେତ୍ରରେ ତାଠାରୁ ଅଧିକ ଅମଳକ୍ଷମ । ନବକୃଷ୍ଣ ଜଗତ୍‌ସିଂହପୁର ଲୋକ ହୋଇ ମଧ୍ୟ କୋରାପୁଟରୁ ବିଧାୟକ ହୋଇ ପାରିଥିଲେ। କିନ୍ତୁ ସମୟଚକ୍ରରେ ଗୋପବନ୍ଧୁ, ନବକୃଷ୍ଣ, ରମା ଦେବୀ, ମାଳତୀ ଚୌଧୁରୀଙ୍କୁ ଲୋକେ ଧୀରେ ଧୀରେ ଭୁଲିବା ଆରମ୍ଭ କଲେଣି। ଯାହା ଯନ୍ତ୍ରଣାଦାୟକ ବୋଲି ନାୟକ କହିଛନ୍ତି। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୀତିକାର, କବି ଓ ଗାଳ୍ପିକ ସଚ୍ଚି ମହାନ୍ତି ଏବଂ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଯୋଗଦେଇଥିଲେ। ଆସର ପରେ ଓ ପୂର୍ବରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକ ମୃତ

ନୟାଗଡ଼/ଭାପୁର,୧୬।୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା): ଫତେଗଡ଼ ଥାନା କେନ୍ଦୁପଲ୍ଲୀ ପଞ୍ଚାୟତ ହନୁମନ୍ତପ୍ରସାଦ ଗ୍ରାମର ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱରର ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଯୁବକଙ୍କ ମୃତ୍ୟୁ ହୋଇଛି । ହନୁମନ୍ତପ୍ରସାଦ ଗ୍ରାମର ସୁବାସ ଜେନାଙ୍କ ପୁଅ ବିକାଶ ଭୁବନେଶ୍ୱର ଏକ ପେଟ୍ରୋଲ ପମ୍ପରେ କାମ କରନ୍ତି। କିଛିଦିନ ତଳେ ପେଟ୍ରୋଲ ପମ୍ପର କର୍ମଚାରୀମାନଙ୍କ ସହ ଭୋଜିଖାଇ ଫେରୁଥିଲେ। ବାଟରେ ବିକାଶ ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୋକାକୁଳ ପରିବେଶରେ ହନୁମନ୍ତପ୍ରସାଦ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ବାପା, ମାଆ ଓ ସ୍ତ୍ରୀ ଭାଙ୍ଗି ପଡ଼ିଛନ୍ତି। ବିକାଶଙ୍କର ଏକମାତ୍ର ଦେଢବର୍ଷ ପୁଅ ଅଛି ।

### ନୂତନ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେଲାନାହିଁ

ଖଣ୍ଡପଡ଼ା,୧୬।୧(ଅଜୟ କୁମାର ମହାରଣା)–ଖଣ୍ଡପଡ଼ାର ୧ନଂ. ୱାର୍ଡସ୍ଥିତ ପ୍ରାଣୀ ଚିକିତ୍ସାଳୟର ନୂତନ କୋଠା ନିର୍ମାଣ କାର୍ଯ୍ୟ ଗତ ୬ମାସ ତଳେ ଶେଷ ହୋଇଛି । ହେଲେ ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ହୋଇ ନାହିଁ । ନବ ନିର୍ମିତ କୋଠାରେ ଏବେ ତାଲା ଝୁଲୁଛି । ଫଳରେ ପ୍ରାଣୀ ଚିକିତ୍ସାଧିକାରୀ ଓ କର୍ମଚାରମାନେ ପୁରାତନ ଗୃହରେ ବସି କାମ କରୁଛନ୍ତି । ନୂତନ କୋଠାର ସମ୍ମୁଖ ଅଂଶ ମାଟି ଥିବାରୁ ସାମାନ୍ୟ ବର୍ଷା ହେଲେ କାଦୁଅ ପଙ୍କରେ ଭର୍ତ୍ତି ହୋଇପଡୁଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ନୂତନ କୋଠାକୁ କାର୍ଯ୍ୟକ୍ଷମ କରିବାକୁ ଦବା ହୋଇଛି ।

### ବଡ଼ବାଣପୁର–ଏ ଟିମ୍ ବିଜୟୀ

ଖଣ୍ଡପଡ଼ା,୧୬।୧(ଅଜୟ କୁମାର ମହାରଣା)–ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଚାଲିଥିବା ରବିନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ୬ଷ୍ଠ ଲିଗ୍ ମ୍ୟାଚ । ଉକ୍ତ ମ୍ୟାଚରେ ବଡ଼ବାଣପୁର–ଏ କ୍ରିକେଟ ଟିମ ୨୮ ରନରେ ପଦାମାଳ କ୍ରିକେଟ କ୍ଲବକୁ ହରାଇ ବିଜୟୀ ହୋଇଛି । ବାଣପୁର ଦଳ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ୭ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା । ଜବାବରେ ପଦାମାଳ ଟିମ୍ ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୨ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ମୁନା ନାହାକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଚନ୍ଦନ କୁମାର ଦଳେଇ ଓ ସୁରେଶ କୁମାର ପ୍ରଧାନ ଖେଳକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ନୀଳମାଧବ ମନ୍ଦିର ସୁପରଭାଇଜର ବାଇଧର ରାଉତ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

### ଦାୟିତ୍ୱ ଗ୍ରହଣ କଲେ ଏବିଡିଓ

ଖଣ୍ଡପଡ଼ା,୧୬।୧(ଅଜୟ କୁମାର ମହାରଣା)–ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡିଥିଲା । ବୁଧବାର ନୂତନ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଭାବେ ଝାଡେଶ୍ୱର ଦାସ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହାପରେ କର୍ମଚାରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

### ଇଟାମାଟି ବ୍ୟବସାୟୀଙ୍କ ପରଲୋକ

ନୟାଗଡ଼,୧୬।୧(ଲୋକନାଥ ମିଶ୍ର):ନୟାଗଡ଼ ବ୍ଲକ ଇଟାମାଟି ଗ୍ରାମ ନହରସାହିର ବ୍ୟବସାୟୀ କାଶୀନାଥ ସାହୁଙ୍କ ଗୁରୁବାର ପରଲୋକ ହୋଇଯାଇଛି । ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ସେ କିଛିଦିନ ତଳେ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ବଡ଼ପୁଅ ପୂର୍ଣ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ । କାଶିନାଥ ଜଣେ ପରୋପକାରୀ ୱାର୍ଡ ମେମ୍ବର ଥିଲେ । ତାଙ୍କ ପରଲୋକରେ ଗ୍ରାମ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି । ଜିଲା ପରିଷଦ ସଭ୍ୟ ଆଶିଷ କୁମାର ଅଗ୍ରୱାଲ, କିଶୋର ନାୟକ, ଉମେଶ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଭାଗିରଥି ବାଇ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ନୀଳମାଧବ ମନ୍ଦିର ସମସ୍ୟା ଶୁଣିଲେ ଜିଲାପାଳ

## ୪ମାସ ପରେ ଶ୍ରୀଜୀଉଙ୍କୁ ଦର୍ଶନକଲେ

ଖଣ୍ଡପଡ଼ା,୧୬।୧(ଅଜୟ କୁମାର ମହାରଣା)


ସେବାୟତଙ୍କ ଗହଣରେ ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଦାୟିତ୍ୱ ଗ୍ରହଣ କରିବାର ୪ମାସ ପରେ ଗୁରୁବାର ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିଛନ୍ତି । ଏ ଅବସରରେ ସେ ମନ୍ଦିର ପରିକ୍ରମା କରିବା ସହ ମନ୍ଦିର ସେବାୟତମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ନୀଳମାଧବ ପୂଜକ ସମାଜର ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର, ପୂର୍ବତନ ସମ୍ପାଦକ ନୀଳମାଧବ ମିଶ୍ର ପ୍ରମୁଖ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଜିଲାପାଳ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାନ ଉପରେ ବିରାଜିତ ମନ୍ଦିର ଉପରୁ ତଟ ଦେଶରେ ପ୍ରବାହିତ ମହାନଦୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଲବ୍ଧ କରି ବିମୋହିତ ହୋଇଥିଲେ । ମନ୍ଦିର ପ୍ରତ୍ୟାବର୍ତ୍ତନ ସମୟରେ ସିଂହଦ୍ୱାର ନିକଟରେ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନେ ନୂତନ ଜିଲାପାଳଙ୍କୁ ସ୍ୱାଗତ କରିବା ସହ ଆଗାମୀ ମାଘ ମେଳା ମହୋତ୍ସବରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ । ଏହାଛଡା ମନ୍ଦିର ପରାମର୍ଶଦାତା କମିଟି ଦୀର୍ଘ ୮ବର୍ଷ ହେଲା ଗଠିତ ହୋଇ ନ ଥିବା ବେଳେ ମନ୍ଦିର ପରିଚାଳନା ପାଇଁ ନିଯୁକ୍ତ ଦେବୋତ୍ତର ମ୍ୟାନେଜର ପଦବୀ ମଧ ବର୍ଷେ ହେବ ଖାଲି ପଡିଥିବାରୁ ମନ୍ଦିର ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଥିବା ଗଣମାଧ୍ୟମର ପ୍ରତିନିଧିମାନେ ଅବଗତ କରାଇଥିଲେ । ଖୁବ୍‌ଶୀଘ୍ର ନୀଳମାଧବ ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ଅଗ୍ରୱାଲ ସୂଚନା ଦେଇଥିଲେ । ଉପସ୍ଥିତ ଥିବା ଗଣ ମାଧ୍ୟମର ପ୍ରତିନିଧି ତଥା ନୀଳମାଧବ ସାମ୍ବାଦିକ ସଂଘର ସଭାପତି ପ୍ରଭାକର ଶିରୋମଣି, ସଦସ୍ୟ ଶ୍ରୀପତି ମହାରଣା, ସରୋଜ କୁମାର ମିଶ୍ର ଓ ଶୁଭ୍ରାଂଶୁ ମହାରଣା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପାଇଁ ଏକ ସ୍ଥାନ ସଂରକ୍ଷଣ ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଜିଲାପାଳଙ୍କ ଗସ୍ତ ସମୟରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ଏବଂ ପୂଜକ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଜିଲାପାଳ ଫେରିବା ବାଟ(ଚନ୍ଦନ ପୋଖରୀ ସମ୍ମୁଖ)ରେ ନୀଳମାଧବଙ୍କ ଚନ୍ଦନ ପୋଖରୀର ଦୁରାବସ୍ଥା ତଥା ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଖବରଦାତା ଶୁଭ୍ରାଂଶୁ ମହାରଣା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରବର୍ତ୍ତୀ ସମୟରେ ଏ ଦିଗରେ ଧ୍ୟାନ ଦେବାକୁ ଜିଲାପାଳ ସୂଚନା ଦେଇଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

ଶରଣକୁଳ,୧୬।୧(ଦୀପକ କର )

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳର ଲଡୁବାବାଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଶ୍ୱଶାନ୍ତି ଘୃତଯଜ୍ଞ ଆସନ୍ତା ୨୪ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଲଡୁବାବାଙ୍କ ସିଂହଦ୍ୱାର ସମ୍ମୁଖରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ଏହାକୁ ଲଡୁବାବା ସେବାୟତ, ମନ୍ଦିର ପ୍ରଶାସନ ଓ ଯଜ୍ଞ କମିଟି ପକ୍ଷରୁ ମିଳିତ ଭାବେ ଆୟୋଜନ କରୁଛନ୍ତି । ଗୁରୁବାର ସକାଳେ ମନ୍ଦିରର ସମସ୍ତ ସେବାୟତ ଏବଂ ଯଜ୍ଞ କମିଟିର କର୍ମକର୍ତ୍ତା ପୂଜାର୍ଚ୍ଚନାପରେ ଠାକୁରଙ୍କ ଆଜ୍ଞାମାଳ ଆଣି ଖୁଣ୍ଟରେ ବାନ୍ଧି ତାହାକୁ ଯଜ୍ଞସ୍ଥଳରେ ପୋତିଥିଲେ। ଢୋଲ, ମୃଦଙ୍ଗ, ଘଣ୍ଟ,କାହାଳୀ ସହିତ ଲଡୁବାବାଙ୍କ ମନ୍ଦିରର ପରିଛା ତୋଷବନ୍ତ କରଙ୍କ ଦିଗଦର୍ଶନରେ ଓ ମନ୍ଦିରପରିଚାଳକ ସୁବାସ ଚନ୍ଦ୍ର ବରାଡ଼ଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା । ପ୍ରତିଦିନ ଯଜ୍ଞରେ ଆହୁତି ସହ ମଣ୍ଡପର ଚତୁଃପାର୍ଶ୍ୱରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ କହିଛନ୍ତି ।


ଶୁଭଖୁଣ୍ଟି ସ୍ଥାପନ ପାଇଁ ସାଧୁସନ୍ଥମାନେ ଆଜ୍ଞାମାଳ ନେଇ ଫେରୁଛନ୍ତି।

# ଗୋଡ଼ିଆଳି କ୍ରିକେଟ: ଖୁଣ୍ଟୁବନ୍ଧ ଚାମ୍ପିୟନ

ନୟାଗଡ଼,୧୬।୧(ଲୋକନାଥ ମିଶ୍ର)


ଟ୍ରଫି ସହ ଖୁଣ୍ଟୁବନ୍ଧ ଚାମ୍ପିୟନ ଟିମ୍।

ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଗୋଡ଼ିଆଳି ମା'ବାଉତି କ୍ରିକେଟ କ୍ଲବ୍ ପକ୍ଷରୁ ଚାଲୁଥିବା କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ଖୁଣ୍ଟୁବନ୍ଧ ଟିମ୍ ଚମ୍ପିୟାନ ହୋଇଛି। ଖୁଣ୍ଟୁବନ୍ଧ ଟିମ୍ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୩୫ ରନ କରିଥିଲା । ଜବାବରେ ରଘୁନାଥ ପ୍ରସାଦ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ କରିଥିଲେ । ଖୁଣ୍ଟୁବନ୍ଧ ସରପଞ୍ଚ ପ୍ରତିନିଧି କବି ସ୍ୱାଇଁ ବିଜୟୀ ଟିମ୍‌ର କ୍ୟାପଟେନ ଅରଭେନ୍ଦୁ ପରିଡ଼ାଙ୍କୁ ୫ ହଜାର ୫ ଶହ ଟଙ୍କା ଓ ରନର୍ସ ଭାବେ ରଘୁନାଥପ୍ରସାଦ କ୍ୟାପଟେନ ରାଜେନ୍ଦ୍ର ବିଶ୍ୱାଳଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚ୍‌କୁ ସଞ୍ଜୟ କୁମାର ମହାନ୍ତି, ଗୋପୀନାଥ ସ୍ୱାଇଁ, ଚିନ୍ମୟ ସ୍ୱାଇଁ, ଶିବୁନ ସାହୁ ପରିଚାଳନା କରିଥିଲେ। ମ୍ୟାଚ ସ୍କୋରର ଦାୟିତ୍ୱ ପଞ୍ଚାନନ ମହାନ୍ତି, କାହ୍ନା ବେହେରା, ଜଗନ୍ନାଥ ସ୍ୱାଇଁ, ଜିତେନ୍ଦ୍ର ମହାନ୍ତି ତୁଲାଇଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ, ଫାଇନାଲ ମ୍ୟାଚ୍‌ରେ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସ୍ଥାନୀୟ ସରପଞ୍ଚ ପ୍ରତିନିଧି କବି ସ୍ୱାଇଁ, ସମିତି ସଭ୍ୟ ଶୁଭେନ୍ଦୁ ମହାନ୍ତି, ମୁଥାଗାଡ଼ିଆ ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ,ଚଣ୍ଡୀବସ୍ତ ସରପଞ୍ଚ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

# ଶ୍ରୀଦଧିବାମନ ଜୀଉ ମନ୍ଦିରର ରତ୍ନମୁଦ ଉତ୍ସବ

ଖଣ୍ଡପଡ଼ା,୧୬।୧(ଅଜୟ କୁମାର ମହାରଣା)–ଖଣ୍ଡପଡ଼ା ବ୍ଲକ୍‌ର ଯୋଗିଆପଲ୍ଲୀ ପଞ୍ଚାୟତ ଅଧୀନ ଲକ୍ଷ୍ମୀପ୍ରସାଦ ଗ୍ରାମରେ ଶ୍ରୀଦଧିବାମନ ଜୀଉ ମନ୍ଦିରର ରତ୍ନମୁଦ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବ୍ରାହ୍ମଣ ସମାଜ ଦ୍ୱାରା ଏ ଅବସରରେ ହୋମଯଜ୍ଞ, ନାମସଂକୀର୍ତ୍ତନ ସହ ଦେବନୀତି ପରେ ନୂତନ ମନ୍ଦିରର ରତ୍ନମୁଦ କରାଯାଇଥିଲା। ଗ୍ରାମର ସମସ୍ତ ବ୍ୟକ୍ତିଙ୍କ ଦୁଆରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିଲା। ସଂକୀର୍ତ୍ତନମଣ୍ଡଳୀ ଗ୍ରାମ ପରିକ୍ରମା କରି ମନ୍ଦିର ପରିସର ସ୍ଥିତ ଯଜ୍ଞବେଦୀ ନିକଟରେ ପହଞ୍ଚିଥିଲେ। ଲକ୍ଷ୍ମୀପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ଶେଷ ହୋଇଥିଲା ।

# ଆଜି ଫାଇନାଲ ମ୍ୟାଚ୍



ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

## ଟି–୨୦ ଖଲିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୧୬।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ଟି–୨୦ ଖଲିସାହି କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ମେଣ୍ଢାଶାଳ କ୍ରିକେଟ କ୍ଲବ୍ ୩୮ ରନରେ ସାଇ–୧୧ ଖୋର୍ଦ୍ଧା କ୍ରିକେଟ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି । ମେଣ୍ଢାଶାଳ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ହରାଇ ୨୩୪ ରନ ସଂଗ୍ରହ କରିଥିଲା । ଖୋର୍ଦ୍ଧା ଟିମ୍ ୨୦ ଓଭରରେ ୯ ଉଇକେଟ ହରାଇ ୧୯୭ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଟୁନୁ ଖଟୁଆ ବ୍ୟକ୍ତିଗତ ୪୫ ବଲରେ ୧୨ ଚୌକା ଓ ୧୨ ଛକା ସହାୟତାରେ ୧୨୮ ରନ ସଂଗ୍ରହ କରିବା ସହ ଗୋଟିଏ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ରବି ନାରାୟଣ ମିଶ୍ର ଓ ଦୀପକ ସାହୁ ଖେଳକୁ ପରିଚାଳନା କରିଥିଲେ ।

ଗୌରାଙ୍ଗ ଚରଣ ସେଠୀ, ଶ୍ରୀନିବାସ ଦଳେଇ ଓ ଦେବାଶିଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅନାଦି ଚରଣ ସାହୁ ଓ ବିଶିଷ୍ଟ ଅତିଥି ଭାବେ ସ୍ଥାନୀ ସରପଞ୍ଚ ଫକୀର ମୋହନ ଦାସ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏଥିରେ ବାଙ୍କୀ ପାୱାରକିଙ୍ଗ କ୍ରିକେଟ୍ କ୍ଲବ୍ ସହ ମେଣ୍ଢାଶାଳ କ୍ରିକେଟ୍ କ୍ଲବ୍ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ସମ୍ପାଦକ ଶରତ କୁମାର ସାହୁ କହିଛନ୍ତି ।

# ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟ: ବରଗଡ଼ ଟିମ୍ ବିଜୟୀ

ଦଶପଲ୍ଲା,୧୬।୧( ପ୍ରକାଶ କୁମାର ପାଣି)

ଦଶପଲ୍ଲା ଗାନ୍ଧୀ ମଇଦାନରେଠାରେ ଅଗ୍ରଣୀ କ୍ରୀଡା ସଙ୍ଗଠନ ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ୨୫ତମ ଦଶପଲ୍ଲା ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅଷ୍ଟମ ଦିନର ମ୍ୟାଚ୍ ରକ୍ ଷ୍ଟାର, କଟକ ବନାମ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ୍ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ୨–୧ ଗୋଲରେ ବିଜୟ ଲାଭ କରିଛି। ମୁଖ୍ୟ ଅତିଥି ଭାବେ ଆର ଡି ନୟାଗଡ଼ ଡିଭିଜନ ୨ ର ଏକଜ୍ୟୁଟିଭି ଇଞ୍ଜିନିୟର ସୌଭାଗ୍ୟ ଦାଶ ଯୋଗଦେଇଥିଲେ । ଖେଳ ପରିଚାଳନା କରିଥିଲେ ପ୍ରସନ୍ନ କୁମାର ନାୟକ। ଲାଇନ୍ସରେ ରବିନ୍ଦ୍ରନାଥ ନାୟକ, ଶ୍ୟାମ ସୁନ୍ଦର ସାହା ଓ ଫୋର୍ଥ ଅଫିସିଆଲରେ ଶୈଳେନ୍ଦ୍ର ମହାକୁଡ଼ ଓ ଆଶୀର୍ବାଦ ସେନ ସହଯୋଗ କରିଥିଲେ। ଶୁକ୍ରବାର ମ୍ୟାଚ୍ ବରଗଡ଼ ବନାମ ନୂଆଦିଲ୍ଲୀ ମଧ ରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମହାନଦୀ ମାଳବନ୍ଧ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

ଖଣ୍ଡପଡ଼ା,୧୬।୧(ଅଜୟ କୁମାର ମହାରଣା)–ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ ପୀଠ ବିକାଶ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ମହାନଦୀ ଦକ୍ଷିଣ ପାର୍ଶ୍ୱ(ଯାତ୍ରାପଡ଼ା ବଜାରଠାରୁ ମନ୍ଦିର ପଶ୍ଚିମ ଦ୍ୱାର) ମାଳବନ୍ଧ ସମ୍ପ୍ରସାରଣ କାର୍ଯ୍ୟକୁ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ତୃପ୍ତିମୟୀ ମହାନ୍ତି ଗୁରୁବାର ପରିଦର୍ଶ କରି କଂକ୍ରିଟ କାର୍ଯ୍ୟକୁ ତଦାରଖ କରିଛନ୍ତି । ଏହାଛଡା ନିର୍ମାଣଧୀନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଉପସ୍ଥିତ ଥିବା କଣ୍ଟିଲୋ ଜଳ ସମ୍ପଦ ବିଭାଗ ସେକ୍ସନ ଅଧିକାରୀ ଇଂ.ରାମ ମୋହନ ବେହେରାଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି ।

# ଅଭିମାନପୁର ଟିମ୍ ବିଜୟୀ

## ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୧୬।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆରେ ଶନିବାର ଠାରୁ ଆରମ୍ଭ ହୋଇଥିବା ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଆଜିର ୬ଷ୍ଠ ଲିଗ ମ୍ୟାଚରେ ଅଭିମାନପୁର କ୍ରିକେଟ୍ କ୍ଲବ ୪ ଉଇକେଟରେ ବାଙ୍କୀ କ୍ରିକେଟ୍ ଟିମକୁ ପରାସ୍ତ କରି ବିଜୟୀ ହୋଇଛି । ବାଙ୍କୀ ଦଳ ବ୍ୟାଟିଂ ଆରମ୍ଭ କରି ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଅଭିମାନପୁର ଟିମ୍ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବରୁଣ କୁମାର ରାଉତ ଓ ପ୍ରଭାତ କୁମାର ମହାଳିକ ଖେଳ ପରିଚାଳନା କରିଥିବା ବେଳେ ଆଲୋକ କୁମାର ରାଉତ ଓ ସୁନୀଲ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଙ୍ଗଳା କ୍ଲବ ବିଜୟୀ

## ନୟାଗଡ଼ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

ନୟାଗଡ଼,୧୬।୧(ଲୋକନାଥ ମିଶ୍ର)

ନୟାଗଡ଼ ଖେଳ ପଡ଼ିଆରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ଚାଲୁ ରହିଛି । ସିନ୍ଦୁରିଆର ୭୮୬ ୟୁଥ୍ କ୍ଲବ, ଆଥ୍‌ଲେଟିକ୍ ଆସୋସିଏଶନ୍, ନୟାଗଡ଼ କ୍ଲବ ଓ ମର୍ଣ୍ଣ କ୍ଲବ ପକ୍ଷରୁ ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ କଟକ ମଙ୍ଗଳା କ୍ଲବ ୫–୩ ଗୋଲରେ ମଣିପୁରର ଜେବିଏମ ନେପାଳଗଞ୍ଜ ଦଳକୁ ପରାସ୍ତ କରି ବିଜୟୀ ହୋଇଛି । କଟକ ଓ ମଣିପୁର ଦଳ ମଧ୍ୟରେ ଏହି ମ୍ୟାଚ୍‌ରେ କଡ଼ା ମୁକାବିଲା ହୋଇଥିଲା । ପ୍ରଥମାର୍ଦ୍ଧ ଖେଳରେ ମଙ୍ଗଳା କ୍ଲବ ୩ଟି ଗୋଲ ସ୍କୋର କରି ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧ ଖେଳରେ ପୁଣି କଟକର ମଙ୍ଗଳା କ୍ଲବ୍ ଅନୁରୂପ ଭାବେ ୨ଟି ଗୋର ସ୍କୋର କରିଥିବାବେଳେ ମଣିପୁର ଦଳ ୩ଟି ସ୍କୋର ପରିଶୋଧ କରିଥିଲା । ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ । ତାଙ୍କୁ ଲାଇନ୍ସରେ ସହଯୋଗ କରିଥିଲେ ଜ୍ୟୋତି ରଞ୍ଜନ ସ୍ୱାଇଁ, ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ । ରାମକୃଷ୍ଣ ରଥ, ଶେଖ ଅବଦୁଲ ଖାଲିକ୍ ଓ ଆଶୁତୋଷ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ସମ୍ମାନୀତ ଅତିଥି ରୂପେ ନୟାଗଡ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

# ଅଦ୍ୱିକା ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା

## କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ

ଓଡ଼ଗାଁ,୧୬।୧
(ଆଦର୍ଶ କୁମାର ପଟ୍ଟନାୟକ)



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ନୟାଗଡ଼ ଜିଲା ସମନ୍ୱିତ ଶିଶୁ ବିକାଶ ଯୋଜନା ଓଡ଼ଗାଁ ଆନୁକୂଲ୍ୟରେ ଆୟୋଜିତ ଅଦ୍ୱିକା ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ୨୦୨୪–୨୫ ସ୍ଥାନୀୟ ମିନି ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅପରାହ୍ନରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଲହଡ଼ିମାଳା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ବରିଷ୍ଠ ଖବରଦାତା ଅଶୋକ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଓଡ଼ଗାଁ ବ୍ଲକର ବିଭିନ୍ନ ସେକ୍ଟରରୁ ଅଂଶଗ୍ରହଣ କରିଥିବା ପ୍ରାୟ ୧୫୦ ଜଣରୁ ଉର୍ଦ୍ଧ୍ୱ କିଶୋରୀଙ୍କ ମଧ୍ୟରେ ନାରୀ ସଶକ୍ତିକରଣ ବିଷୟକୁ ନେଇ ଡିବେଟ୍,ବାଲ୍ୟ ବିବାହ ଥିମକୁ ନେଇ ଚିତ୍ରାଙ୍କନ, ଲିଙ୍ଗ ଭିତ୍ତିକ ସମାନତା ବିଷୟକୁ ନେଇ ପ୍ରବନ୍ଧ ଏବଂ ଫୋକ, କ୍ଲାସିକାଲ, ଟ୍ରାଇବାଲ ଡ୍ୟାନ୍ସକୁ ନେଇ ପ୍ରତିଯୋଗିତା ହୋଇଥିଲା। ସେମାନଙ୍କ ମଧ୍ୟରୁ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଖବରଦାତା ସାରସ କୁମାର ମିଶ୍ର, ସୁପରଭାଇଜର ସୁଭଦ୍ରା ଖିଲାର, ଜୟଶ୍ରୀ ସାହୁ, ରମଣୀ ଦେଇ, କାଜଲ ନାଏକ, ଅନୁପମା ସାହୁ, ପୋଷଣ ବିଶି, ଧୀରେନ ସେଠୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ।

# ଆଜି ମଙ୍ଗଳପୁର ସିଏଚ୍‌ସିକୁ ଆସିବ କାୟାକଳ୍ପ ଟିମ୍





■ ୨ ବର୍ଷ ହେଲା ବସିନାହିଁ ରୋଗୀ କଲ୍ୟାଣ ସମିତି ବୈଠକ
■ ସ୍ଥାନ ଅଭାବରୁ ନଷ୍ଟ ହେଉଛି ଦାମୀ ମେଶିନ

ଦଶରଥପୁର,୧୬।୧
(ସୁଶାନ୍ତ କୁମାର ବେହୁରିଆ)

କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଓ ଆବଶ୍ୟକ ସରଞ୍ଜାମ ଯୋଗାଇବା ନିମନ୍ତେ ବିଭିନ୍ନ ଯୋଜନାରେ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର କେତେକ କ୍ଷେତ୍ରରେ କେତେଜଣ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ବିପୁଳ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ସରକାରୀ ଯୋଜନାର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଯାହାର ଉଦାହରଣ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଦେଖାଯାଇଛି। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଅଟ୍ଟାଳିକା ନିର୍ମାଣ ନିମନ୍ତେ ୮ କୋଟି, ବିପିଏମ୍‌ୟୁ ବିଲ୍‌ଡିଂ ନିମନ୍ତେ ୬୮ ଲକ୍ଷ, ଚକ୍ଷୁ ବିଭାଗ ନିମନ୍ତେ ୧୦ ଲକ୍ଷ ଓ ଆବର୍ଜନା ପୃଥକୀକରଣ ଗୃହ ନିର୍ମାଣ ନିମନ୍ତେ ପ୍ରାୟ ୧୫ ଲକ୍ଷ ଟଙ୍କା ସମେତ ଆମ ହସ୍ପିଟାଲ ଯୋଜନାରେ ପ୍ରାୟ ୧.୫ କୋଟି ଟଙ୍କା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା।

ବର୍ତ୍ତମାନ ନୂତନ ଅଟ୍ଟାଳିକା ଓ ବିପିଏମ୍‌ୟୁ ବିଲ୍‌ଡିଂ ଆଦି କାର୍ଯ୍ୟ ଚାଲୁ ରହିଥିବାବେଳେ ଆମ ହସ୍ପିଟାଲ କାର୍ଯ୍ୟ ଅଧାପନ୍ତରିଆ କରି ଠିକାଦାର ଛୁ ମାରିଛନ୍ତି। ଏପରି ସମସ୍ୟା ମଧ୍ୟରେ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ କେନ୍ଦ୍ରୀୟ କାୟାକଳ୍ପ ଟିମ୍ ଆସିବ। ଏହି ଟିମ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଚିକିତ୍ସାର ମାନ, ପରିମଳ ଓ ସ୍ୱଚ୍ଛତା ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଚଳଚଞ୍ଚଳ ହୋଇ ପଡ଼ିଛନ୍ତି। କେନ୍ଦ୍ର ପରିସର ସଫା ସୁତୁରା କରାଯିବା ସହିତ ନୂତନ ରଙ୍ଗ ମରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ରୂପ ଦିଆଯାଉଛି।

ଏହା ୩୦ ବେଡେଡ୍ ହସ୍ପିଟାଲ ହୋଇଥିବାବେଳେ ବର୍ତ୍ତମାନ ଏଠାରେ ମାତ୍ର ୧୮/୨୦ ମଧ୍ୟରେ ବେଡ୍ ରହିଥିବା ଦେଖାଯାଇଛି। ଫଳରେ ଅଧିକ ସଂଖ୍ୟକ ରୋଗୀ ଆସିଲେ ବାଧ ହୋଇ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଥିବା ଅଭିଯୋଗ ହେଉଛି। ଏହାବ୍ୟତୀତ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଆବର୍ଜନା ପୃଥକୀକରଣ ମେଶିନ, ଶିଶୁଙ୍କ ଯତ୍ନ ନେବା ନିମନ୍ତେ ବ୍ୟବହୃତ ୱାର୍ମର ମେସିନ ଆଦି ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ପଡ଼ି ନଷ୍ଟ ହେବାକୁ ବସିଲାଣି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜିଲା ଏବଂ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଜନସାଧାରଣ ନିର୍ଭରଶୀଳ। ପ୍ରତ୍ୟେହ ୬ରୁ୭ ଶହ ରୋଗୀ ଏଠାକୁ ଚିକିତ୍ସିତ ହେବାକୁ ଆସୁଛନ୍ତି। ରାତ୍ରି ସମୟରେ ଔଷଧ ପାଇଁ ରୋଗୀ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କାରଣ ଏଠାରେ ଥିବା ନିରାମୟ କେନ୍ଦ୍ରଟି ସକାଳ ୮ରୁ ଦିନ ୨ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହୁଛି। ସରକାରଙ୍କ ନିରାମୟ କେନ୍ଦ୍ର ୨୪ ଘଣ୍ଟା ଖୋଲା ରହିବାର ଘୋଷଣା ଏଠି ପ୍ରହସନ ପାଲଟିଛି। ଅପରପକ୍ଷରେ ନିରାମୟ କେନ୍ଦ୍ରରେ ଫାର୍ମାସିଷ୍ଟ ବଦଳରେ ଷ୍ଟାଫ ନର୍ସଙ୍କୁ ନିୟୋଜିତ କରାଯାଉଥିବାରୁ ରୋଗୀସେବା ବ୍ୟାହତ ହେବା ଆଶଙ୍କା ସୃଷ୍ଟି ହେଉଛି। ସେହିପରି ଆଡ୍‌ମିଶନ ହୋଇ ରହୁଥିବା ରୋଗୀଙ୍କୁ ପାଉଁରୁଟି ଓ ରନ୍ଧାଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା ଥିବାବେଳେ ଏଠାରେ ତାହା ସାତ ସପନ ପାଲଟିଛି। ହସ୍ପିଟାଲର ଏଭଳି ସମସ୍ୟା ଲାଗି ରହିଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟନ୍ତ୍ରଣ କରୁଥିବା ରୋଗୀକଲ୍ୟାଣ ସମିତି ବୈଠକ ଗତ ୨ ବର୍ଷ ମଧ୍ୟରେ ଆଦୌ ବସି ନ ଥିବା ଜଣାଯାଇଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଯଥା; ଡାକ୍ତର ଓ କର୍ମଚାରୀ ଅଭାବ, ପାର୍କିଂ ସ୍ଥାନ ଅଭାବ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱରେ ସ୍ଥାୟୀ ପାଚେରି ଆଦି ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଓ ଦାମୀ ମେଶିନ ନଷ୍ଟ ହେଉଥିବା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିନ୍ଦୁସାଗର ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ଥାନ ଅଭାବ ଯୋଗୁ ମେଶିନଗୁଡ଼ିକୁ ଠିକ ସ୍ଥାନରେ ରଖାଯାଇପାରୁନାହିଁ ଏବଂ ନିର୍ମାଣ ସମାପ୍ତ ସତ୍ତ୍ୱେ ଚକ୍ଷୁ ବିଭାଗ ଓ ଆବର୍ଜନା ପୃଥକୀକରଣ ଗୃହକୁ ପୂର୍ତ୍ତ ବିଭାଗ ଅଦ୍ୟାବଧି ହସ୍ତାନ୍ତର କରି ନ ଥିବାରୁ ଏହି ସମସ୍ୟା ଦେଖାଦେଇଛି। ତେଣୁ ଏଭଳି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି।

# କଳିଙ୍ଗନଗରରେ ସ୍ୱାଭାବିକ ହେଲା ଖଣିଜ ପଦାର୍ଥ ପରିବହନ




ବୈଠକରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସହ ଅନ୍ୟମାନେ।

**ପ୍ରଶାସନ-ଟ୍ରକ୍ ମାଲିକ ସଂଘ ବୈଠକ**

କଟକ,୧୬।୧(କାର୍ତ୍ତିକ ସାହୁ)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଖଣିଜ ପଦାର୍ଥ ପରିବହନକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏ ସଂକ୍ରାନ୍ତରେ ଏକ ବୈଠକ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ-୧ଙ୍କ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସମସ୍ତ ପକ୍ଷଙ୍କ ସହ ଆଲୋଚନା କରି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରେ ସମାଧାନର ବାଟ ବାହାର କରିବାକୁ ପରାମର୍ଶ ଦେଇଥିଲେ। ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଟ୍ରକ ମାଲିକ ସଂଘର ନେତାମାନେ ଯୋଗଦେଇ ବିବାଦର ସମାଧାନ କରିଛନ୍ତି। କଳିଙ୍ଗନଗରର ଅତିରିକ୍ତ ଜିଲାପାଳ, ତହସିଲଦାର, ଯାଜପୁରର ଅତିରିକ୍ତ ଏସ୍‌ପି, କାଳିଆପାଣି ଆଇଆଇସି ଓ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟ ଟ୍ରକ୍ ଫେଡେରେଶନର ସାଧାରଣ ସମ୍ପାଦକ ରବିନାରାୟଣ ଶତପଥୀଙ୍କ ସମେତ ଯାଜପୁର, କଳିଙ୍ଗନଗର ଓ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ନେତା ସାମିଲ ହୋଇଥିଲେ। ସବୁ ପକ୍ଷଙ୍କ ମତାମତ ଆଧାରରେ ସମାଧାନର ବାଟ ବାହାରିଛି। ବାକି କିଛି ଦାବି ଉପରେ ପଦକ୍ଷେପ ପାଇଁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିବାଦର ସମାଧାନ ସହ କଳିଙ୍ଗନଗରରେ ଖଣିଜ ପରିବହନ ସ୍ୱାଭାବିକ କରିବାକୁ ସହମତି ପ୍ରକାଶ ପାଇଛି।

# ବାବା ବରୁଣେଶ୍ୱର ମହିମା କ୍ୟାସେଟ୍ ଉନ୍ମୋଚିତ

ସିଂହପୁର,୧୬।୧
(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମର ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ର ପରିସରରେ ବାବା ବରୁଣେଶ୍ୱର ମହିମା କ୍ୟାସେଟ ଉନ୍ମୋଚିତ ହୋଇଯାଇଛି। ଉକ୍ତ କ୍ୟାସେଟରେ ୧୦ ଗୀତ ସ୍ଥାନିତ ହୋଇଛି। ତହସିଲଦାର କୈଳାସ ମହାଲିକ, ବିଡିଓ ହିତାଂଶୁ ଶେଖର ସାମଲ, ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ଓ ସାମାଜିକ କର୍ମୀ ରାଜେନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ରହି କ୍ୟାସେଟ ଉନ୍ମୋଚନ କରିଥିଲେ। ବିଡିଓ ତଥା ଗୀତିକାର ସାମଲ ଏକ ଗୀତ ରଚନା କରିଛନ୍ତି। ଶ୍ରୀଚରଣ ମହାନ୍ତି ତା'ର କଣ୍ଠଦାନ କରିଛନ୍ତି। ସେହିପରି ଅନ୍ୟ ଗୀତଗୁଡ଼ିକୁ ଗୀତିକାର ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ ଓ ଶିକ୍ଷାବିତ ଅକ୍ଷୟ କୁମାର ଦାସ ରଚନା କରିଛନ୍ତି। ଓଡ଼ିଶାର ସୁନାମଧନ୍ୟ ଗାୟିକା ଅରୂପମା ନାୟକ, ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାଶ, ଅପରୂପା ତ୍ରିପାଠୀ, ଅଂଶୁମାନ ପଣ୍ଡା, ବିଜୟାଲକ୍ଷ୍ମୀ ଶତପଥୀ, ଶ୍ରଦ୍ଧା ସୁମନ ତ୍ରିପାଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପରିଡ଼ା, କ୍ରିଷ୍ଣା କଲ୍ୟାଣୀ ବେହେରା, ଅନୁସୟା ଜେନା, ଦେବସ୍ମିତା ମିଶ୍ର ପ୍ରମୁଖ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।



ଅତିଥିମାନେ କ୍ୟାସେଟ୍ ଉନ୍ମୋଚନ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦିତ୍ୟ



@ ପବିତ୍ର



@ ଯକ୍ଷଦତ୍ତ



@ ରାଜଶ୍ରୀ



@ ସୌଦାମିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଶୋକଝରରୁ ଚାନ୍ଦା ବନ୍ଦ ନ ହେଲେ ଆନ୍ଦୋଳନ

ପାଣିକୋଇଲି,୧୬।୧(ବିକାଶ ମଲ୍ଲିକ)

ସୁକିନ୍ଦା ବ୍ଲକ୍‌ର ଅଶୋକଝର ପର୍ଯ୍ୟଟନସ୍ଥଳ ମାନ୍ୟତା ହାସଲ କରିଛି। ଏହି ପର୍ଯ୍ୟଟନସ୍ଥଳରେ ବିଭିନ୍ନ ସମୟରେ ବେଆଇନ ଅର୍ଥ ଆଦାୟ ନେଇ ଅଭିଯୋଗ ହୋଇଆସୁଛି। ଅଭିଯୋଗ ପରେ ଏହି ବେଆଇନ ଅର୍ଥ ଆଦାୟକୁ ପ୍ରଶାସନ ବନ୍ଦ କରିଥିଲା। ଅଶୋକଝରରେ ମକର ସଂକ୍ରାନ୍ତି ଉପଲକ୍ଷେ ଏକ ପର୍ବ ଅନୁଷ୍ଠିତ ହୁଏ। ଏଥିରେ ବେଆଇନ ଅର୍ଥ ଆଦାୟର ସମ୍ଭାବନା ଥିବାରୁ ଏହାକୁ ବିରୋଧ କରି ଥାନାଧିକାରୀ, ତହସିଲଦାର, ଏଡିଏମ, ଜିଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ଜଣାଯାଇଛି। ଏହାସତ୍ତ୍ୱେ ସୋମବାର ସୁକିନ୍ଦା ଥାନାଧିକାରୀ ଓ ତହସିଲଦାରଙ୍କ ଉପସ୍ଥିତିରେ କେତେଜଣ ବେଆଇନ ଭାବେ ସାଇକେଲ ଷ୍ଟାଣ୍ଡ ନାମରେ ବାଇକ ଓ ଅନ୍ୟ ଗାଡ଼ିଗୁଡ଼ିକରୁ ଚାନ୍ଦା ଆଦାୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଉକ୍ତ ପର୍ଯ୍ୟଟନସ୍ଥଳୀଟି ବନବିଭାଗ ଅଧୀନରେ ଥିବା ସହିତ ଜଙ୍ଗଲ କିସମ ଜମିରେ ରହିଛି। ତେଣୁ ଏହାର ଉନ୍ନତି ନିମନ୍ତେ ଆବେଦନ କରାଯାଇଥବା ବେଳେ ଅଦ୍ୟାବଧି ଅନୁମତି ମିଳିନାହିଁ। ତେଣୁ ଉକ୍ତ ଥାନାଧିକାରୀଙ୍କୁ ନିଲମ୍ବନ ଲାଗି ଏସ୍‌ସିଏସ୍‌ଟି ସେଲର ଦୁଷ୍ମନ୍ତ କୁମାର ଜେନା, ଧର୍ମଶାଳା ଆମ୍ବେଡକର ଫାଉଣ୍ଡେସନ ସଭାପତି କାର୍ତ୍ତିକ ମଲିକ ଓ ଯାଜପୁର ସିଭିଲ ସୋସାଇଟି ଫୋରମର ଜିଲା ସମ୍ପାଦକ ବିଶ୍ୱନାଥ ପାତ୍ର, ଯାଜପୁର ଏକତା ମଞ୍ଚର ସଭାପତି ଗୟାଧର ମଲିକ ପ୍ରମୁଖ ଏସପିଙ୍କୁ ଭେଟି ଦାବି କରିଛନ୍ତି। ନ ଚେତ ଆନ୍ଦୋଳନ କରିବା ଲାଗି ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଜଗାବଳିଆ କ୍ରିକେଟ: ରସୁଣା କ୍ରିକେଟ ଦଳ ଚାମ୍ପିୟନ

ରସୁଲପୁର,୧୬।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଇଚ୍ଛାପୁର ଗାଁ ଖେଳ ପଡ଼ିଆରେ ସପ୍ତାହେ ବ୍ୟାପୀ ଅନୁଷ୍ଠିତ ହୋଇଥିବା ୧୫ତମ ଜଗାବଳିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଏମବିସିସି-ରସୁଣା ପ୍ରତିପକ୍ଷ ଏମଏମସିସି-ମଧୁବନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରସୁଣା ଦଳ ବିପକ୍ଷ ଦଳ ମଧୁବନକୁ ପରାସ୍ତ କରି ଚାମ୍ପିୟନ ହୋଇଛି।

ଏମ୍‌ବିସିସି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ୧୦୫ ରନ୍‌ରେ ସୀମିତ ରହିଥିଲା।

ଟ୍ରଫି ପ୍ରଦାନ ଉତ୍ସବରେ ଯୁବନେତା ଅର୍ଜୁନ ଚରଣ ପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ଭୋଟକା ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ଦାସ, ପୂର୍ବତନ ସମିତିସଭ୍ୟ ରଞ୍ଜିତ ରାଉତ, ଯୁବନେତା ପ୍ରଶାନ୍ତ ପଣ୍ଡା, ଚନ୍ଦ୍ରଶେଖର ସାମଲ ପ୍ରମୁଖ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରସୁଣା କ୍ରିକେଟ ଦଳ ପକ୍ଷରୁ ଚନ୍ଦନ ଦାସ, ମଧୁବନ ଦଳର ବିଜି ସାହୁଙ୍କୁ ଶ୍ରେଷ୍ଠ ଖେଳାଳି, ରସୁଣା ଦଳର ରଞ୍ଜନ ବେହେରାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ୍ ଭାବରେ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଖେଳାଳି ସନାତନ ଦାସ, ଲିପୁନ ଦାସ ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ। ଜଗାବଳିଆ ଓ ଆଲୋକମୟୀ କ୍ରିକେଟ କ୍ଲବର ଖେଳାଳିମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଜଳିଗଲା ଘର, ବର୍ତ୍ତିଲେ ପରିବାର

ଜେନାପୁର,୧୬।୧(ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମ ନିକଟ ଦଣ୍ଡାବାଙ୍କ ଆମ୍ବଗଛ ମୂଳେ ରହୁଥିବା ଆଦିବାସୀ ରାମ ମୁଣ୍ଡାଙ୍କ ଘର ଜଳି ପାଉଁଶ ହୋଇଯାଇଛି। ରାମଙ୍କ ପରିବାର ଲୋକେ ଶୋଇଥିବାବେଳେ କୌଣସି କାରଣବଶତଃ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ନିଆଁ ଜଳୁଥିବା ଦେଖି ସେମାନେ ଘରୁ ବାହାରି ଆସିଥିଲେ। ହେଲେ ଜଣେ ଛୋଟ ପିଲା ଘରେ ରହି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ତାଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଗ୍ରାମବାସୀ ପାଣି ପକାଇ ନିଆଁ ଲିଭାଇଥିଲେ। ହେଲେ ସେତେବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ରାମଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଅବଦୁଲ କଲାମ ସ୍କୁଲର କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଧର୍ମଶାଳା,୧୬।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତ ପିତାମ୍ବା ମୌଜାରେ ଥିବା ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାଶନାଲ ସ୍କୁଲର ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଇନ୍ଦ୍ରମଣି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜାରକା ଇନରହୁଇଲ୍ କ୍ଲବର ପୂର୍ବତନ ସଭାନେତ୍ରୀ ମିନତି ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଶିକ୍ଷା ସହ କ୍ରୀଡ଼ାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଅଖିଳ କୁମାର ସ୍ୱାଇଁ ଯୋଗଦେଇ ଶାରିରୀକ ଏବଂ ମାନସିକ ବିକାଶ ଖେଳ କୁଦ ମାଧ୍ୟମରେ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ପରିଚାଳକ ବବିତା ରାଉତ ଅତିଥିଙ୍କୁ ସ୍ୱାଗତ କରି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରୋନାଲିନ ମହାପାତ୍ର ସୂଚନା ପ୍ରଦାନ କରିଥିଲେ। କ୍ରୀଡ଼ାରେ ଦୌଡ଼, ଲମ୍ବାଡ଼ିଆଁ, ଉଚ୍ଚ ଡ଼ିଆଁ, ଆଳୁ ଚାମଚ, ଅଖାଦୌଡ଼, ମ୍ୟୁଜିକ ଚେୟାର ଆଦି ଖେଳ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ କୈବଲ୍ୟ ନାୟକ ଖେଳକୁ ପରିଚାଳନା କରିଥିଲେ। ଶୁକ୍ରବାର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହେବ ଓ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବ ବୋଲି ସ୍କୁଲ ଅଧ୍ୟକ୍ଷ ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି।



ବାର୍ଷିକ କ୍ରୀଡ଼ା ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ଓଡ଼ିଶା ସୂଚନା କମିଶନଙ୍କ ନିର୍ଦ୍ଦେଶ**

ଯାଜପୁର,୧୬।୧
(ହର୍ଷବର୍ଦ୍ଧନ ବେହେରା)

୨୦୦୫ ଅକ୍ଟୋବର ୧୨ରୁ ରାଜ୍ୟରେ ସୂଚନା ଅଧିକାର ଆଇନ(ଆରଟିଆଇ) କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ କେତେଜଣ ଅଧିକାରୀ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଯାଇ ଆରଟିଆଇରେ ତଥ୍ୟ ଦେଉ ନ ଥିବା ଅନେକ ନଜିର ରହିଛି। ଏହି କ୍ରମରେ ଗଗନ ବିହାରୀ ମହାନ୍ତିଙ୍କ ଏକ ଆରଟିଆଇ ଆବେଦନ ଉପରେ କୌଣସି ତଥ୍ୟ ନ ମିଳିବାରୁ ଓଡ଼ିଶା ସୂଚନା କମିଶନଙ୍କ ସଚିବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେକେଣ୍ଡ ଅପିଲ ନମ୍ବର ୪୮୦/୨୦୧୯ ଉପରେ ବିଚାର କରି କମିଶନ ତାଙ୍କ ପତ୍ର ସଂଖ୍ୟା ୧୧୦୪/୧୬।୧।୨୦୨୫ରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ତେବେ ଏହି ମାମଲାରେ ଦୋଷୀ କିଏ ତାହା ଉକ୍ତ ପତ୍ରରେ ସ୍ପଷ୍ଟ କରାଯାଇନାହିଁ। ଏ ସଂକ୍ରାନ୍ତରେ ଉପଜିଲାଲାପାଳ ଅଂଶୁମାନ ଶତପଥୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ କଲ ଗ୍ରହଣ କରି ନ ଥିଲେ।


ଓଡ଼ିଶା ସୂଚନା କମିଶନ
Odisha Information Commission
Block B-1, Toshali Bhawan, Satya Nagar, Bhubaneswar - 751007
Tel/Fax: 0674-2571401, Email: odishasoochana@nic.in
File No.- S.A. 480/19 Letter No. 1104 Date 16-01-25
From
The Secretary-cum-Registrar (I/c)
Odisha Information Commission
Bhubaneswar
To
The Sub-Collector
Dist- Jajpur
Subject: Disciplinary Proceedings u/S 20(2) of the RTI Act, 2005 imposed by Odisha Information Commission- Regarding.
Sir,
In inviting a reference to the subject cited above, I am directed to intimate you the detail of Second Appeal where this Commission has directed to initiate Disciplinary Proceedings against concerned officers under your good office u/S 20(2) of the RTI Act, 2005 as mentioned below:-

| Sl No. | Second Appeal No./ Complaint Case No. | Date of Disposal | Name of the Appellant/ Complainant | Name of the Public Authority concerned to whom direction was issued |
|---|---|---|---|---|
| 1 | S.A No. 480/2019 | 16.10.2023 | Gagan Bihari Mohanty | Addressee as mentioned above |

It is, therefore, requested to take necessary steps on the aforementioned matter under intimation to this Commission.
Yours faithfully,
Secretary-cum-Registrar (I/c)

ଓଡ଼ିଶା ସୂଚନା କମିଶନଙ୍କ ପତ୍ର

# ଧାନ ରଖି ଚାଷୀଙ୍କ ଅହୋରାତ୍ର ଧାରଣା

- ଏଫଏକ୍ୟୁ ମାନର ଧାନ ନୁହେଁ ଦର୍ଶାଇ ଫେରାଇଲା ମିଲର
- ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଅଣଦେଖା ପରେ ଉଦ୍‌ବେଗ
- ଗୋପାଳପୁର ଧାନମଣ୍ଡିରେ ଅଚଳାବସ୍ଥା

ନୟାଗଡ଼/ରଣପୁର,୧୬।୧
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)


ଗୋପାଳପୁର ମଣ୍ଡିରେ ଧାନ ପଡ଼ିରହିଛି।


ଧାରଣାରତ ଚାଷୀ।

ରଣପୁର ବ୍ଲକ ଗୋପାଳପୁର ନୀଳକଣ୍ଠେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ)ରେ ଚାଷୀ ଆନ୍ଦୋଳନ ଦେଖା ଦେଇଛି। ବିନା କଟ୍‌ନୀ ଛଟ୍‌ନୀରେ ଧାନ କିଣିବା, ଧାନର ଦର କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଦେବା, ଧାନକିଣାବେଳେ ଏଫ୍‌ଏକ୍ୟୁର ମାନକୁ ତୁରନ୍ତ ବାତିଲ କରିବା, ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ଦାବିରେ ଶତାଧିକ ଚାଷୀଙ୍କ ଅହୋରାତ୍ର ଧାରଣା ଚାଲିଛି। ବୁଧବାର ଧାନମଣ୍ଡିକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିବାବେଳେ ଗୁରୁବାର ଚାଷୀଙ୍କ ଆନ୍ଦୋଳନ ମଣ୍ଡିରେ ଅଚଳାବସ୍ଥା ସୃଷ୍ଟି କରିଛି। ଚାଷୀର ଧାନ ଏଫ୍‌ଏକ୍ୟୁ ମାନର ନୁହେଁ ବୋଲି ମିଲର ଓ ପାକ୍ସ ଫେରାଇ ଦେବା ପରେ ବିବାଦ ଦେଖା ଦେଇଛି। ସେପଟେ ରଣପୁର ଆସି ଚାଷୀଙ୍କ ସହ ଆଲୋଚନା କରି ଚାଷୀକୁ ଦେଇଥିବା ପ୍ରତିଶ୍ରୁତି ମୁଖ୍ୟମନ୍ତ୍ରୀଙ୍କ ରହିଲାନି ବୋଲି ଚାଷୀଙ୍କ ଉଦ୍‌ବେଗ ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ଡିସେମ୍ବର ମାସରେ ଅଦିନିଆ ବର୍ଷାରେ ଧାନ ଫସଲ ଉଜୁଡି ଯାଇଥିଲା। କ୍ଷୟକ୍ଷତି ଅନୁଧ୍ୟାନ ଓ କ୍ଷେତ୍ର ପରିଦର୍ଶନ କରିବା ଲାଗି ଗତ ଡିସେମ୍ବର ୨୯ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଜିଲାର ରଣପୁର ବ୍ଲକକୁ ଗସ୍ତ କରି କରି ଫେରିଥିଲେ। ମୁଖ୍ୟମନ୍ତ୍ରୀ ରଣପୁର ବ୍ଲକର କାଣ୍ଡପଡାର ଚାଷଜମିକୁ ଯାଇ କ୍ଷୟକ୍ଷତି ବୁଲି ଦେଖିଥିଲେ। କାଣ୍ଡପଡା ହାଇସ୍କୁଲ ପଡ଼ିଆରେ ଏକ ଚାଷୀ ସମାବେଶରେ ଯୋଗ ଦେଇ ଚାଷୀଙ୍କ ଦୁଃଖ ଶୁଣିଥିଲେ। ଏଠାରେ ଚାଷୀ ଗଜା ଓ ପଚିଥିବା ଧାନକୁ ଦେଖାଇ ନିଜର ଦୁଃଖ ଜଣାଇଥିଲେ। ମଝିଆଖଣ୍ଡ ପଞ୍ଚାୟତର ଡିମରିଆ କଲେଜ ରାସ୍ତାରେ କିଛି ଚାଷୀ ପୁଣି ରାସ୍ତାର ଦୁଇ କଡରେ ନଷ୍ଟକୁ ଧାନ ଦେଖାଇଥିଲେ। ପୁଣି ମୁଖ୍ୟମନ୍ତ୍ରୀ ଚାଷୀଙ୍କ ସହ ଆଲୋଚନା ବେଳେ କ୍ଷୟକ୍ଷତି ନେଇ ସମବେଦନା ଜଣାଇଥିଲେ। କ୍ଷୋଭର ସହ ମୁଖ୍ୟମନ୍ତ୍ରୀ ସେ ସମୟରେ କହିଥିଲେ ଗତ ଡିସେମ୍ବର ୨୪ ତାରିଖରେ ନୟାଗଡ଼ ଜିଲା ମହୋତ୍ସବକୁ ମୁଁ ଆସି ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇଥିବା ଅନୁଭବ କରିଛି। ମୁଁ ଯାହା ଦେଖିଛି ଓ ଅଙ୍ଗେ ନିଭାଇଛି ଅଦିନିଆ ବର୍ଷା ଦ୍ୱାରା ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜାଣି ପାରିଛି। ଚାଷୀଙ୍କ ସହ ସରକାର ଏବଂ ସରକାରୀ କଳ ଆପଣମାନଙ୍କ ସହଯୋଗ ଓ ସେବା ନିମନ୍ତେ ସର୍ବଦା ପ୍ରସ୍ତୁତ ଅଛନ୍ତି।

ତେବେ ଯାହା କିଛି କ୍ଷୟକ୍ଷତି ହୋଇଛି ସରକାର ଭରଣା କରିବେ ବୋଲି ପ୍ରତିଶ୍ରୁତି ମିଳିଥିଲା। ଅପରପକ୍ଷେ ଚାଷୀ ମଣ୍ଡିକୁ ଧାନ ଆଣି ହଇରାଣ ହୋଇଛି। ଚାଷୀ ଧାନ ବିକ୍ରି କରିବାକୁ ମଣ୍ଡିକୁ ଆସିବାବେଳେ ଭଲ ଧାନ ନୁହେଁ କହି ଫେରାଯାଉଛି।

ଏନେଇ କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, କିଶୋର ସିଂ, ଲକ୍ଷ୍ମୀଧର ମାଝି, ଗଦାଧର ପ୍ରଧାନ, କାର୍ତ୍ତିକ ନାୟକ, ଅଖିଳ ମହାପାତ୍ର, ବୁଲୁ ବସ୍ତିଆ ପ୍ରମୁଖ କୁହନ୍ତି, ଅଦିନିଆ ବର୍ଷାରେ ଧାନ ଭିଜିବା ପରେ ଚାଷୀର ଧାନ ଏଫ୍‌ଏକ୍ୟୁ ମାନର କିପରି ହେବ। ଯଦି ସରକାର ଏଫଏକ୍ୟୁ ମାନର ଧାନ କିଣିବାର ଥିଲା ମଣ୍ଡି ଖୋଲିବାର ନ ଥିଲା। ସରକାର ମଣ୍ଡି ଖୋଲି ଚାଷୀର ଧାନ ନକିଣି ଅଯଥାରେ ପୁଣି ତାକୁ ପୁଣି ଖର୍ଚ୍ଚାନ୍ତ କରିଲେଣି। ଚାଷୀ ଖର୍ଚ୍ଚ କରି ମଣ୍ଡିକୁ ଧାନ ଆଣିଲା, ପୁଣି କ'ଣ ଫେରାଇ ନେବ। ପ୍ରଥମତଃ ଚାଷୀର କ୍ଷତି ସରକାର ଭରଣା କରୁ ନାହାନ୍ତି। ଦ୍ୱିତୀୟରେ ଧାନ କିଣିବାର ସୁଯୋଗ ଦେଉ ନାହାନ୍ତି। ଚାଷୀ ଉଜୁଡା ଧାନକୁ ଆଣି ମଣ୍ଡିରେ ବିକ୍ରି କରିବାକୁ ମଣ୍ଡି ଖୋଲିବାରେ ବିଳମ୍ବ କରାଗଲା। ଯଦି ମଣ୍ଡି ଡେରିରେ ଖୋଲିଲା ତେବେ ଚାଷୀର ଧାନ କିଣା ନ ଯିବାର କାରଣ ଜଣା ପଡୁନି। ଏଣୁ ଗୋପାଳପୁର ପରି ଜିଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦେଖାଦେବ। ଆମ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ଆସି ଦେଇଥିବା ପ୍ରତିଶ୍ରୁତି ପ୍ରତାରଣା ପାଲଟିଲା। ଏଣୁ ଶୁକ୍ରବାର ଆମର ଆନ୍ଦୋଳନ ତୀବ୍ର ହେବ ବୋଲି କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦିତ୍ୟ


@ ପବିତ୍ର


@ ଯଜ୍ଞଦତ୍ତ


@ ରାଜଶ୍ରୀ


@ ସୌଦାମିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଣିଗୋଛାରେ ମକର ଯାତ୍ରା

ଦଶପଲ୍ଲା,୧୬।୧(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ବାଣିଗୋଛାରେ ପବିତ୍ର ମକର ସଂକ୍ରାନ୍ତିଠାରୁ ମକର ଯାତ୍ରା ଉତ୍ସବ ଆରମ୍ଭ ହୋଇଛି । ଦୀର୍ଘ ବର୍ଷ ହେଲା ସେଠାରେ ଉକ୍ତ ଯାତ୍ରା ଉତ୍ସବ ଚାଲି ଆସିଛି। ଯାତ୍ରା ନିମନ୍ତେ ବାଣିଗୋଛା ଉତ୍ସବ ମୁଖର ହୋଇଉଠିଛି। ଏହି ଯାତ୍ରାରେ ବାଣିଗୋଛା ସମେତ ଆଖପାଖ ଆଦିବାସୀ ବହୁଳ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଛି। ଯାତ୍ରା ନିମନ୍ତେ ବହୁ ଦୋକାନ ବଜାର ଖୋଲିଛି । ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ଲୋକମାନେ ଯାତ୍ରାର ମଜା ଉଠାଇବା ସହିତ ପାଟି ସୁଆଦ ଖାଦ୍ୟ ଖାଉଛନ୍ତି । ଅଧିକାଂଶ ଲୋକ ଘରକରଣା ସାମଗ୍ରୀ କିଣି ନେଉଛନ୍ତି ।

## ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି

**'ରମ୍ୟା ରାମାୟଣୀ କଥା' ଶୀର୍ଷକ ଜାତୀୟ ଆଲୋଚନା ଚକ୍ର**

ଖଣ୍ଡପଡ଼ା,୧୬।୧ (ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୁଲ୍ୟରେ 'ରମ୍ୟା ରାମାୟଣୀ କଥା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଗୁରୁବାର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜିତ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ସଂସ୍କୃତ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଜୟଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ସାହିତ୍ୟ ବିଭାଗ ପ୍ରଫେସର ଭାରତ ଭୂଷଣ ରଥ ଯୋଗଦେଇ ସଂସ୍କୃତ ଭାଷା ଆଜି ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି ବୋଲି କହିଥିଲେ । ତନ୍ମଧ୍ୟରୁ ଆମ ସଂସ୍କୃତି ରାମାୟଣରେ ରହିଛି । ସଂସ୍କୃତି ବଞ୍ଚିଲେ ଆମେ ବଞ୍ଚିବା ଉପରେ ପ୍ରଫେସର ରଥ ବିସ୍ତୃତ ଆଲୋଚନା କରି ଏହାର ମହତ୍ୱ ପ୍ରତିପାଦନ କରିଥିଲେ । ମୁଖ୍ୟଅତିଥି ଅଧ୍ୟାପକ ଡ. ଅଶୋକ କୁମାର ପାତ୍ର ରାମାୟଣରେ ଭାତୃ ଭକ୍ତିର ଉଦାହରଣ ଦେବା ସହିତ ସମ୍ମାନୀତ ଅତିଥି ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ରାମାୟଣରେ ବିଭିନ୍ନ ଆଦର୍ଶ ଚରିତ୍ର ଉପରେ ତଥ୍ୟ ରଖିଥିଲେ । ୩ୟ ବର୍ଷ ଛାତ୍ରୀ ସୁଶ୍ରୀ ସସ୍ମିତା ସାହୁ, ୨ୟ ବର୍ଷର ଲକ୍ଷ୍ମୀପ୍ରିୟା ସାହୁ, ପ୍ରଥମ ବର୍ଷ ସୂର୍ଯ୍ୟକାନ୍ତୀ ସାହୁ ଓ ଶୁଭଶ୍ରୀ ସାହୁ ପ୍ରମୁଖଙ୍କ ଦ୍ୱାରା ଲେଖା ଯାଇଥିବା ସନ୍ଦର୍ଭ ପାଠ କରାଯାଇ ସମୀକ୍ଷା କରାଯାଇଥିଲା । ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କର୍ମଶାଳାରେ ଯୋଗ ଦେଇ ସଂସ୍କୃତ ଭାଷାରେ ଉଚ୍ଚ ଶିକ୍ଷା ଲାଭ କରି ସଂସ୍କୃତ ସାହିତ୍ୟ ଉପରେ ଗବେଷଣାତ୍ମକ ଭୂମିକା ଗ୍ରହଣ କରିବାକୁ ମତ ରଖିଥିଲେ । ଅଧ୍ୟାପିକା ରଶ୍ମିତା ସାହୁ, ମୋନାଲିସା ସାହୁ, ଲିପିକା ସାହୁ, ସସ୍ମିତା ପାଣିଗ୍ରାହୀ, ଅଧ୍ୟାପକ ଡ. ବନମାଳୀ ଦଳେଇ, ମାନସ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଅଧ୍ୟାପିକା ସରଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


କର୍ମଶାଳାରେ ଯୋଗଦେଇଥିବା ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର ।

## ଭାରତୀୟ ବିକାଶ ପରିଷଦର ବିକ୍ଷୋଭ



ଭୂମିହୀନ ପରିବାରକୁ ଜମିପଟ୍ଟା ପ୍ରଦାନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ।

ଖଣ୍ଡପଡ଼ା,୧୬।୧(ଅଜୟ କୁମାର ମହାରଣା)

୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସରକାରୀ ଜାଗାରେ ଅସ୍ଥାୟୀ ଗୃହ ନିର୍ମାଣ କରି ବାସ କରୁଥିବା ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନାରେ ରାଜ୍ୟ ସରକାର ଜାଗା ଓ ପଟ୍ଟା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ମାତ୍ର ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଘାଣ୍ଟୁତା ଯୋଗୁ ଖଣ୍ଡପଡ଼ା ବ୍ଲକର ସିଂଘାପଡା ପଞ୍ଚାୟତର ରୁପାପଲ୍ଲୀପଡା ଗ୍ରାମ ଓ ନୂଆଗାଁର ବାସିନ୍ଦାଙ୍କୁ ଏବେ ବି ପଟ୍ଟା ମିଳିନାହିଁ । ସେହିପରି ଖଣ୍ଡପଡ଼ା ସହରର ୧୨ ଓ ୧୩ ନଂ. ୱାର୍ଡରେ ବାସ କରୁଥିବା ଆଦିବାସୀ, ହରିଜନ ପରିବାରବର୍ଗଙ୍କ ନିକଟରେ ଜମିର ପଟ୍ଟା ନ ଥିବାରୁ ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଭୂମିହୀନ ସମସ୍ତ ପରିବାରବର୍ଗଙ୍କୁ ସରକାରୀ ଜାଗାର ପଟ୍ଟା ପ୍ରଦାନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଖଣ୍ଡପଡା ଏନ୍‌ଏସି ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଆନ୍ଦୋଳନରେ ସାମିଲ ହୋଇଥିଲେ । ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଖଣ୍ଡପଡ଼ା ତହସିଲଦାର ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି ।

## ଜେଲ ପାଖରୁ ଶିଶୁକନ୍ୟାର ମୃତଦେହ ଜବତ

ନୟାଗଡ଼,୧୬।୧(ଲୋକନାଥ ମିଶ୍ର):ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧସ୍ଥିତ ନୟାଗଡ଼ ଜିଲା ଜେଲ ପାଖ କଲ୍ୟାଣମଣ୍ଡପ ପାର୍ଶ୍ୱରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଗୁରୁବାର ଜବତ ହୋଇଛି।ନୟାଗଡ଼ସଦରଥାନା ପୋଲିସ ନବଜାତ ଶିଶୁକନ୍ୟାର ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧/୨୫) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଦାବିଦାରଙ୍କ ଉଦ୍ଦେଶ୍ୟରେ ଶିଶୁକନ୍ୟାର ମୃତଦେହକୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି । ଏହି ଶିଶୁ କନ୍ୟାକୁ ଏକ ବ୍ୟାଗ ଭିତରେ ରଖି କେହି ଜିଲା ଜେଲ ପାଖ କଲ୍ୟାଣମଣ୍ଡପ ପାର୍ଶ୍ୱରେ ଫୋପାଡି ଦେଇଥିଲେ । ବୁଧବାର ରାତି ତମାମ ଶିଶୁଟି ଥଣ୍ଡା କାକରରେ ପଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି । ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଲୋକ ଏହା ଦେଖି ପୋଲିସକୁ ଖବର ଦେଇଥିଲେ ।

## ଦଧିବାବନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ପଦ୍ମାବତୀ ଟିମ୍ ଚାମ୍ପିୟନ

ନୟାଗଡ଼/ଭାପୁର,୧୬।୧
(ଲୋକନାଥ ମିଶ୍ର/ଭରତ କୁମାର ବେହେରା)


ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ଭାପୁର ବ୍ଲକ୍ ଶାସନ ପଞ୍ଚାୟତ ଟିକିରିପଡା ଖେଳପଡିଆରେ ଚାଲିଥିବା ୧୮ତମ ଦଧିବାମନ ଦେବ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପଦ୍ମାବତୀ କ୍ରିକେଟ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ଟିକିରପଡା, କଣ୍ଟିଲୋ, ପଦ୍ମାବତୀ, ରାଜୀବ, ବଘେଇ, କେନ୍ଦୁପଲ୍ଲୀ , ବାହାଡ଼ା ଓ ଏଲପଡା ଆଦି ୮ ଟିମ୍ ଭାଗ ନେଇଥିଲେ । ଗ୍ରାଣ୍ଡ ଫାଇନାଲରେ ପଦ୍ମାବତୀ ଓ କଣ୍ଟିଲୋ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା । ପଦ୍ମାବତୀ କ୍ରିକେଟ ଟିମ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୭୦ ରନ କରିଥିଲା। ଦଳପକ୍ଷରୁ ବାବାଲି ସ୍ୱାଇଁ ସର୍ବାଧିକ ୪୫ ରନ କରିଥିଲେ। ଜବାବ୍‌ରେ କଣ୍ଟିଲୋ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ରନ କରି ରନର୍ସ ହୋଇଥିଲା। ପଦ୍ମାବତୀ ୪୦ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳର ବାବାଲି ସ୍ୱାଇଁ ମ୍ୟାନ ଅଫ୍ ମ୍ୟାଚ ଓ ଦୀପକ ବେହେରା ମ୍ୟାନ ଅଫ୍ ସିରିଜ ବିବେଚିତ ହୋଇଥିଲେ। ମ୍ୟାଚକୁ ପରିଚାଳନା କରିଥିଲେ ସୁବାସ ମହାନ୍ତି ଓ ନୀଳମାଧବ ପଣ୍ଡା ଓ ସ୍କୋରର ସହାୟତା କରିଥିଲେ ପ୍ରଭାତ ଗୋଛି।ଧାରାବିବରଣୀ ପ୍ରଦାନ କରିଥିଲେ କୈଳାସ ପ୍ରଧାନ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ , ସମ୍ମାନିତ ଅତିଥି ରାକମା ସମିତି ସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ, ପଦ୍ମାବତୀ ସରପଞ୍ଚ ଅଜୟ କୁମାର ମଲିକ, ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛି, ଜିତେନ୍ଦ୍ର କୁମାର ଖୁଣ୍ଟିଆ ଓ ରଶ୍ମୀ ରଞ୍ଜନ ନାୟକ ଯୋଗଦେଇ ପଦ୍ମାବତୀ ଦଳକୁ ଚାମ୍ପିୟାନ ଟ୍ରଫି ସହିତ ନଗଦ ସାଢ଼େ ୫ହଜାର ଟଙ୍କା ଓ କଣ୍ଟିଲୋ ରନର୍ସ ଦଳକୁ ରନର୍ସ ଟ୍ରଫି ସହିତ ନଗଦ ସାଢ଼େ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଟିକିରିପଡା ଦଧିବାବନ ଦେବ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସକାଳ ୯ଟାରେ ବ୍ଲକ୍‌ସ୍ତରୀୟ ପରେଡ୍

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

ନୂଆଗାଁ,୧୬।୧(ଧନେଶ୍ୱର ସାହୁ)


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ , ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିପିଡିଓ ଲାଲବାହାଦୂର ରଣଜିତ , ଅତିରିକ୍ତ ତହସିଲଦାର କବିରାଜ ସେଠୀ , ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନା , ଏବିଇଓ କବିତା ଦାସଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ , ଅଧ୍ୟାପକ ଓ ନୂଆଗାଁ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହି କମିଟିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ , ଅବସରପ୍ରାପ୍ତ ଶିକ୍ଷକ ଶିଶିର କୁମାର ସାହୁ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଭାଗ୍ୟଲତା ଦେଇଙ୍କୁ ନୂତନ ସଭ୍ୟ ଭାବେ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ସାଧାରଣତନ୍ତ୍ର ଦିବସରେ ଭୋର ୫ଟାରେ ଛାତ୍ରୀମାନେ ଦ୍ୱାରା ରାମଧୂନ ଗାନ କରି ଗ୍ରାମ ପରିକ୍ରମା କରିବେ । ସମସ୍ତ ସ୍କୁଲର ଛାତ୍ରୀଛାତ୍ରମାନେ ଏକତ୍ରୀତ ଭାବେ ଫଭାତଫେରିରେ ଯୋଗଦେବେ। ଏହାପରେ ସକାଳ ୮ଟାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓଙ୍କ ଦ୍ୱାରା ଓ ସକାଳ ୯ ଟାରେ ବ୍ଲକସ୍ତରୀୟ ପରେଡରେ ବ୍ଲକ ଚେୟାରମ୍ୟାନ ଜାତୀୟ ପତାକା ଉତ୍ତୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରେଡ ସମୟରେ ନୂଆଗାଁ ଥାନାଧିକାରୀ , ନୂଆଗାଁ ଅଗ୍ନିଶମବାହିନୀ ଅଧିକାରୀ , ଅତିରିକ୍ତ ତହସିଲଦାର ବିଚାରକ ଭାବେ ଉପସ୍ଥିତ ରହିବେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ପୂର୍ବ ବର୍ଷ ପରି ପାଳନ କରାଯିବ। ପତାକା ଉତ୍ତୋଳନ ସରିବା ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ସାଧାରଣତନ୍ତ୍ର ଦିବସକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ବିଡିଓ ରାଉଳ କହିଛନ୍ତି। ପ୍ରସ୍ତୁତି ବୈଠକକୁ ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ ସହାୟକ ରଘୁନାଥ ସାହୁ ପରିଚାଳନା କରିଥିଲେ।

# ହିଣ୍ଡେନ୍‌ବର୍ଗ ରିସର୍ଚ୍ଚରେ ତାଲା

## ଆମେ ଜରୁରୀ ମନେକରିଥିବା କେତେକ ସାମ୍ରାଜ୍ୟକୁ ଦୋହଲାଇ ଦେଇଛୁ: ଆଣ୍ଡର୍ସନ

**ନ୍ୟୁୟର୍କ/ନୂଆଦିଲ୍ଲୀ,୧୬।୧**

କର୍ପୋରେଟ୍ ଜଗତର ଅନୁସନ୍ଧାନ ଓ ଗବେଷଣାମୂଳକ ପ୍ରଘଟ ପାଇଁ ଜଣାଶୁଣା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚକୁ ବନ୍ଦ କରିବା ପାଇଁ ଆମେରିକୀୟ ହ୍ୱିସିଲ୍ ବ୍ଲୋୟର ନାଥନ୍ ଆଣ୍ଡର୍ସନ ନିଷ୍ପତ୍ତି ନେଇଛନ୍ତି। ଆଣ୍ଡର୍ସନ ଏନେଇ ଗୁରୁବାର ଘୋଷଣା କରିଛନ୍ତି।

ଆଦାନୀ ସାମ୍ରାଜ୍ୟର ୧୫୦ ବିଲିୟନ୍ ଡଲାର କ୍ଷତି ସାଧନକାରୀ ଝଡ଼ ସୃଷ୍ଟିଠାରୁ ନେଇ ନିକୋଲା କର୍ପୋରେଶନ୍ ଏବଂ ୟୁରୋସ୍ ଇଣ୍ଟରନ୍ୟାଶନାଲ ଭଳି ବୃହତ୍ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଆଣ୍ଡର୍ସନ୍‌ଙ୍କ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଦୋହଲାଇଦେଇଥିଲା। ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ୱେବ୍‌ସାଇଟ୍‌ରେ ସେ ଏନେଇ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। 'ପର୍ସନାଲ ନୋଟ୍ ଫ୍ରମ୍ ଆୱାର ଫାଉଣ୍ଡର' ଶୀର୍ଷକ ଏକ ବ୍ଲଗ୍ ପୋଷ୍ଟରେ ନାଟେ କହିଛନ୍ତି, ହିଣ୍ଡେନ୍‌ବର୍ଗର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏବେ ଆଗକୁ ବଢ଼ିବା ସମୟ ଉପନୀତ। ସେ ଏହି ନିଷ୍ପତ୍ତି ସମ୍ପର୍କରେ ଗତବର୍ଷ ନିଜ ପରିବାର, ବନ୍ଧୁ




ଓ ଟିମ୍‌କୁ ଅବଗତ କରାଇଥିଲେ। ତେବେ ଏଥିପାଇଁ ସେ ନିର୍ଦ୍ଦିଷ୍ଟ ଭାବେ କୌଣସି କାରଣ ଦର୍ଶାଇନାହାନ୍ତି। ସେ କହିଛନ୍ତି, କୌଣସି ବାହ୍ୟ ବିପଦ, ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ଅନ୍ୟ କୌଣସି ଚାପ ଯୋଗୁ ସେ ଏପରି ନିଷ୍ପତ୍ତି ନେଇନାହାନ୍ତି। ଏହା ତାଙ୍କ ଜୀବନର ଏକ ଅଧ୍ୟାୟର ପ୍ରାକୃତିକ ପରିସମାପ୍ତି। କମ୍ପାନୀ ବିରୋଧରେ ଆର୍ଥିକ ଠକେଇ ନେଇ ଚାଲିଥିବା କେତୋଟି ମାମଲାର ଫଇସଲା ହେବା ପରେ ଏ ସମ୍ପର୍କରେ ବଜାର ନିୟନ୍ତ୍ରକଙ୍କୁ ଅବଗତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

ଆଣ୍ଡର୍ସନ ଆସନ୍ତା ୬ ମାସ ମଧ୍ୟରେ ନିଜ ସଂସ୍ଥାର ଅନୁସନ୍ଧାନମୂଳକ ପଦ୍ଧତି ସମ୍ପର୍କିତ ମ୍ୟାଟେରିଆଲ୍ ଓ ଭିଡିଓ ପ୍ରସ୍ତୁତ କରି ସେଗୁଡ଼ିକୁ ଜାରି କରିବାକୁ ଯୋଜନା କରିଛନ୍ତି। ଅନୁରୂପ କାର୍ଯ୍ୟ ପାଇଁ ଏହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଆଣ୍ଡର୍ସନ ଆଶାବାଦୀ। ନିଜ ଛୋଟ ଟିମ୍‌ର ୧୧ ଉତ୍ସର୍ଗୀକୃତ ସଦସ୍ୟଙ୍କୁ ନେଇ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚକୁ ଚଳାଉଥିଲେ। ସେମାନଙ୍କ କାର୍ଯ୍ୟ ଯୋଗୁ ବିଶ୍ୱର ପ୍ରାୟ ୧୦୦ ବ୍ୟକ୍ତି ଦେୱାନି କିମ୍ବା ଅପରାଧିକ ମାମଲାର ସମ୍ମୁଖୀନ ହୋଇଛନ୍ତି। ଆମେ ଜରୁରୀ ମନେକରିଥିବା କେତେକ ସାମ୍ରାଜ୍ୟକୁ ମଧ୍ୟ ଦୋହଲାଇଦେଇଛୁ ବୋଲି ଆଣ୍ଡର୍ସନ କହିଛନ୍ତି।

ପ୍ରକାଶ ଯେ, ୨୦୨୩ ଜାନୁଆରୀରେ ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ ଜାଲିଆତି ଓ ଆକାଉଣ୍ଟ ହେରଫେର ଅଭିଯୋଗ ଆଣି ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଚର୍ଚ୍ଚାକୁ ଆସିଥିଲା। ସେତେବେଳେ ଆଦାନୀ ଗ୍ରୁପ୍‌ର ଶତାଧିକ ବିଲିୟନ୍ ଡଲାର ମୂଲ୍ୟର ଆର୍ଥିକ କ୍ଷତି ହୋଇଥିଲା। ୨୦୨୪ରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍‌ଙ୍କ ବିଦେଶରେ ଥିବା ଶେଲ୍ କମ୍ପାନୀ ସମ୍ପର୍କରେ ପ୍ରଘଟ କରି ହିଣ୍ଡେନ୍‌ବର୍ଗ ପୁଣି ଚର୍ଚ୍ଚାକୁ ଆସିଥିଲା। ଦ୍ୱିତୀୟ ଦଫା ପ୍ରଘଟ ବେଳେ ମଧ୍ୟ ଆଦାନୀ ଗ୍ରୁପ୍‌କୁ ବିପୁଳ କ୍ଷତି ସହିବାକୁ ପଡ଼ିଥିଲା।

# ପାଉଁରୁଟି କାରଖାନାରେ ଓଭନ ଫାଟି ୧୪ ଶ୍ରମିକ ଆହତ

**ଆଗ୍ରା, ୧୬।୧**

ଉତ୍ତରପ୍ରଦେଶର ଆଗ୍ରା ଜିଲା ହରିପର୍ବତ ଅଞ୍ଚଳରେ ଥିବା ଏକ ପାଉଁରୁଟି କାରଖାନାରେ ଗୁରୁବାର ବିସ୍ଫୋରଣ ଘଟି ୧୪ ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଫ୍ୟାକ୍ଟ୍ରିରେ ଥିବା ଏକ ଓଭନ ଫାଟିଯିବାରୁ ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ବିସ୍ଫୋରଣ ପରେ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଫ୍ୟାକ୍ଟ୍ରିରେ ଫସିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ସହ ନିଆଁ ଲିଭାଇଥିଲେ। ଚିକିତ୍ସା ପାଇଁ ଆହତମାନଙ୍କୁ ଆଗ୍ରାସ୍ଥିତ ଏସ୍. ଏନ୍. ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଇସ୍ରାଏଲ୍‌ର ଆକ୍ରମଣ: ୭୨ ମୃତ

## ଯୁଦ୍ଧବିରତି ସ୍ଥଗିତ

**ତେଲ୍ ଆଭିଭ୍,୧୬।୧**

ଯୁଦ୍ଧବିରତି ଚୁକ୍ତିନାମା ଘୋଷଣା ପରେ ମଧ୍ୟ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି। ଗୁରୁବାର ଇସ୍ରାଏଲ୍‌ର ଆକ୍ରମଣରେ ଅନ୍ୟୂନ ୭୨ ଜଣଙ୍କ ମୃତ୍ୟୁ ଘଟିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଗାଜା ସହରର ୨ଟି ହସ୍ପିଟାଲରେ ପହଞ୍ଚିଥିବା ମୃତଦେହକୁ ହିସାବ କରି ମୃତ୍ୟୁସଂଖ୍ୟା ୭୨ କୁହାଯାଇଥିବାବେଳେ ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ହେବ ବୋଲି କୁହାଯାଉଛି। ଅସ୍ତ୍ରବିରତି ଡିଲ୍ ପୂର୍ବରୁ ଉଭୟ ପକ୍ଷ ସାମରିକ ସଂଘର୍ଷକୁ ଜୋର୍‌ଦାର କରିଥିଲେ। ବୁଧବାରଠାରୁ ଗୁରୁବାର ଅଧିକ ରକ୍ତପାତ ହୋଇଥିବା ମନ୍ତ୍ରଣାଳୟ କହିଛି। ବୁଧବାର ଚୁକ୍ତିନାମା ଘୋଷଣା ପରେ ଗାଜାରେ ପଣବନ୍ଦୀ ଥିବା ଇସ୍ରାଏଲୀ ନାଗରିକ ମୁକ୍ତ ହେବେ ଏବଂ ୧୫ ମାସ ଧରି ଚାଲିଥିବା ଯୁଦ୍ଧର ଅବସାନ ଘଟିବ ବୋଲି ଆଶା କରାଯାଉଥିଲା।

# ୨୧ରୁ କୃଷକଙ୍କ ଦିଲ୍ଲୀ ଅଭିଯାନ




କୃଷକ ନେତା ସରୱନ ସିଂ ପନ୍ଧେର ଗୁରୁବାର ଖବରଦାତା ସମ୍ମିଳନୀ କରୁଛନ୍ତି।

**ଚଣ୍ଡିଗଡ଼, ୧୬।୧**

ଦେଶରେ ଫସଲ କ୍ରୟ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ(ଏମ୍‌ଏସ୍‌ପି)ରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ପଞ୍ଜାବ-ହରିୟାଣା ଶମ୍ଭୁ ବର୍ଡରରେ ଆନ୍ଦୋଳନରତ କୃଷକମାନେ ଆସନ୍ତା ୨୧ ତାରିଖରୁ ପୁଣି ଥରେ ଦିଲ୍ଲୀ ଅଭିମୁଖେ ମାର୍ଚ୍ଚ କରିବେ।

୧୦୧ ଜଣିଆ କୃଷକଙ୍କ ଏକ ଦଳ ଏହି ମାର୍ଚ୍ଚରେ ସାମିଲ ହେବେ ବୋଲି ଗୁରୁବାର କୃଷକ ନେତା ସରୱନ ସିଂ ପନ୍ଧେର ସୂଚନା ଦେଇଛନ୍ତି। ଫସଲ କ୍ରୟ ପାଇଁ ଏମ୍‌ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ସହ କୃଷକଙ୍କ ବିଭିନ୍ନ ଦାବି ନେଇ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଏହି ଦିଲ୍ଲୀ ମାର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି। କୃଷକଙ୍କର ସମସ୍ତ ଦାବି ଦେଶ ହିତରେ ରହିଛି ଏବଂ ଏଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ବାଧ୍ୟ ହେବେ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗତ ଡିସେମ୍ବର ୬, ୮ ଏବଂ ୧୪ ତାରିଖରେ ୩ ଥର ଆନ୍ଦୋଳନରତ କୃଷକ ଦିଲ୍ଲୀ ଅଭିମୁଖେ ମାର୍ଚ୍ଚ କରିବାକୁ ପ୍ରୟାସ କରିଥିଲେ। ତେବେ ହରୟାଣା ପୋଲିସ ପକ୍ଷରୁ ବ୍ୟାରିକେଡ୍ ଲଗାଇ ସେମାନଙ୍କୁ ଅଟକାଇ ଦିଆଯାଇଥିଲା। ପ୍ରକାଶ ଯେ, ଏମ୍‌ଏସ୍‌ପିରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ଗତ ୧୧ ମାସ ହେବ କୃଷକମାନେ ଶମ୍ଭୁ ଓ କନୌରୀ ବର୍ଡରରେ ଆନ୍ଦୋଳନ କରୁଛନ୍ତି।

# ବ୍ୟାଘ୍ର ସଂରକ୍ଷଣସ୍ଥଳ ପରିଚାଳନାର ସମାନ ନୀତି ସପକ୍ଷରେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୬।୧(ପି.ଟି.)**

ସାରା ଦେଶରେ ବ୍ୟାଘ୍ର ସଂରକ୍ଷଣ ସ୍ଥଳଗୁଡ଼ିକର ପରିଚାଳନା ନିମନ୍ତେ ସମାନ ନୀତି ସପକ୍ଷରେ ସୁପ୍ରିମକୋର୍ଟ ଗୁରୁବାର ମତ ଦେଇଛନ୍ତି। ଉତ୍ତରାଖଣ୍ଡର କୋର୍‌ବେଟ୍ ଟାଇଗର ରିଜର୍ଭ ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମସିହ ଏବଂ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇ କହିଛନ୍ତି, ସାରା ଭାରତରେ ସମାନ ନୀତି ରହିବା ଆମେ ଚାହୁଁ। ବ୍ୟାଘ୍ର ସଂରକ୍ଷଣ ସ୍ଥଳ ଭିତରେ ଗାଡ଼ିମୋଟର ଚଳାଚଳକୁ



ନେଇ ମଧ୍ୟ ନୀତି ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ନୂଆବର୍ଷ ପାଳନର ପୂର୍ବଦିନ ମହାରାଷ୍ଟ୍ରର ଉମ୍ରେଦ-ପୌନି-କରହାଣ୍ଡଲା ଅଭୟାରଣ୍ୟରେ ପର୍ଯ୍ୟଟକମାନଙ୍କୁ ନେଇ ଯାଉଥିବା ସଫାରି ଗାଡ଼ି ଯୋଗୁ ଏକ ବାଘୁଣୀ ଓ ଏହାର ଛୁଆଗୁଡ଼ିକର ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ବମ୍ବେ ହାଇକୋର୍ଟ ଏହାକୁ ନିଜଆଡୁ ବିଚାର ପାଇଁ ନେଇଥିଲେ, ଯାହାକୁ ଜଷ୍ଟିସ୍ ଗଭାଇ ତାଙ୍କ ଟିପ୍ପଣୀରେ ସୂଚାଇଛନ୍ତି। କୋର୍‌ବେଟ୍ ଟାଇଗର ରିଜର୍ଭରେ ବେଆଇନ ନିର୍ମାଣ ଓ ଗଛକଟାର ସିବିଆଇ ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପାଇଁ ଆମିକସ୍ କ୍ୟୁରି ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଆଇନଜୀବୀ କେ. ପରମେଶ୍ୱର ସୁପ୍ରିମକୋର୍ଟଙ୍କୁ କହିଛନ୍ତି।

# ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ବଢ଼ାଇବାକୁ ଇସିଙ୍କ ପରାମର୍ଶ

## ନିର୍ବାଚନ ପ୍ରଚାରରେ ଏଆଇ ଉପଯୋଗ

**ନୂଆଦିଲ୍ଲୀ,୧୬।୧(ପି.ଟି.)**

ନିର୍ବାଚନ ପ୍ରଚାରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ବଢୁଥିବା ଏବଂ ଏହା ଭୋଟରଙ୍କ ମତାମତକୁ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ନିର୍ବାଚନ କମିଶନ (ଇସି) ଗୁରୁବାର ରାଜନୈତିକ ଦଳଗୁଡ଼ିକ ପାଇଁ ଆଡଭାଇଜରି ଜାରି କରିଛନ୍ତି। ଏଆଇ ସୃଷ୍ଟ କଣ୍ଟେଣ୍ଟର ବ୍ୟବହାରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଢ଼ାଇବା ପାଇଁ ଇସି ଦଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏଆଇ ପ୍ରଯୁକ୍ତି ଦ୍ୱାରା ପ୍ରସ୍ତୁତ ବା ପରିବର୍ତ୍ତିତ ଫଟୋ, ଭିଡିଓ, ଅଡିଓ କିମ୍ବା ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକରେ ଏଆଇ-ଜେନେରେଟେଡ୍/ଡିଜିଟାଲୀ ଏନ୍‌ହାନ୍ସଡ/ସିନ୍ଥେଟିକ୍ କଣ୍ଟେଣ୍ଟ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ରାଜନୈତିକ ଦଳଗୁଡ଼ିକୁ କୁହାଯାଇଛି। ସିନ୍ଥେଟିକ୍ କଣ୍ଟେଣ୍ଟ ବ୍ୟବହୃତ ପ୍ରଚାର ବିଜ୍ଞାପନ କିମ୍ବା ପ୍ରଚାରଧର୍ମୀ ବିଷୟବସ୍ତୁଗୁଡ଼ିକର ପ୍ରସାର ସମୟରେ ରାଜନୈତିକ ଦଳଙ୍କୁ ଏକ ଘୋଷଣାନାମା ଦେବାକୁ ହେବ। ଏଆଇ ଏବଂ ଡିପ୍ ଫେକ୍ ଦ୍ୱାରା ଭୁଲ୍ ତଥ୍ୟ ପ୍ରସାରିତ ହେବା ସମ୍ଭାବନା ସମ୍ପର୍କରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ନିକଟରେ ସତର୍କ କରାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ରହିଥିବା ଆସ୍ଥା ପ୍ରତି ଏହା କ୍ଷତି ପହଞ୍ଚାଇପାରେ ବୋଲି ସେ ଚିନ୍ତାବ୍ୟକ୍ତ କରିଥିଲେ।

# ଶ୍ରୀହରିକୋଟାରେ ହେବ ୩ୟ ଲଞ୍ଚ୍‌ପ୍ୟାଡ୍

## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

**ନୂଆଦିଲ୍ଲୀ,୧୬।୧(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରେ ତୃତୀୟ ଲଞ୍ଚ୍‌ପ୍ୟାଡ୍ (ଟିଏଲ୍‌ପି) ନିର୍ମାଣ ହେବାକୁ ଯାଉଛି। ଉକ୍ତ ଲଞ୍ଚ୍‌ପ୍ୟାଡ୍ ସମେତ ଆନୁଷଙ୍ଗିକ ସୁବିଧା ପାଇଁ ୩,୯୮୫ କୋଟି ଟଙ୍କା ନିବେଶ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଗୁରୁବାର ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ୪ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମହାକାଶ କେନ୍ଦ୍ର ସ୍ଥାପନ, ଗଗନୟାନ ଏବଂ ଚନ୍ଦ୍ରକୁ ମହାକାଶଚାରୀ ପଠାଇବା ସମେତ ଭବିଷ୍ୟତରେ ଅଧିକ ଓଜନଦାର ସ୍ପେସ୍‌କ୍ରାଫ୍ଟ ପଠାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବାରୁ ତୃତୀୟ ଲଞ୍ଚ୍‌ପ୍ୟାଡ୍ ନିର୍ମାଣ ଜରୁରୀ ହୋଇପଡ଼ିଛି। ୩୦ ହଜାର ଟନ୍ ଓଜନର ସ୍ପେସ୍‌କ୍ରାଫ୍ଟକୁ ପୃଥିବୀର ନିମ୍ନ କକ୍ଷପଥକୁ ପ୍ରେରଣ କରିବାରେ ଏହି ଲଞ୍ଚ୍‌ପ୍ୟାଡ୍ ସମର୍ଥ ହେବ। ବର୍ତ୍ତମାନର ଲଞ୍ଚ୍‌ପ୍ୟାଡ୍ ସାମର୍ଥ୍ୟ ୮,୦୦୦ ଟନ୍ ରହିଛି। ଇସ୍ରୋ ପରବର୍ତ୍ତୀ ପିଢ଼ିର ଲଞ୍ଚ୍ ଭେହିକିଲ୍ (ଏନ୍‌ଜିଏଲ୍‌ଭି)ର ବିକାଶ କରୁଛି। ଏହାର ଉଚ୍ଚତା ୯୧ ମିଟର ରହିବ, ଯାହାକି ୭୨ ମିଟର ଉଚ୍ଚତାବିଶିଷ୍ଟ କୁତବ୍‌ମିନାରଠାରୁ ଅଧିକ ଉଚ୍ଚ। ଏହାର ଗଠନ ବିନ୍ୟାସ ଡିଜାଇନ ଏଭଳି କରାଯାଇଛି, ଯାହା କି ଏନ୍‌ଜିଏଲ୍‌ଭି ସମେତ ସେମିକ୍ରିଓଜେନିକ ସ୍ତର ସହ ଏଲ୍‌ଭିଏମ୍‌୩ ଭେହିକିଲ୍ ପାଇଁ ମଧ୍ୟ ସହାୟକ ହୋଇପାରିବ। ଇସ୍ରୋ ଅଭିଜ୍ଞତାର ପୂର୍ଣ୍ଣ ଉପଯୋଗ କରାଯାଇ ସର୍ବାଧିକ ଶିଳ୍ପ ସହଯୋଗରେ ଏହି ଲଞ୍ଚ୍‌ପ୍ୟାଡ୍ ନିର୍ମାଣ କରାଯିବ।

# ମୁମ୍ବାଇରେ ସେଲିବ୍ରିଟି ଅସୁରକ୍ଷିତ

## ସୈଫ୍‌ଙ୍କୁ ଆକ୍ରମଣ ପରେ ତେଜିଲା ରାଜନୀତି

**ମୁମ୍ବାଇ,୧୬।୧**

ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ତାଙ୍କ ଘରେ ପଶି ଆକ୍ରମଣ କରାଯିବା ପରେ ରାଜନୀତି ତେଜିବାରେ ଲାଗିଛି। ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ଶାସକ ମହାୟୁତିକୁ ଟାର୍ଗେଟ କରିବା ସହ ଆଇନଶୃଙ୍ଖଳା ସ୍ଥିତି ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ କାଠଗଡ଼ାରେ ଛିଡ଼ା କରାଇଛି। ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାର କହିଛନ୍ତି, ମହାରାଷ୍ଟ୍ରରେ ଆଇନଶୃଙ୍ଖଳା କିପରି ବିପର୍ଯ୍ୟସ୍ତ ହୋଇଯାଇଛି, ତାହା ମୁମ୍ବାଇରେ ଅଭିନେତା ସୈଫ୍‌ଙ୍କ ଉପରେ ଆକ୍ରମଣରୁ ସ୍ପଷ୍ଟ ଜାଣି ହେଉଛି।

ଶିବସେନା ୟୁବିଟି ଏମ୍ ପି ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ମୁମ୍ବାଇରେ ଆଉ ଜଣେ ହାଇପ୍ରୋଫାଇଲ୍ ବ୍ୟକ୍ତିଙ୍କ ଜୀବନ ପ୍ରତି ଏଭଳି ବିପଦ ସୃଷ୍ଟି ହେବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ପୂର୍ବରୁ ମୁମ୍ବାଇରେ ବାବା ସିଦ୍ଦିକିଙ୍କୁ ହତ୍ୟା, ସଲମାନ୍ ଖାନ୍‌ଙ୍କୁ ଧମକ ଭଳି ଅନେକ ଘଟଣା ଘଟିଥିବାବେଳେ ସଦ୍ୟ ଆକ୍ରମଣ ମୁମ୍ବାଇ ପୋଲିସ ଓ ଗୃହମନ୍ତ୍ରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଶିବସେନା ୟୁବିଟି ଏମ୍‌ପି ସଞ୍ଜୟ ରାଉତ୍ ମଧ୍ୟ ଅନୁରୂପ ଅସନ୍ତୋଷ ବ୍ୟକ୍ତ କରି ମହାୟୁତି ସରକାରଙ୍କୁ ସମାଲୋଚନା କରିଛନ୍ତି। ସୈଫ୍ ଜଣେ ପଦ୍ମଶ୍ରୀ ପୁରସ୍କାର ବିଜେତା। ନିକଟରେ ସେ ସପରିବାର ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ତାଙ୍କ ଉପରେ ଆକ୍ରମଣ ହେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। କଂଗ୍ରେସ ନେତା ନାନା ପାଟୋଲେ ଫଡ୍‌ନବିସଙ୍କୁ ଦୁର୍ବଳ ଗୃହମନ୍ତ୍ରୀ କହି ତାଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ କହିଛନ୍ତି, ପୋଲିସ କାର୍ଯ୍ୟାନୁଷ୍ଠାନ ନେଉଛି। ସରକାର ଦେଶର ଆର୍ଥିକ ରାଜଧାନୀକୁ ସୁରକ୍ଷିତ କରିବା ପାଇଁ ପଦକ୍ଷେପ ନେବେ। ଏହି ଘଟଣାକୁ ନେଇ ରାଜନୀତି ନ କରିବାକୁ ବିରୋଧୀଙ୍କୁ ସେ ପରାମର୍ଶ ଦେଇଛନ୍ତି।



ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଅଭିନେତ୍ରୀ କରିନା କପୁର ଖାନ୍।

ଅଭିନେତ୍ରୀ ଓ ଅଭିନେତାମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବାର ସମୟ ଆସିଛି। ସୈଫ୍‌ଙ୍କୁ ଆକ୍ରମଣ ଘଟଣା ନିନ୍ଦନୀୟ। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ରବି କିଶନ, ଅଭିନେତା ତଥା ଭାଜପା ଏମ୍‌ପି**

ବହୁ ଶିଳ୍ପପତି ଏବଂ ସେଲିବ୍ରିଟି ରହୁଥିବା ମୁମ୍ବାଇ ସହରରେ ଅରାଜକତା ବଢ଼ିବାରେ ଲାଗିଛି। ମୁମ୍ବାଇ ପୋଲିସ ଏଥିପ୍ରତି ସଚେତନ ହେବା ଆବଶ୍ୟକ। ବାନ୍ଦ୍ରାରେ ଅଧିକ ପୋଲିସ ମୁତୟନ କରାଯାଉ।

**- ପୂଜା ଭଟ୍ଟ, ଅଭିନେତ୍ରୀ**

ଫୁର୍‌ସତ

# କଣ୍ଟାଶଯ୍ୟାରେ ବାବାଙ୍କ ଧ୍ୟାନ

## ମହାକୁମ୍ଭର ପ୍ରମୁଖ ଆକର୍ଷଣ



**ପ୍ରୟାଗରାଜ:** ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜନ ହେଉଥିବା ବିଶ୍ୱର ସର୍ବବୃହତ୍ ଧାର୍ମିକ ମହୋତ୍ସବ ମହାକୁମ୍ଭ ମେଳାରେ ଅନେକ ସାଧୁସନ୍ଥଙ୍କ ଯୋଗ ଦେଉଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ନିଜର ବିଶେଷ ବ୍ୟକ୍ତିତ୍ୱ ଯୋଗୁ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମହାକୁମ୍ଭ ମେଳାରେ ସବୁଠୁ ସୁନ୍ଦର ସାଧ୍ୱୀ, ଆଇଆଇଟିଆନ୍ ବାବାଙ୍କ ପରେ ଏବେ 'କାଣ୍ଟେ ୱାଲେ ବାବା'ଙ୍କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ବାବା କଣ୍ଟା ପରିପୂର୍ଣ୍ଣ ଶଯ୍ୟା ଉପରେ ଶୋଇ ଧ୍ୟାନ କରୁଛନ୍ତି। ଏହାର କିଛି ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି।

କାଣ୍ଟେ ୱାଲେ ବାବାଙ୍କର ପ୍ରକୃତ ନାମ ହେଉଛି ରମେଶ କୁମାର ମାଝି। ଅଦ୍ଭୁତ ଧ୍ୟାନ କରିବାର ଶୈଳୀ ଯୋଗୁ ସେ ମହାକୁମ୍ଭ ୨୦୨୫ର ଅନ୍ୟତମ ଆକର୍ଷଣ ପାଲଟିଛନ୍ତି। ସେ କଣ୍ଟାର ଶଯ୍ୟା ଉପରେ ଶୋଇ ଧ୍ୟାନ କରନ୍ତି। ତେଣୁ ଲୋକେ ତାଙ୍କର ନାମ 'କାଣ୍ଟେ ୱାଲେ ବାବା' ରଖିଥିବା ରମେଶ କହିଛନ୍ତି। ସେ ଗତ ୪୦ରୁ ୫୦ ବର୍ଷ ମଧ୍ୟରେ କଣ୍ଟାର ଶଯ୍ୟା ଉପରେ ଶୋଇ ଧ୍ୟାନ କରନ୍ତି ବୋଲି ରମେଶ କହିଛନ୍ତି। ଧ୍ୟାନର ଏହି ଅନନ୍ୟ ଶୈଳୀକୁ ନେଇ ରମେଶ କହିଛନ୍ତି, ସେ ଗୁରୁଙ୍କର ସେବା କରନ୍ତି। ଗୁରୁ ତାଙ୍କୁ ଜ୍ଞାନ ଏବଂ ଶକ୍ତି ଦେଇଛନ୍ତି। ଈଶ୍ୱରଙ୍କ ମହିମାରୁ ଗତ ୪୦ରୁ ୫୦ ବର୍ଷ ଧରି ସେ କଣ୍ଟା ଉପରେ ଶୋଇ ଧ୍ୟାନ କରିବାକୁ ସକ୍ଷମ ହୋଇଛନ୍ତି। ଶରୀର ପାଇଁ ଲାଭ ଦାୟକ ହୋଇଥିବାରୁ ସେ ଏପରି ଧ୍ୟାନ କରୁଥିବା ରମେଶ କହିଛନ୍ତି। ଧ୍ୟାନ କରିବା ସମୟରେ ତାଙ୍କୁ କେବେ ମଧ୍ୟ ଯନ୍ତ୍ରଣା ଅନୁଭୂତ ହୁଏନାହିଁ ଏବଂ ତାଙ୍କ ଶରୀରରେ କୌଣସି କ୍ଷତି ପହଞ୍ଚି ନ ଥାଏ ବୋଲି ସେ କୁହନ୍ତି। ତେବେ ତାଙ୍କୁ ମିଳୁଥିବା ସମୁଦାୟ ଦକ୍ଷିଣାର ଅଧା ଅଂଶକୁ ସେ ଦାନ କରି ଦିଅନ୍ତି ଏବଂ ବାକି ଦକ୍ଷିଣାରେ ସେ ନିଜ ଦୈନିକ ଖର୍ଚ୍ଚକୁ ପୂରା କରନ୍ତି ବୋଲି ଏହି 'କାଣ୍ଟେ ୱାଲେ ବାବା' କହିଛନ୍ତି।

# ୧୩ ହଜାର ଫୁଟ ଉଚ୍ଚରେ ଉଡ଼ିଲା ମହାକୁମ୍ଭ ପତାକା

**ବ୍ୟାଙ୍କକ୍:** ଗତ ୧୩ ତାରିଖରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମହୋତ୍ସବ ମହାକୁମ୍ଭମେଳା ଆରମ୍ଭ ହୋଇଛି। ଆସନ୍ତା ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଦେଶ ତଥା ବିଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଓ ସାଧୁସନ୍ଥମାନେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନ ସ୍ଥଳ ତ୍ରିବେଣୀ ସଙ୍ଗମଠାରେ ବୁଡ଼ ପକାଇବା ପାଇଁ ବହୁ ସଂଖ୍ୟାରେ ଆସୁଛନ୍ତି। ଏହାରି ମଧ୍ୟରେ ପ୍ରୟାଗରାଜର ସ୍କାଏ ଡାଇଭର ଅନାମିକା ଶର୍ମା ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ୧୩ ହଜାର ଫୁଟ ଉଚ୍ଚରେ ୨୦୨୫ ମହାକୁମ୍ଭର ପତାକାକୁ ଉଡ଼ାଇଛନ୍ତି। ଏହାର ଏକ ଭିଡିଓକୁ ଅନାମିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ଏହି ଦୁଃସାହସିକ କାର୍ଯ୍ୟ ପାଇଁ ଅନେକ ୟୁଜର୍ସ ଅନାମିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନାମିକା ୧୩ ହଜାର ଫୁଟ ଉଚ୍ଚରେ ଏକ ବିମାନରୁ ଡେଇଁ ସ୍କାଏ ଡାଇଭିଂ କରିବା ସହ ଆକାଶରେ ମହାକୁମ୍ଭର ପତାକାକୁ ଉଡ଼ାଉଥିବା ଦେଖିବାକୁ ମିଳିଛି। ଅନାମିକା କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ସମସ୍ତଙ୍କୁ ବିଶ୍ୱର ସବୁଠୁ ବଡ ମହାକୁମ୍ଭ ମେଳା ୨୦୨୫କୁ ନିମନ୍ତ୍ରଣ କରୁଛି।



# ବଲିଉଡ୍‌ରେ ଡେବ୍ୟୁ କଲେ ମୋହିତ

**ମୁମ୍ବାଇ:** ଗତ ୧୯ ବର୍ଷ ଧରି ଅଭିନେତା ମୋହିତ ମଲ୍ଲିକ ଛୋଟ ପରଦାର ଅନେକ ଚରିତ୍ର ମାଧ୍ୟମରେ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିବାରେ ସଫଳ ହୋଇଛନ୍ତି। ତେବେ ସେ ଖୁବ୍‌ଶୀଘ୍ର ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଶୁକ୍ରବାର ରିଲିଜ୍ ହୋଇଥିବା ଅଭିନେତା ଅଜୟ ଦେବଗନଙ୍କ 'ଆଜାଦ' ସହ ମୋହିତ ବଲିଉଡରେ ଏଣ୍ଟ୍ରି କରିଛନ୍ତି। ଅଭିଷେକ କପୁରଙ୍କ ନିର୍ଦ୍ଦେଶିତ 'ଆଜାଦ'ରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ଡିଆନା ପେଣ୍ଟି, ରାଶା ଥଡ଼ାନି ମଧ୍ୟ ରହିଛନ୍ତି।

ଗୁରୁବାର ଏକ ସାକ୍ଷାତ୍‌କାର ଦେଇ ମୋହିତ କହିଛନ୍ତି, ଗତ ୧୯ ବର୍ଷ ଧରି ସେ ଟିଭି ଇଣ୍ଡଷ୍ଟ୍ରିରେ ସକ୍ରିୟ ଥିଲେ। କେବଳ ଟଙ୍କା ରୋଜଗାର କରିବା ଓ ଘର ଚଳାଇବା ଉଦ୍ଦେଶ୍ୟରେ ସେ ଅଭିନୟକୁ କ୍ୟାରିୟର କରିବା ପାଇଁ ସ୍ଥିର କରିଥିଲେ। ଏହାପରେ ସେ ନିଜ ଅଭିନୟର ଦକ୍ଷତାକୁ ବଢ଼ାଇବା ଉପରେ ଫୋକସ୍ କରିଥିଲେ। ଧୀରେ ଧୀରେ ତାଙ୍କୁ ଛୋଟ ପରଦାରେ ସଫଳତା ମିଳିବାରେ ଲାଗିଲା ଏବଂ ବିଭିନ୍ନ ଚରିତ୍ରରେ ସେ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିପାରିଥିଲେ। ଦୀର୍ଘ ବର୍ଷ ଧରି ଛୋଟ ପରଦାରେ କାର୍ଯ୍ୟ କରିବା ପରେ ସେ ବଡ଼ ପରଦାରେ ଭାଗ୍ୟ ପରୀକ୍ଷା କରିବାକୁ ଚାହିଁଥିଲେ ଏବଂ 'ଆଜାଦ' ଫିଲ୍ମରେ ଅଭିନୟ ନେଇ ତାଙ୍କୁ ନିର୍ମାତାଙ୍କ ପକ୍ଷରୁ ଅଫର ମିଳିଥିଲା, ଯାହାକୁ ସେ ଗ୍ରହଣ କରିଥିବା ମୋହିତ ମଲ୍ଲିକ କହିଛନ୍ତି। ୨୦୦୫ରେ ପ୍ରଥମଥର ପାଇଁ ମୋହିତଙ୍କୁ ଟିଭି ଧାରାବାହିକ 'ମିଲି'ରେ ଦେଖିବାକୁ ମିଳିଥିଲା। ଏହାପରେ ସେ 'ଜବ୍ ଲଭ୍ ହୁଆ', 'ବେଟିୟାଁ ଅପ୍ନି ୟା ପରାୟା ଧାନ୍', 'ପରି ହୁନ୍ ମେନ୍', 'ଗୋଦଭରାଇ', 'ଫୁଲୱା' ଭଳି ଅନେକ ଟିଭି ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫାଇନାଲରେ ସୋଲାର


ଅତିଥି ସମ୍ବିତ ବେଜଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)

ଖୋର୍ଦ୍ଧା କଣ୍ଟାବଣିଆସ୍ଥିତ ରାଜୀବ ଷ୍ଟାଡିୟମରେ ଚାଲିଥିବା ରଜନୀକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ କଟକର ସୋଲାର କ୍ଲବ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୋଲାର ୧୦ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସୋଲାର ୨୫ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିଥିଲା। ପ୍ରଦୀପ୍ତ କୁମାର ଦାଶ ସର୍ବାଧିକ ୪୯* ଓ ରାକେଶ ମହାନ୍ତି ୩୦ ରନ୍ କରିଥିଲେ। ବିପକ୍ଷ ଦଳର ହିମାଂଶୁ ବିଷ୍ଟ ୪ଟି ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ଦଳ ୨୫ ଓଭରରେ ୯ ଉଇକେଟ ହରାଇ ୧୪୯ ରନ କରିବାକୁ ସକ୍ଷମ ହୋଇଥିଲା। ସନ୍ତୋଷ ଯାଦବ ୫୬ ଓ ଅନୁରାଗ ଷଡ଼ଙ୍ଗୀ ୫୪ ରନ କରିଥିଲେ ହେଁ ଦଳ ବିଜୟୀ ହୋଇପାରି ନ ଥିଲା। ସୋଲାର ପକ୍ଷରୁ ସମ୍ବିତ ବେଜ ୨ଟି ଉଇକେଟ ନେଇଥିଲେ। ଚମତ୍କାର ଫିଲ୍ଡିଂ ସହ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ବିତ ବେଜଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ସରପଞ୍ଚ ସଚ୍ଚିକାନ୍ତ ଛୋଟରାୟ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ଶରତ ଚନ୍ଦ୍ର ସାହୁ ଓ ସୁଶୀଲ କୁମାର ପରିଡ଼ା ପରିଚାଳନା କରିଥିଲେ।

# ଓଡ଼ିଶା ଏଫ୍‌ସିର ପ୍ରଥମ ବିଜୟ

**ନୂଆଦିଲ୍ଲୀ, ୧୬।୧ (ପି.ଟି.):** ଚଳିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ)ରେ ଓଡ଼ିଶା ଏଫ୍‌ସି ଫୁଟବଲ ଦଳ ଏହାର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ସ୍ଥାନୀୟ ଆମ୍ବେଡକର ଷ୍ଟାଡିୟମରେ ଦଳ ୨-୦ ଗୋଲ୍‌ରେ ହପ୍ସ ଏଫ୍‌ସିକୁ ପରାସ୍ତ କରିଛି। ଲିଣ୍ଡା କମ୍ପ (୬୬ତମ ମିନିଟ) ଓ ଜେନିଫର ୟେବୋହା (୮୪ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଲିଣ୍ଡା ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚରେ ଏହା ହେଉଛି ଦ୍ୱିତୀୟ ଗୋଲ୍। ଅନ୍ୟପକ୍ଷରେ ହପ୍ସ ଏଫ୍‌ସିର ନିଜ ହୋମ୍ ଗ୍ରାଉଣ୍ଡରେ ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଏହି ଦଳ ପୂର୍ବରୁ ନୀତା ଏଫ୍‌ଏ ଓଡ଼ିଶାଠାରୁ ପରାଜିତ ହୋଇ ସାରିଛି। ଗୁରୁବାର ମ୍ୟାଚରେ ଓଡ଼ିଶା ଏଫ୍‌ସିର ଲିଣ୍ଡା କମ୍, କାଜଲ ଡି'ସୋଜା ଓ ଗ୍ରେସ୍ ଲାଲରାମପରିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଗୁରୁବାର ଚେନ୍ନାଇରେ ନୀତା ଏଫ୍‌ଏ ଓ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ ୨-୨ରେ ଡ୍ର ଭାବେ ଶେଷ ହୋଇଛି। ନୀତା ଏଫ୍‌ଏ ତରଫରୁ ଗିଫ୍ଟି ଆଚିମପଙ୍ଗ (୨୭ତମ ମିନିଟ) ଓ ଯବାମଣି ଟୁଡୁ (୭୪ତମ) ଗୋଲ ସ୍କୋର କରିଥିବା ବେଳେ ସେଥୁ ଏଫ୍‌ସି ପକ୍ଷରୁ ପି. ମାଳବିକା (୧୨ତମ ଓ ୧୬ତମ) ଦୁଇଟି ଗୋଲ ଦେଇଥିଲେ।

# ପୁରସ୍କାର ରାଶି ଦାନକଲେ ଫ୍ରିଜ୍

**ମେଲବୋର୍ନ, ୧୬।୧ (ଏପି):** ଅଷ୍ଟ୍ରେଲିଆନ ଓପନ ପ୍ରଥମ ରାଉଣ୍ଡ ମ୍ୟାଚ ବିଜୟରେ ଆମେରିକୀୟ ଟେନିସ ଖେଳାଳି ଟେଲର ଫ୍ରିଜ୍‌ଙ୍କୁ ମିଳିଥିବା ପ୍ରାୟ ୮୨,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶିକୁ ସେ ଲସ୍‌ଆଞ୍ଜେଲ୍ସ ବନ୍ୟାଞ୍ଚଳ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କ ଉଦ୍ଦେଶ୍ୟରେ ସହାୟତା ରାଶି ଭାବେ ଦାନ କରିଦେଇଛନ୍ତି।

# ତୃତୀୟ ରାଉଣ୍ଡରେ ସ୍ୱିଟେକ୍

ମେଲବୋର୍ନ, ୧୬।୧ (ଏପି)

ପାଞ୍ଚଥର ଗ୍ରାଣ୍ଡସ୍ଲାମ ବିଜେତା ଇଗା ସ୍ୱିଟେକ ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୪୯ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ରେବେକା ଶ୍ରାମ୍‌କୋଭାଙ୍କୁ ୬-୦, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେ ପ୍ରଥମ ସେଟ୍‌କୁ ମାତ୍ର ୨୬ ମିନିଟ୍‌ରେ ଜିତିନେଇଥିଲେ। ଦ୍ୱିତୀୟ ସିଡ୍ ସ୍ୱିଟେକ୍ ବର୍ତ୍ତମାନ ୨୦୨୧ ୟୁଏସ୍ ଓପନ ଚାମ୍ପିୟନ ଏମା ରାଡୁକାନୁଙ୍କୁ ଭେଟିବେ। ରାଡୁକାନୁ ୬-୩, ୭-୫ରେ ଆମାଣ୍ଡା ଆନିସିମୋଭାଙ୍କୁ ହରାଇ ଦେଇଛନ୍ତି। ଟେଲର ଫ୍ରିଜ ସହଜ ବିଜୟ ସହ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୨୦୨୪ ୟୁଏସ ଓପନ ରନର-ଅପ୍ ତଥା ୪ର୍ଥ ସିଡ୍ ୬-୨, ୬-୧, ୬-୦ରେ କ୍ରିଷ୍ଟିଆନ ଗାରିଙ୍କୁ ହରାଇ ଦେଇଛନ୍ତି। ତୃତୀୟ ରାଉଣ୍ଡରେ ସେ ୩୮ ବର୍ଷୀୟ ଗେଲ୍ ମନ୍‌ଫିଲ୍ସଙ୍କ ସହିତ ମୁକାବିଲା କରିବେ। ମନ୍‌ଫିଲ୍‌ସ ଗତ ସପ୍ତାହରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଏଟିପି ଟାଇଟଲ ଜିତିଥିଲେ। ଗୁରୁବାର ପୁରୁଷ ସିଙ୍ଗଲ୍ସରେ ବିଜୟ ଲାଭ କରିଥିବା ଅନ୍ୟ ଖେଳାଳିମାନେ ହେଲେ ସ୍ଥାନୀୟ ଖେଳାଳି ତଥା ୮ମ ସିଡ୍ ଆଲେକ୍ସ ମିନାଉର, ୧୬ ନମ୍ବର ଖେଳାଳି ଲୋରେଞ୍ଜୋ ମୁସେଟ୍ଟି, ୧୯ ନମ୍ବର ଖେଳାଳି ଖାଚାନୋଭ ଏବଂ ପାବ୍‌ଲୋ କାରେନୋ ବୁଷ୍ଟାଙ୍କୁ ୬-୩, ୬-୩, ୬-୭ (୪), ୬-୪ରେ ହରାଇ ଦେଇଥିବା ୨୧ ନମ୍ବର ଖେଳାଳି ବେନ୍ ଶେଲ୍‌ଟନ। ସୂଚନାଯୋଗ୍ୟ, ରାଡୁକାନୁ ୨୦୨୧ରେ ପ୍ରଥମ କ୍ୱାଲିଫାୟର ଭାବେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ଏହାପରଠାରୁ ତାଙ୍କର ଆଘାତଜନିତ ସମସ୍ୟା ଲାଗି ରହିଛି। ମାଂସପେଶୀରେ ଯନ୍ତ୍ରଣା ଯୋଗୁ ସେ ଚଳିତବର୍ଷରୁ ଅଷ୍ଟ୍ରେଲିଆନ ଓପନ ପୂର୍ବରୁ ଏକ ୱାର୍ମଅପ୍ ଟୁର୍ନାମେଣ୍ଟ ଖେଳିପାରି ନାହାନ୍ତି।

## ବାଲାଜୀ-ମିଗୁଏଲ୍ ଦ୍ୱିତୀୟ ରାଉଣ୍ଡରେ

**ମେଲବୋର୍ନ, ୧୬।୧ (ପି.ଟି.):** ଭାରତର ଏସ. ଶ୍ରୀରାମ ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ୍ ଆଞ୍ଜେଲ ରେଜ୍-ଭାରେଲା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ମେକ୍ସିକାନ ଯୋଡ଼ି ଗୁରୁବାର ଅନୁଷ୍ଠିତ ଏକ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଡଚ୍-କାଜାଖ ଯୋଡ଼ି ରବିନ୍ ହାସେ ଓ ଆଲେକ୍ସାଣ୍ଡର ନେଦୋଭୟେସୋଭଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଋତ୍ୱିକ ବୋଲିପାଲି ତୃତୀୟ ଭାରତୀୟ ଭାବେ ପୁରୁଷ ଡବଲ୍ସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। ପୂର୍ବରୁ ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରି ସେମାନଙ୍କ ମ୍ୟାଚ ହାରି ସାରିଛନ୍ତି।

# ଜାତୀୟ ସବ୍‌ଜୁନିୟର ଜୁଡୋ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)


ଜାତୀୟ ସବ୍‌ଜୁନିୟର ଜୁଡୋ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।

ମହାରାଷ୍ଟ୍ର ଜୁଡୋ ଆସୋସିଏଶନ ଆନୁକୂଲ୍ୟରେ ପୁଣେର ବେଲେୱାଡିଠାରେ ଜାତୀୟ ସବ୍‌ଜୁନିୟର ଜୁଡୋ ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୧୩ ଖେଳାଳି ଓ ୨ ଅଫିସିଆଲ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଭାଗ ନେବାକୁ ଯାଉଥିବା ୮ ବାଳିକା ଓ ୫ ବାଳକ ଜୁଡୋକା ହେଲେ ଅନିତା ଭତ୍ରା, ଦାଲି ହୋ, ଅଙ୍କିତା ସବର, ଲକ୍ଷ୍ମୀ ପ୍ରଧାନ, ମନସ୍ୱିନୀ ସ୍ୱାଇଁ, ଶୁଭଲକ୍ଷ୍ମୀ ବିଶ୍ୱାଳ, ନିସିମା ବିସିମାଝି, ଅର୍ଚ୍ଚିତା ପୋଲାଇ, ମହେଶ ହନ୍ତାଳ, ଅଭିଷେକ ମୁଣ୍ଡା, ରତ୍ନାକର ହେମ୍ବ୍ରମ, ପ୍ରୀତମ ମିତ୍ର ଓ ମୋସେସ ପ୍ରଧାନ। ଲୋପାମୁଦ୍ରା ପତି କୋଚ୍ ଓ ମ୍ୟାନେଜର ଏବଂ ବାପୁନ ସେଠୀ କୋଚ୍‌ଭାବେ ଦଳସହ ଯାତ୍ରା କରିଛନ୍ତି।

# ଶୁଭ୍ରାଂଶୁଙ୍କୁ ୨ ବ୍ରୋଞ୍ଜ



**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ):** ପଶ୍ଚିମବଙ୍ଗ ମାଉଣ୍ଟେନରିଂ ଆଣ୍ଡ ଆଡ୍‌ଭେଞ୍ଚର ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ କୋଲକାତାରେ ସର୍ବଭାରତୀୟ ଓପନ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିୟନଶିପ୍-୨୦୨୫ ଗୁରୁବାର ଶେଷ ହୋଇଛି। ଗତ ୧୪ ତାରିଖରୁ ଚାଲିଥିବା ଏହି ପ୍ରତିଯୋଗିତାର ପୁରୁଷ ଓପନ ବର୍ଗରେ ଅଂଶଗ୍ରହଣ କରି ଓଡ଼ିଶାର ଶୁଭ୍ରାଂଶୁ ଶେଖର ମହନ୍ତ ଲିଡ୍ କ୍ଲାଇମ୍ବିଂ ଓ ବୋଲ୍ଡରିଂରେ ୨ଟି ବ୍ରୋଞ୍ଜ ପଦକ ପାଇଛନ୍ତି।

# ଆୟର୍ଲାଣ୍ଡ ମହିଳା କ୍ରିକେଟ ଦଳକୁ ଜରିମାନା

**ରାଜକୋଟ, ୧୬।୧ (ପି.ଟି.):** ଭାରତ ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ-ଓଭର ରେଟ୍ ବୋଲିଂ ପାଇଁ ଆୟର୍ଲାଣ୍ଡ ମହିଳା କ୍ରିକେଟ ଦଳକୁ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ଅନ୍ତିମ ମ୍ୟାଚରେ ଭାରତ ୩୦୪ ରନରେ ବିପୁଳ ବିଜୟ ସହ ସିରିଜରେ କ୍ଲିନ୍ ସୁଇପ୍ କରିଥିଲା। ମ୍ୟାଚରେ ଆୟର୍ଲାଣ୍ଡ ଧାର୍ଯ୍ୟ ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛରେ ରହି ଯାଇଥିଲା। ଫଳରେ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ ପ୍ୟାନେଲର ଜି.ଏସ୍. ଲକ୍ଷ୍ମୀ ଆୟର୍ଲାଣ୍ଡକୁ ଜରିମାନା କରିଛନ୍ତି।


# Classified Everyday
0674-2580101, 9692975378


REAL ESTATE

**SALE**

**Gharabari converted plots available near Hi-tech Square Sundarpada Bhubaneswar. For more details Contact- 9437040045, 9040307584.** D-2590

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

ଫୁଲନଖରା ନିକଟସ୍ଥ **Sum hospital-2 ଓ Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76230

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-76408

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2591

## ACCOMMODATION

Free accommodation for senior citizens and mentally ill person & Drug addicted person with all facilities. Contact- 9337160036, 7325991853, 9439928693. D-2589




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

## LOST

ଆମ୍ଭେ ମାମୁନି ବେହେରା, ସ୍ୱା- ଦେବରାଜ ବେହେରା, ସା- ଖଣ୍ଡିଆବନ୍ଧ, କାର୍ତ୍ତିକ ମଣ୍ଡପ ପାଖ, ପୋ-ଗୋପୀନାଥପୁର, ଜି-ପୁରୀ ଏତଦ୍ୱାରା ଘୋଷଣା କରୁଅଛୁ କି ଆମ୍ଭେ ୧୧୪୮୨୪୦୦୦୯୬ ଙ୍କ ଠାରୁ କିଣିଥିବା ସମ୍ପତ୍ତିର ଲିଙ୍କ୍‌ଥିବା ଦୁଇଗୋଟି ଅସଲ ଦଲିଲ ଯଥା ନଂ-୧୧୪୮୨୦୦୧୦୩୬ ଓ ୧୧୪୮୨୦୦୧୦୫୧ ତା- ୦୨.୦୧.୨୫ ରିଖ ଦିନ ପୁରୀ ଗୁଣ୍ଡିଚା ମନ୍ଦିର ପାଖରେ ହଜିଯାଇଛି, ଯାହାକୁ ଆମ୍ଭେ ବହୁ ଖୋଜାଖୋଜି ସତ୍ତ୍ୱେ ପାଉନାହୁଁ । ଯଦି କୌଣସି ବ୍ୟକ୍ତି ସେସବୁ ପାଇ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି ତେବେ ଆମ୍ଭେ ଦାୟୀ ରହିବୁ ନାହିଁ । ଯୋଗାଯୋଗ- ୯୦୯୦୪୫୬୬୭୮. ଧ-୨୫୯୪

ମୁଁ ଶ୍ରୀମତୀ ବନଲତା ସାହୁ, ବ୪୭ର୍ଷ, ସ୍ୱା- ସୁରେନ୍ଦ୍ର କୁମାର ସାହୁ, ସା/ପୋ- ବଳରାମ ପ୍ରସାଦ, ଥା- ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼ ଧର୍ମତଃ ଶପଥ ପୂର୍ବକ ଅଦ୍ୟ କୋର୍ଟରେ ସତ୍ୟପାଠ କରୁଅଛୁ କି- ଏହିକି, ଆମ୍ଭେ ଉକ୍ତ ଆଭିଡେଭିଟ୍‌ର ସତ୍ୟପାଠକାରୀ ଅଟୁ। ଏହି କି ଆମ୍ଭେ ଦଶପଲ୍ଲା ସବ୍‌ରେଜିଷ୍ଟ୍ରାରରେ ଗୋଟିଏ କବଲା କରିଥିଲୁ। ଯାହାର documents No.- 909/2000, date- 18.10.2000. ଉକ୍ତ କବଲାଟି ମୋଟର ସାଇକେଲ୍ ଯୋଗେ ପତଣ୍ଡାରୁ ଗଣିଆ ଆସୁଥିବା ସମୟରେ ବ୍ୟାଗ୍‌ଟି କେଉଁଠାରେ ଖସିପଡ଼ିଲା ତା ୩୦।୧୨।୨୦୨୪ରିଖରେ। ଏଣୁ ଉକ୍ତ ଆଭିଡେଭିଟ୍‌ର ଆବଶ୍ୟକତା ରହିଅଛି।
ବନଲତା ସାହୁ
ଧ- ୨୫୯୮

## AFFIDAVIT

ମୁଁ ସରୋଜ କୁମାର କୁଅଁର, ପିତା- ବାବାଜୀ ଚନ୍ଦ୍ର କୁଅଁର, ଗ୍ରା. ମରହଟ୍ଟା ସାହି, ପୋ. ଚୌଦ୍ୱାର, ଜି. କଟକ, ଓଡ଼ିଶା ଘୋଷଣା କରୁଛି ଯେ, ମୋ ବାପାଙ୍କ ନାମ ପ୍ରକୃତରେ ବାବାଜୀ ଚନ୍ଦ୍ର କୁଅଁର। କିନ୍ତୁ ଭୁଲ୍‌ବଶତଃ ଆଧାର କାର୍ଡରେ ବାବାଜୀ ଚରଣ କୁଅଁର ବୋଲି ଉଲ୍ଲେଖ ଅଛି। ଭୁବନେଶ୍ୱର ନୋଟାରୀଙ୍କ ଆଗରେ ଶପଥପାଠ ନଂ. ୧୫୪୯, ତା୧୫.୧.୨୦୨୫ରିଖ ଜରିଆରେ ଘୋଷଣା କରୁଛି ଯେ, ବାବାଜୀ ଚରଣ କୁଅଁର ଏବଂ ବାବାଜୀ ଚନ୍ଦ୍ର କୁଅଁର ଜଣେ ବ୍ୟକ୍ତି। ଧ-୨୬୦୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Basudevpur, dated- 04.01.2025, I Rukmani Agasti, Address AT/P.O.- Alabaga, P.S.-Basudevpur, Dist.- Bhadrak, Pin.- 756124 declare that I have changed my Son's name from Himansu Sekhar Sahu to Rajkumar Sahu. Henceforth, he shall be known as Rajkumar Sahu for all purposes.
Smt. Rukmani Agasti
D-2586

By virtue of an affidavit No.-110, Dt.- 15.01.25 before the Court of Executive Magistrate, Bhubaneswar, I, Prabhatnalini Sahu, D.O.B-15.01.1966, W/o- Prabhat Kumar Sahu, at Plot No-12, Bapujinagar, P.S.- Capital, Bhubaneswar- 751009, Dist.- Khorda have changed my name from Prabhat Nalini Sahoo to Prabhatnalini Sahu. Henceforth I shall be known as Prabhatnalini Sahu in all purposes. D-2588

By virtue of an affidavit before Executive Magistrate, Basudevpur, dated-18.12.2024, I Balabhadra Jena formerly known as Dukhiram Jena, S/o- Bhagaban Jena, At- Kodabatiasana, P.O.- Rajgharpokhari, P.S.- Nayakanidihi, Dist.- Bhadrak declared that for all purposes I shall be known as Balabhadra Jena instead of Dukhiram Jena. D-2592

By virtue of an affidavit sworn before Notary Public, Bhadrak, dated 13.01.25, I Jayanti Panda, W/o- Late Gopal Chandra Dash, D/o- Bharat Panda, Address: Vill-Dhaniojha, P.O./P.S.- Bonth, Dist.- Bhadrak, PIN- 756114, Odisha, declare that I have changed my name from Sabitri Dash to Jayanti Panda. Henceforth I shall be known as Jayanti Panda for all purposes. D-2593

I, Dharitri Padhan, D/o- Khageswar Padhan, R/o- Village/ P.O.- Bausenmura, P.S.- Sohela, Dist.- Bargarh declare by this affidavit sworn before the Executive Magistrate, Sohela that in my School admission register and resident certificate my name is mentioned as Dharitri Padhan, whereas in Aadhaar Card my name is mentioned as Nikita Padhan. That both the names is one and same person. D-2596

I, Manaranjan Sahu, S/o-Late Haripada Sahu, resident of Vill- Srikrushnapur, P.O.- Januganj, P.S.- Industrial, Dist.- Balasore, Odisha declare by this affidavit No.- 2414, Vol.- XIX, dated 10.12.2024 that now onwards I shall be known as MANORANJAN SAHOO for all future purposes. D-2597

By virtue of an affidavit sworn before the Executive Magistrate, Athamallik, dt.18.12.2023, I, Tukuna Tandia, Age- 34yrs, S/o- Jharia Tandia, At-Kundanali, P.O.-Madhapur, Via- Athamallik, Dist.- Angul, Odisha, declare that my name and my father's name is wrongly mentioned as Subrat Behera, S/o- Jharia Behera in my Driving License. But in all Govt. and Private Document as well as in Aadhaar Card my name and my father's name Tukuna Tandia and Jharia Tandia respectively. I shall be known as Tukuna Tandia for all purposes.
Tukuna Tandia
Deponent
D-2599

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସନାତନ ନାୟକ**
କଖଡ଼ପଦା, ବାଲିଖଣ୍ଡ, ବାଲେଶ୍ୱର
ଧରାବତରଣ: ୧୮।୦୪।୧୯୪୭
ସ୍ୱର୍ଗାରୋହଣ: ୦୭।୦୧।୨୦୨୫
ଜଗତରନାଥ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୫୯୪

# ଇଂଲଣ୍ଡର ଭାରତ ଗସ୍ତ

**୨୦୨୩ ଦିନିକିଆ ବିଶ୍ୱକପ ପରେ ଭାରତ ମାତ୍ର ୬ଟି ଏକଦିବସୀୟ ମ୍ୟାଚ ଖେଳିଛି। ତେଣୁ ୫୦ ଓଭର ଫର୍ମାଟ୍‌ରେ ଇଂଲଣ୍ଡ ବିପକ୍ଷରେ ଏବଂ ଚାମ୍ପିୟନ୍ସ ଟ୍ରଫିରେ କିପରି ପ୍ରଦର୍ଶନ କରୁଛି ତା' ଉପରେ ସମସ୍ତଙ୍କର ନଜର ରହିବ...**



ନିର୍ମଳ କୁମାର ମିଶ୍ର

ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଏବଂ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳର ପ୍ରଦର୍ଶନରେ ଅବନତି ଘଟିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ତୃତୀୟ ଥର ଫାଇନାଲ ଖେଳିବାର ସୁଯୋଗ ହାତଛଡା କରିଛି ଭାରତ। ଦୁଇ ଅଭିଜ୍ଞ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଆଗକୁ ରହିଛି ଇଂଲଣ୍ଡ ବିପକ୍ଷ ଟି୨୦ ଏବଂ ଏକଦିବସୀୟ ସିରିଜ। ପରବର୍ତ୍ତୀ ଅବସ୍ଥାରେ ରହିଛି ଗୁରୁତ୍ୱପୂର୍ଣ୍ଣ ଆଇସିସି ଚାମ୍ପିୟନ୍ସ ଟ୍ରଫି। ଏଥି ମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆସାମର ଅଭିଜିତ୍ ସାଇକିଆଙ୍କୁ ନୂତନ ସମ୍ପାଦକ ରୂପେ ପାଇଛି। ଜୟ ଶାହା ୫ମ ଭାରତୀୟ ରୂପେ ଆସିସିର ଚେୟାରମ୍ୟାନ ନିର୍ବାଚିତ ହେବା ପରେ ଏହି ପଦବୀଟି ଖାଲି ପଡିଥିଲା। ବିସିସିଆଇ ନୂଆ ସମ୍ପାଦକଙ୍କ ପାଇଁ ଏହି ପଦବୀ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତୀୟ କ୍ରିକେଟରେ ଅନେକ ଅଦଳବଦଳ ନିକଟ ଭବିଷ୍ୟତରେ ଦେଖିବାକୁ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଖରାପ ଫର୍ମ ଦେଇ ଗତିକରୁଥିବା ନାମୀ ଖେଳାଳିଙ୍କୁ ଟିମ୍‌ରୁ ବାଦ୍‌ଦେବା ସହିତ ଭଲ ପ୍ରଦର୍ଶନ କରୁଥିବା ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ନୂଆ ସମ୍ପାଦକ ସ୍ପଷ୍ଟ ଭାବେ କହିଛନ୍ତି। ତାଙ୍କର ଅଭିଜ୍ଞତା ରହିଛି। ଜୟ ଶାହା ଆଇସିସି ଅଧକ୍ଷ ହେବା ପରେ ଅଭିଜିତ୍ ସାଇକିଆ ଅନ୍ତରୀଣ ସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ।

ଇଂଲଣ୍ଡ ଭାରତ ଗସ୍ତରେ ଆସୁଛି। ଭାରତ-ଇଂଲଣ୍ଡ ସିରିଜ ଜାନୁଆରୀ ୨୨ରୁ ଆରମ୍ଭ ହୋଇ ଫେବୃଆରୀ ୧୨ରେ ଶେଷ ହେବ। କୋଲକାତା ଟି୨୦ରୁ ଆରମ୍ଭ ହୋଇ ଅହମଦାବାଦ ଏକଦିବସୀୟ ମ୍ୟାଚ ସହିତ ଏହା ସମାପ୍ତ ଘଟିବ। ଟି୨୦ ସିରିଜ ପାଇଁ ବିସିସିଆଇ ଦଳ ଘୋଷଣା କରିଥିବା ବେଳେ ଇଂଲଣ୍ଡ ବିପକ୍ଷ ୩ଟି ଏକଦିବସୀୟ ମ୍ୟାଚ ଏବଂ ଗୁରୁତ୍ୱପୂର୍ଣ୍ଣ ଚାମ୍ପିୟନ୍ସ ଟ୍ରଫି ପାଇଁ ଦଳ ଘୋଷଣା ବାକି ରହିଛି। ଇଂଲଣ୍ଡ ବିପକ୍ଷ ଟି୨୦ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ଏବଂ ଅକ୍ଷର ପଟେଲଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଭାରତୀୟ ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମରା ଆଘାତପ୍ରାପ୍ତ ହେବା ପରେ ଭାରତୀୟ ଦଳର ସମସ୍ୟା ବଢିଛି। ଯାହା ଆଶା କରାଯାଉଛି ଚାମ୍ପିୟନ୍ସ ଟ୍ରଫି ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡିକ ପାଇଁ ସେ ଦଳ ସହିତ ରହି ନ ପାରନ୍ତି। ଭେଟେରାନ୍ ପେସ୍ ବୋଲର ମହମ୍ମଦ ଶାମି ଦୀର୍ଘ ୧୪ ମାସ ପରେ ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୨୩ ଅଷ୍ଟ୍ରେଲିଆ ବିପକ୍ଷ ଏକଦିବସୀୟ ବିଶ୍ୱକପ ଅହମଦାବାଦ ମ୍ୟାଚ ପରେ ସେ ଆଘାତଜନିତ ସମସ୍ୟା ଯୋଗୁ ଗୁରୁତ୍ୱପୂର୍ଣ୍ଣ ବର୍ଡର ଗାଭାସ୍କର ଟ୍ରଫି ଖେଳିପାରି ନ ଥିଲେ। ଅର୍ଶଦୀପ ସିଂ ଓ ଶ୍ରେୟସ ଆୟର ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେଣୁ ଆୟର ଇଂଲଣ୍ଡ ବିପକ୍ଷ ଏକଦିବସୀୟ ଓ ଚାମ୍ପିୟନ୍ସ ଟ୍ରଫି ପାଇଁ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ପଞ୍ଜାବ କିଙ୍ଗ୍ସ ୧୮ ତମ ଆଇପିଏଲ୍ ପାଇଁ ତାଙ୍କୁ ଅଧିନାୟକ ଘୋଷଣା କରିଛି। ଚାମ୍ପିୟନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ପର୍ଯ୍ୟନ୍ତ ଖେଳାଯିବ। ଅନେକ ବାଦ ବିବାଦ ପରେ ଭାରତ ତା'ର ସମସ୍ତ ମ୍ୟାଚ ହାଇବ୍ରିଡ ମୋଡରେ ଦୁବାଇଠାରେ ଖେଳିବ। ଅନ୍ୟପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଆଇପିଏଲ୍‌ର ୧୮ତମ ସଂସ୍କରଣ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇ ମେ ୨୫ରେ ଉଦ୍‌ଯାପିତ ହେବ। ମୋଟ ୭୪ଟି ମ୍ୟାଚ ଏହି ପ୍ରଫେଶନାଲ ହାଇ ପ୍ରୋଫାଇଲ ଟି୨୦ରେ ଖେଳାଯିବ।

ଅନ୍ୟପକ୍ଷରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ଭାଗନେଉଥିବା ୮ଟି ଟିମ୍ ସେମାନଙ୍କର ପ୍ରୋଭିଜନାଲ ଟିମ୍ ଜାନୁଆରୀ ୧୨ ତାରିଖ ମଧ୍ୟରାତ୍ରି ସୁଦ୍ଧା ଘୋଷଣା କରିବା ପାଇଁ କହିଥିଲା। ତେବେ ଫେବୃଆରୀ ୧୩ ପର୍ଯ୍ୟନ୍ତ ଖେଳାଳି ପରିବର୍ତ୍ତନର ସୁଯୋଗ ରହିଛି। ମାତ୍ର ବିସିସିଆଇ ଇଂଲଣ୍ଡ ବିପକ୍ଷ ଟି୨୦ ମ୍ୟାଚ ପରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ଲକ୍ଷ୍ୟ କରି ଟିମ୍ ଘୋଷଣା କରିବ ବୋଲି କହିଛି। ରୋହିତ ଶର୍ମାଙ୍କୁ ଅଭିଜ୍ଞତା ଦୃଷ୍ଟିରୁ ଅଧିନାୟକ ରୂପେ ଶେଷ ସୁଯୋଗ ମିଳିପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଦୁବାଇର ଜଳବାୟୁ, ପିଚ କଣ୍ଡିଶନ୍ ଓ ଅଭିଜ୍ଞତାକୁ ଆଖିଆଗରେ ରଖି ବିସିସିଆଇ, ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ମୁଖ୍ୟ ସିଲେକ୍ଟର ଅଜିତ ଅଗରକର ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ଅନ୍ୟ ପକ୍ଷରେ ଆଇପିଏଲ୍ ୧୮କୁ ନେଇ ବିସିସିଆଇର ବ୍ୟଗ୍ରତା ବଢିଛି। ଫ୍ରାଞ୍ଚାଇଜମାନେ ଏହି ମେଗା ଅକସନ୍ ମାଧ୍ୟମରେ ଟିମ୍ ସମୀକରଣରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ସେମାନେ ମଧ ଚାହୁଁ ନାହାନ୍ତି ଯେ ସେମାନଙ୍କର ଷ୍ଟାର ଖେଳାଳିମାନେ ଆଘାତପ୍ରାପ୍ତ ହୁଅନ୍ତୁ। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ଚାମ୍ପିୟନ୍ସ ଟ୍ରଫି ପାଇଁ ସେମାନଙ୍କର ଦଳ ଘୋଷଣା କରି ସାରିଥିବା ବେଳେ ଇଂଲଣ୍ଡ ଦଳ ଅଭିଜ୍ଞ ଜୋଶ ବଟଲରଙ୍କ ନେତୃତ୍ୱରେ ଭାରତ ବିପକ୍ଷରେ ମ୍ୟାଚ ଖେଳିବା ପରେ ସିଧାସଳଖ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତରେ ଯିବ। ଇଂଲଣ୍ଡ ଟି୨୦ ଏବଂ ଏକଦିବସୀୟ ମ୍ୟାଚ ପାଇଁ ଭିନ୍ନ ଦଳ ଗଠନ କରିଛି। ଉଭୟ ଫର୍ମାଟ୍ ପାଇଁ ବଟଲର ଅଧିନାୟକ ରହିଥିବା ବେଳେ ହାରି ବ୍ରୁକସ୍, ଫିଲ୍ ସଲଟ, ମାର୍କ ଉଡ୍, ଜୋଫ୍ରା ଆର୍ଚର, ଆଦିଲ ରସିଦ୍, ଗସ୍ ଆଟକିନ୍‌ସନ୍, ବେନ ଡକେଟ, ଜେମି ସ୍ମିଥ୍ ଉଭୟ ଫର୍ମାଟ୍ ପାଇଁ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ। ବେଶ୍ ସନ୍ତୁଳିତ ଥିବା ପରି ଜଣାପଡୁଛି। ଆଇପିଏଲ୍‌ରେ ଏ ସମସ୍ତ ଖେଳାଳି ସ୍ଥାନ ପାଇଥିବା ବେଳେ ଭାରତୀୟ ପରିବେଶ, ପିଚକୁ ନେଇ ଅଭ୍ୟସ୍ତ ଅଛନ୍ତି।

ଭାରତୀୟ ଯୁବ ଦଳ ମଧ ବେଶ୍ ପ୍ରତିଭାସମ୍ପନ୍ନ। ଯୁବ ଖେଳାଳିମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ୩ଟି ଫର୍ମାଟ୍ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଉପଯୁକ୍ତ ସମୟ ଆସିଛି। ଖରାପ ଫର୍ମରେ ଥିବା ସିନିୟର ଖେଳାଳିମାନଙ୍କ ସ୍ଥାନ ନେବା ପାଇଁ ସେମାନଙ୍କ ଲାଗି ବଡ଼ ସୁଯୋଗ ରହିଛି। ଭାରତୀୟ ଦଳ ଜାନୁଆରୀ ୨୨, ୨୫, ୨୮, ୩୧ ଏବଂ ଫେବୃଆରୀ ୨ ତାରିଖରେ କୋଲକାତା, ଚେନ୍ନାଇ, ରାଜକୋଟ, ପୁଣେ ଏବଂ ମୁମ୍ବାଇ ଠାରେ ୫ଟି ଟି୨୦ ମ୍ୟାଚ ଖେଳିବ। ଏହା ପରେ ଫେବୃଆରୀ ୬, ୯ ଓ ୧୨ରେ ନାଗପୁର, କଟକ ଓ ଅହମଦାବାଦଠାରେ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବ।

ଉଭୟ ଦେଶ ମଧ୍ୟରେ ୧୯ଟି ଟି୨୦ ମ୍ୟାଚ ଦ୍ୱିପାକ୍ଷିକ ସିରିଜରେ ଖେଳାଯାଇଥିବା ବେଳେ ଭାରତ ୧୦ଟି ଜିତିଛି ଏବଂ ଇଂଲଣ୍ଡ ୮ଟି ମ୍ୟାଚରେ ବିଜୟୀ ହୋଇଛି। ୧ଟି ମ୍ୟାଚରୁ ଫଳାଫଳ ମିଳି ପାରିନାହିଁ। ସେହିପରି ୨୦୨୦-୨୧ରେ ଉଭୟ ଦେଶ ମଧ୍ୟରେ ୫ଟିକିଆ ଟି୨୦ ସିରିଜ ଖେଳାଯାଇଥିବା ବେଳେ ଭାରତ ୩-୨ରେ ବିଜୟୀ ହୋଇଥିଲା। ୨ୟ ଥର ପାଇଁ ୫ଟି ଟି୨୦ ଉଭୟ ଦେଶ ଖେଳିବେ। ବର୍ତ୍ତମାନର ଖେଳାଳି ଭାବରେ ଇଂଲଣ୍ଡ ଅଧିନାୟକ ଜୋଶ ବଟଲର ସର୍ବାଧିକ ୪୯୮ରନ୍ କରିଥିବା ବେଳେ ଭାରତର ସୂର୍ଯ୍ୟକୁମାର ଯାଦବ ୩୨୧ ରନ ୮ଟି ମ୍ୟାଚରୁ ସଂଗ୍ରହ କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ମଧ ୧୩ଟି ଇନିଂସରୁ ୩୦୨ରନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ୨୦ଟି ଫର୍ମାଟ୍‌ରୁ ଅବସର ନେଇ ସାରିଛନ୍ତି। ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୧୫ ମ୍ୟାଚରୁ ୧୪ଟି ଉଇକେଟ ନେଇଛନ୍ତି। ଟି୨୦ରେ ଉଭୟ ଦେଶ ୩ଥର ଲେଖାଏ ୨ଶହ ରନ ଅତିକ୍ରମ କରିଛନ୍ତି। ଭାରତର ସର୍ବାଧିକ ଦଳଗତ ସ୍କୋର ଇଂଲଣ୍ଡ ବିପକ୍ଷରେ ୨୨୪ରନ୍ ରହିଥିବା ବେଳେ ଇଂଲଣ୍ଡର ୨୧୫ରନ୍ ରହିଛି।

ଅନ୍ୟପକ୍ଷରେ ୨୦୨୩ ଦିନିକିଆ ବିଶ୍ୱକପ ପରେ ଭାରତ ମାତ୍ର ୬ଟି ଏକଦିବସୀୟ ମ୍ୟାଚ ଖେଳିଛି। ୨୦୨୪ରେ ମାତ୍ର ୩ଟି ଏକଦିବସୀୟ ମ୍ୟାଚ ଖେଳିବାର ସୁଯୋଗ ପାଇଥିବା ବେଳେ ଏହି ୫୦ ଓଭର ଫର୍ମାଟ୍‌ରେ ଇଂଲଣ୍ଡ ବିପକ୍ଷରେ ଏବଂ ଚାମ୍ପିୟନ୍ସ ଟ୍ରଫିରେ କିପରି ପ୍ରଦର୍ଶନ କରୁଛି ତା' ଉପରେ ସମସ୍ତଙ୍କର ନଜର ରହିବ। ଭାରତର ନେତୃତ୍ୱ କିଏ ନେବେ ଏବଂ ସିନିୟର ଖେଳାଳିମାନଙ୍କୁ ସୁଯୋଗ ମିଳିବ ନା ନାହିଁ ତା' ଉପରେ ସସ୍‌ପେନ୍ସ ଜାରି ରହିଛି। ଆଗାମୀ ସିରିଜଗୁଡିକରେ ଅସଲ ପରୀକ୍ଷାର ସମ୍ମୁଖୀନ ହେବ ଟିମ୍ ଇଣ୍ଡିଆ।



ସୂର୍ଯ୍ୟକୁମାର ଯାଦବ



ଜୋଶ ବଟଲର

# ଖେଳରତ୍ନ ପ୍ରବୀଣ

**ପାରା ଆଥଲେଟିକ୍ସର ଟି-୬୪ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରବୀଣ କୁମାର ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସେ ରୌପ୍ୟ ଏବଂ ୨୦୨୨ ଏସିଆନ ପାରାଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଥିଲେ...**

ଭାରତର ସର୍ବୋଚ୍ଚ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏଥର ୪ ଜଣ ଖେଳାଳି ପାଇବେ। ୨୦୨୪ରେ ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷଲାଭ କରିଥିବା ଖେଳାଳିଙ୍କ ମଧ୍ୟରୁ ଏହି ୪ ଜଣଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ବିଶ୍ୱ ଚେସ୍ ଚାମ୍ପିୟନ. ଡି. ଗୁକେଶ, ଅଲିମ୍ପିକ୍ସରେ ୨ ଥର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳର ସଦସ୍ୟ ତଥା ବର୍ତ୍ତମାନର ଅଧିନାୟକ ହରମନପ୍ରୀତ ସିଂ, ପ୍ୟାରିସ ଅଲିମ୍ପିକ୍ସରେ ବ୍ୟକ୍ତିଗତ ୨ଟି ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିବା ତାରକା ମହିଳା ଶୁଟର ମନୁ ଭାକର ଓ ପାରାଲିମ୍ପିଆନ ପ୍ରବୀଣ କୁମାର। ପାରାଲିମ୍ପିଆନ ଦେବେନ୍ଦ୍ର ଝାଝାରିଆ (୨୦୧୭-ଜାଭେଲିନ୍ ଥ୍ରୋ), ଦୀପା ମଲିକ (୨୦୧୯-ଜାଭେଲିନ୍, ଶଟ୍‌ପୁଟ, ଅନ୍ୟାନ୍ୟ), ମାରିଆପ୍ପାନ ଥଙ୍ଗାଭେଲୁ (୨୦୨୦-ହାଇଜମ୍ପ), ଅଭନି ଲେଖରା (୨୦୨୧-ଶୁଟିଂ), ସୁମିତ ଆଣ୍ଟିଲ (୨୦୨୧-ଆଥଲେଟିକ୍ସ), ପ୍ରମୋଦ ଭଗତ (୨୦୨୧-ବ୍ୟାଡ୍‌ମିଣ୍ଟନ), କ୍ରିଷ୍ଣା ନାଗର (୨୦୨୧-ବ୍ୟାଡ୍‌ମିଣ୍ଟନ), ମନୀଷ ନରୱାଲ (୨୦୨୧-ଶୁଟିଂ)ଙ୍କ ପରେ ୯ମ ପାରା ଆଥଲେଟ୍‌ଭାବେ ପ୍ରବୀଣ ଖେଳରତ୍ନ ପୁରସ୍କାର ପାଇବାକୁ ଯାଉଛନ୍ତି। ୧୭ ତାରିଖରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖେଳରତ୍ନ, ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଆଦି ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିବେ।

୨୦୦୩ ମେ୧୫ରେ ଉତ୍ତର ପ୍ରଦେଶର ଗୌତମ ବୁଦ୍ଧ ଜିଲା ଅନ୍ତର୍ଗତ ଗୋବିନ୍ଦଗଡ଼ରେ ପ୍ରବୀଣ ଜନ୍ମ ଗ୍ରହଣ କରିଥିଲେ। ଜନ୍ମବେଳରୁ ତାଙ୍କର ଗୋଟିଏ ଗୋଡ଼ ଛୋଟ ଥିଲା। ଜାଟ୍ ପରିବାରରୁ ଆସିଥିବା ପ୍ରବୀଣ ଜେୱାରର ପ୍ରଜ୍ଞା ପବ୍ଲିକ୍ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ମୋତିଲାଲ ନେହେରୁ କଲେଜରେ ସେ ଗ୍ରାଜୁଏଶନ ଶେଷ କରିଥିଲେ। ପାରା ଆଥଲେଟିକ୍ସର ଟି-୬୪ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରବୀଣ ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ୨.୦୮ ମିଟର କ୍ଲିୟର କରି ଏସିଆନ ରେକର୍ଡ ଭାଙ୍ଗିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ସେ ରୌପ୍ୟ ଏବଂ ୨୦୨୨ ଏସିଆନ ପାରାଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଚାଇନାର ହାଙ୍ଗଝୋରେ ସେ ୨.୦୨ ମିଟର ଡେଇଁ ଗେମ୍ସ ରେକର୍ଡ ଭାଙ୍ଗିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବାରୁ ପାରାଲିମ୍ପିକ୍ସ ପୂର୍ବରୁ ତାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା।




## ଜିଜ୍ଞାସା

ଓଚିରଭାନି ଓଚିରୁ ବାଟଭୋଲୁ
ମଙ୍ଗୋଲିଆ ଅଧିବାସୀ
ଚଉଦ ହଜାର କି.ମି. ବ୍ରିଟେନର
ମାଞ୍ଚେଷ୍ଟର ଗଲା ଖସି
ସାଇକେଲ ଯୋଗେ ବସି
ଇଂଲିଶ୍ ପ୍ରିମିୟର ଲିଗ୍ ଫୁଟବଲ
ଖେଳ ଦେଖିବାକୁ ହସି।



ସିଡ୍‌ନୀରେ ବର୍ଡର-ଗାଭାସ୍କର ଟ୍ରଫି
ପି. କୁମିନ୍ସ ଗଲା ଜିତି
ତିନି ଟେଷ୍ଟର ପାଞ୍ଚ ଇନିଂସରେ
ଏକ ତିରିଶରେ ଇତି
ଅନ୍‌ଲକି ରୋହିତ ତାତି
ବର୍ଷ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ
ରେଷ୍ଟ ନେଲା ହୋଇ ହାତୀ।

ରାଜକୋଟଠାରେ ୱାନଡେ କ୍ରିକେଟରେ
ସର୍ବାଧିକ ରନ ବର୍ଷା
ତିନି ଶହ ଚାରି ରନ ମନ୍ଧାନାର
ଶହେ ପଇଁତିରିଶ ଧୁଣ୍ଡା
ଶ୍ରମ ଓ ସାଧନା ନିଶା
ଗୁଡ୍ ଫର୍ମରେ ଲୋକ
ବଡ଼ଇ ଆଗକୁ
ଲେଜି ହୁଏ ଲୋକହସା...

–ସୁବାସ ଚନ୍ଦ୍ର ପ୍ରଧାନ

# ଶୃଙ୍ଖଳିତ ହମ୍ପି

**''ଜଣେ ଶୃଙ୍ଖଳିତ ହୋଇପାରିଲେ ହିଁ ଯାଇ ଯେ କୌଣସି କ୍ଷେତ୍ରରେ ସଫଳତା ପାଇପାରିବ। ଶୃଙ୍ଖଳା ଜ୍ଞାନ ମୋତେ ଫୋକସ, ଏକାଗ୍ରତା ଏବଂ ନମ୍ର ହେବାରେ ସହାୟକ ହୋଇଛି''।**

**– କୋନେରୁ ହମ୍ପି**

କୋନେରୁ ହମ୍ପି କେବଳ ଭାରତ କାହିଁକି ବିଶ୍ୱ ଚେସ୍‌ରେ ଏକ ପରିଚିତ ନାମ। ୨୦୦୨ରେ ପ୍ରଥମ ଭାରତୀୟ ମହିଳା ଭାବେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ଜିତିଥିଲେ। ବର୍ତ୍ତମାନ ବିଶ୍ୱ ର୍ୟାପିଡ୍ ଚେସ୍ ଚାମ୍ପିୟନ ଥିବା ହମ୍ପି କିଛିଦିନର ବ୍ରେକ୍ ପରେ ପୁଣି ଚେସ୍‌କୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ମେ'ରେ ସେ ନରୱେ ଚେସ୍‌ରେ ଅଂଶଗ୍ରହଣ କରିବେ। ବର୍ତ୍ତମାନ ସେ ଭାରତର ସର୍ବୋଚ୍ଚ ର୍ୟାଙ୍କପ୍ରାପ୍ତ ମହିଳା ଚେସ୍ ତାରକା। ସେ କ୍ୟାରିୟରରେ ୨ ଥର ୨୦୧୯ ଓ ୨୦୨୪ରେ ବିଶ୍ୱ ର୍ୟାପିଡ୍ ଚେସ୍ ଟାଇଟଲ ହାସଲ କରିଛନ୍ତି। ଭାରତୀୟ କ୍ରୀଡ଼ା କ୍ଷେତ୍ରକୁ ତାଙ୍କ ଅବଦାନକୁ ଦୃଷ୍ଟିରେ ରଖି ୨୦୨୦ରେ ତାଙ୍କୁ ବିବିସି ଇଣ୍ଡିଆନ ସ୍ପୋର୍ଟ୍ସ ଓମେନ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସେ ଅଲିମ୍ପିଆଡ୍, ଏସିଆନ ଗେମ୍ସ ଓ ଏସିଆନ ଚେସ୍ ଚାମ୍ପିୟନଶିପ୍‌ରେ ମଧ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ରେକର୍ଡ ରଖିଛନ୍ତି। ନିକଟରେ ଏକ ସାକ୍ଷାତକାରରେ ହମ୍ପି କହିଛନ୍ତି ଯେ, ନିଜକୁ ଶୃଙ୍ଖଳିତ ରଖିବା ଦ୍ୱାରା ହିଁ ସେ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ଜଣେ ଶୃଙ୍ଖଳିତ ହୋଇପାରିଲେ ହିଁ ଯାଇ ଯେ କୌଣସି କ୍ଷେତ୍ରରେ ସଫଳତା ପାଇପାରିବ ବୋଲି ତାଙ୍କ ମତ। ଶୃଙ୍ଖଳା ଜ୍ଞାନ ହିଁ ତାଙ୍କୁ ଫୋକସ, ଏକାଗ୍ରତା ଏବଂ ନମ୍ର ହେବାରେ ସହାୟକ ହୋଇପାରିଛି। ଏପରିକି କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ମଧ ବିଚଳିତବୋଧ ହେବାକୁ ଦେଇନାହିଁ। ଏପରି ଜଣେ ଅଭିଜ୍ଞ ଏବଂ ଦକ୍ଷ ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ନରୱେ ଚେସ୍ କର୍ତ୍ତୃପକ୍ଷ ମଧ ଆଗ୍ରହର ସହ ଅପେକ୍ଷା କରିଥିବା ଟୁର୍ନାମେଣ୍ଟ ନିର୍ଦ୍ଦେଶକ କାଜେଲ ମଦଲାଣ୍ଡ ପ୍ରକାଶ କରିଛନ୍ତି। ଆନ୍ଧ୍ରପ୍ରଦେଶର ଗୁଡିଭାଡାଠାରେ ୩୧ ମାର୍ଚ୍ଚ ୧୯୮୭ରେ ଜନ୍ମିତ ହମ୍ପି ୧୯୯୯ରେ ଭାରତର ସର୍ବକନିଷ୍ଠ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୨୦୦୧ରେ ସର୍ବକନିଷ୍ଠ ମହିଳା ଗ୍ରାଣ୍ଡମାଷ୍ଟର, ୨୦୨୨ରେ ଚେସ୍ ଅଲିମ୍ପିଆଡ୍ ବ୍ରୋଞ୍ଜ ପଦକ, ୨୦୨୪ରେ ମହିଳା କ୍ୟାଣ୍ଡିଡେଟ୍ସ ଚେସ୍‌ରେ ରୌପ୍ୟ ଏବଂ ବିଶ୍ୱ ର୍ୟାପିଡ୍ ଚେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ରେକର୍ଡ ରଖିଛନ୍ତି। ୨୦୦୩ରେ ତାଙ୍କୁ ଅର୍ଜୁନ ଓ ୨୦୦୭ରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୭/୨୦୨୫ Bhubaneswar, Friday, January 17/ 2025

# ଫେବୃଆରୀ ୧୫ରୁ କଳିଙ୍ଗରେ ପ୍ରୋ-ଲିଗ୍

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)

ସମ୍ପ୍ରତି ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଚାଲିଥିବାବେଳେ ଖୁବ୍‌ଶୀଘ୍ର ଭୁବନେଶ୍ୱରକୁ ଫେରିବାକୁ ଯାଉଛି ହକି ଫିଭର। କଳିଙ୍ଗ ଷ୍ଟାଡିୟମରେ ଫେବୃଆରୀ ୧୫ରୁ ଆରମ୍ଭ ହେବ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି। ଏଫ୍‌ଆଇଏଚ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ପ୍ରୋ ଲିଗ୍‌ର ପ୍ରଥମ ଚରଣ ଅଷ୍ଟ୍ରେଲିଆର ସିଡ୍‌ନୀରେ ଫେବୃଆରୀ ୪ରୁ ଆରମ୍ଭ ହେବ। ନେଦରଲାଣ୍ଡ୍ସ ଓ ସ୍ପେନ ମଧ୍ୟରେ ପ୍ରଥମ ମ୍ୟାଚ ସିଡ୍‌ନୀ ଅଲିମ୍ପିକ୍ ପାର୍କ ହକି ସେଣ୍ଟରରେ ଅନୁଷ୍ଠିତ ହେବ। ସେଠାରେ ପୁରୁଷ ବିଭାଗରେ ନେଦରଲାଣ୍ଡ୍ସ, ସ୍ପେନ, ଅଷ୍ଟ୍ରେଲିଆ ଓ ମହିଳାରେ ଚାଇନା, ସ୍ପେନ୍ ଓ ଅଷ୍ଟ୍ରେଲିଆ ୯ ତାରିଖ ପର୍ଯ୍ୟନ୍ତ ଖେଳିବେ। ଏହାପରେ ହକି ଆକ୍ସନ ଭୁବନେଶ୍ୱର ଫେରିବ। କଳିଙ୍ଗ ଷ୍ଟାଡିୟମରେ ଭାରତ, ଜର୍ମାନୀ, ସ୍ପେନ୍, ଇଂଲଣ୍ଡ, ନେଦରଲାଣ୍ଡ୍ସ ଓ ଆୟର୍ଲାଣ୍ଡ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମହିଳା ବିଭାଗରେ ଭାରତ ଏହାର ପ୍ରଥମ ମ୍ୟାଚ ୧୫ ତାରିଖରେ ଇଂଲଣ୍ଡ ସହ ଖେଳିବ। ସେହିଦିନ ପୁରୁଷ ବର୍ଗରେ ସ୍ପେନ୍ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ପ୍ରୋ ଲିଗ୍‌ର ପରବର୍ତ୍ତୀ ଚରଣ ଆର୍ଜେଣ୍ଟିନାର ସାଣ୍ଟିଆଗୋଠାରେ ୨୦ ତାରିଖରୁ ଆରମ୍ଭ ହେବ। ଭୁବନେଶ୍ୱର ଓ ସାଣ୍ଟିଆଗୋ ଚରଣ ଶେଷ ବେଳକୁ ପ୍ରତି ଦଳ ୮ଟି ଲେଖାଏ ମ୍ୟାଚ ଖେଳି ସାରିଥିବେ। ତେଣୁ ଟାଇଟଲ ଦୌଡ଼ରେ କେଉଁ ଦଳ ରହିଥିବେ ତାହା ଜଣାପଡ଼ିବ। ଗତ ସିଜନରେ ପୁରୁଷ ବିଭାଗରେ ଅଷ୍ଟ୍ରେଲିଆ ଓ ମହିଳାରେ ନେଦରଲାଣ୍ଡ୍ସ ଚାମ୍ପିୟନ ହୋଇଥିଲା।

# ଜଷ୍ଟିସ ଅରୁଣ ମିଶ୍ର ବିସିସିଆଇ ଓମ୍ବୁଡ୍ସମ୍ୟାନ ନିଯୁକ୍ତ

**ନୂଆଦିଲ୍ଲୀ, ୧୬।୧ (ପି.ଟି.):** ପୂର୍ବତନ ସୁପ୍ରିମକୋର୍ଟ ଜଜ୍ ଜଷ୍ଟିସ ଅରୁଣ ମିଶ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଓମ୍ବୁଡ୍ସମ୍ୟାନ ଭାବେ ନିଯୁକ୍ତି ପାଇଛନ୍ତି। ମିଶ୍ର ଆହୁରି ମଧ୍ୟ ବିସିସିଆଇର ଏଥିକ୍ସ ଅଫିସର ଭାବେ କାର୍ଯ୍ୟକରିବେ। ୨୦୨୧ ଜୁନ୍ ୨ରେ ନ୍ୟାଶନାଲ ହ୍ୟୁମ୍ୟାନ ରାଇଟ୍ସ କମିଶନର ଚେୟାରମ୍ୟାନ ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ୨୦୧୪ ଜୁଲାଇ ୭ରୁ ୨୦୨୦ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ କାର୍ଯ୍ୟ କରିଥିଲେ। ହ୍ୟୁମ୍ୟାନ ରାଇଟ୍ସ କମିଶନର ଚେୟାରମ୍ୟାନ ପଦବୀରେ ସେ ୨୦୨୪ ଜୁନ୍ ୧ ପର୍ଯ୍ୟନ୍ତ ରହିଥିଲେ। ମଧ୍ୟ ପ୍ରଦେଶ, ରାଜସ୍ଥାନ ଓ କୋଲକାତା ହାଇକୋର୍ଟରେ ବିଚାରପତି ଭାବେ ସେ ୯୭,୦୦୦ରୁ ଊର୍ଦ୍ଧ୍ୱ ମାମଲାର ସେ ଫଇସଲା କରିଛନ୍ତି।

# ଭାରତ-ବାଂଲାଦେଶ କ୍ୱାର୍ଟରଫାଇନାଲ



ଗୁରୁବାର ଭାରତ-ମାଲେସିଆ ମଧ୍ୟରେ ଅନୁଷ୍ଠିତ ମହିଳା ଖୋ ଖୋ ବିଶ୍ୱକପ ମ୍ୟାଚ।

## ଖୋଖୋ ବିଶ୍ୱକପ୍

ନୂଆଦିଲ୍ଲୀ, ୧୬।୧

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଖୋ ଖୋ ବିଶ୍ୱକପ୍‌ର ମହିଳା ବିଭାଗରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ଭାରତ ୮୦ ପଏଣ୍ଟରେ ମାଲେସିଆକୁ ପରାସ୍ତ କରିଛି। ଏଥିସହିତ ଦଳ ଗ୍ରୁପ୍‘ଏ’ରେ ଅପରାଜେୟ ରହି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ଦଳ କ୍ୱାର୍ଟରଫାଇନାଲରେ ବାଂଲାଦେଶ ସହିତ ମୁକାବିଲା କରିବ। ଗୁରୁବାର ରାତିରେ ଖେଳାଯାଇଥିବା ମ୍ୟାଚରେ ଭାରତ ଡିଫେଣ୍ଡର ଭିଲାର ଓପିନାବେନ ଓ ମୋନିକାଙ୍କ ଏକ ଦର୍ଶନୀୟ ଡ୍ରିମ୍‌ରନ ସହ ଜୋରଦାର ଆରମ୍ଭ କରିଥିଲା। ଦଳ ସମସ୍ତ ୪ଟି ଟର୍ନରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବହୁ ଡ୍ରିମ୍‌ରନ ସହ କୌଶଳ ଖେଳ ପ୍ରଦର୍ଶନ କରି ୮୦ ପଏଣ୍ଟରେ ବିପୁଳ ବିଜୟ ଲାଭ କରିଥିଲା। ଭାରତ ଦଳ ତରଫରୁ ମୋନିକା, ୱାଜିର ଓ ନିର୍ମଳା ଭାଟି ମ୍ୟାଚ ସାରା ଆକ୍ରମଣାତ୍ମକ ଖେଳିଥିଲେ। ମାଲେସିଆର ଇଙ୍ଗ ଜି ୟି ଓ ଲକ୍ଷିତା ବିଜୟନଙ୍କ ଖେଳ ଉଲ୍ଲେଖନୀୟ ଥିଲା। ମ୍ୟାଚରେ ଇଙ୍ଗ ଜି ୟି ବେଷ୍ଟ ଆଟାକର, ମୋନିକା ବେଷ୍ଟ ଡିଫେଣ୍ଡର ବିବେଚିତ ହୋଇଥିବା ବେଳେ ରେଶମା ରାଠୋଡ୍ ବେଷ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଶୁଟ୍ ଆଉଟରେ ଜିତିଲା ଓଡ଼ିଶା ୱାରିୟର୍ସ

## ମହିଳା ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ଗୁରୁବାର ଓଡ଼ିଶା ୱାରିୟର୍ସ ଶୁଟ୍‌ଆଉଟ ୩-୨ ଗୋଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ସ୍ଥିତିରେ ରହିଥିଲା। ୱାରିୟର୍ସ ପକ୍ଷରୁ ବଳଜିତ କୌର ୮ମ ଓ ବେଙ୍ଗଲ ଦଳର ବିୟୁଟି ଡୁଙ୍ଗଡୁଙ୍ଗ୍ ୧୬ଶ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ବେଙ୍ଗଲ ପକ୍ଷରୁ ଫିଓନା କ୍ରାକଲେସ ଓ ଷ୍ଟିୱାର୍ଟ ଗ୍ରେସ ଏବଂ ୱାରିୟର୍ସ ପକ୍ଷରୁ ଫ୍ରିକ୍ ମୋଇସ, ସୋନିକା ଓ କେଥଲିନ ନବ୍ସ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଓଡ଼ିଶା ୱାରିୟର୍ସ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଶୁଟ୍‌ଆଉଟ ବିଜୟ ସହ ୫ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସୁର୍ମା ହକି କ୍ଲବ ୬ ପଏଣ୍ଟ ପାଇ ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ବେଙ୍ଗ ଟାଇଗର୍ସ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଶୁଟ୍‌ଆଉଟ ପରାଜୟ ସହ ୪ ପଏଣ୍ଟ ପାଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୯ ତାରିଖରେ ବେଙ୍ଗଲ ଟାଇଗର୍ସ ବିପକ୍ଷରେ ଖେଳିବ।



ଓଡ଼ିଶା ୱାରିୟର୍ସ-ବେଙ୍ଗଲ ଟାଇଗର୍ସ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ବେଦାନ୍ତ କଳିଙ୍ଗ ଲାନ୍ସର୍ସର ସହଜ ବିଜୟ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା):** ରାଉରକେଲାସ୍ଥିତ ବିର୍ସମୁଣ୍ଡା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଡବ୍ଲ୍ୟୁ)ର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୫-୧ ଗୋଲ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ହରାଇ ଦେଇଛି। ବିଜୟୀ ଦଳ ତରଫରୁ ଥିଏରି ବ୍ରିଙ୍କ୍‌ମ୍ୟାନ ଓ ଆର୍ଥର ଭାନ୍ ଡୋରନ୍ ଦୁଇଟି ଲେଖାଏଁ ଗୋଲ ଏବଂ ଗୁରସାହିବଜିତ୍ ସିଂ ଗୋଟିଏ ସ୍କୋର କରିଥିବା ବେଳେ ଦିଲ୍ଲୀ ପାଇପର୍ସ ଦଳ ତରଫରୁ ଏକମାତ୍ର ଗୋଲ୍ କୋରେ ୱିୟେର ସ୍କୋର କରିଥିଲେ। ଗୁରୁବାର ଏହି ପରାଜୟ ଦ୍ୱାରା ଦିଲ୍ଲୀ ପୂର୍ବ ଭଳି ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି।

# ଚଣ୍ଡିଗଡ଼ର ସୋନମ୍ ଅଷ୍ଟ୍ରେଲିଆ ଅଧିନାୟିକା

**ନୂଆଦିଲ୍ଲୀ, ୧୬।୧ (ପି.ଟି.):** ସୋନମ୍ ଗର୍ଗ ଏକ ଚଣ୍ଡିଗଡ଼ରେ ତାଙ୍କ ସ୍କୁଲ କ୍ୟାରିୟରରେ ଖୋ ଖୋ ଖେଳୁଥିଲେ। ସେ ୯ବର୍ଷ ହେଲା ମା’ ହୋଇ ସାରିଛନ୍ତି। ସେ କେବେ ସୁଦ୍ଧା ଭାବି ନ ଥିଲେ ତାଙ୍କୁ ଦିନେ ଖୋ ଖୋ ବିଶ୍ୱକପ୍‌ରେ ପୁଣି ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟକତ୍ୱ କରିବାକୁ ହେବ। ବିଶ୍ୱକପ୍ ଖେଳିବାକୁ ସେ ନୂଆଦିଲ୍ଲୀ ଆସିଛନ୍ତି। ଚଣ୍ଡିଗଡ଼ରେ ଜନ୍ମ ଗ୍ରହଣ କରିଥିବା ସୋନମ ବିବାହ କରିବା ପରେ ୧୦ ବର୍ଷ ହେଲା ଅଷ୍ଟ୍ରେଲିଆରେ ଯାଇ ବାସ କରୁଛନ୍ତି। ୨୦-୨୨ ବର୍ଷ ତଳେ ସ୍କୁଲରେ ପାଠପଢୁଥିବା ସମୟରେ ଭାରତରେ ଖୋ ଖୋ ଖେଳୁଥିଲେ। ଭାରତରେ ଖୋ ଖୋ ବିଶ୍ୱକପ୍ ହେଉଥିବା ବିଷୟ ସେ ଯେତେବେଳ ଶୁଣିବାକୁ ପାଇଲେ ସେ ଉତ୍ସାହିତ ହୋଇ ପଡ଼ିଥିଲେ। ତାଙ୍କର ପିଲାଦିନର କଥା ମନେ ପଡ଼ିଯାଇଥିଲା। ସେ ତୁରନ୍ତ ଅଷ୍ଟ୍ରେଲିଆ ଖୋ ଖୋ କମିଟି ସହ ଯୋଗାଯୋଗ କରି ଦଳରେ ଯୋଗଦେଇଥିଲେ। ତାଙ୍କୁ ଦଳର ଅଧିନାୟିକା ଭାବେ ନିଯୁକ୍ତ କରାଯାଇଥିଲା ବୋଲି ଏହି ୩୦ ବର୍ଷୀୟା ଫାଇନାନ୍ସ ପ୍ରଫେଶନାଲ ପ୍ରକାଶ କରିଛନ୍ତି। ତାଙ୍କର ଏକ ୯ ବର୍ଷର ପୁତ୍ରସନ୍ତାନ ରହିଛି।



INDIA'S FIRST 5 YEAR WARRANTY *Conditions apply
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. #USB charger is available as an accessory. *Ex showroom price of HF Deluxe Self in Bhubaneswar.
ଟୋଲ୍ ଫ୍ରି 1800 266 0018
**Authorized Dealers: Bhubaneswar: Rohan Hero**, Ph: 9289922474, **Bharat Hero**, Ph: 9289922180, **DD Hero**, Ph: 0674-2747448 / 9439650824, **Arundhati Hero**, Ph: 9289923183, **Cuttack: JMG Hero**, Ph: 9289922178, **Sunny Hero**, Ph: 9289922697, **Essen Hero**, Ph: 9289923078, **Angul: Parbati Hero**, Ph: 9289922902, **Balasore: Neelam Hero**, Ph: 9289922519, **Baripada: Aditya Hero**, Ph: 7799766370, **Bhadrak: Sanjib Hero**, Ph: 9289922608, **Chandikhol: S. K. Hero**, Ph: 9289922900, , **Jajpur Road: Soumik Hero**, Ph: 9289922611, **Jaleswar: Sai Hero**, Ph: 9289922844, **Jatni: Vishal Hero**, Ph: 9289922984, **Keonjhar: Supreme Hero**, Ph: 9289922182, **Nayagarh: Bhagabati Hero**, Ph: 9289922687, **Puri: Sanjib Hero**, Ph: 9289923107, **Behrampur: Lakshmi Motors, Dharma Nagar**, Ph: 9289922184, **Lakshmi Automotives, Gajapati Nagar**, Ph: 9289923187, **Jeypore: Supreme Hero**, Ph: 9289922183, **Phulbani: Narayani Hero**, Ph: 9289922991, **Raygada: Ajit Hero**, Ph: 9289922819, **Bargarh: Aakash Hero**, Ph: 9289922181, **Bhawanipatna: Arundhati Hero**, Ph: 9289922837, **Bolangir: Arundhati Hero**, Ph: 9289923033, **Jharsuguda: Vijaylaxmi Hero**, Ph: 9289922595, **Rourkela: Dua Hero**, Ph: 9289922179, **Sambalpur: Sri Shyam Hero**, Ph: 9289922484, **Sonepur: Jai Jawan Hero**, Ph: 9289922800, **Sundergarh: Robotech Hero**, Ph: 9289923063, **Dhenkanal: Som Hero**, Ph: 9289922614, **Talcher: Tarini Hero**, Ph: 9289922736, **Jagatsinghpur: SUNNY AUTOBIKES** , Ph: 8455004731. **Authorized HeroSure Dealers: Bhubaneshwar:** Arundhati Motobikes ,Ph- 7682841658, **Rourkela:** Dua Motors ,Ph- 6372753989, **Jeypore:** Supreme Sales, Ph- 8144822656 **Associate Dealers: Rahama:** Sarala Automobiles-9937018532, **Nimapara:** Basudev Automobiles-9861020724, **Pipili:** Shri Ram Motors-9437110789 , **Khamakhyanagar:** Reliance Automobiles-9938435743, **Chendipada:** Tara Motors-8018339414 **Balugaon:** Mahamayee Motors-9437004624 **Khurdha:** Dinesh Trading Co.-9778097876 **Sakhigopal:** Sai Motors-9439765820 **Begunia:** Rashmi Automobiles-9178316145 **Laxmipur:** Tarini Motors-7205862853 **Rajgangpur:** Kedia & Kedia-9437152881 **Brajrajnagar:** Bina Motors-9861078290 **Belpahar:** Varsha Motors-9437058417 **Deogarh:** Jindal Motors-9437056659 **Bamra:** Choudhury Motors-9938274720 **Baliapal:** Baba Motors-8093603116 **Soro:** Twinkle Motors-9861594852 **Kendrapara:** Baishnabi Motors-9437089454/9853471301 **Barbil:** Wheels Motors-9776931870 **Pattamundai:** Mishra Auto-9853843713 **Basta:** Shivam Motors-7735958754 **Rairangpur:** Maa Sakambari Motors-7008581719 **Khuakia:** Binayak Automobiles-9090444379 **Jajpur Town:** Ayush Automobiles-9556189870 **Mayurbhanj:** Jk Motors-9040909925 **Semiliguda:** K P Enterprises-9437233464 **Parlakhemundi:** Preetam Enterprises-9438685535 **Nabarangpur:** Arun Sales & Service-9437174795 **Bhanjanagar:** Rebati Motors-9438279794/9937015509 **Narsinghpur:** Ambika Motocorp-9861811411 **Gunpur:** M/s Sai Sharan Automobiles-9437234012 **Malkangiri:** Kanishka Automobiles-9437181980 **Kotpad:** Shai Automobiles-7205593156 **Umerkote:** Bharat Sales-9937455659/9777765563 **Junagarh:** Shree Bimala Motors-9668287479 **Rajakhariar:** Jagdamba Auto Combines-9937002262 **Boudh:** Bansal Auto-9437062948 **Nuapada:** Maruti Auto-9178014999 **Padampur:** Debesh Motors-9437253970 **Barpalli:** Durga Motors-9861265979 **Titlagarh:** Sneha Motors-9853925879 **Mayurbhanj:** Mahaveer Motors-7326872255/9853290346 **Baliguda:** Sai Automobiles-9827843657 **Patrapur:** Ronak Motors-9030985084 **Balipatna:** M/S Jagannath Motors-7064309702 **Kalimela:** Laxminiyati Motors-9861002055 **Chandpur:** Apsara-9861418161 **Subdega:** Jdj Automobiles-8018714096 **Bissam cuttack:** Patnaik Motors-7008615208 **BasudevPur:** Bidyalalita Automobile-9827487072 **Telkoi:** Panchamukhi Motors-9717004926 **Tikabali:** M/S Maa Rudrakali Automobiles-7846961367 **Kamrda:** Siddhivinayak Motors-7208675074 **JAGDALPUR:** KIRAN SALES-9827654949 **Kesinga:** Annapurna Automobile-7978787287, **M.Rampur:** Aruna Automobiles-8114331356.
VML.5794.2025ODI

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ